

ଜ୍ଞାନେଶ କୁମାରଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17


## ଦିଲୀପ ତିର୍କୀଙ୍କ ଜୀବନ ପ୍ରତି ବିପଦ!

ନୂଆଦିଲ୍ଲୀ,୨୫।୯ଃ ହକି ଇଣ୍ଡିଆରେ ଅନ୍ତକନ୍ଦଳ ଆହୁରି ତୀବ୍ର ହୋଇଛି। ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ ତିର୍କୀ କେତେକ ଅଧିକାରୀଙ୍କ ବିରୋଧରେ ଦିଲ୍ଲୀ ପୁଲିସରେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ କରିଛନ୍ତି। ଦକ୍ଷିଣ ଦିଲ୍ଲୀ ଡିସିପି କାର୍ଯ୍ୟାଳୟରେ ସେ ଏପରି ଅଭିଯୋଗ କରିଛନ୍ତି। ଅଭିଯୋଗରେ ହକି ଇଣ୍ଡିଆର ପୂର୍ବତନ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର କମାଣ୍ଡର ଆର୍‌କେ ଶ୍ରୀବାସ୍ତବ, ଫାଇନାନ୍ସ ମ୍ୟାନେଜର ସୁବୋଧ କୁମାର, ଡାଇରେକ୍ଟର ଭୂଷଣ କୁମାର ଓ ଡ୍ରାଇଭର ହରମିନ୍ଦର ସିଂହଙ୍କ ନାଁ ରହିଛି। ସୂଚନାନୁସାରେ, ଗତ ୨୨ରେ ଦିଲ୍ଲୀ ଗସ୍ତରେ ଥିବା ତିର୍କୀଙ୍କ ପାଇଁ ହକି ଇଣ୍ଡିଆ ପକ୍ଷରୁ ଏକ ସରକାରୀ ଗାଡ଼ି ଯୋଗାଇ ଦିଆଯାଇଥିଲା। କିନ୍ତୁ ପରେ ଗାଡ଼ିଟିକୁ ଫେରାଇ ନିଆଯାଇଥିଲା ଓ ତା' ଭିତରେ ତିର୍କୀଙ୍କ ବ୍ୟକ୍ତିଗତ ସାମଗ୍ରୀ ରହିଯାଇଥିବା ଅଭିଯୋଗ ହୋଇଥିଲା।


Vol. 34 | ISSUE 185 ଭାଗ ୩୪ | ସଂଖ୍ୟା ୧୮୫

Saturday 26 September 2026 | Page 8 Rs. 5.00

ଭୁବନେଶ୍ୱର ଶନିବାର, ୨୬ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ହେଲା ଶୁଭାରମ୍ଭ

# ସମବାୟ ସଂସ୍ଥା ଚାଷୀଙ୍କ ଜୀବନରେଖା






ସମବାୟ ସମିତି ଗ୍ରାମାଞ୍ଚଳର 'ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟର

ଏନ୍‌ଏଲ୍‌ପିଏସ୍‌ରେ ବିପୁଳ ସଂଖ୍ୟାରେ ଯୋଡ଼ିହେବାକୁ ଆହ୍ୱାନ

ପ୍ୟାକ୍ସ ଓ ଲ୍ୟାମ୍ପସ୍‌ର ସଦସ୍ୟମାନଙ୍କୁ ମିଳିଲା ଲାଭାଂଶ

୨୦୨୪-୨୫ ବର୍ଷରେ ୮ ଲକ୍ଷରୁ ଅଧିକ ଚାଷୀ ଉପକୃତ ହେବେ

ଆଖୁ ଚାଷ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ

ବଡ଼ମ୍ବା ଓ ଆସିକା ଆଖୁ ଚାଷୀଙ୍କୁ ମିଳିବ ଇନ୍‌ପୁଟ୍ ସବ୍‌ସିଡି

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ)ଃ 'ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ଏହା ହେଉଛି ଆମର ଅନ୍ନଦାତା ଚାଷୀଙ୍କ ଜୀବନରେଖା'। ଆଜି ପାକ୍ସ ଓ ଲାମ୍ପସର ମେଗା ମେମ୍ବରସିପ୍ ଡ୍ରାଇଭ୍ 'ସମ୍ବନ୍ଧ'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ସମ୍ବନ୍ଧ' କେବଳ ଗୋଟିଏ ଯୋଜନାର ଶୁଭାରମ୍ଭ ନୁହେଁ, ବରଂ ଏହା ସରକାର ଓ ରାଜ୍ୟର ପ୍ରତ୍ୟେକ ଚାଷୀ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଓ ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ। ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀଙ୍କ ଜୀବନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ବିପୁଳ ସଂଖ୍ୟାରେ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ରେ ଯୋଡ଼ି ହେବାକୁ ଆହ୍ୱାନ ଦେଇଥିଲେ। ସେ ପୁଣି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସହକାର୍ ସେ ସମୃଦ୍ଧି' ଆହ୍ୱାନ ଓ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନକୁ ପାଥେୟ କରି ଓଡ଼ିଶା ଆଜି ଭାରତର ପ୍ରଥମ ରାଜ୍ୟ ଭାବେ ନିଜର 'ସମବାୟ ନୀତି ୨୦୨୬' ପ୍ରଣୟନ କରିଛି। ଏହି ନୂତନ ନୀତି ଅଧୀନରେ ପାକ୍ସ ଓ ପୃଷ୍ଠା-୬

# ଦୁଇ ଅଧିକାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ନିଷ୍ପତ୍ତି



ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ନିଲମ୍ବିତ

ବିଦା ହେଲେ କଟକ ମଣ୍ଡଳ କାରାଗାରର ବରିଷ୍ଠ ଅଧୀକ୍ଷକ

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଦୁଇଟି ଭିନ୍ନ ଘଟଣାରେ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଏହି ନିଲମ୍ବନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଗିରଫ ହୋଇ ଜେଲରେ ଥିଲେ। ସେହିପରି କଟକ ସର୍କଲ ଜେଲ୍‌ର ସିନିଅର ସୁପରିଣ୍ଟେଣ୍ଡେଣ୍ଟ୍ ସୁଜିତ କୁମାର ରାଉଳ ମଧ୍ୟ ଗିରଫ ହୋଇ ଜେଲ୍ କଷ୍ଟୋଡିରେ ଅଛନ୍ତି। ସରକାରଙ୍କ ନିୟମଦୃଷ୍ଟିରୁ ଏହି ଉଭୟ ଅଧିକାରୀ ୪୮ ଘଣ୍ଟାରୁ ଅଧିକ ସମୟ ଧରି ଜେଲ୍‌ରେ ରହିଥିବାରୁ ଉଭୟଙ୍କୁ ନିଲମ୍ବିତ କରାଯାଇଛି।

ସୂଚନାଯୋଗ୍ୟ ଯେ କଟକ ସର୍କଲ ଜେଲର ସିନିଅର ସୁପରିଣ୍ଟେଣ୍ଡେଣ୍ଟ୍ ସୁଜିତ କୁମାର ରାଉଳଙ୍କ ବିରୋଧରେ ଜେଲ ଦସ୍ତାବେଜ ହେରଫେର ଓ ଜାଲିଆତି ଅଭିଯୋଗ ହୋଇଛି। ଜେଲ୍‌ରୁ ଦୁଇ ବିହାରୀ ଅପରାଧୀ ଫେରାର୍ ହୋଇଯିବା ଘଟଣାରେ ପୁଲିସ ତଦନ୍ତ ସମୟରେ ଏହା ଜଣାପଡ଼ିଥିଲା। ଏନେଇ ସୁଜିତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। କିନ୍ତୁ ହାଇକୋର୍ଟ ଏହି ଆବେଦନକୁ ଆଗ୍ରାହ୍ୟ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ସେହିଭଳି ପରିବହନ ବିଭାଗର ଅତିରିକ୍ତ ସଚିବଙ୍କ ବିରୋଧରେ ମହିଳା ସହଯୋଗୀ ଅଭିଯୋଗ କରିଥିଲେ।

# ସମ୍ପୂର୍ଣ୍ଣ ମଣିପୁର, ନାଗାଲାଣ୍ଡର ୯ ଜିଲ୍ଲା 'ଅଶାନ୍ତ ଅଞ୍ଚଳ'



ନୂଆଦିଲ୍ଲୀ,୨୫।୯ଃ କେନ୍ଦ୍ର ସରକାର ଶୁକ୍ରବାର ଏକ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରି ନାଗାଲାଣ୍ଡ, ଅରୁଣାଚଳପ୍ରଦେଶ ଓ ମଣିପୁରର ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକରେ ସଶସ୍ତ୍ର ବାହିନୀ (ସ୍ୱତନ୍ତ୍ର କ୍ଷମତା) ଆଇନ୍-୧୯୫୮ ଅଧୀନରେ ଥିବା 'ଅଶାନ୍ତ ଅଞ୍ଚଳ' ମାନ୍ୟତାକୁ ବୃଦ୍ଧି କରିଛନ୍ତି। ଏହା ଅକ୍ଟୋବର ୧ ତାରିଖଠାରୁ ଲାଗୁ ହୋଇ ଆଗାମୀ ୬ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ତିନି ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ସମୀକ୍ଷା କରିବା ପରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ସଶସ୍ତ୍ର ବାହିନୀ (ସ୍ୱତନ୍ତ୍ର କ୍ଷମତା) ଆଇନ୍‌ର ଧାରା-୩ ଅଧୀନରେ ପୃଷ୍ଠା-୬

## ପଦଯାତ୍ରୀଙ୍କ ସୁରକ୍ଷା ପାଇଁ ଆସିଲା ନୂଆ ନିୟମାବଳୀ

# ଫୁଟପାଥ ଜବରଦଖଲ ଓ ବେପରୁଆ ଡ୍ରାଇଭରଙ୍କୁ ଚେତାବନୀ

ସ୍କୁଲ ଓ ମେଡିକାଲ ରାସ୍ତାରେ ଗାଡ଼ି ସ୍ପିଡ ଲିମିଟ୍ ୨୫ କିମି

ସିଗ୍ନାଲ୍‌ବିହୀନ ଜେବ୍ରା କ୍ରସିଂରେ ପାର୍ ହେଉଥିବା ଯାତ୍ରୀଙ୍କୁ ପ୍ରାଥମିକତା



ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ)ଃ ଏଣିକି ରାସ୍ତାରେ ଚାଲୁଥିବା ସାଧାରଣ ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ମିଳିବା ସହ ବେପରୁଆ ଭାବେ ଗାଡ଼ି ଚଳାଉଥିବା ଡ୍ରାଇଭର ଓ ଫୁଟପାଥ୍ ଜବରଦଖଲକାରୀଙ୍କ ଉପରେ ପ୍ରଶାସନ ପକ୍ଷରୁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ପରିବହନ ବିଭାଗ ପକ୍ଷରୁ ଓଡ଼ିଶା ପଦଯାତ୍ରୀ ସୁରକ୍ଷା ନିୟମାବଳୀର ଚିଠା ପ୍ରସ୍ତାବ ପ୍ରକାଶ ପାଇଛି। ଚିଠା ନିୟମାବଳୀରେ ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଜନବହୁଳ ଅଞ୍ଚଳ ଦେଇ ଯାଇଥିବା ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ନିରବଚ୍ଛିନ୍ନ ତଥା ବାଧାମୁକ୍ତ ଫୁଟପାଥ୍ ନିର୍ମାଣ ବାଧ୍ୟତାମୂଳକ କରାଯାଇଛି। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ଛୋଟ ପିଲାମାନେ ଯେପରି ଏହି ଫୁଟପାଥରେ ବିନା ବାଧାରେ ଯାତାୟାତ କରିପାରିବେ, ସେଥିପାଇଁ ଟାକଟାଇଲ୍ ପେଭିଂ (ବ୍ରେଲ୍ ଟାଇଲ୍ସ) ଓ ହ୍ୱିଲଚେୟାର ରାମ୍ପ୍‌ର ବ୍ୟବସ୍ଥା ରହିବ। ଫୁଟପାଥ୍ ଉପରେ କୌଣସି ପ୍ରକାର ଅନଧିକାର ଗାଡ଼ି ଚଳାଚଳ, ପାର୍କିଂ କିମ୍ବା ବେଆଇନ ଦୋକାନ ବଜାର ବସାଇବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଯଦି କେହି ଏହି ନିୟମ ଉଲ୍ଲଂଘନ କରନ୍ତି, ତା'ହେଲେ ମୋଟର ଯାନ ଆଇନ ଓ ପୌର ନିୟମ ଅନୁସାରେ ଜରିମାନା ସହ ଗାଡ଼ି ଓ ସାମଗ୍ରୀ ଜବତ କରାଯିବାର ପ୍ରାବଧାନ ରହିଛି।

ନିୟମ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖିବା ପାଇଁ ସିସି ଟିଭି, ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ କ୍ୟାମେରା ଓ ଜିଓ-ଟ୍ୟାଗ୍ ଫଟୋ ଭଳି ବ୍ୟବସ୍ଥା ଲାଗୁ କରାଯିବ। ଏଥିସହ ପ୍ରଶାସନ ଚାହିଁଲେ ଐତିହ୍ୟସ୍ଥଳୀ, ପ୍ରସିଦ୍ଧ ମନ୍ଦିର ଓ ବଜାର ଅଞ୍ଚଳଗୁଡ଼ିକୁ ସ୍ଥାୟୀ ବା ନିର୍ଦ୍ଦିଷ୍ଟ ସମୟ ପାଇଁ 'କେବଳ ପୃଷ୍ଠା-୬

## ଲଗାଣ ବର୍ଷାରେ ଭୂସ୍ଖଳନ

# କନ୍ଧମାଳ-ଗଞ୍ଜାମ ଯୋଗାଯୋଗ ବିଚ୍ଛିନ୍ନ

ମୟୂରଭଞ୍ଜରେ ଘରେ ପଶିଲା ପାଣି

ଏକାଧିକ ଟ୍ରେନ୍ ବାତିଲ, ବଦଳିଲା ଗତିପଥ

ଦକ୍ଷିଣ ଓଡ଼ିଶାର ୩ ଜିଲ୍ଲା ଅଧିକ ପ୍ରଭାବିତ

ବର୍ଷାରେ ଘର ଭାଙ୍ଗିଥିଲେ ମିଳିବ ନୂଆ ଘରଃ ପଞ୍ଚାୟତିରାଜ ମନ୍ତ୍ରୀ




ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷା ପରେ ଭୂସ୍ଖଳନ। ଚିତ୍ରକୋଣ୍ଡା-ଦାରାକୋଣ୍ଡା ରାସ୍ତାରେ ଭୂସ୍ଖଳନ ହେବାରୁ ମାଟି ଓ ପଥର ରାସ୍ତା ଉପରେ ଖସିପଡ଼ିଛି। ଫଳରେ ଯାତାୟତ ପ୍ରଭାବିତ ହୋଇଛି। ଏହାଦ୍ୱାରା ବିଶାଖାପାଟଣାକୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ବର୍ଷା ଜାରି ରହିଲେ ସମସ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ରାସ୍ତା ଉପରୁ ମାଟି ଓ ପଥର ହଟାଇ ଶୀଘ୍ର ଯାତାୟାତ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏପଟେ ବନ୍ୟାଜଳର ପ୍ରଖର ସ୍ରୋତରେ ଧୋଇଗଲା ଶାରିଶୁଆ ଘାଟି ରାସ୍ତା। ବନ୍ୟା ପାଣିରେ ପ୍ରାୟ ଦେଢ଼ କିମି ରାସ୍ତା ବିପଦସଙ୍କୁଳ ଅବସ୍ଥାକୁ ଚାଲିଆସିଛି। ରାସ୍ତାର ଅନେକ ସ୍ଥାନରେ ମାଟି ଧୋଇଯିବା ସହ ଯାତାୟାତ ପାଇଁ ବିପଦ ସୃଷ୍ଟି ହୋଇଛି। ଦାରିଙ୍ଗବାଡ଼ି ଦେଇ ଯାଇଥିବା ଗୋପାଳପୁର-ରାୟପୁର ୫୯ ନମ୍ବର ଜାତୀୟ ରାଜପଥର ଗାଜଲବାଡ଼ି ଘାଟିର ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ଖସିଛି। ବଡ଼ ବଡ଼ ପୃଷ୍ଠା-୬

# ସିଇସିଙ୍କ ଇସ୍ତଫା ଦାବି କଲେ ନବୀନ

ସମ୍ପୂର୍ଣ୍ଣ ଏସଆଇଆର ପ୍ରକ୍ରିୟାର ପୁନଃସମୀକ୍ଷା ଦାବି

ସଂଶୋଧିତ ଏମ୍‌ଏମ୍‌ଡିଆର୍ ବିରୋଧରେ ଲଢ଼େଇ ଜାରି ରହିବ



ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ)ଃ ଏସଆଇଆର୍ ପ୍ରସଙ୍ଗରେ ବିବାଦୀୟ ହୋଇପଡ଼ିଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଇସ୍ତଫା ଦେବା ଆବଶ୍ୟକ। ଏହି ଘଟଣାକୁ ନେଇ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଥିବା ବେଳେ ଏନେଇ ମୁହଁ ଖୋଲିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ଏଥିସହ ପୂରା ଏସଆଇଆର ପ୍ରକ୍ରିୟାର ପୁନଃସମୀକ୍ଷା ଆବଶ୍ୟକ ବୋଲି ସେ କହିଛନ୍ତି। ଏସଆଇଆର କାର୍ଯ୍ୟକ୍ରମକୁ ବିଜେଡି ପ୍ରଥମରୁ ବିରୋଧ କରୁଛି। ଏହି କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ସେ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ 'ଭୋଟ ଚୋରି' କେଳେଙ୍କାରୀକୁ ନେଇ ସାରା ଦେଶ ହୁଲସ୍ଥୁଲ। ବିରୋଧୀ ଦଳ ନେତା ରାହୁଲ ପୃଷ୍ଠା-୬

# କିଏ ଚଳାଇଦେଉନି ବିଧାନସଭା



ଚାରି ଦିନରେ ଘଣ୍ଟାଏ ବି ଚାଲିଲାନି

ଘଣ୍ଟାକୁ ଉଡୁଛି ପ୍ରାୟ ୩ ଲକ୍ଷ

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ)ଃ ସ୍ୱଳ୍ପକାଳୀନ ବର୍ଷା ଅଧିବେଶନକୁ କିଏ ଚଳାଇ ଦେଉନି। ଏହି ପ୍ରଶ୍ନ ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଥିବା ବେଳେ ଉଭୟ ଶାସକ ଓ ବିରୋଧୀ ପରସ୍ପର ଉପରେ ଦୋଷ ଦେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା ସମସ୍ତେ ଗୃହରେ ଉପସ୍ଥିତ ରହୁଛନ୍ତି। ହେଲେ ଶୂନ୍ୟକାଳ ତ ଦୂରର କଥା ପ୍ରଶ୍ନକାଳ ବି ଚାଲିପାରୁନାହିଁ।

ନଅଦିନିଆ ବର୍ଷାକାଳୀନ ଅଧିବେଶନର ଚାରିଟି କାର୍ଯ୍ୟଦିବସ ସରିଗଲାଣି। ହେଲେ ଏହି ଚାରି ଦିନରେ ସର୍ବମୋଟ୍ ଗୋଟିଏ ଘଣ୍ଟା ବି ବିଧାନସଭା ଚାଲିପାରିଲାନି। ଯେତିକି ସମୟ ଚାଲିଲା, ସେଥିରେ ହୋହଲ୍ଲା, ପୋଷ୍ଟର ପ୍ରଦର୍ଶନୀ, ରିପୋର୍ଟର୍ସଙ୍କ ଟେବୁଲ ଉପରେ ଚଢ଼ିବା, ପୋଡିୟମ ପିଟା ଆଦିରେ ବିତିଗଲା। ଅବଶ୍ୟ ହୋହଲ୍ଲା ଭିତରେ ଅତି ଜରୁରୀ ଥିବା କିଛି ବିଲ୍, ଅର୍ଡିନାନ୍ସ ଆଦି ଆଗତ ସହ କିଛି କାଗଜ ଓ ପ୍ରସ୍ତାବ ଗୃହରେ ଉପସ୍ଥାପିତ ହୋଇଛି। ବିଧାନସଭା ଉପରେ ନଜର ରଖିଥିବା ରାଜ୍ୟବାସୀ ଏବେ ପ୍ରଶ୍ନ କରୁଛନ୍ତି ବିଧାନସଭା କାହିଁକି ଚାଲିପାରୁନି? ଗରିବ ଲୋକଙ୍କ ଟିକସ ପଇସାରୁ ଦୈନିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପୃଷ୍ଠା-୬


POSHAN Abhiyaan
PM's Overarching Scheme for Holistic Nourishment
सही पोषण - देश रोशन
ସୁଭଦ୍ରା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ୡମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୬

୯ ସେପ୍ଟେମ୍ବରରୁ ୮ ଅକ୍ଟୋବର ୨୦୨୬



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୁସ୍ଥ ଶିଶୁ, ସୁସ୍ଥ ପରିବାର, ସମୃଦ୍ଧ ଓଡ଼ିଶା

ଆମ ଅଙ୍ଗନୱାଡ଼ି, ଆମ ଦାୟିତ୍ୱ



ବିବିଧ ଖାଦ୍ୟ, ସମ୍ପୂର୍ଣ୍ଣ ପୋଷଣ
ଶିଶୁର ଆହାରରେ ବିଭିନ୍ନ ପ୍ରକାର ଶସ୍ୟ, ଡାଲି, ପନିପରିବା, ଫଳ ଓ ମଞ୍ଜି, ଦୁଗ୍ଧ ଓ ଦୁଗ୍ଧଜାତ ଖାଦ୍ୟ ସହ ଅଣ୍ଡା ଭଳି ପୋଷଣଯୁକ୍ତ ଖାଦ୍ୟ ରହିବା ଆବଶ୍ୟକ ।



ଅଙ୍ଗନୱାଡ଼ି କେନ୍ଦ୍ରରେ ଗରମ ରନ୍ଧା ଖାଦ୍ୟ
ଶିଶୁଙ୍କ ଉତ୍ତମ ପୋଷଣ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଆଯାଉଛି ପୁଷ୍ଟିକର ଗରମ ରନ୍ଧା ଖାଦ୍ୟ ।



ଗୋଷ୍ଠୀର ଅଂଶଗ୍ରହଣ ଓ ଦାୟିତ୍ୱ
ଅଙ୍ଗନୱାଡ଼ି ପରିଚାଳନା କମିଟି (AMC), ଅଭିଭାବକ ଓ ଗୋଷ୍ଠୀ ମିଳିତ ଭାବେ ନିୟମିତ ପୋଷଣ ସେବାର ମାନ ଯାଞ୍ଚ କରିବା ଆବଶ୍ୟକ ।



ପୋଷଣ ଓ ପ୍ରାରମ୍ଭିକ ଯତ୍ନ ମାଧ୍ୟମରେ ଶିଶୁର ବିକାଶ
ଶିଶୁର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ଉତ୍ତମ ପୋଷଣ, ଆଦର ସହକାରେ ଯତ୍ନ ଓ ପ୍ରାରମ୍ଭିକ ଶିକ୍ଷା ।



ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା
ଆର୍ଥିକ ସହାୟତା କେବଳ ଗର୍ଭବତୀ ଓ ପ୍ରସୂତୀ ମା'ଙ୍କ ପୋଷଣ ପାଇଁ ଉଦ୍ଦିଷ୍ଟ । ରାଜ୍ୟ ସରକାରଙ୍କ ମମତା ଯୋଜନା ସହ ଏକୀକୃତ ଏହି ଯୋଜନାର ଲକ୍ଷ୍ୟ ରାଜ୍ୟର ୧୦୦% ଲାଭାର୍ଥୀଙ୍କୁ ଉପକୃତ କରିବା ।

DSPL/33001/36/2627

ସହାୟତା ନମ୍ବର: ପୁଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮ | ପୋଷଣ ହେଲ୍ପଲାଇନ ୧୫୫୧୫

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

SANCHAR ସଂଚାର

**ମନମାନୀ କରୁଛି ବିଦ୍ୟୁତ ବିଭାଗ**

# ୫୦ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ

## ରୋଗୀସେବା ବାଧାପ୍ରାପ୍ତ, ପହଞ୍ଚି ପାରୁନି ପାନୀୟଜଳ

କେନ୍ଦ୍ରାପଡ଼ା,୨୫।୯ (ସଂଚାର ବ୍ୟୁରୋ)ଃ ବାତ୍ୟାର ପ୍ରଭାବ କେନ୍ଦ୍ରାପଡାରେ ବିଶେଷ ଭାବରେ ନାହିଁ । ଏନେଇ ପାଣିପାଗ ବିଭାଗ ସୂଚନା ଦେଇସାରିଛି । ଲୋକମାନେ ଆତଙ୍କିତ ନହେବା ପାଇଁ ଜିଲ୍ଲା ପ୍ରଶାସନ ନିବେଦନ କରିସାରିଛି । ବାତ୍ୟା ପ୍ରଭାବରେ କେନ୍ଦ୍ରାପଡା ଜିଲ୍ଲାରେ କେବଳ ଝିପି ଝିପି ବର୍ଷା ହେଉଛି । କିନ୍ତୁ ଏହି ଆଳରେ ବିଦ୍ୟୁତ ବିଭାଗ ମନମାନୀ କରୁଛି । କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ ସମେତ ପଡୋଶୀ ଜିଲ୍ଲା ଯାଜପୁରର ବରୀ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ବିଦ୍ୟୁତକାଟ ସମସ୍ୟା ଲାଗି ରହିଛି । ଏହାଦ୍ୱାରା ପିଲାମାନେ ପାଠପଢି ପାରୁ ନାହାନ୍ତି। ଶୁକ୍ରବାର ବରୀ ବ୍ଲକର ପ୍ରାଥମିକ ପିଲାମାନଙ୍କର ପରୀକ୍ଷା ନିର୍ଦ୍ଧାରଣ ହୋଇଥିଲା। ସେଥିପାଇଁ ପିଲାମାନେ ପୂର୍ବରୁ ପ୍ରସ୍ତୁତ ହେଉଥିଲେ । ହେଲେ ବିଦ୍ୟୁତ ବିଭାଗ ପିଲାଙ୍କ ସହ ଖେଳ ଖେଳିଥିଲା ବୋଲି କହିଛନ୍ତି ଅମଠପୁର ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ପୃଷ୍ଟି ଓ ବୁଦ୍ଧିଜୀବୀ ରବିନ୍ଦ୍ର କୁମାର ଶତପଥୀ । ସେମାନେ କହିଛନ୍ତି ବିଦ୍ୟୁତ ସରବରାହ ୫୦ଘଣ୍ଟା ହେବ ବାଧାପ୍ରାପ୍ତ ହୋଇଛି । ଏହାଦ୍ୱାରା ଲୋକମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଦ୍ୟୁତ ବିଭାଗକୁ ଫୋନ କଲେ କେହି ଶୁଣୁ ନାହାନ୍ତି । କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନ ଏହି ସମସ୍ୟାର ସମାଧାନ କରିବାକୁ ସେମାନେ ନିବେଦନ କରିଛନ୍ତି ।

ବରୀ ବ୍ଲକର ଅମଠପୁର, ମହାକାଳପଡା, ଗମ୍ଭୁ, ସେରପୁର ପ୍ରଭୃତି ଗ୍ରାମପଞ୍ଚାୟତର ବିଦ୍ୟୁତ ଉପଭୋକ୍ତାମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହିସବୁ ପଞ୍ଚାୟତର ଗୁଡିକର ବିଦ୍ୟୁତ ଖୁଣ୍ଟି ଗୁଡିକ କଳଙ୍କ ଲାଗି ନଷ୍ଟ ହୋଇଗଲାଣି । ସେଗୁଡିକ ବଦଳା ଯାଉନି । ଏହାଦ୍ୱାରା ଖୁଣ୍ଟି ଗୁଡିକ ଉପୁଡି କେତେବେଳେ କାହା ଉପରେ ପଡିବ ତାହା କହିହେଉନି ବୋଲି ସରପଞ୍ଚ ଶ୍ରୀ ପୃଷ୍ଟି କହିଛନ୍ତି ।

କେନ୍ଦ୍ରାପଡ଼ା ବ୍ଲକ ଅଧିନ ଭରତପୁର ଗ୍ରାମରେ ବିଗତ ୫୦ ଘଣ୍ଟା ଧରି ବିଦ୍ୟୁତ ସେବା ବିଛିନ୍ନ ହୋଇ ରହିଛି। ଫଳରେ ସ୍କୁଲରେ ପଢୁଥିବା ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନେ ପାଠପଢିବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଗ୍ରାମରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଯାଇଥିବା ବେଳେ ରାସ୍ତାଘାଟ ସବୁ ରାତିରେ ଅନ୍ଧାର ହୋଇପଡିଛି । ଫଳରେ ଯିବା ଆସିବାରେ ବିପଦ ଦେଖାଦେଇଛି ।

ଏସମ୍ପର୍କରେ କେନ୍ଦ୍ରାପଡା ଟିପିସିଓଡିଏଲ ସେକସନ-୨ର କନିଷ୍ଠ ଯନ୍ତ୍ରୀ, କେନ୍ଦ୍ରାପଡା ଏସଡିଓ ଓ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଉପଭୋକ୍ତାମାନଙ୍କ ଫୋନ କଲ ଗ୍ରହଣ କରୁନାହାଁନ୍ତି। ଏହି ଅଞ୍ଚଳରେ ପ୍ରତିଦିନ ୧୦ରୁ ୧୨ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଉଥିବା ବେଳେ ଏହାର କୌଣସି ନିର୍ଦ୍ଦିଷ୍ଟ କାରଣ ବିଭାଗ ପକ୍ଷରୁ ସ୍ପଷ୍ଟ ଭାବରେ ଜଣାଇଦିଆଯାଉ ନାହିଁ । ଦୀର୍ଘ ସମୟଧରି ବିଦ୍ୟୁତ ସେବା ବ୍ୟାହତ ହେବା ଯୋଗୁଁ ଏ ଅଞ୍ଚଳର ଲୋକମାନେ ହନ୍ତସନ୍ତ ହେଉଛନ୍ତି । କିନ୍ତୁ ଟିପିସିଓଡିଏଲ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ବେଳେ ଟିପିସିଓଡିଏଲକୁ ଅଭିଯୋଗ ପାଇଁ ଥିବା ୧୯୧୨ନମ୍ବରଟି ରିଙ୍ଗ ହେଉଥିଲେ ମଧ୍ୟ କଲ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି । ଟିପିସିଓଡିଏଲର ଏଭଳି ଅବ୍ୟବସ୍ଥାକୁ ନେଇ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।

ମାର୍ଶାଘାଇ ବିଦ୍ୟୁତ୍ ଡିଭିଜନ ଅଧୀନରେ ଥିବା ନୂଆପଡ଼ା, ଗରଦପୁର, କୁଦାନଗରୀ, ମହାକାଳପଡ଼ା ଆଦି ସେକ୍ସନ ଅଧୀନରେ ଥିବା ବିଭିନ୍ନ ଅଞ୍ଚଳରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଗତ ଗୁରୁବାର ରାତିରୁ ବିଦ୍ୟୁତ୍ ଦେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଯାହା ଫଳରେ ୫୦ ରୁ ଉର୍ଦ୍ଧ ପଞ୍ଚାୟତ ପୁରା ଅନ୍ଧାର ଘେରରେ ରହିଛି । ବିଶେଷ କରି ପାନୀୟଜଳ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଦେଖାଦେଇଛି ।

## ବର୍ଷାଜଳରେ ଉବୁଟୁବୁ ପୌରାଞ୍ଚଳ ରାସ୍ତା



କେନ୍ଦ୍ରାପଡା,୨୫।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡାରେ ଲଘୁଚାପ ଜନିତ ପ୍ରବଳରୁ ପ୍ରବଳ ବର୍ଷା ହେବା ଫଳରେ ବହୁ ଘରଦ୍ୱାର ଭିତରେ ବର୍ଷାଜଳ ପ୍ରବେଶ କରିବା ସହିତ ପୌରାଂଚଳର ୧୧ ନମ୍ବର, ୧୨ ନମ୍ବର, ୧୩ ନମ୍ବର ୱାର୍ଡର ମୁଖ୍ୟ ରାସ୍ତା ଗୁଡିକ ବର୍ଷାଜଳରେ ବୁଡି ରହିଛି । ମାତ୍ରାଧିକ ବର୍ଷା ହେବା ଫଳରେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏଥିସହିତ ପ୍ରାୟ ୨୦ ଘଣ୍ଟାରୁ ଅଧିକ ବିଭିନ୍ନ ୱାର୍ଡରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ମାତ୍ରାଧିକ ବର୍ଷା ହେବା ଫଳରେ ରାସ୍ତାଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।

**ଚାନ୍ଦୋଳରେ ମଦୁଆଙ୍କ ଆଡ୍ଡା**

## ରାସ୍ତା ଉପରେ ଚାଲିଛି ମଦ୍ୟପାନ, ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ



ଡେରାବିଶ,୨୫।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ସଦର ଥାନା ଚାନ୍ଦୋଳ ଫାଣ୍ଡି ରୁ ମାତ୍ର ପଚାଶ ମିଟର ଦୂର ରାସ୍ତା କଡ଼ରେ ମଦୁଆଙ୍କ ଆଡ୍ଡାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଚାନ୍ଦୋଳ ଫାଣ୍ଡି ରୁ ବାହାରି ବାଙ୍କୀମୁଣ୍ଡାଇ,ପଳାଇ, ରାସ୍ତା ଡେରାବିଶ, ଛତା କୁ ରାସ୍ତା ସଂଯୋଗ କରୁଥିବା ଫାଣ୍ଡି ରୁ ପଚାଶ ମିଟର ନିକଟରେ ଥିବା ମଦ ଦୋକାନ ପାଖରେ ପ୍ରତିଦିନ ରାସ୍ତା ଉପରେ ମଦ୍ୟପାନ କରି ଗାଳି ଗୁଲଜ କରିବା ଝଗଡା କରାଯାଉଥିବା ଅଭିଯୋଗ ହେଉଛି। ମଦ୍ୟପାନ ପରେ ରାସ୍ତା କଡ଼ରେ ଗୋଷ୍ଠୀବଦ୍ଧ ଭାବେ ଲୋକଙ୍କ ଯାତାୟାତକୁ ଅସୁବିଧା କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକ, ମହିଳା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯଦି ପ୍ରତିଦିନ ରାସ୍ତା ଉପରେ ଏଭଳି ମଦ୍ୟପାନ ଓ ଆଡ୍ଡା ଚାଲୁଥିବା ଅଭିଯୋଗ ରହିଛି, ତେବେ ପ୍ରଶାସନ ଏନେଇ କୌଣସି ପଦକ୍ଷେପ କାହିଁକି ନେଉନାହିଁ? ପୋଲିସ ଓ ସମ୍ପୃକ୍ତ ବିଭାଗର ନଜର କେବେ ପଡ଼ିବ ତାହାକୁ ନେଇ ଏବେ ସାଧାରଣରେ ଆଲୋଚନା ଜୋର ଧରିଛି। ସ୍ଥାନୀୟ ଲୋକଙ୍କ ଦାବି, ରାଜରାସ୍ତା କଡ଼ରେ ଏଭଳି ମଦୁଆଙ୍କ ଆଡ୍ଡାକୁ ରୋକିବା ସହ ନିୟମିତ ପାଟ୍ରୋଲିଂ ଓ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯାଉ। ଏନେଇ ପ୍ରଶାସନ କେବେ ତତ୍ପର ହେଉଛି, ତାହା ଦେଖିବାକୁ ବାକି ରହିଲା।

## ବିଜୟଙ୍କ ଜନ୍ମଦିନ ଉପଲକ୍ଷେ ମେଗା ରକ୍ତଦାନ ଶିବିର

### ୧୪୬ ୟୁନିଟ୍ ରକ୍ତ ସଂଗ୍ରହ

ଗରଦପୁର,୨୫।୯(ସଂଚାର ବ୍ୟୁରୋ)ଃ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ବିଜୟ ମହାପାତ୍ରଙ୍କ ୭୬ ତମ ଜନ୍ମଦିନ ଅବସରରେ ପାଟକୁରାରେ ଶୁଭେଚ୍ଛୁ ଓ ସମର୍ଥକଙ୍କ ପକ୍ଷରୁ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଙ୍କ ପ୍ରିୟ ନେତାଙ୍କ ଦୀର୍ଘାୟୁ କାମନା କରି ଆୟୋଜିତ ଏହି ଶିବିରରେ ଶତାଧିକ ଯୁବକ-ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ।

ଗୁରୁବାର କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ମାହାଳ ସ୍ଥିତ ବାବା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନିରଞ୍ଜନ କର ଉଦଘାଟନ କରିଥିଲେ। ଶ୍ରୀ ମହାପାତ୍ରଙ୍କ ପାଟକୁରା ପ୍ରତିନିଧି ଶ୍ରୀ କ୍ଷିତିଶ ଚନ୍ଦ୍ର ଦାଶ ପ୍ରଥମେ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗରଦପୁର, ମାର୍ଶାଘାଇ, ଡେରାବିଶ ସମେତ ମହାକାଳପଡା, କେନ୍ଦ୍ରାପଡ଼ା ଓ ମାହାଙ୍ଗା ନିର୍ବାଚନମଣ୍ଡଳୀରୁ ହଜାର ହଜାର ସଂଖ୍ୟାରେ ସମର୍ଥକ ଯୋଗ ଦେଇଥିଲେ।



# ଧସିଲା ନିର୍ମାଣାଧୀନ ୫୩ନମ୍ବର ଜାତୀୟ ରାଜପଥ

## ଅଢେଇ ହଜାର କୋଟି ଟଙ୍କାର ରାସ୍ତା କାମକୁ ନେଇ ଉଠିଲା ପ୍ରଶ୍ନ



କେନ୍ଦ୍ରାପଡ଼ା,୨୫।୯(ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷାରେ ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ହଜାରୀଛକ ନିକଟରେ ନିର୍ମାଣାଧୀନ ରାସ୍ତାର ପ୍ରାୟ ଏକଶହ ମିଟର ରାସ୍ତା ଧସିଯାଇଛି । ଘଟଣା ପରେ ଚଣ୍ଡିଖୋଲ-ପାରାଦୀପ-୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣାଧୀନ ରାସ୍ତାର ଗୁଣବତ୍ତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ରାସ୍ତାରେ ମାଟି ଠିକ୍ ଭାବେ ଜମା ଓ ସଂଘନୀକରଣ କରାଯାଇନଥିବାରୁ ଲଗାଣ ବର୍ଷାରେ ସେହି ମାଟି ଧସିଯାଇଛି । ଏଥିସହ ରାସ୍ତା ନିର୍ମାଣରେ ପାଉଁଶ ଓ ଜିପସମ୍ ଭଳି ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ରାସ୍ତା ଧସିବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ସେହି ରାସ୍ତା ଉପରେ ପ୍ରତିବାଦ କରିଥିଲେ। ରାସ୍ତା ନିର୍ମାଣର ଗୁଣବତ୍ତାକୁ ଯାଞ୍ଚ କରାଯିବା ସହ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରାଯାଇଛି ।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ହେଉଛି ନିର୍ମାଣ କାର୍ଯ୍ୟରେ ଅବହେଳା ଯୋଗୁଁ ଏହି ରାସ୍ତାରେ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି । ପ୍ରାୟ ଅଢେଇ ହଜାର କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମିତ ଏହି ରାସ୍ତା ପ୍ରକଳ୍ପରେ ନିର୍ମାଣର ମାନ ଓ କାର୍ଯ୍ୟର ଗୁଣବା ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି ।

ଗତ ୭ ମାସ ତଳେ କେନ୍ଦ୍ରାପଡ଼ା ସହର ଉପକଣ୍ଠ ଶ୍ୟାମସୁନ୍ଦର ଗଡା ନିକଟରେ ଏକଶହ ମିଟର ରାସ୍ତା ଧସିପଡିଥିଲା । ଲଗାଣ ବର୍ଷା ଯୋଗୁଁ ରାସ୍ତା ଧସିଛି ନା ନିର୍ମାଣରେ କୌଣସି ତ୍ରୁଟି ରହିଛି ତାହାର ବିଧିବଦ୍ଧ ତଦନ୍ତ କରାଯିବାକୁ ସମାଜସେବୀ ଚିତ୍ତରଞ୍ଜନ ଦାସ ଦାବି କରିଛନ୍ତି । ସେ କହିଛନ୍ତି ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ବାରମ୍ବାର ନିମ୍ନମାନର କାର୍ଯ୍ୟ କରୁଛି। ଏ ନେଇ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ନିକଟରେ ପୂର୍ବରୁ ବହୁବାର ଅଭିଯୋଗ ମଧ୍ୟ କରାଯାଇଛି। ହେଲେ କର୍ତୃପକ୍ଷ ତାହାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି । ଯାହାର ଫଳ ସ୍ୱରୂପ ପୂର୍ବରୁ ଶ୍ୟାମସୁନ୍ଦରପୁର ଏବଂ ନୀଳାଞ୍ଚଳ ବଜାର ନିକଟରେ ନିର୍ମାଣାଧିନ ରାସ୍ତା ଧସିପଡିଥିବା ବେଳେ ଏବେ ହଜାରୀଛକ ନିକଟରେ ଜାତୀୟ ରାଜପଥ ରାସ୍ତା ଧସିପଡିଛି । ଆଗକୁ ଆହୁରି ଅନେକ ସ୍ଥାନରେ ରାସ୍ତା ଧସିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି ।

ଜନସାଧାରଣଙ୍କ ଟିକସ ଅର୍ଥକୁ ଏହିପରି ଭାବରେ ବରବାଦ କରାଯାଉଛି । ଏହାର ଉତ୍ତର ଦାୟିତ୍ୱ କାହାର ତାହାକୁ ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ ଚିନ୍ତା କରିବା ଉଚିତ ବୋଲି ସେ କହିଛନ୍ତି । ତଦନ୍ତ ପରେ କାରଣ ସ୍ପଷ୍ଟ ହୋଇପାରିବ । ଘଟଣାସ୍ଥଳରେ ବିଶେଷଜ୍ଞ ଟିମ୍‌ଦ୍ୱାରା ରାସ୍ତାର ଗୁଣବତ୍ତା ଓ ନିର୍ମାଣ ସାମଗ୍ରୀ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜାତୀୟ ରାଜପଥ କର୍ତୃପକ୍ଷ କହିଛନ୍ତି ।

## ପବନରେ ଗଛ ପଡ଼ି ଘର ଭାଙ୍ଗିଲା,

### ତହସିଲଦାରଙ୍କ ତ୍ୱରିତ ସହାୟତା



ମହାକାଳପଡ଼ା, ୨୫।୯(ସଂଚାର ବ୍ୟୁରୋ)ଃ ଇଛାଶକ୍ତି ଥିଲେ ଜଣେ ସରକାରୀ ଅଧିକାରୀ ସାଧାରଣ ଲୋକଙ୍କ ପାଖରେ ସରକାରଙ୍କ ସହାୟତା ତ୍ୱରିତ ପହଞ୍ଚାଇ ପାରିବ। ଯାହା ଆଜି ପ୍ରମାଣିତ କରିଛନ୍ତି ମହାକାଳପଡ଼ା ତହସିଲଦାର। କେବଳ ଘଟଣା ସମ୍ପର୍କରେ ଶୁଣି ଚୁପ୍ ରହି ନାହାଁନ୍ତି ବରଂ ନିଜେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସହାୟତା ଯୋଗାଇ ଦେଇଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍ ନାଞ୍ଜୁରା ପଞ୍ଚାୟତର ତନ୍ତିଆପାଳ ଗ୍ରାମର ସପନ ଗିରିଙ୍କ ଚାଳ ଘର ଉପରେ ଅର୍ଣ୍ଣବ ବାତ୍ୟାରେ ଏକ ବଡ଼ ଗଛ ପଡ଼ି ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି। ବାସଗୃହ ଭାଙ୍ଗିଯିବାରୁ ସପନଙ୍କ ପରିବାର ବେସାହାରା ହୋଇପଡ଼ିଛନ୍ତି। ଏହି ଘଟଣା ଜାଣିବା ପରେ ମାନବିକତା ଦେଖାଇଛନ୍ତି ତହସିଲଦାର ରବିନାରାୟଣ ଆଚାର୍ଯ୍ୟ। ତୁରନ୍ତ ସେ ପରିବାର ପାଖରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ପରିବାରକୁ ଖଣ୍ଡିଏ ପାଲ ସହିତ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସମବାୟ ସଦସ୍ୟତା ମହା ଅଭିଯାନ 'ସମ୍ବନ୍ଧ'ର ଜିଲ୍ଲାସ୍ତରୀୟ ଉତ୍ସବ



କେନ୍ଦ୍ରାପଡ଼ା,୨୫।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାର ଭୁବନେଶ୍ୱର କୃଷି ଶିକ୍ଷା ସଦନରେ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ର ଶୁଭାରମ୍ଭ ହୋଇଯାଇଛି। ଆଭାସୀ ମାଧ୍ୟମରେ ପ୍ରଦର୍ଶିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲା ଯୋଡ଼ି ହୋଇଥିଲେ।

ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍ ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡି.ଆର୍.ସି.ଏସ ଏସ ଶ୍ରୀ ପ୍ରଭାକର ନାୟକ, ଏ.ଆର୍.ସି.ଏସ ଶ୍ରୀ ଯୋଗେନ୍ଦ୍ର ବିଶ୍ୱାଳ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ଯାମିନୀ ମହାପାତ୍ର ଓ ଆର୍.ଏମ.ସି. ସମ୍ପାଦକ ଶ୍ରୀ ବିଦ୍ୟାଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଜିଲ୍ଲାପାଳ ଓ ଅନ୍ୟ ଅତିଥି ମାନେ ସଭା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ଗ୍ରାମୀଣ ସାମାଜିକ ବିକାଶ କ୍ଷେତ୍ରରେ ଆଗୁଆ ଥିବା ସମବାୟରେ ମହିଳା ଏସ.ଏଚ.ଜି, ଅଙ୍ଗନୱାଡି କର୍ମୀଙ୍କ ବୃହତ୍ ଭାଗିଦାରୀ ନିମନ୍ତେ ସମସ୍ତଙ୍କ ପ୍ରୟାସ ଜରୁରୀ ବୋଲି ଜିଲ୍ଲାପାଳ କହିଥିଲେ।

ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼, ସକ୍ରିୟ ଓ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକର ବିକାଶ ଓ ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଗ୍ରାମୀଣ ଅଞ୍ଚଳରେ ପିଏସିଏସ୍ ଗୁଡ଼ିକୁ କୃଷକ ଓ ସାଧାରଣ ଲୋକଙ୍କୁ ସେବା ଯୋଗାଇବା ପାଇଁ ବହୁମୁଖୀ ଓ ସକ୍ରିୟ ସମବାୟ ସଂସ୍ଥା ଭାବେ ବିକଶିତ କରାଯାଉଛି। ସଦସ୍ୟତା ସଦସ୍ୟତ ସଂଖ୍ୟା ବୃଦ୍ଧି କେବଳ ଆଜିର ଉଦ୍ଦେଶ୍ୟ ନ ହୋଇ ସମବାୟକୁ ଅଧିକ ସୁଦୃଢ଼, ସ୍ୱଚ୍ଛ, ଦାୟିତ୍ୱଶୀଳ ଓ ଲୋକାଭିମୁଖୀ କରିବା କରିବା ଆଜି ଦିବସର ପ୍ରମୁଖ ଲକ୍ଷ୍ୟ ହେବା ଉଚିତ୍ ବୋଲି ସେ କହିଥିଲେ।

ଜିଲ୍ଲାରେ ସଦସ୍ୟ ସଂଖ୍ୟା ୩.୫ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଆମ ଜିଲ୍ଲାରେ ୬୫,୧୭୩ ଜଣ ଧାନ ବିକ୍ରୟ ପାଇଁ ରେଜିଷ୍ଟ୍ରେସନ୍ କରିଛନ୍ତି ବୋଲି ଆର୍.ଏମ୍.ସି ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି। ରାଜନଗର ବ୍ଲକରେ ୫ ଟି, ଆଳି ବ୍ଲକରେ ଗୋଟିଏ ଓ କେନ୍ଦ୍ରାପ କେନ୍ଦ୍ରାପଡ଼ା ବ୍ଲକରେ ଗୋଟିଏ ମୋଟ ୭ ଗୋଟି ଧାନ କ୍ରୟ କେନ୍ଦ୍ରର ଭିତ୍ତିଭୂମି ବୃଦ୍ଧି ଓ କାର୍ଯ୍ୟାନ୍ୱୟନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଜିଲ୍ଲାପାଳ ସେହି କେନ୍ଦ୍ରଗୁଡ଼ିକର ଲୋକାର୍ପଣ ନିମନ୍ତେ ଫଳକ ଉନ୍ମୋଚନ କରିଥିଲେ।

## ନିଶା ମୁକ୍ତ ଯୁବକ ପାଇଁ ମୋ ସ୍ୱାସ୍ଥ୍ୟ ମୋ ଗର୍ବ କାର୍ଯ୍ୟକ୍ରମ




ଫୁଲବାଣୀ,୨୫।୯(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ରାଇକିଆ ସୁଧା କିରଣ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଙ୍କ ସଭାପତିତ୍ୱରେ ନିଶା ମୁକ୍ତ ଯୁବକ ପାଇଁ ମୋ ସ୍ୱାସ୍ଥ୍ୟ ମୋ ଗର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସକାଳ ୯ ଘଣ୍ଟିକାରୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାଇକିଆ ଡାକ୍ତରଖାନାର ଡା. ପ୍ରକାଶ ପ୍ରଧାନ, ଫାର୍ମାସିଷ୍ଟ ହର୍ଜିତ୍ ପାଲ୍, ନର୍ସ ଦୀପ୍ତିମୟୀ ସେଠୀ ଯୋଗଦେଇ ପରୀକ୍ଷା ନିରୀକ୍ଷା କରିଥିଲେ। ପୂର୍ବାହ୍ନ ୧୨.୩୦ରୁ ନ୍ୟୁଟ୍ରେଶନକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ରାଇକିଆ ଡାକ୍ତରଖାନାର ଡାକ୍ତର ଶ୍ରୀକାନ୍ତ ବିଶ୍ୱାଳ ଆଜିର ଯୁବପିଢ଼ି ନିଶାଗ୍ରସ୍ତ ହୋଇ ନିଜ ସ୍ୱାସ୍ଥ୍ୟକୁ ଖରାପ ଓ ସମାଜକୁ କିପରି କଳଙ୍କିତ କରନ୍ତି ବକ୍ତବ୍ୟ ରଖିଥିଲେ। କନ୍ଧମାଳର ଅଗ୍ରଣୀ ସ୍ୱେଚ୍ଛସେବୀ ଅନୁଷ୍ଠାନ ସ୍ୱାତୀର ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ଆମ ପାରମ୍ପରିକ ଖାଦ୍ୟକୁ ନ ଖାଇ ଅପୃଷ୍ଟିକର ଖାଦ୍ୟ ଯେପରିକି ଜମ୍ ଫୁଡ୍ ଖାଦ୍ୟଖାଇ ଶରୀରକୁ ରୋଗାଗ୍ରସ୍ତ କରୁଛନ୍ତି ବର୍ଣ୍ଣନା କରିଥିଲେ। ରାଇକିଆ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶିବରାମ ପ୍ରଧାନ ଯୋଗଦେଇ, ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ଆମେ କିପରି ସୁସ୍ଥ ରହିବା ଆଲୋଚନା କରିଥିଲେ ।

## ୫୦ ମିଟର ଧସିଲା ଜଳସେଚନ ଘେରିବନ୍ଧ, ଅଞ୍ଚଳବାସୀ ଆତଙ୍କିତ



ମହାକାଳପଡ଼ା, ୨୫।୯ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ବଡ଼କୁଳ ପଞ୍ଚାୟତ ଅନ୍ତର୍ଗତ ଦହିମାଛ ଲୁଣା ଜଳସେଚନ ଘେରିବନ୍ଧ ପ୍ରାୟ ୫୦ ମିଟର ଅଂଶ ଧସିଯାଇଛି। ମାତ୍ର ୬ ରୁ ୭ ମାସ ତଳେ ନିର୍ମାଣ ହୋଇଥିବା ଏହି ରାସ୍ତା ଧସିଯିବା ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବର୍ତ୍ତମାନ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଦେଖାଦେଇଥିବା ବେଳେ ଘେରିବନ୍ଧ ଧସିବା ଘଟଣା ଲୋକଙ୍କ ଚିନ୍ତା ବଢ଼ାଇଛି। ନଦୀବନ୍ଧ ଅଧିକ ଦୁର୍ବଳ ହେଲେ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ରହିଥିବାରୁ ତୁରନ୍ତ ମରାମତି ପାଇଁ ଦାବି ହେଉଛି।

ଅନ୍ୟପକ୍ଷରେ, ଏହି ରାସ୍ତା ନିର୍ମାଣ ସମୟରେ ନିମ୍ନମାନର କାମ ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଘେରିବନ୍ଧରୁ ମାଟି ଚାଞ୍ଛି ରାସ୍ତାକଡ଼ରେ ପକାଯିବା ଫଳରେ ନଦୀବନ୍ଧ ଦୁର୍ବଳ ହୋଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗର ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଘେରିବନ୍ଧର ସୁରକ୍ଷା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର**

## ନୋଟିସ ପରେ ବି ବଢୁଛି ଟ୍ରାଫିକ ସମସ୍ୟା



### ବାମେବାରୀ–ପଳାସପଙ୍ଗା ରାସ୍ତାରେ ଘଣ୍ଟା ଘଣ୍ଟା ଅଟକୁଛି ଲୁହାପଥର ବୋଝେଇ ଭାରୀଯାନ

ଯୋଡ଼ା,୨୫।୯(ସଂଚାର ବ୍ୟୁରୋ)ଃଜାତୀୟ ରାଜପଥରେ ମାଲବାହୀ ଯାନର ଅନଧିକୃତ ପାର୍କିଂ ଉପରେ କେନ୍ଦୁଝର ଜିଲ୍ଲାପାଳ ତଥା ଆରଟିଏ ଅଧ୍ୟକ୍ଷଙ୍କ ପକ୍ଷରୁ ଏକ ମାସିଆ କଟକଣା ଜାରି ହୋଇଥିଲେ ମଧ୍ୟ ବାମେବାରୀ- ପଳାସପଙ୍ଗା ରାସ୍ତାରେ ଟ୍ରାଫିକ ସମସ୍ୟା ଥମିବାର ନାଁ ନେଉନାହିଁ। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ଜିଲ୍ଲାପାଳଙ୍କ ନୋଟିସ ଅନୁଯାୟୀ, ୨୫ ସେପ୍ଟେମ୍ବରରୁ ୨୪ ଅକ୍ଟୋବର ପର୍ଯ୍ୟନ୍ତ ରାଜପଥର ମୁଖ୍ୟ ଯାତାୟାତ ପଥରେ ମାଲବାହୀ ଯାନର ଅନଧିକୃତ ପାର୍କିଂ ନିଷିଦ୍ଧ କରାଯାଇଛି। ଏହା ସତ୍ତ୍ୱେ ବାମେବାରୀ-ପଳାସପଙ୍ଗା ରାସ୍ତାରେ ଲୁହାପଥର ବୋଝେଇ ଶହ ଶହ ଭାରୀଯାନ ଘଣ୍ଟା ଘଣ୍ଟା ଧରି ଅଟକି ରହୁଥିବା ଅଭିଯୋଗ ହୋଇଛି। ଭାରୀଯାନର ଲମ୍ବା ଧାଡ଼ି ଯୋଗୁଁ ସାଧାରଣ ଯାନବାହନ, ବସ୍ ଏବଂ ଦୁଇଚକିଆ ଯାନ ଚଳାଚଳ ପ୍ରଭାବିତ ହେଉଛି। ବିଶେଷକରି ଆମ୍ବୁଲାନ୍ସ ଓ ଅଗ୍ନିଶମ ଭଳି ଜରୁରୀକାଳୀନ ଯାନ ଚଳାଚଳକୁ ନେଇ ଚିନ୍ତା ବଢ଼ିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସାଗାସାହି, ଠାକୁରାଣୀ, ସିରାଜୁଦ୍ଦିନ, ସିଶାଗୋଆ ସମେତ ବିଭିନ୍ନ ଖଣି ଅଞ୍ଚଳରୁ ଦୈନିକ ବହୁ ସଂଖ୍ୟକ ଭାରୀଯାନରେ ଲୁହାପଥର ପରିବହନ ହେଉଛି। ପର୍ଯ୍ୟାପ୍ତ ପାର୍କିଂ ଓ ଅପେକ୍ଷାସ୍ଥଳ ନଥିବାରୁ ରାସ୍ତା ଉପରେ ଯାନଗୁଡ଼ିକ ଅଟକି ରହୁଛି।

ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ଶିଳ୍ପ ସଂସ୍ଥାଗୁଡ଼ିକ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବା ସହ ପରିବହନକୁ ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କଡ଼ାକଡ଼ି ଲାଗୁ କରି ରାସ୍ତା ଅବରୋଧ କରୁଥିବା ଯାନ ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ସମସ୍ୟାର ସମାଧାନ ନହେଲେ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ କେତେକ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

# ବର୍ଷାର ବିତ୍ପାତରେ ବେହାଲ କୋରାପୁଟ

### ୩୬୭୪ ଲୋକ ଆଶ୍ରୟସ୍ଥଳୀରେ

### ୧୫୬ କଚ୍ଚା ଘର ଭାଙ୍ଗିଲା

### ଶହ ଶହ ଏକର ଚାଷଜମି ଜଳମଗ୍ନ

କୋରାପୁଟ,୨୫।୯(ସଂଚାର ବ୍ୟୁରୋ)ଃ ଲଗାଣ ବର୍ଷାରେ ବଦଳିଗଲା କୋରାପୁଟର ଚିତ୍ର। ତିନି ଦିନ ଧରି ଜାରି ରହିଥିବା ପ୍ରବଳ ବର୍ଷାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କେଉଁଠି ଘର ଭୁଶୁଡ଼ିଛି, କେଉଁଠି ରାସ୍ତା ଉପରେ ମାଟି ଅତଡ଼ା ଖସିଛି, ଆଉ କେଉଁଠି ଚାଷଜମି ଜଳରେ ବୁଡ଼ି ରହିଛି। ପରିସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ୩୬୭୪ ଜଣଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଗଭୀର ଅବପାତର ରୂପ ନେବା ପରେ କୋରାପୁଟରେ ବର୍ଷାର ପ୍ରକୋପ ବଢ଼ିଥିଲା। ଗତ ୨୪ ଘଣ୍ଟାରେ ଜିଲ୍ଲାରେ ମୋଟ ୨୬୪୯.୩ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଆଜି ସକାଳ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଆଉ ୨୬୩.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି।



ବୋରିଗୁମ୍ମା ବ୍ଲକରେ ସର୍ବାଧିକ ୩୦୭.୮ ମିମି ବର୍ଷା ହେବାରୁ ବନ୍ୟା ପରିସ୍ଥିତି ଉପୁଜିଥିଲା।

ଅନ୍ୟପକ୍ଷରେ ଲଗାଣ ବର୍ଷାରେ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ଫସଲର ପ୍ରକୃତ କ୍ଷୟକ୍ଷତି ବର୍ଷା ସମ୍ପୂର୍ଣ୍ଣ ଛାଡ଼ିବା ପରେ ଆକଳନ କରାଯିବ। ବର୍ଷାର ପ୍ରଭାବରେ ଜିଲ୍ଲାରେ ଏପର୍ଯ୍ୟନ୍ତ ୧୫୬ଟି କଚ୍ଚା ଘର ଭାଙ୍ଗିଥିବା ବେଳେ ୨ଟି ଗୋରୁ ଗୃହ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିପନ୍ନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ସହ ଜିଲ୍ଲାର ୩୨ଟି ସ୍ଥାନରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ଦଶମନ୍ତପୁର ବ୍ଲକରେ ବର୍ଷାର ପ୍ରଭାବ ବେଶି ଦେଖିବାକୁ ମିଳିଛି। ତହସିଲଦାର ପ୍ରିୟା ପୁଷ୍ପାଞ୍ଜଳି ବେହେରାଙ୍କ ସୂଚନା ଅନୁଯାୟୀ, ବ୍ଲକରେ ବର୍ତ୍ତମାନ ସୁଦ୍ଧା ୪୩ଟି ଘର ଆଂଶିକ ଭାବେ ଭୁଶୁଡ଼ିଥିବା ରିପୋର୍ଟ ମିଳିଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ଜରି ପ୍ରଦାନ କରାଯାଇଛି। ଲେନ୍ଦ୍ରିମାଳୀଗୁଡ଼ା ଗ୍ରାମର ଉଚ୍ଚ ବିଦ୍ୟାଳୟ ପରିସରରେ ବର୍ଷା ଓ ପବନ ଯୋଗୁଁ ଏକ ବଡ଼ ଗଛର ଡାଳ ଭାଙ୍ଗି ପଡ଼ିଥିବାରୁ ବିଦ୍ୟାଳୟର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ଗ୍ରାମକୁ ସଂଯୋଗ କରୁଥିବା ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବାରୁ ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଛି। କେତେକ ଅଞ୍ଚଳରେ ୬୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ନଥିବାରୁ ଲୋକେ ଅସୁବିଧାରେ ରହିଛନ୍ତି।

ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ମରାମତି ସମ୍ଭବ ନଥିବାରୁ ଶନିବାର ମରାମତି କାର୍ଯ୍ୟ କରାଯିବ। ବର୍ଷାରେ ଜିଲ୍ଲାର ବିଭିନ୍ନ ରାସ୍ତାରେ ମାଟି ଅତଡ଼ା ଖସି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ପହଞ୍ଚି ଅତଡ଼ା ସଫା କରି ଯାତାୟାତ ସ୍ୱାଭାବିକ କରିବାକୁ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ବର୍ଷାର ପରିମାଣ କିଛି ମାତ୍ରାରେ କମିଥିଲେ ମଧ୍ୟ ବିପଦ ଟଳିନାହିଁ।

## ଏକ ପେଡ୍ ମା କେ ନାମ୍ ୩.୦ ଅଭିଯାନରେ ବୃକ୍ଷରୋପଣ

ଢେଙ୍କାନାଳ,୨୫।୯(ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ସଦେଇବେରେଣୀ କଳାକୃତି ଗ୍ରାମଠାରେ ଆଜି 'ଏକ ପେଡ୍ ମା କେ ନାମ୍ ୩.୦' ଅଭିଯାନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଆମ୍ବ ଚାରା ରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଦୀପ୍ତି ରଞ୍ଜନ ସେଠୀ ଏବଂ



ଢେଙ୍କାନାଳ ସଦର ବିଡିଓ ରାହୁଲ ମଣ୍ଡଳ ମଧ୍ୟ ଚାରା ରୋପଣ କରିଥିଲେ।

ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଦସ୍ୟାମାନେ ଆନନ୍ଦ ଓ ଉତ୍ସାହର ସହ ପରିସରରେ ୨୦୦ରୁ ଅଧିକ ଫଳଦାୟୀ ଓ ଅନ୍ୟାନ୍ୟ ଚାରା ରୋପଣ କରିଥିଲେ।



ବିଧାନସଭା ବୁଲିବାକୁ ଆସିଥିବା ଭାରତୀୟ ଗଣ ଯୋଗାଯୋଗ ପ୍ରତିଷ୍ଠାନ (ଆଇଆଇଏମ୍‌ସି)ର ଛାତ୍ରଛାତ୍ରୀମାନଙ୍କ ସହ ବିଧାନସଭା ଉପବାଚସ୍ପତି ଓ ଅନ୍ୟାନ୍ୟ ଅଧିକାରୀଗଣ।

# ଉଠା ଜଳସେଚନ ନିଗମ ଅଧୀନରେ ୧୬୫୮ ପ୍ରକଳ୍ପର ପୁନରୁଦ୍ଧାରକୁ ଗୁରୁତ୍ୱ

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଓଡ଼ିଶା ଉଠା ଜଳସେଚନ ନିଗମ ଅଧୀନରେ ୧୬୫୮ଟି ଉଠା ଜଳସେଚନ ପ୍ରକଳ୍ପର ମରାମତି ତଥା ପୁନରୁଦ୍ଧାର ନିମନ୍ତେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ବୈଠକରେ ଉପସ୍ଥିତ ରହି ବିସ୍ତୃତ ଆଲୋଚନା କରିଥିଲେ।



ଲଗାଣ ବର୍ଷା ତଥା ବନ୍ୟା ପରିସ୍ଥିତି ଯୋଗୁଁ ପ୍ରଭାବିତ ତଥା କ୍ଷତିଗ୍ରସ୍ତ ହୋଇଥିବା ଉପରୋକ୍ତ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ନିରୀକ୍ଷଣ କରି ଆବଶ୍ୟକ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଶକ୍ତି ବିଭାଗ, ଜଳସମ୍ପଦ ବିଭାଗ ଓ ସ୍ପେଶାଲ୍ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ପୁନରୁଦ୍ଧାର କାର୍ଯ୍ୟ କରିବା ନିମନ୍ତେ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଦୀର୍ଘ ସମୟ ଧରି ପ୍ରତିକୂଳ ପାଣିପାଗ ପରିସ୍ଥିତି ପରିପ୍ରେକ୍ଷୀରେ ପ୍ରଭାବିତ ହୋଇଥିବା ବିଭିନ୍ନ ବିଭାଗର ପ୍ରକଳ୍ପ ତଥା କାର୍ଯ୍ୟର ମରାମତି ଓ ପୁନରୁଦ୍ଧାର ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିରନ୍ତର ପ୍ରୟାସରତ। ଏ ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀ ବାରମ୍ବାର ସମୀକ୍ଷା କରି ବିଭିନ୍ନ ବିଭାଗ ସହ ଆଲୋଚନା କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ଗୁରୁତ୍ୱ ଦେଇଆସିଛନ୍ତି।

ଓଡ଼ିଶା ବିଧାନସଭାସ୍ଥିତ ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହୋଇଥିବା ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ଶୁଭା ଶର୍ମା, ସ୍ପେଶାଲ୍ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ତଥା ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଧାନସଭା ଖବର

■ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

### ୪୬୦ ପ୍ରାଥମିକ ସ୍କୁଲ ବନ୍ଦ, ୧୩ ହଜାର ଶିକ୍ଷକ ପଦବୀ ଫାଙ୍କା

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ରାଜ୍ୟର ସ୍କୁଲ ଶିକ୍ଷା ଭିତ୍ତିଭୂମି ଓ ଶିକ୍ଷକ ଅଭାବକୁ ନେଇ ବିଧାନସଭାରେ ସାମ୍ନାକୁ ଆସିଛି ଚିନ୍ତାଜନକ ତଥ୍ୟ। ରାଜ୍ୟରେ ୪୬୦ଟି ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡ଼ିଛି। ଗୃହରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଅନୁଯାୟୀ, ରାଜ୍ୟରେ ଏବେ ବି ୩୩ଟି ବିଦ୍ୟାଳୟ ମାତ୍ର ଜଣେ ଲେଖାଏଁ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି। ସେହିପରି ରାଜ୍ୟର ୩୨୪ଟି ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି, ଯାହା ବିଦ୍ୟାଳୟଗୁଡ଼ିକର ପ୍ରଶାସନିକ ଓ ଶିକ୍ଷାଦାନ କାର୍ଯ୍ୟକୁ ପ୍ରଭାବିତ କରୁଛି। ରାଜ୍ୟର ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ଏବଂ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ମୋଟ ୧୩,୯୦୩ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହି ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ସରକାରୀ ସ୍ତରରେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶିକ୍ଷାଦାନ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ୪,୬୨୪ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମାସିକ ୧୨ ହଜାର ଟଙ୍କା ପାରିଶ୍ରମିକରେ ଅତିଥି ଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଶିକ୍ଷକ ଅଭାବ ଦୂର କରିବା ପାଇଁ ଆଗାମୀ ଦିନରେ ଅଧିକ ନିଯୁକ୍ତି ପ୍ରକ୍ରିୟା ଶୀଘ୍ର ଶେଷ କରାଯିବ ବୋଲି ମଧ୍ୟ ସୂଚନା ମିଳିଛି।

### ଭତ୍ତା ପାଇବାକୁ ଆବେଦନ କରିଛନ୍ତି ୫.୧୪ ଲକ୍ଷ

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୫ ଲକ୍ଷ ୧୪ ହଜାର ୨୬୭ ଜଣ ଭତ୍ତା ପାଇବାକୁ ଆବେଦନ କରିଛନ୍ତି। ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ଭତ୍ତା ଦେବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଆଜି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଧାୟକ ପ୍ରକାଶ ସୋରେନଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ୨୦ ଲକ୍ଷ ୩୩ ହଜାର ୯୫୯ ଜଣ ଏବଂ ମଧୁବାବୁ ପେନସନ ଯୋଜନାରେ ୩୬ ଲକ୍ଷ ୧୪ ହଜାର ୮ ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି। ଏହିସବୁ ଯୋଜନାରେ ଅଧୀନରେ ଆବେଦନ କରିଥିବା ଯୋଗ୍ୟ ଆବେଦନକାରୀଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯିବ। ଏଥିପାଇଁ ମଧୁବାବୁ ପେନସନ ଯୋଜନା ବଜେଟ୍‌ରେ ମୋଟ ୫ ହଜାର ୩୬୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

### ଅକ୍ଟୋବର ସୁଦ୍ଧା ମିଳିବ ୪ ମାସର ବକେୟା ଭତ୍ତା

ରାଜ୍ୟରେ ଗତ ଚାରି ମାସ ହେବ ଅନେକ ହିତାଧିକାରୀଙ୍କୁ ଭତ୍ତା ମିଳିନାହିଁ। ଏହାକୁ ନେଇ ରାଜ୍ୟର ଅନେକ ଅଞ୍ଚଳରେ ବୃଦ୍ଧବୃଦ୍ଧା ହିତାଧିକାରୀ ରାସ୍ତାକୁ ଓହ୍ଲାଇବା ସହ ବ୍ଲକ୍ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଏପରିକି ଭତ୍ତା ଦେଇ ନ ପାରିବା ନେଇ ରାଜ୍ୟ ସରକାରଙ୍କୁ ବିଭିନ୍ନ ମହଲରୁ ସମାଲୋଚିତ ମଧ୍ୟ ହେବାକୁ ପଡ଼ିଛି। ତେବେ ଅକ୍ଟୋବର ସୁଦ୍ଧା ବକେୟା ଭତ୍ତା ମିଳିବ ବୋଲି ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଗୃହରେ ତଥ୍ୟ ରଖି ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଇନ୍ଦିରା ଗାନ୍ଧି ଜାତୀୟ ଭତ୍ତା ଯୋଜନାରେ ସମୁଦାୟ ୨୦ ଲକ୍ଷ ୩୩ ହଜାର ୯୫୯ ଜଣ ହିତାଧିକାରୀ ରହିଛନ୍ତି। ଅଧିକାଂଶ ହିତାଧିକାରୀଙ୍କୁ ଭତ୍ତା ମିଳିଥିବା ବେଳେ ଆଉ କିଛି ହିତାଧିକାରୀଙ୍କ ଭତ୍ତା ଗତ ୪ ମାସ ହେବ ପ୍ରଦାନ କରାଯାଇପାରିନାହିଁ। ଏହା ପଛରେ ବିଭିନ୍ନ ବୈଷୟିକ ତ୍ରୁଟି ବାଧକ ସାଜିଛି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର, ରାଜ୍ୟ ଅର୍ଥ ବିଭାଗ, କେନ୍ଦ୍ର ସରକାର ଓ ଟ୍ରେଜେରୀର ମିଳିତ ସହଯୋଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆସନ୍ତା ଅକ୍ଟୋବର ସୁଦ୍ଧା ବଞ୍ଚିତ ହିତାଧିକାରୀଙ୍କୁ ବକେୟା ଅର୍ଥ ସହ ନିୟମିତ ଭତ୍ତା ପ୍ରଦାନ କରିବାକୁ ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

■ ଖସିଲା ଡ୍ରପ୍ ଆଉଟ୍ ହାର

### ସ୍କୁଲକୁ ଫେରିଲେ ୮୦ ହଜାର ପିଲା

ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଡ୍ରପ୍‌ଆଉଟ ନେଇ ଆସିଛି ଆଶ୍ୱସ୍ତିକର ଖବର। ରାଜ୍ୟରେ ମାଧ୍ୟମିକ ସ୍ତରରେ ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଛି। ଗତ ବର୍ଷ ଏହା ୧୫ ପ୍ରତିଶତ ଥିବା ବେଳେ ଚଳିତ ବର୍ଷ ଏହି ହାର ୧୪.୧ ପ୍ରତିଶତକୁ ଖସିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ସୂଚନା ଦେଇଛନ୍ତି। ବିଧାୟକ ସାଗର ଚରଣ ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୩-୨୪ ରେ ଡ୍ରପ୍‌ଆଉଟ୍ ହାର ୧୨.୮୦ ପ୍ରତିଶତ ଥିଲା, ୨୦୨୪-୨୫ରେ ତାହା ୧୫ ପ୍ରତିଶତକୁ ବୃଦ୍ଧି ପାଇଥିଲା। ହେଲେ ନୂଆ ତଥ୍ୟ ଅନୁଯାୟୀ, ୨୦୨୫-୨୬ରେ ଏହା ୧୪.୧ ପ୍ରତିଶତକୁ ଖସିଛି, ଯାହା ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକର ସକାରାତ୍ମକ ପ୍ରଭାବକୁ ସୂଚାଉଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ସ୍କୁଲ ବାହାରେ ରହିଯାଇଥିବା (ଆଉଟ୍ ଅଫ୍ ସ୍କୁଲ) ଶିଶୁଙ୍କୁ ପୁନର୍ବାର ପାଠପଢ଼ା ମୂଳସ୍ରୋତକୁ ଆଣିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। ରାଜ୍ୟରେ ଆଉଟ୍ ଅଫ୍ ସ୍କୁଲ୍ ପିଲାଙ୍କ ସଂଖ୍ୟା ହ୍ରାସ ପାଉଥିବା ମଧ୍ୟ ମନ୍ତ୍ରୀ ତଥ୍ୟ ଦେଇଛନ୍ତି। ଓଡ଼ିଶା ଶିକ୍ଷା ସର୍ବେକ୍ଷଣରେ ୨,୧୬,୩୧ ଜଣ ପିଲା ସ୍କୁଲ ବାହାରେ ଥିବା ଚିହ୍ନଟ ହୋଇଥିବା ବେଳେ ୭୯,୯୧୬ ଜଣଙ୍କୁ ପୁଣି ସ୍କୁଲକୁ ଫେରାଇ ଅଣାଯାଇଛି। ତେବେ ଆହୁରି ୧ ଲକ୍ଷ ୩୬ ହଜାର ୧୩୫ ଜଣ ପିଲା ସ୍କୁଲ ବାହାରେ ଅଛନ୍ତି ବୋଲି ମନ୍ତ୍ରୀ ତଥ୍ୟ ରଖିଛନ୍ତି।

### ସରକାରୀ କାର୍ଯ୍ୟାଳୟରେ ବରିଷ୍ଠଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି

ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର, ଡେସ୍କ କିମ୍ବା ପୃଥକ ଧାଡ଼ି ବ୍ୟବସ୍ଥା ହେବ। ଆଗାମୀ ୩ ମାସ ମଧ୍ୟରେ ଏହି ସୁବିଧା ଉପଲବ୍ଧ କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉତ୍ତର ରଖିଛନ୍ତି। ବିଧାୟିକା ସୋଫିଆ ଫିରଦୋସଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ବର୍ତ୍ତମାନ ନିୟମାନୁସାରେ ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର/ଡେସ୍କ କିମ୍ବା ଅଲଗା ଧାଡ଼ିର ବ୍ୟବସ୍ଥା ରହିଛି। ତେବେ ଏହି ନିୟମ ଅଧୀନରେ ଆସୁଥିବା ସମୁଦାୟ କାର୍ଯ୍ୟାଳୟ/ଅନୁଷ୍ଠାନ ସଂଖ୍ୟା ଓ ଏପର୍ଯ୍ୟନ୍ତ କେତେ ସ୍ଥାନରେ ଏହା କାର୍ଯ୍ୟକାରୀ ହୋଇଛି, ସେ ସମ୍ପର୍କିତ ସମନ୍ୱିତ ତଥ୍ୟ ବର୍ତ୍ତମାନ ବିଭାଗ ନିକଟରେ ଉପଲବ୍ଧ ନାହିଁ। ଅନ୍ୟାନ୍ୟ ପ୍ରଯୁଜ୍ୟ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏହି ସୁବିଧା ନିଶ୍ଚିତ କରିବାକୁ ତିନି ମାସ ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

### ଆବାସିକ ଛାତ୍ରୀ ନିବାସରେ ବଢୁଛି ନାବାଳିକା ଗର୍ଭବତୀ ସଂଖ୍ୟା

■ କନ୍ଧମାଳରେ ସର୍ବାଧିକ

ରାଜ୍ୟର ଆବାସିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ସୃଷ୍ଟି ହୋଇଛି ବଡ଼ ପ୍ରଶ୍ନବାଚୀ। ଆବାସିକ ଛାତ୍ରୀ ନିବାସରେ ନାବାଳିକା ଅନ୍ତେବାସୀ ଗର୍ଭବତୀ ହେବା ଘଟଣା ବୃଦ୍ଧି ପାଉଥିବା ନେଇ ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ଉଦ୍‌ବେଗଜନକ ତଥ୍ୟ ଦେଇଛନ୍ତି। ସରକାରୀ ରିପୋର୍ଟ ଅନୁଯାୟୀ, ଗତ ୨୦୨୫-୨୬ ଶିକ୍ଷା ବର୍ଷରେ ରାଜ୍ୟର ବିଭିନ୍ନ ହଷ୍ଟେଲରେ ରହୁଥିବା ମୋଟ ୧୫ ଜଣ ନାବାଳିକା ଗର୍ଭବତୀ ହୋଇଥିଲେ। ଏହି ସଂଖ୍ୟା ବିଗତ ବର୍ଷଗୁଡ଼ିକ ତୁଳନାରେ ଅଧିକ ଥିବାରୁ ଏହା ହଷ୍ଟେଲ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଚିନ୍ତା ବଢ଼ାଇ ଦେଇଛି। ବିଶେଷକରି ଜିଲ୍ଲାୱାରୀ ତଥ୍ୟକୁ ଅନୁଧ୍ୟାନ କଲେ କନ୍ଧମାଳ ଜିଲ୍ଲାରେ ସର୍ବାଧିକ ୫ ଜଣ ନାବାଳିକା ଗର୍ଭବତୀ ହୋଇଥିବା ବେଳେ କୋରାପୁଟ ଜିଲ୍ଲାରେ ୪ ଜଣ ଛାତ୍ରୀ ଏହି ତାଲିକାରେ ରହିଛନ୍ତି। ଆଦିବାସୀବହୁଳ ଏହି ଅଞ୍ଚଳଗୁଡ଼ିକରେ ହଷ୍ଟେଲ ରହଣି ସମୟରେ ଏଭଳି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏହା ପୂର୍ବରୁ ୨୦୨୪-୨୫ରେ ରାଜ୍ୟର ଆବାସିକ ଛାତ୍ରୀ ନିବାସଗୁଡ଼ିକରେ ମୋଟ ୯ ଜଣ ଆଦିବାସୀ ନାବାଳିକା ଗର୍ଭବତୀ ହୋଇଥିବା ରେକର୍ଡ କରାଯାଇଥିଲା। ଗୋଟିଏ ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ବୃଦ୍ଧି ଘଟିବା ପରେ ବିଦ୍ୟାଳୟ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ନିୟମାବଳୀ ଓ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଓଡ଼ିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ପାଇଁ ଜମି ନାହିଁ

ଓଡ଼ିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ପାଇଁ ଆଉ ଜମି ଉପଲବ୍ଧ ନାହିଁ। ଏଥିପାଇଁ ୨୦୦୯ରେ ରାଜ୍ୟ ସରକାର ଯେଉଁ ଜମି ଯୋଗାଇ ଦେଇଥିଲେ, ୨୦୧୮ରେ ତାହାକୁ ବିଏମସିକୁ ହସ୍ତାନ୍ତର କରିଦେଇଛନ୍ତି। ଓଡ଼ିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ଭାଷା ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ଭୁବନେଶ୍ୱରର ଖାରବେଳ ନଗରରେ ୨୦୦୯ରେ ଏକ ଜମି ଯୋଗାଇ ଦେଇଥିଲେ। ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୫-୦୬ ଆର୍ଥିକ ବର୍ଷରେ ୧ କୋଟି ୫ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଯୋଗାଇ ଦେଇଥିବା ଜମିକୁ ୨୦୧୮ରେ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରାଯାଇଛି। ବର୍ତ୍ତମାନ ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ନିର୍ମାଣ ପାଇଁ କୌଣସି ଜମି ଉପଲବ୍ଧ ନାହିଁ। ପ୍ରତିଷ୍ଠାନର କାର୍ଯ୍ୟାଳୟ ଏବେ ସଂସ୍କୃତି ଭବନଠାରେ ଚାଲୁଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ ୨୦୦୬ରୁ ଏକ ସ୍ୱୟଂଶାସିତ ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି। ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ କମିଟି ଓ ସାଧାରଣ ପରିଷଦ ଦ୍ୱାରା ସର୍ବମୋଟ୍ ୩୧ଟି ପଦବୀ ସୃଷ୍ଟି କରାଯାଇଛି।

### ବଖରାଏରେ ୭୦୨ଟି ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ହେଉଛି

ରାଜ୍ୟର ୭୦୨ଟି ପ୍ରାଥମିକ ବିଦ୍ୟାଳୟର ରହିଛି ବଖରାଏ କରି ଶ୍ରେଣୀଗୃହ। ଏଠାରେ ପିଲାଏ ପାଠ ପଢୁଛନ୍ତି। ସେହିଭଳି ଏହିସବୁ ବିଦ୍ୟାଳୟରେ ଜଣେ କରି ଶିକ୍ଷକ ବି ପାଠପଢ଼ା ଦାୟିତ୍ୱରେ ରହିଛନ୍ତି। ରାଜ୍ୟରେ ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ଉପସ୍ଥିତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୨୬ ହଜାର ୭୭୭ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ୧୫ ହଜାର ୭୨୪ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୪୯୧୮ଟି ସରକାରୀ ମାଧ୍ୟମିକ ବିଦ୍ୟାଳୟ ଓ ୯୮୨ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ରାଜ୍ୟର ୭୦୨ଟି ପ୍ରାଥମିକ ସରକାରୀ ବିଦ୍ୟାଳୟରେ ଜଣେ କରି ଶିକ୍ଷକ ଥିବା ବେଳେ ୪୨ଟି ଉଚ୍ଚ ପ୍ରାଥମିକ, ୨ଟି ମାଧ୍ୟମିକ ଓ ୮୭ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ କରି ଶିକ୍ଷକ ପାଠ ପଢ଼ାଉଛନ୍ତି। ସେହିଭଳି ୭୦୨ଟି ପ୍ରାଥମିକ ବିଦ୍ୟାଳୟର ବଖରାଏ କରି ଶ୍ରେଣୀ ଗୃହ ଥିବା ବେଳେ ୩୭ଟି ଉଚ୍ଚ ମାଧ୍ୟମିକ ଓ ୭୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବି ବଖରାଏ ଘରେ ଚାଲିଛି।

■ ପୁରୀରେ ପର୍ଯ୍ୟଟକ ଦମ୍ପତିଙ୍କୁ ନିର୍ଯାତନା ଘଟଣା

# ପର୍ଯ୍ୟଟକଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ବିଫଳ

**ବିଜେପି କ୍ଷମତାକୁ ଆସିବା ପରେ ପର୍ଯ୍ୟଟକଙ୍କ ସଂଖ୍ୟା ୧୨% କମିଛି**



ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାର କପିଳାସଠାରେ ଜଣେ ଯୁବତୀ ଓ ତାଙ୍କର ଯୁବକ ସାଥୀଙ୍କ ଉପରେ ଅତ୍ୟାଚାର ଘଟଣାକୁ ୭୨ ଘଣ୍ଟା ପୂରି ନ ଥିବା ବେଳେ ପୁରୀର ଏକ ରେଷ୍ଟୁରାଣ୍ଟରେ ପର୍ଯ୍ୟଟକ ଦମ୍ପତିଙ୍କୁ ମାଡ଼ ମରାଯିବା ଘଟଣା ଓ ଗଣମାଧ୍ୟମ ସମ୍ମୁଖରେ ଏହି ଦମ୍ପତି ଜୀବନ ଥିବା ଯାଏଁ ଆଉ କେବେ ପୁରୀ ଆସିବେ ନାହିଁ ବୋଲି ମନ୍ତବ୍ୟ ଦେବା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ପ୍ରଦର୍ଶିତ କରୁଛି ବୋଲି ବିଜେଡି କହିଛି। ବିଜେପି ସରକାରଙ୍କର ଗତ ଅଢ଼େଇ ବର୍ଷ ଶାସନରେ ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ବିଜେଡି ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି ଯେ ଗତ ଅଢ଼େଇ ବର୍ଷର ବିଜେପି ଶାସନରେ ନିୟମିତ ବ୍ୟବଧାନରେ ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସହ ଅଘଟଣ ଘଟିଚାଲିଛି। ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀକୁ ଗଣଦୁଷ୍କର୍ମ ଘଟଣାରେ ଓଡ଼ିଶାକୁ ସମଗ୍ର ଦେଶ ଓ ବିଦେଶରେ ଲଜ୍ଜିତ ଓ ନିନ୍ଦିତ ହେବାକୁ ପଡ଼ିଥିଲା। ଏବେ ପୁରୀ ସହରର ଏକ ରେଷ୍ଟୁରାଣ୍ଟରେ କର୍ଣ୍ଣାଟକରୁ ଆସିଥିବା ଦମ୍ପତିଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ଆସିଛି। ଏହି କାରଣରୁ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରାୟ ୧୨ ପ୍ରତିଶତ କମିଯାଇଛି।

# କଂଗ୍ରେସର ସିଇସିଙ୍କ କାର୍ଯ୍ୟାଳୟ ଘେରାଉ, ଭକ୍ତ ଗିରଫ

■ ମୁଖ୍ୟ ନିର୍ବାଚନ କମିଶନର ଦେଶଦ୍ରୋହୀ



ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଆଜି ନୁହେଁ, ଗତ ତିନି ବର୍ଷ ହେଲା ରାହୁଲ ଗାନ୍ଧି କହିଆସୁଛନ୍ତି 'ଭୋଟ୍ ଚୋରି' ହେଉଛି। ତାଙ୍କର ଅଭିଯୋଗ ସତ ପ୍ରମାଣିତ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଦାସ କହିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ଆଜି ମଧ୍ୟାହ୍ନରେ ଏଡିଏମ କାର୍ଯ୍ୟାଳୟଠାରୁ ଏକ ର୍‌ୟାଲିର ନେତୃତ୍ୱ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ ଅବସରରେ ଗଣମାଧ୍ୟମକୁ ସେ କହିଛନ୍ତି ଯେ ଗତବର୍ଷ ଅଗଷ୍ଟ ୭ରେ ରାହୁଲ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ପ୍ରମାଣ ସହ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ଆସନର ନକଲି ଭୋଟରଙ୍କ ତାଲିକା ଉପସ୍ଥାପନ କରିଥିଲେ। ଦେଶର ନିର୍ବାଚନ ପ୍ରକ୍ରିୟାକୁ 'ଚୋରି' କରିବାକୁ ମୋଦି ସରକାର ନିର୍ବାଚନ ଆୟୋଗକୁ ଅସ୍ତ୍ର ଭାବେ ବ୍ୟବହାର କରିଆସୁଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ(ସିଇସି) ଜ୍ଞାନେଶ କୁମାର ବିଜେପି ସରକାରର ହାତବାରିସୀ ସାଜି ଦେଶବ୍ୟାପୀ ତ୍ରୁଟିପୂର୍ଣ୍ଣ ଏସ୍‌ଆଇଆର କରାଇ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ହତ୍ୟା କରିବା ପ୍ରମାଣିତ ହୋଇଛି।

ଗତ ୧୦ ମାସ ମଧ୍ୟରେ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସାନ୍ଧୁ ଓ ବିବେକ ଯୋଶୀ ୧୪ ଥର ଆୟୋଗର ବିଭିନ୍ନ ନିଷ୍ପତ୍ତିରେ ଆପତ୍ତି ଉଠାଇଥିଲେ ମଧ୍ୟ ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସେମାନଙ୍କୁ ଏଡ଼ାଇ ଯାଇ ନିଜ ଇଚ୍ଛାନୁସାରେ ନିଷ୍ପତ୍ତି ନେଇଚାଲିଛନ୍ତି ବୋଲି ସ୍ପଷ୍ଟ ହୋଇଛି। ସେଠାରେ ଶ୍ରୀ ଦାସ ଓ କଂଗ୍ରେସର ଅନ୍ୟ ନେତୃବୃନ୍ଦଙ୍କୁ ଗିରଫ କରାଯାଇଥିଲା। ଏହାପରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଲୋୟର ପିଏମଜିରେ ପିସିସି ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଥିଲା। ଜ୍ଞାନେଶ ବିଦା ନ ହେବା ଯାଏ ଏହି ସତ୍ୟାଗ୍ରହ ଚାଲିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ଏସ୍‌ଆଇଆର୍ ପ୍ରସଙ୍ଗ: ଜନମତକୁ ବିଭ୍ରାନ୍ତ କରୁଛି ବିଜେଡି ଓ କଂଗ୍ରେସ: ବିରଞ୍ଚି

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ମତଦାତା ତାଲିକାର ଶୁଦ୍ଧିକରଣ କରିବା ପାଇଁ ଭାରତୀୟ ସମ୍ବିଧାନରେ ବ୍ୟବସ୍ଥା ରହିଛି। ସେ ବ୍ୟବସ୍ଥା ହେଉଛି ମତଦାତା ସୂଚୀର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିର୍ବାଚନ କମିଶନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯିବାର ବ୍ୟବସ୍ଥା ରହିଛି। ୧୯୫୨ ପରଠାରୁ ଦେଶରେ ୧୦ ଥର ଏପରି ସଂଶୋଧନ ହୋଇସାରିଛି। ପାଖାପାଖି ବର୍ଷେ ହେଲା ପର୍ଯ୍ୟାୟ କ୍ରମେ ବିଭିନ୍ନ ରାଜ୍ୟରେ ଏସଆଇଆର୍ କାମ ନିର୍ବାଚନ କମିଶନରଙ୍କ ନେତୃତ୍ୱରେ ଆରମ୍ଭ ହେଇ ସମାପ୍ତ ହେବା ସ୍ଥିତିରେ ପହଞ୍ଚିଛି। ଏଭଳି ସ୍ଥିତିରେ କୌଣସି ତଥ୍ୟ ନ ଥାଇ ବିଜେଡି ଓ କଂଗ୍ରେସ ବିଲିବିଲି ହେଉଛନ୍ତି ବୋଲି ଆଜି ଏକ ପ୍ରେସ୍ ବିବୃତିରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି



ନାରାୟଣ ତ୍ରିପାଠୀ କହିଛନ୍ତି। ସେ କହିଛନ୍ତି ଯେ ଏହି ଏସ୍‌ଆଇଆର୍‌କୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି କିଛି ରାଜନୈତିକ ଦଳ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପାଖକୁ ଯାଇଥିଲେ ଓ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏସ୍‌ଆଇଆରର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପରେ ବୈଧ ବୋଲି ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗ ପରି କିଛି ରାଜ୍ୟରେ ଉଚ୍ଚତମ ନ୍ୟାୟାଳୟ ମଧ୍ୟ ନିଜର ତଦାରଖରେ ଏହି ପ୍ରକ୍ରିୟାକୁ ସମାପ୍ତ କରିଛନ୍ତି। ସେ ସମୟରେ ଓଡ଼ିଶାରୁ ଅନେକ ବିଚାରପତି ମଧ୍ୟ ଏହି ପ୍ରକ୍ରିୟା ତଦାରଖ ପାଇଁ ପଶ୍ଚିମବଙ୍ଗକୁ ଯାଇଥିଲେ। ଓଡ଼ିଶାରେ ଏ ପ୍ରକ୍ରିୟା କିଛିଦିନ ତଳୁ ସମାପ୍ତ ହୋଇସାରିଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ବିଭିନ୍ନ ସମୟରେ ସାମ୍ବାଦିକ ସମ୍ମିଳନୀ କରି ଏବେ ଓଡ଼ିଶାରେ କେତେ ମତଦାତା ହେଲେ, କେତେ କଟିଲେ, କେଉଁ କାରଣରୁ ମତଦାତା କଟିଲେ ଓ କେତେ ନୂଆ ଯୋଡ଼ିହେଲେ, ବିସ୍ତୃତ ଭାବେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ଗୋଟେ ଖବରକାଗଜର ଲେଖାକୁ ନେଇ ଉଭୟ କଂଗ୍ରେସ ଓ ବିଜେଡି ବୟାନବାଜି କରିବା ଆରମ୍ଭ କରିଦେଇଛନ୍ତି। ଯଦି କିଛି ତଥ୍ୟ ଅଛି, ତା'ହେଲେ ତଥ୍ୟ ସହ ସମ୍ପୃକ୍ତ ରାଜନୈତିକ ଦଳ ଇଲେକ୍ସନ କମିଶନର କିମ୍ବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଫେରାଦ ହେବାକୁ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଛନ୍ତି।

ମାତ୍ର କଂଗ୍ରେସ ଓ ବିଜେଡି ଏହି ସଂଶୋଧନ ପ୍ରକ୍ରିୟାରେ ସହଯୋଗ ନ କରି ମିଛ ନାଟକବାଜିରେ ଲିପ୍ତ ରହୁଛନ୍ତି। ବାରମ୍ବାର ପରାଜୟ କାରଣରୁ ଉଭୟ ରାଜନୈତିକ ଦଳ ମାନସିକ ଅବସାଦରେ ଆକ୍ରାନ୍ତ। ନିର୍ବାଚନ କମିଶନରଙ୍କ ପରି ଏକ ସାମ୍ବିଧାନିକ ସଂସ୍ଥା ଉପରେ ବିନା ତଥ୍ୟରେ ଆରୋପ ଲଗାଇବା ସମ୍ବିଧାନ ପ୍ରତି ଗଭୀର ଅପମାନ। ଯଦି ତଥ୍ୟ ଅଛି, ତେବେ କୋର୍ଟ ଓ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୁଅନ୍ତୁ। ଯଥୋଚିତ ପଦକ୍ଷେପ ନ ନେଇ ନାଟକ ବାଜି କରିବା ଓ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ଏଚ୍‌ଏମ୍‌ଏସ୍ ନାମରେ ସମ୍ମିଳନୀ ନ କରିବାକୁ ତାଗିଦ୍

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ହିନ୍ଦ ମଜଦୁର ସଭା, ଓଡ଼ିଶା ଶାଖା ନାମରେ ଆସନ୍ତା ୨୭ରେ ହେବାକୁ ଥିବା ସମ୍ମିଳନୀକୁ ତୁରନ୍ତ ବନ୍ଦ କରିବାକୁ ହିନ୍ଦ ମଜଦୁର ସଭା (ଏଚ୍‌ଏମ୍‌ଏସ୍)ର ଜାତୀୟ ସମ୍ପାଦକ କମ୍ରେଡ୍ ହରଭଜନ ସିଂ ସିନ୍ଧୁ, ପୂର୍ବତନ ବିଧାୟକ ତଥା ହିନ୍ଦ୍ ମଜଦୁର ସଭାର ପୂର୍ବତନ ସାଧାରଣ ସମ୍ପାଦକ ପ୍ରଭାତ ତ୍ରିପାଠୀଙ୍କୁ କଡ଼ା ତାଗିଦ କରିଛନ୍ତି। ଏଭଳି ସମ୍ମିଳନୀକୁ ତୁରନ୍ତ ବନ୍ଦ କରିବାକୁ ସେ ଦିଲ୍ଲୀରୁ ଏକ ଚିଠି ମାଧ୍ୟମରେ କଡ଼ା ତାଗିଦ କରିଛନ୍ତି। କମ୍ରେଡ୍ ସିନ୍ଧୁ ଏକ ଚିଠି ମାଧ୍ୟମରେ ଉଲ୍ଲେଖ କରିଛନ୍ତି ଯେ ହିନ୍ଦ ମଜଦୁର ସଭା ଓଡ଼ିଶା ଶାଖାର ନିର୍ବାଚନ ଗତ ୧୩ ତାରିଖରେ ଏଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ସାଧାରଣ ସମ୍ପାଦକ ଭାବେ କମ୍ରେଡ୍ ଶଙ୍କର ପ୍ରସାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ରାଜ୍ୟ କମିଟିକୁ ନିର୍ବାଚିତ ହୋଇଛନ୍ତି। ଏଥିରେ ମିଳିତ ଭାବେ ସଂଗଠନକୁ ମଜବୁତ କରିବା ସହ ନୂତନ କମିଟି ପାଇଁ ନିର୍ବାଚନ କରିବାକୁ ସେ ପରାମର୍ଶ ଦେଇଥିଲେ। କିନ୍ତୁ ଏହାକୁ ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାତ ତ୍ରିପାଠୀ କର୍ଣ୍ଣପାତ କରି ନ ଥିଲେ କିମ୍ବା ଦିଲ୍ଲୀକୁ କୌଣସି ସଠିକ ଉତ୍ତର ଦେଇ ନ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏବର ନୂଆ ରାଜ୍ୟ ସଭାପତି କମ୍ରେଡ୍ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ ଘଟଣାକୁ ବୁଝି ସାରା ଓଡ଼ିଶାରେ ଥିବା ହିନ୍ଦ୍ ମଜଦୁର ସଭା ସଂଗଠନର ସମସ୍ତ ଶ୍ରମିକମାନଙ୍କୁ ଏଚ୍‌ଏମଏସ୍‌କୁ ମଜବୁତ କରିବାକୁ ଡାକରା ଦେଉଛନ୍ତି। ସଂଗଠନକୁ ନୂଆ ଦିଶା ଦେବା ପାଇଁ ସାରା ରାଜ୍ୟ ବୁଲି ସଂଗଠନକୁ ଚଳଚଞ୍ଚଳ କରି ରାଜ୍ୟ ସମ୍ମିଳନୀ କରିବା ସହ ନୂତନ କମିଟି ନିର୍ବାଚନ ମଧ୍ୟ କରାଇଥିଲେ। ଏଥିରେ ଜାତୀୟ ଏଚଏମଏସର ସମସ୍ତ ଟ୍ରେଡ୍ ନେତୃବୃନ୍ଦଙ୍କ ପରାମର୍ଶରେ ହୋଇଥିଲା। ଏପରିକି କେନ୍ଦ୍ରୀୟ ଏଚଏମଏସ ସ୍ତରରୁ ଦୁଇ ଜଣ ଜାତୀୟ ନେତୃବୃନ୍ଦ ଉପସ୍ଥିତ ମଧ୍ୟ ଥିଲେ। ପ୍ରାୟ ୪୦ ଭାଗ ଆଫିଲେଟେଡ ଏଚଏମଏସ ସଂଗଠନର ଶ୍ରମିକ ପ୍ରତିନିଧି ଶ୍ରୀ ସ୍ୱାଇଁଙ୍କୁ ନିଜର ରାଜ୍ୟ ସଭାପତି ଭାବେ ନିର୍ବାଚିତ କରିଥିଲେ। ତେଣୁ ଏହି କମିଟିକୁ କେନ୍ଦ୍ରୀୟ ଏଚଏମଏସ ପକ୍ଷରୁ ସ୍ୱୀକୃତି ମଧ୍ୟ ପ୍ରଦାନ କରାଯାଇଥିଲା।

# ବିଜୁଳି ଉପଭୋକ୍ତାଙ୍କର ସବୁ ବକେୟା ଶୁଳ୍କ ଛାଡ଼ ଦାବି

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଓଡ଼ିଶାରେ ପ୍ରଥମେ ୧୯୯୪-୯୫ରେ ବିଶ୍ୱବ୍ୟାଙ୍କ ସହାୟତାରେ ବିଜୁଳି ସଂସ୍କାର ବା ବିଜୁଳିର ଘରୋଇକରଣ ଆରମ୍ଭ ହୋଇଥିଲା। ସେତେବେଳେ ସରକାର ରାଜ୍ୟର ୧୦ ଲକ୍ଷ ବିଜୁଳି ଉପଭୋକ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ବିଜୁଳି ସଂସ୍କାର ହେଲେ ଉପଭୋକ୍ତାମାନେ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ, ଗୁଣାତ୍ମକ ବିଜୁଳି ସେବା ପାଇପାରିବେ। ଇତିମଧ୍ୟରେ ଏହି ସଂସ୍କାରକୁ ୩୧ ବର୍ଷ ବିତିସାରିଛି। କିନ୍ତୁ ଓଡ଼ିଶାରେ ବିଜୁଳି ଶସ୍ତା, ସୁଲଭ, ନିରବଚ୍ଛିନ୍ନ ଓ ଗୁଣାତ୍ମକ ହୋଇପାରିନାହିଁ। ବରଂ ବିଜୁଳି ବଳକା ରାଜ୍ୟରେ ବିଜୁଳି ମହଙ୍ଗା ହେବାରେ ଲାଗିଛି। ରାଜ୍ୟ ସରକାର ବଡ଼ ବଡ଼ ଶିଳ୍ପପତିଙ୍କର ହଜାର ହଜାର କୋଟି ଟଙ୍କାର ବିଜୁଳି ବିଲ୍ ଛାଡ଼ କରୁଥିଲା ବେଳେ ବନ୍ୟା ଯୋଗୁଁ ମାସ ମାସ ଧରି କଲବଲ ହେଉଥିବା ସାଧାରଣ ଖାଉଟି ଓ ଚାଷୀଙ୍କ ବିଜୁଳି ବିଲ୍ ଛାଡ଼ କରୁନାହାନ୍ତି। ସରକାର ଯଦି ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କର ବିଜୁଳି ବିଲ ଛାଡ଼, ଅଧିକ ଆଦାୟ ହୋଇଥିବା ୭୮୦୧ କୋଟି ଟଙ୍କା ଫେରାଇବା ପାଇଁ ପଦକ୍ଷେପ ନ ନିଅନ୍ତି, ତା'ହେଲେ ଆଗାମୀ ଦିନରେ ମହାସଂଘ ରାଜରାସ୍ତାରେ ଏହାର ପ୍ରତିବାଦ କରିବ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା କହିଛନ୍ତି।

# ଭୁବନେଶ୍ୱର ଜିଲ୍ଲା ଦାବି, ରାଜ୍ୟପାଳଙ୍କୁ ଦାବିପତ୍ର

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି କରିଛି ଭୁବନେଶ୍ୱର ଜିଲ୍ଲା ଅଭିଯାନ। ଜିଲ୍ଲା ଅଭିଯାନର ମୁଖ୍ୟ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଆଜି ବିଭିନ୍ନ ଅନୁଷ୍ଠାନର

**ଘୋଷଣା ହେବା ପର୍ଯ୍ୟନ୍ତ ଚାଲୁ ରହିବ ଅଭିଯାନ**

ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଗୋଟିଏ ଗୋଟିଏ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି। ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ତାଲିକାରେ ରଖିଥିବାରୁ ଶ୍ରୀ ସାହୁ ଧନ୍ୟବାଦ ଜଣାଇବା ସହ ଏହାକୁ ବିଧିବଦ୍ଧ ଘୋଷଣା କରିବାକୁ ଦାବି କରିଛନ୍ତି। ବିଭିନ୍ନ ଅନୁଷ୍ଠାନ ସମୂହର ମିଳିତ ସ୍ୱର 'ମିଳିତ ମଞ୍ଚ'ର ଶାଖା ଭୁବନେଶ୍ୱର ଜିଲ୍ଲା ଅଭିଯାନ ପକ୍ଷରୁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା



କରିବାକୁ ଦାବିରେ ରାଜଭବନ ସମ୍ମୁଖରେ ମୁରବୀମାନେ ଏକାଠି ହୋଇ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ହେବା ପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନକୁ ନେଇ ଶାନ୍ତିପୂର୍ଣ୍ଣ ଅଭିଯାନ ଚାଲୁ ରହିବ ବୋଲି ଜିଲ୍ଲା ଅଭିଯାନର ମୁଖ୍ୟ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ହାଇକୋର୍ଟ ଆଇନଜୀବୀ ସରୋଜ କୁମାର ସାହୁ, ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ଗଦାଧର ଦାସ, ସେବାୟତ ଗୋପାଳ ମକଦ୍ଦମ, ସାହାଯ୍ୟ ଗ୍ରୁପ ସମ୍ପାଦକ ଜ୍ଞାନ ପ୍ରକାଶ ପାଲଙ୍କ ସମେତ ବହୁ ଓକିଲ ନେତା, ସାମ୍ବାଦିକ ନେତା, ସେବାୟତ ଆଦି ସାମିଲ ଥିଲେ।

ଶ୍ରୀ ସାହୁ କହିଥିଲେ ଯେ ବର୍ତ୍ତମାନ ଭୁବନେଶ୍ୱରର ଜନସଂଖ୍ୟା ଯଥେଷ୍ଟ ବଢ଼ିଲାଣି। ୧୯୯୨ର ଜିଲ୍ଲା ଗଠନ ବେଳେ ଏହାର ଲୋକସଂଖ୍ୟା ଥିଲା ମାତ୍ର ୧୧ ଲକ୍ଷ। ମାତ୍ର ଏବେ ଏହା ବଢ଼ି ୨୩ ଲକ୍ଷରେ ପହଞ୍ଚିଲାଣି। ଭୁବନେଶ୍ୱରରେ ସବୁ ସରକାରୀ କାର୍ଯ୍ୟାଳରେ କାର୍ଯ୍ୟ କରୁଥିବା ବେଳେ ୩ ନିର୍ବାଚନମଣ୍ଡଳୀରେ ଲୋକସଂଖ୍ୟା ୧୩ ଲକ୍ଷରେ ପହଞ୍ଚିଲାଣି। ଭୁବନେଶ୍ୱରରୁ ଜଣେ ସାଧାରଣ ଲୋକ ସେଠାରୁ ଖୋର୍ଦ୍ଧାରେ ପହଞ୍ଚିବାକୁ ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ସେହିପରି ବାଲିଅନ୍ତା ବାଲିପାଟଣା ଖୋର୍ଦ୍ଧାକୁ ଗଲେ ସକାଳୁ ସନ୍ଧ୍ୟା ହୋଇଯିବ। ଭୁବନେଶ୍ୱରକୁ ଜିଲ୍ଲା ଗଠନ ପାଇଁ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତଃ ସତ୍ୟପ୍ରିୟ ମହାନ୍ତି ପ୍ରସ୍ତାବ ରଖି ବହୁ କାର୍ଯ୍ୟାଳୟ ଏଠାରେ ସ୍ଥାପନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ନନ୍ଦିନୀ ଶତପଥୀ ମଧ୍ୟ ଭୁବନେଶ୍ୱରକୁ ଜିଲ୍ଲା ମାନ୍ୟତା ଦେବା ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏପରି ବହୁ କାରଣ ପାଇଁ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବା ଆବଶ୍ୟକ ଥିବାରୁ ପୂର୍ବରୁ ମଞ୍ଚ ପକ୍ଷରୁ ଭୁବନେଶ୍ୱର ପ୍ରାୟ ସବୁ ପୂଜା କମିଟିର ମୁଖ୍ୟ, ଭୁବନେଶ୍ୱର ବାଲିଯାତ୍ରା, ଭୁବନେଶ୍ୱର ଉପକଣ୍ଠର ଗ୍ରାମବାସୀ, ଓକିଲ ସଂଘ, ବାଲିପାଟଣା, ବାଲିଅନ୍ତା, ନଖରା ଆଦି ଅଞ୍ଚଳରୁ ୩୫ ହଜାର ମୁରବୀଙ୍କ ଦସ୍ତଖତ ଲିଙ୍ଗରାଜ ସାହୁଙ୍କ ଆବାହକତ୍ୱରେ ସଂଗ୍ରହ କରାଯାଇଛି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶନିବାର ୨୬ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର

Saturday 26 September 2026, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଗଣତନ୍ତ୍ର ପ୍ରତି ଗମ୍ଭୀର ଚ୍ୟାଲେଞ୍ଜ

ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଦ୍ୱାରା ୨୦୨୫ ମସିହାରୁ ଆରମ୍ଭ ହୋଇଥିବା ବିଶେଷ ଗହନ ପୁନରୀକ୍ଷଣ (ସ୍ପେସିଆଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ବା ଏସଆଇଆର) ବର୍ତ୍ତମାନ ଏକ ବଡ଼ ରାଜନୈତିକ ଓ ସାମାଜିକ ବିବାଦର କେନ୍ଦ୍ରରେ ରହିଛି। ଏହି ପ୍ରକ୍ରିୟାର ଉଦ୍ଦେଶ୍ୟ ଥିଲା ମୃତ, ଡୁପ୍ଲିକେଟ୍, ସ୍ଥାନାନ୍ତରିତ କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମ ବାହାର କରି ଭୋଟର ତାଲିକାକୁ ସଫା କରିବା। କିନ୍ତୁ ବିଭିନ୍ନ ରାଜ୍ୟରେ କୋଟି କୋଟି ନାମ ବିଲୋପ ହେବା ସହିତ ଅନେକ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡ଼ିକ ଏବଂ କିଛି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଏହାକୁ "ଭୋଟ ଚୋରି" ବା ତାଲିକା ମାନିପୁଲେସନ୍ ବୋଲି ଅଭିଯୋଗ କରୁଛନ୍ତି। ପ୍ରଶ୍ନ ଉଠୁଛି - ଗତ ନିର୍ବାଚନରେ ଭୋଟର ତାଲିକା ପ୍ରକୃତରେ ଜାଲ କିମ୍ବା ନିର୍ମିତ ହୋଇଥିଲା କି? ଏବଂ ଏହି ଅଭିଯୋଗ ଗଣତନ୍ତ୍ର ପାଇଁ କେତେ ବିପଦଜନକ?



ଏସଆଇଆର ପ୍ରକ୍ରିୟାରେ ବିହାର, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟରେ ଲକ୍ଷ ଲକ୍ଷ ନାମ ବିଲୋପ ହୋଇଛି। କିଛି ରିପୋର୍ଟ ଅନୁଯାୟୀ ସମଗ୍ର ଭାରତରେ ୧୦ କୋଟିରୁ ଅଧିକ ନାମ ବାହାର କରାଯାଇପାରେ। ଇସିଆଇ କହେ ଯେ ଏଗୁଡ଼ିକ ମୁଖ୍ୟତଃ ମୃତ, ସ୍ଥାନାନ୍ତରିତ ବା ଡୁପ୍ଲିକେଟ୍ ଭୋଟର। କିନ୍ତୁ ଅନେକ ସ୍ଥାନରେ "ଲଜିକାଲ୍ ଡିସକ୍ରେପାନ୍ସି" କିମ୍ବା ଏଆଇ ଆଲଗୋରିଦମ୍ ମାଧମରେ ନାମ ଫ୍ଲାଗ୍ ହୋଇଛି - ଯେପରି ନାମରେ ସାମାନ୍ୟ ଭୁଲ, ବୟସ ବ୍ୟବଧାନ କିମ୍ବା ପୁରୁଣା ୨୦୦୨-୦୩ ତାଲିକା ସହ ମେଳ ନଖାଇବା। ପଶ୍ଚିମବଙ୍ଗରେ ଅନେକ ନାମ ପରେ ଆପିଲ୍‌ରେ ଫେରି ଆସିଛି, ଯାହା ଦର୍ଶାଏ ଯେ ପ୍ରକ୍ରିୟାରେ ତ୍ରୁଟି ଥିଲା। ସୁପ୍ରିମକୋର୍ଟ ମଧ କିଛି ମାମଲାରେ ହସ୍ତକ୍ଷେପ କରିଛି ଏବଂ ପ୍ରକ୍ରିୟାର ବୈଧତା ସ୍ୱୀକାର କରିଥିଲେ ମଧ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛି।

ଏହା କହିବା ଯେ ଗତ ନିର୍ବାଚନରେ ଭୋଟର ତାଲିକା "ଜାଲ" ବା ଇଚ୍ଛାକୃତ ଭାବେ ନିର୍ମିତ ହୋଇଥିଲା, ତାହା ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ଓ ନିରପେକ୍ଷ ତଥ୍ୟ ଦ୍ୱାରା ପ୍ରମାଣିତ ହୋଇନାହିଁ। ତାଲିକାରେ ତ୍ରୁଟି, ଡୁପ୍ଲିକେଟ ଏବଂ ଅଯୋଗ୍ୟ ନାମ ଥିବା କଥା ସତ। କିନ୍ତୁ ବ୍ୟାପକ ସ୍ତରରେ ଇଚ୍ଛାକୃତ 'ଫାବ୍ରିକେସନ୍' ବା ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଲକ୍ଷ୍ୟ କରି ବିଲୋପ କରିବାର ନିଶ୍ଚିତ ପ୍ରମାଣ ନାହିଁ। କିଛି ଅନୁସନ୍ଧାନରେ ପୁରୁଣା ଠିକଣା, ଭୁଲ ଫଟୋ କିମ୍ବା ଗୋଟିଏ ଠିକଣାରେ ଅନେକ ନାମ ଦେଖାଯାଇଛି। ଏହା ପ୍ରଶାସନିକ ଦୁର୍ବଳତା ଏବଂ ହଡ଼ବଡ଼ିରେ କାର୍ଯ୍ୟ କରିବାର ପରିଣାମ ହୋଇପାରେ। ଇସିଆଇ କହେ ଯେ ଏହା ରୁଟିନ ପରିଷ୍କାର କାର୍ଯ୍ୟ ଏବଂ ଅନେକ ନାମ ପରେ ଯୋଡ଼ାଯାଇଛି। ରାଜନୈତିକ ଦଳଗୁଡ଼ିକ ନିଜ ସ୍ୱାର୍ଥ ଅନୁସାରେ ଏହାକୁ ବ୍ୟାଖ୍ୟା କରୁଛନ୍ତି - କେହି ଏହାକୁ ନାଗରିକତ୍ୱ ଯାଞ୍ଚ ବୋଲି କହୁଛନ୍ତି, କେହି ଭୋଟ ଚୋରି।

ଏହି ଅଭିଯୋଗ ନିଜେ ଗଣତନ୍ତ୍ର ପାଇଁ ଏକ ବଡ଼ ବିପଦ। ଭୋଟର ତାଲିକା ଗଣତନ୍ତ୍ରର ମୂଳ ଆଧାର। ଯଦି ଲୋକେ ବିଶ୍ୱାସ ହରାନ୍ତି ଯେ ତାଲିକା ନିରପେକ୍ଷ ନୁହେଁ, ତେବେ ନିର୍ବାଚନର ବୈଧତା ଉପରେ ପ୍ରଶ୍ନ ଉଠେ। ଅପ୍ରମାଣିତ ବା ଅତିରଞ୍ଜିତ ଅଭିଯୋଗ ସମାଜକୁ ବିଭାଜିତ କରେ, ପ୍ରତିଷ୍ଠାନ ଉପରେ ଅବିଶ୍ୱାସ ବଢ଼ାଏ ଏବଂ ସାଧାରଣ ନାଗରିକଙ୍କୁ ଭୋଟ ଦେବାରୁ ନିରୁତ୍ସାହିତ କରେ। ଅନ୍ୟପକ୍ଷରେ, ଯଦି ପ୍ରକୃତରେ ତ୍ରୁଟି ବା ପକ୍ଷପାତ ରହିଛି, ତେବେ ତାହାକୁ ସ୍ୱଚ୍ଛ ଭାବେ ସମାଧାନ ନକଲେ ଗଣତନ୍ତ୍ର ଦୁର୍ବଳ ହୁଏ। ଇସିଆଇ ଏକ ସାମ୍ବିଧାନିକ ସଂସ୍ଥା। ଏହାର ସ୍ୱାଧୀନତା ଓ ସ୍ୱଚ୍ଛତା ବଜାୟ ରଖିବା ଆବଶ୍ୟକ। ଆଭ୍ୟନ୍ତରୀଣ ମତଭେଦ, ଆପିଲ୍ ପ୍ରକ୍ରିୟାର ବିଳମ୍ବ ଏବଂ ଅସ୍ପଷ୍ଟ ଆଲଗୋରିଦମ ବ୍ୟବହାର ବିଶ୍ୱାସ କମାଇଥାଏ।

ଗଣତନ୍ତ୍ରର ସୁରକ୍ଷା ପାଇଁ ଆବଶ୍ୟକ ଯେ ସମସ୍ତ ପକ୍ଷ ତଥ୍ୟ ଉପରେ ନିର୍ଭର କରନ୍ତୁ, ରାଜନୈତିକ ଲାଭ ପାଇଁ ଅଭିଯୋଗ ନକରନ୍ତୁ। ଇସିଆଇ ସ୍ୱତନ୍ତ୍ର ଅଡିଟ, ସ୍ୱଚ୍ଛ ଡାଟା ପ୍ରକାଶ ଏବଂ ଦ୍ରୁତ ଆପିଲ୍ ସମାଧାନ କରିବା ଉଚିତ। ନାଗରିକମାନେ ମଧ ନିଜ ନାମ ଯାଞ୍ଚ କରିବା ଏବଂ ତ୍ରୁଟି ରିପୋର୍ଟ କରିବା ଦରକାର। ଗଣତନ୍ତ୍ର କେବଳ ନିର୍ବାଚନରେ ସୀମିତ ନୁହେଁ - ଏହା ବିଶ୍ୱାସ, ନ୍ୟାୟ ଓ ସମାନ ଅଧିକାର ଉପରେ ନିର୍ଭର କରେ। ସାଇଆର୍ ବିବାଦ ଏକ ସୁଯୋଗ - ଯେଉଁଠାରେ ଆମେ ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ ଓ ନିରପେକ୍ଷ କରିପାରିବା। ଅନ୍ୟଥା ଅବିଶ୍ୱାସର ବିଷ ଗଣତନ୍ତ୍ରର ମୂଳକୁ କ୍ଷତି ପହଞ୍ଚାଇବ। ସତ୍ୟ, ସ୍ୱଚ୍ଛତା ଓ ଜବାବଦିହିତା ହିଁ ଏହି ସଙ୍କଟରୁ ବାହାରିବାର ଏକମାତ୍ର ପଥ।

# ଆମେ ହିଁ ଶିକ୍ଷକ

**ହୃଷୀକେଶ ପ୍ରଧାନ**

ବାରମ୍ବାର କାଳି ଭରି ବ୍ୟବହାର କରାଯାଉଥିବା ଏକ ଫାଉଣ୍ଟେନ୍ ପେନ୍ ଓ କାଳି ସରିଗଲେ ଫିଙ୍ଗି ଦିଆଯାଉଥିବା ଆଉ ଏକ କଲମ ବିଷୟରେ ଚିନ୍ତା କରନ୍ତୁ। ଏହି ଦୁଇ କଲମର ଗଠନମୂଳକ ପାର୍ଥକ୍ୟ ଦୁଇଟି ଭିନ୍ନ ମନୋଭାବକୁ ପ୍ରକାଶ କରେ। ଗୋଟିଏ ଦୀର୍ଘ ସମୟ ପାଇଁ ସାଇତି ରଖି, ଯତ୍ନ ନେବା ଉଦ୍ଦେଶ୍ୟରେ ତିଆରି, ଅନ୍ୟଟି ବ୍ୟବହାର କରି ଫିଙ୍ଗି ଦେବା ପାଇଁ। ସେହିପରି, ଏକ ସାର୍ଟର ଛିଡ଼ିଯାଇଥିବା ବଟମ୍‌କୁ ଆମେ ପୁଣି ସିଲାଇ କଲେ, ଆମେ କେବଳ ସାର୍ଟକୁ ତା'ର ପୂର୍ବାବସ୍ଥାକୁ ଫେରାଇ ଆଣୁନେ, ବରଂ ତାହାକୁ ଆମ ପାଇଁ ଅଧିକ ମୂଲ୍ୟବାନ କରି ତୁଲାଉଛେ। ମଣିଷମାନଙ୍କ ମଧ୍ୟରେ ଥିବା ସମ୍ପର୍କ ପାଇଁ ମଧ୍ୟ ଏହା ସତ୍ୟ। କୌଣସି ଜିନିଷକୁ ମରାମତି କରିବାର ଅର୍ଥ ହେଉଛି ପ୍ରକୃତରେ ତାହା ପ୍ରତି ବିଶେଷ ଧ୍ୟାନ ଦେବା। ଏହା ସେହି ଦ୍ରବ୍ୟ ପାଇଁ ପୁଣି ଭଲ ପାଇବା ଫେରାଇ ଆଣେ। ପୁରୁଣା ବିଷୟ ପୁଣି ନୂଆ ପରି ଅନୁଭବ ହୁଏ। ମରାମତି କେବଳ ହାତର କୌଶଳ ନୁହେଁ; ଏହା ଏକ ମାନସିକ ଅଭ୍ୟାସ, ଯାହା ବାରମ୍ବାର ସେହି ଆଘାତ ବା ତ୍ରୁଟି ପାଖକୁ ଫେରିଆସେ। ଏହାର ଅର୍ଥ ହେଉଛି, ନୂଆ କିଣିବା ବଦଳରେ ପୂର୍ବବତ୍ ଜିନିଷକୁ ରଖିବାର ପସନ୍ଦ। ଏହି ଅର୍ଥରେ, ମରାମତି ପ୍ରକୃତରେ ଏକ ପ୍ରକାର ନବୀକରଣ।

ପ୍ରତ୍ୟେକ କଳା ବାସ୍ତବରେ ମରାମତିର ଏକ ସ୍ୱରୂପ। ଏହା ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉଭୟଙ୍କ ପାଇଁ ସ୍ୱାଭାବିକ। ଅଭ୍ୟାସ କରିବା ହେଉଛି ଏକ ପ୍ରକାର ମରାମତି। କଳାକାର ନିଜେ ମୃଦୁ ମରାମତିର ଆବଶ୍ୟକତାକୁ ନ ଜାଣି ସୁଦ୍ଧା ସେ ମଧ୍ୟ କରନ୍ତି। ଯେଉଁ ଯତ୍ନରେ ଆମେ ଛିଣ୍ଡା ଲୁଗାକୁ ସିଲାଇ କରି ମରାମତି କରୁ, ତାହା ଆମର କଳା ମାଧ୍ୟମରେ ନିଜକୁ ନିରନ୍ତର ମରାମତି କରୁଥିବା କାର୍ଯ୍ୟର ଏକ ବିସ୍ତାର। ଆମେ ମୌଳିକ ଚିନ୍ତନ ଓ ନୂଆ ଆରମ୍ଭର କଳ୍ପକାହାଣୀରେ ଶିକ୍ଷାଲାଭ କରିଥିବାରୁ ଆମେ କିଛି ସୃଷ୍ଟି କରିବାକୁ "ମରାମତି" ବୋଲି ଭାବୁନା। କିନ୍ତୁ ବାଇବଲରେ ଥିବା "ଏବଂ" ଶବ୍ଦକୁ ଦେଖିଲେ, ଏହା କେବଳ ଏକ ସଂଯୋଜକ ଶବ୍ଦ ନୁହେଁ। ଏହା ଦର୍ଶାଏ ଯେ, ସମସ୍ତ ସୃଷ୍ଟି କୌଣସି ବିଷୟର ମଝିରୁ ଆରମ୍ଭ ହୁଏ, ପୂର୍ବ ଜଡ଼ତାରେ ଜାରି ରହେ। ପ୍ରକୃତ ସୃଷ୍ଟି ହେଉଛି ତିଆରି କରିବା ଓ ଯୋଡ଼ିବା, କାଟିବା ଓ ଯୋଡ଼ିବା, ହରାଇବା ଓ ପାଇବାର ମିଶ୍ରଣ- ଏହା ଏକ ପୁନଃସ୍ଥାପନା ଜଣେ ବ୍ୟକ୍ତି କିମ୍ବା ପୃଥିବୀ ବଦଳୁଥିଲେ ମଧ୍ୟ ନିଜର ପରିଚୟ ବଜାୟ ରଖୁଥିବା ଭଳି ଅତୀତ ସହିତ ସଂଯୋଗ ରଖି ଆଗକୁ ବଢ଼ିବା ହେଉଛି "ମରାମତି"ର ପ୍ରକୃତ ଅର୍ଥ।

କବିତା ମଧ୍ୟ ଭାଙ୍ଗିବାରୁ ଜନ୍ମ ନିଏ। ଏଥିରେ ବ୍ୟବହୃତ ଶବ୍ଦଗୁଡ଼ିକୁ ଦେଖନ୍ତୁ- ଗୋଟିଏ ଧାଡ଼ି "କାଟିବା", ଧାଡ଼ି "ଭାଙ୍ଗିବା", କିମ୍ବା ଗୋଟିଏ ବାକ୍ୟ ଦ୍ୱାରା "ସଂକ୍ଷିପ୍ତ ହୋଇଯିବା"। କିନ୍ତୁ ଏନ୍‌ଜାମ୍ବମେଣ୍ଟ (ଗୋଟିଏ ବାକ୍ୟ ପରବର୍ତ୍ତୀ ଧାଡ଼ିକୁ ଚାଲିଯିବା) ଅସ୍ତ୍ରୋପଚାର ବା ସୁସ୍ଥତା ନୁହେଁ- ବରଂ ଏହା ଏକ ମାଳୀର କୌଶଳ, ଯାହା ଗଛକୁ ଅଧିକ ସୁନ୍ଦର ଭାବେ ବଢ଼ିବାକୁ ସାହାଯ୍ୟ କରେ। "ମରାମତି" ଶବ୍ଦଟି ମୂଳତଃ "ପ୍ରସ୍ତୁତ କରିବା"ର ଅର୍ଥ ବହନ କରେ। ଏହା ଦୈନନ୍ଦିନ ଜୀବନ ଓ ଆଧ୍ୟାତ୍ମିକତା ମଧ୍ୟରେ ଥିବା ସଂଯୋଗକୁ ଦେଖାଏ।

ମନେହୁଏ, ସୃଜନଶୀଳ ଲେଖା କର୍ମଶାଳାଗୁଡ଼ିକ ମଧ୍ୟ ଏହି "ମରାମତି"ର ଚିନ୍ତାଧାରା ଉପରେ ଆଧାରିତ। ଆମେ କହୁ "ଏହି ଲେଖାକୁ ଠିକ୍ କରିବାକୁ ପଡ଼ିବ", ଯେପରିକି କର୍ମଶାଳାଟି ବଦଳାଯାଉଥିବା ନୂଆ ଟାୟାର, ରଙ୍ଗ କରାଯାଉଥିବା ଏକ ଗ୍ୟାରେଜ୍। ଆଉ ଏହି ତୁଳନା ଅତ୍ୟଧିକ ସତ୍ୟ ମନେହୁଏ। ଗାଡ଼ି ଏକ ନିର୍ଦ୍ଦିଷ୍ଟ ଡିଜାଇନ୍ ଅନୁସାରେ ତିଆରି ହେଲାଭଳି ଭଲ ଲେଖା ଏକ ନିର୍ଦ୍ଧାରିତ ମଡେଲ୍‌କୁ ଅନୁସରଣ କରିବା ଉଚିତ। ବିଶ୍ୱାସଯୋଗ୍ୟ, ଆମେ ଯାହା କିଛି ବି ଲେଖୁ, ଲେଖିବାର ଏକମାତ୍ର "ଦକ୍ଷ" ଉପାୟରେ ଉପଲବ୍ଧ ଆକୃତିରେ ଫିଟ୍ ହେବା ଉଚିତ। ଶିକ୍ଷକଶିକ୍ଷୟିତ୍ରୀଙ୍କ ଭାଷାକୁ ମରାମତିର ଆବଶ୍ୟକତା କୋମଳ ଅଥବା କଠୋର ଭାବେ ସମାଲୋଚନା କରାଯାଉ। ଛାତ୍ରଛାତ୍ରୀମାନଙ୍କର ଭିନ୍ନ ଭିନ୍ନ ଭାଷା ଦକ୍ଷତା ଥିବା ସ୍ଥଳେ ଭାରତୀୟ ଶ୍ରେଣୀଗୃହରେ ଏହା ଶିକ୍ଷାଦାନ ଓ ସମାଲୋଚନାର ଏକ କ୍ଷତିକାରକ ଉପାୟ।

କିନ୍ତୁ ଲେଖିବାର କୌଶଳ କେବଳ ଏକ ପ୍ରାବିଧିକ ଦକ୍ଷତା ଭାବେ ଦେଖାଯିବା ଅନୁଚିତ। ଏହି ସଙ୍କୀର୍ଣ୍ଣ ଚିନ୍ତାଧାରା ପୁରୁଣା ଗ୍ରୀକ୍ ଶବ୍ଦ 'ଟେକ୍‌ନେ'ରୁ ଆସିଛି, ଯାହା ବିଶେଷଜ୍ଞ ଦକ୍ଷତା ଉପରେ ଗୁରୁତ୍ୱ ଦିଏ। ଯଦି ଆମେ ଏହି ଚିନ୍ତାଧାରାରୁ ଦୂରେଇ ଯାଇପାରିବା, ତେବେ ଆମେ ସୃଜନଶୀଳ ଲେଖାକୁ ସେହି ବ୍ୟାବସାୟିକ ବ୍ୟବସ୍ଥାରୁ ମୁକ୍ତ କରିପାରିବା। କର୍ମଶାଳା ଓ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମଗୁଡ଼ିକ ଯାହା "କ୍ରାଫ୍ଟ"କୁ ଏକ ବିକ୍ରୟଯୋଗ୍ୟ ଦକ୍ଷତାରେ ପରିଣତ କରି ଲାଭ ପାଉଛନ୍ତି। ଏହି ଶିଳ୍ପ ଲେଖକମାନଙ୍କୁ ନିଜ ଭିତରେ ଥିବା ପୂର୍ବ ନିର୍ଦ୍ଧାରିତ, ପ୍ରସ୍ତୁତ ବାର୍ତ୍ତା ପ୍ରତି ଧ୍ୟାନ ନ ଦେଇ ଏକ ପ୍ରକାର "ଫର୍ଚୁନ୍ କୁକି" ପରି କରିଦେଇଛି। ମରାମତି, ଏକ ଚିନ୍ତନ ଭାବେ, ଏହି ପ୍ରତିଯୋଗିତାମୂଳକ, ବଜାର-ଚାଳିତ "କ୍ରାଫ୍ଟ" ମାନସିକତା ଅପେକ୍ଷା ଅତ୍ୟଧିକ ନ୍ୟାୟସଙ୍ଗତ ଓ ସମସ୍ତଙ୍କ ପାଇଁ ଖୋଲା।

ମରାମତି ଓ ସୃଜନଶୀଳତା ଯେକୌଣସି ବ୍ୟକ୍ତି କରିପାରନ୍ତି। ଆମେ ନିଜକୁ ମରାମତି କରିପାରୁ ବୋଲି, ଆମେ ସମସ୍ତେ ଏକ ପ୍ରକାରେ ଶିକ୍ଷକ। ଏବଂ ଆମେ ମଧ୍ୟ ଆମର ନିଜର ସବୁଠାରୁ ନିକଟବର୍ତ୍ତୀ, କଠିନ ଛାତ୍ରଛାତ୍ରୀ।

ମୋବାଇଲ୍:୮୦୧୮୧୭୨୩୦୧



# କମାର ଶାଳ, ଶବ୍ଦ ଗୁଚ୍ଛର ମାଳ



**ପଙ୍କଜ କୁମାର ପାଣିଗ୍ରାହୀ**

ଆଜିକାଲି କମାର ଶାଳ ଆଉ ସହରାଞ୍ଚଳରେ ଦେଖିବାକୁ ମିଳୁନି କାଁ ଭାଁ କୋଉଠି ଗାଁରେ ରହିଥାଇ ପାରେ। ଯେଉଁଠି ଥିବ, ସେମାନଙ୍କ ବ୍ୟବସାୟ ଆଉ ପୂର୍ବ ଭଳି ଚାଲୁନଥିବ। ପୂର୍ବ ସମୟରେ କମାର ଶାଳରେ ଯାହାସବୁ ଆବଶ୍ୟକ ଯନ୍ତ୍ରପାତି ତିଆରି କରାଯାଉ ଥିଲା, ସେଗୁଡିକ ଆଜିକାଲି ବଡ଼ବଡ଼ କଳ କାରଖାନାରେ ସିଧା ବ୍ୟବହାର ଯୋଗ୍ୟ ପ୍ରସ୍ତୁତ ହୋଇ ବଜାରକୁ ଆସିଯାଉ ଅଛି। କମାର ଠାରୁ ଯଥେଷ୍ଟ କମ୍ ଦାମରେ ମଧ୍ୟ ମିଳୁଛି। ତେଣୁ କମାରଙ୍କ ଚାହିଦା ଆଉ ପୂର୍ବଭଳି ନାହିଁ। ସେମାନେ ଆଉ ପାରଂପରିକ ରୀତିରେ ପିଢ଼ିକୁ ପିଢ଼ି ସେହି କାମ କରୁନାହାନ୍ତି। କେତେକ ପ୍ରାପ୍ତ ବୟସ ପୁରୁଣା ଲୋକ ନିଜର ଜୀବିକା ଥିଲା ବୋଲି ସମୟ ଅତିବାହିତ କରିବା ଧାରାରେ ଯାହା କିଛି କରୁଛନ୍ତି। ତାର ମୂଲ୍ୟ କେବଳ ଜାଣୁଛନ୍ତି ସେମାନେ, ଯିଏ ସେମାନଙ୍କ ସହିତ ପୂର୍ବରୁ କାର୍ଯ୍ୟ କରି ଆସୁଥିଲେ। ତା ବ୍ୟତୀତ ଅତ୍ୟାଧୁନିକ ଆବଶ୍ୟକତାକୁ ପୁରଣ କରିବାରେ ଅସମର୍ଥ ସେମାନେ; ତାଙ୍କ ଠାରୁ ଆଧୁନିକ ଢଙ୍ଗର ଶସ୍ତା, ସୁନ୍ଦର, କ୍ଷଣସ୍ଥାୟୀ କାର୍ଯ୍ୟ ଆଶା କରାଯାଇ ନପାରେ ଆଜି ସମୟର ଆବଶ୍ୟକତାକୁ ପୁରଣ କରିବା ପାଇଁ।

ଆଜି କାଲିର କାରଖାନା ପ୍ରସ୍ତୁତ ଯନ୍ତ୍ର ଗୁଡିକ ତୁଳନାରେ ସେମାନଙ୍କ ଦ୍ୱାରା କରାଯାଉଥିବା କାମ ଗୁଡିକ ଅଧିକ ଶକ୍ତିଶାଳୀ ଓ ଦିର୍ଘସ୍ଥାୟୀ ହେଉଥିଲା। ସେହି କାର୍ଯ୍ୟ କେବଳ କମାର ହିଁ କରୁଥିଲେ ଯାହା ଅନ୍ୟ କେହି କରୁନଥିଲେ। ଆଜିକାଲିର ପିଲା କମାର ଶାଳ କେବେ ଦେଖି ନଥିବେ କି ତା ବିଷୟରେ ମଧ୍ୟ ଶୁଣି ନଥିବେ। ସେଇଠି କ'ଣ ହୁଏ ଜାଣି ମଧ୍ୟ ନଥିବେ। ଅନ୍ୟୁନ ୩୦-୩୫ ବର୍ଷ ବୟସରୁ ଅଧିକ ଲୋକଙ୍କୁ ହୁଏତ ତା ବିଷୟରେ କିଛି ଜଣାଥିବ ନିଶ୍ଚୟ। ଯେଉଁମାନେ ଜାଣନ୍ତି ନାହିଁ ସେମାନେ ଜାଣି ରଖନ୍ତୁ- ଆପଣ, ଯେ କୌଣସି ଆକୃତିର ଯେ କୌଣସି ଧାତୁ ଖଣ୍ଡିଏ / ଅନେକ ନେଇ ସେଇଥିରୁ ଯାହା କରିବାକୁ ଚାହିଁବେ; ସେ ସବୁ ସେଇଠି ସମ୍ଭବ ହେବ। ଆମ ଚାହିଦା ମୁତାବକ କୌଣସି ଯନ୍ତ୍ରଟିଏ କରିହେବ ଯାହା ଅତ୍ୟଧିକ ଶକ୍ତିଶାଳୀ ହେବା ସହିତ ଦୀର୍ଘସ୍ଥାୟୀ ହୋଇ କାର୍ଯ୍ୟ କରିବ। କମାର ଶାଳରେ ବିଭିନ୍ନ ଧାତୁ ତରଳାଇ, ତାକୁ ପିଟି, ଘଷି, ମାଜି ବହୁ କଷ୍ଟରେ ପ୍ରସ୍ତୁତ ହୁଏ ଏକ ଯନ୍ତ୍ର / ଯନ୍ତ୍ରାଂଶ।

ସେହିଭଳି ଅନେକ ଆଲୋଚନାତ୍ମକ ବିଚାର ମଧ୍ୟରେ ସରଳ, ଜଟିଳ, ଅତି ଜଟିଳ ଶବ୍ଦକୁ ନେଇ ଭାବ ଶୈଳୀରେ ପ୍ରସ୍ତୁତ ହେଉଥିଲା ଲେଖା ଓ କବିତା। କମାର ଶାଳ ଭଳି ଶବ୍ଦର ସଂଗ୍ରହ କରି ତାକୁ ଘଷି, ମାଜି ପ୍ରସ୍ତୁତ କରାଯାଉଥିଲା କୌଣସି ପାଠ, ଯାହା ଯୁଗ ଯୁଗାନ୍ତର ପର୍ଯ୍ୟନ୍ତ ତାର ସୌନ୍ଦର୍ଯ୍ୟ ବଜାୟ ରଖିପାରିବ। ସେଗୁଡିକ ପଠନ ଉପଯୋଗୀ ହେବା ସହିତ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ଭାବେ ବ୍ୟବହାର୍ଯ୍ୟ। ବୁଝିବା ସାମାନ୍ୟ କଷ୍ଟକର ଥିଲେ ମଧ୍ୟ ଅତ୍ୟନ୍ତ ଭାବ ଗାମ୍ଭିର୍ଯ୍ୟର ମହତ୍ୱ ସହିତ ମଣିଷର ପ୍ରେରଣାର ଉତ୍ସ ଭଳି କାର୍ଯ୍ୟ କରିଥାଏ। ଭାଷା, ସାହିତ୍ୟ ଗୋଟିଏ ଜାତିର ପରିଚୟର ମାନଦଣ୍ଡ ହୋଇଥାଏ ଯାହା ସେହି ପୁରୁଣା ଲେଖକ, କବିଙ୍କ ଲେଖନୀରୁ ନିସୃତ ହେଉଥିଲା।

ମୁଖ୍ୟତଃ ମଣିଷ ମସ୍ତିଷ୍କର ବିଚାରଧାରାକୁ ଆନ୍ଦୋଳିତ କରି ସୃଜନଶୀଳତା ସୃଷ୍ଟି କରିବାରେ ସେଗୁଡିକର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ପଠନରେ ମାନସିକ ଆନ୍ଦୋଳନାତ୍ମକ ବିଚାର ସୃଷ୍ଟି ନହେଲେ ତାହା ମଣିଷର ପ୍ରାକୃତିକ ବୌଦ୍ଧିକ ଚେତନାକୁ ବିକାଶ କରିପାରିବ ନାହିଁ। ମୂଲ୍ୟହୀନ ଲେଖା ପଢ଼ିବା ଦ୍ୱାରା ଓଲଟା ମଣିଷର କ୍ରମବିକାଶଶୀଳ ଚେତନା ବିକ୍ଷିପ୍ତ ହେବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ପାରିବ ନାହିଁ। ମୂଲ୍ୟହୀନ, ଅଯୌକ୍ତିକ ପାଠ ପଢ଼ିବା ଦ୍ୱାରା ମଣିଷର ବିପରୀତମୁଖୀ ଚେତନା ମଧ୍ୟ ସୃଷ୍ଟି ହୋଇପାରେ। ସେଗୁଡିକ ପଠନ ଯୋଗ୍ୟ ନୁହେଁ ଏବଂ ନିଶ୍ଚିତ ବର୍ଜନ କରାଯିବା ଆବଶ୍ୟକ।

ସମୟ ବଦଳିଗଲା। ଆଧୁନିକତାର ଦ୍ୱାହିଦେଇ ମଣିଷର ବିଚାରଧାରାକୁ କଳୁଷିତ କରାଗଲା। ବ୍ୟବସାୟର ନୂତନ ଢାଞ୍ଚାରେ ସମାଜକୁ ପରିବର୍ତ୍ତନ କରାଗଲା। ଯାନ୍ତ୍ରିକ ବ୍ୟବହାର ମାଧ୍ୟମରେ ମଣିଷକୁ ଯନ୍ତ୍ରରେ ପରିଣତ କରାଗଲା। ଫଳରେ ମଣିଷର ମସ୍ତିଷ୍କ ଯନ୍ତ୍ର ଭଳି କ୍ଷିପ୍ର ଗତିରେ କାର୍ଯ୍ୟ କରିବାକୁ ଲାଗିଲା। ଥରେ ଚାର୍ଜ କଲେ ଅଜସ୍ର ଉତ୍ପାଦ ସୃଷ୍ଟି ହେବା ଭଳି ବିଚାର ସୃଷ୍ଟି ହେଲା ମଣିଷ ମସ୍ତିଷ୍କରେ। କୌଣସି କଥା / ବିଷୟକୁ ଆଉ ଅଧିକ ସମୟ ଭାବ ବିଚାର ମଧ୍ୟରେ ନରଖି ଯନ୍ତ୍ର ଭଳି ତତ୍‌କ୍ଷଣାତ୍ ଗ୍ରହଣ କରିବା ଦୃଷ୍ଟିଭଙ୍ଗୀ ସୃଷ୍ଟି ହେଲା ମନରେ। ତଦ୍ୱାରା ମଣିଷ ବହୁତ ଆଗକୁ ଯାଇପାରିବା ଭଳି ମନୋଭାବ ସୃଷ୍ଟି ହେଲା। ଯାହା ଆଜି ସମୟର ମାନସିକ ପରିସ୍ଥିତି ଦେଖିବାକୁ ମିଳୁଛି ପ୍ରାୟତଃ ସମସ୍ତଙ୍କ କ୍ଷେତ୍ରରେ। ସେହି କ୍ରମରେ ପୂର୍ବ ଭାରତୀୟ ଲେଖା, ସାହିତ୍ୟ ଗୁଡିକର



## ଏସବୁ ଓଡ଼ିଆ ଅସ୍ମିତାର ଫଳାଫଳ

ଶିଥିଳ ଭାବାତ୍ମକ ଶୈଳୀ ଗୁଡିକ ଲୋକଙ୍କ ମନରେ ଆନ୍ଦୋଳିତ କରିପାରିଲା ନାହିଁ। ସେଗୁଡିକୁ ପଢ଼ି ବୁଝି, ବିଚାରି ତାର ମର୍ମ ଗୁଡିକୁ ଆହରଣ କରିବା ସମୟ ସାପେକ୍ଷ ହୋଇଥାଏ। ଆଜିର ଅତ୍ୟାଧୁନିକ ଯନ୍ତ୍ର ମାନବ ପାଖରେ ସମୟ ସାପେକ୍ଷ କାର୍ଯ୍ୟର ଚାହିଦା ନାହିଁ। ତେଣୁ ପୂର୍ବ ସମୟର ଲେଖା, ପାଠ, କବିତା ଆଦି କମାର ଶାଳର ପରିସ୍ଥିତି ସଦୃଶ୍ୟ ଅଲୋଡ଼ା ହୋଇଗଲା। ବର୍ତ୍ତମାନ କାଁ ଭାଁ କୋଉଠି କିଏ ସେହି ପୁରୁଣା ଢାଂଚାରେ ଲେଖୁଥିବ କିମ୍ବା ତାକୁ କିଏ ପଢ଼ୁଥିବ, ସନ୍ଦେହ ! ସମସ୍ତଙ୍କୁ ଆବଶ୍ୟକ ହେଲା କ୍ଷିପ୍ର ପଠନ ଯାହା ଖୁବ୍ କମ୍ ସମୟ ମଧ୍ୟରେ ସମାପ୍ତ ହେବ। ସେଇଥିରୁ କ'ଣ ଲାଭ ହେବ, ନହେବ ବିଚାର ଶୂନ୍ୟ, କି'ନ୍ତୁ ସମୟ କ୍ଷୀଣ ହେବା ଆବଶ୍ୟକ।

ସେଠାରୁ ସୃଷ୍ଟି ହେଲା ଅସଂଖ୍ୟ ଶବ୍ଦ ଗୁଚ୍ଛର ମାଳ ପ୍ରସ୍ତୁତ କାରଖାନା ! ପୂର୍ବରୁ କମାର ଜାତି ଧାତୁ ନିର୍ମାଣ କରୁଥିଲେ। ଲେଖକ ଜାତି ଶବ୍ଦାବଳୀରେ ଯୁଗ ନିର୍ମାଣ କରୁଥିଲେ। ଆଜି ତ ଆଉ ଜାତିପ୍ରଥା ନାହିଁ। ଯିଏ ଯାହା ଚାହିଁଲେ କରୁଛନ୍ତି। ତେଣୁ ଯିଏ ଚାହିଁଲା ଲେଖାର ବିନ୍ଧାଣି ହୋଇ ଶବ୍ଦ ଗୁଚ୍ଛର ମାଳ ପ୍ରସ୍ତୁତ କରିବାରେ କିଛି ବାଧକତା ନାହିଁ। ପ୍ରବନ୍ଧ, ଗଳ୍ପ, ନାଟକ, କବିତା ଆଦିକୁ କେତେକ ଶବ୍ଦ ଗୁଚ୍ଛରେ ଅଳଙ୍କୃତ କରି ପ୍ରସ୍ତୁତ କରୁଛନ୍ତି ବିଭିନ୍ନ ଲେଖା। ଲେଖା ଗୁଡିକରେ ମାଧୁର୍ଯ୍ୟ ନାହିଁ, କି ପ୍ରେରଣା ! ସାମାଜିକତାର ନିଦର୍ଶନ ନାହିଁ କି ଭାବନାତ୍ମକ ଚେତନା ! କେବଳ କେତେକ ଶବ୍ଦକୁ ଯିଏ ଯୋଡି ପାରିଲା ସିଏ ଜଣେ ଲେଖକର ପରିଚୟ ପାଇଲା।

ତାକୁ ନେଇ କେତେ ସାହିତ୍ୟ ଅସାର ! କେତେଯେ ପୁରସ୍କାର ! ଗଣମାଧ୍ୟମରେ ପ୍ରଚାର ପ୍ରସାର, ତାର ସୀମା ନାହିଁ ! ଅସ୍ମିତା ବୋଲି ଏକ ଶବ୍ଦକୁ ବ୍ୟବହାର କରି ସାହିତ୍ୟ ସଭା ଠାରୁ ଆରମ୍ଭ କରି ଏକାଡେମୀ ହେଉ କି ଶାସନ ବ୍ୟବସ୍ଥା, ସବୁଠି ତାର ବ୍ୟବହାର ପ୍ରଚଣ୍ଡ। ଶବ୍ଦଟିର ଉପଯୋଗୀତା, ମୂଲ୍ୟବୋଧତା ଉପରେ ଚର୍ଚ୍ଚା, କାର୍ଯ୍ୟକ୍ଷମତା ଶୂନ୍ୟ। ଏସବୁ ସମାନ ଢଙ୍ଗରେ ବିଚାର ରଖିଥିବା ଲୋକଙ୍କ ମଧ୍ୟରେ ହିଁ ସୀମିତ। ଆଜିର ସମାଜକୁ ଆବଶ୍ୟକ ଥିବା କିମ୍ବା ସାମାଜିକ କାର୍ଯ୍ୟରେ ଉପଯୋଗ ହେବା ଭଳି କୌଣସି ତଥ୍ୟ ସେଗୁଡ଼ିକରେ ସ୍ୱପ୍ନ। ଦେଖିଲେ କି'ନ୍ତୁ ମନେ ହୁଏ ଯେ କେତେକ ଶବ୍ଦ ଗୁଚ୍ଛର ମାଳ କେବଳ, ଯାହାର ସାମାଜିକ ମୂଲ୍ୟବୋଧତା କେତେ / କ'ଣ ହୁଏତ ସେମାନଙ୍କୁ ହିଁ ଜଣାଥିବ; ଯାହା ସାଧାରଣ ଲୋକଙ୍କୁ ପ୍ରଭାବିତ କରିବାରେ ଅକ୍ଷମ।

ପୂର୍ବ କାଳରେ କମାର ହାତୁଡ଼ିରେ ପିଟି ପିଟି ଆବଡ଼ା, ଖାବଡ଼ା, ଖାଲ, ଢ଼େପ କରି ସମୟ ସାପେକ୍ଷ କୋଡ଼ି ତିଆରି କଲେ ସେସମୟରେ ତା'ର ଚାହିଦା ସେମିତି ଥିଲା। ସମାନ ଢଙ୍ଗରେ ପ୍ରସ୍ତୁତ ଲେଖା ଗୁଡିକର ମଧ୍ୟ ସେହି ଭଳି ଚାହିଦା ଥିଲା। ଆଜି ସମୟର କାରଖାନାରେ ପ୍ରସ୍ତୁତ କୋଡ଼ିର ସୌନ୍ଦର୍ଯ୍ୟ ତାଠାରୁ କେତେ ଗୁଣରେ ଅଧିକ। ତେଣୁ କମାରର ଚାହିଦା କ୍ଷୁର୍ଣ୍ଣ ହେବା ଭଳି, ପୂର୍ବ ସମୟର ଲେଖା, ଲେଖକ ମଧ୍ୟ ସେହି ସ୍ତରରେ ଆସି ପହଞ୍ଚି ଯାଇଛି କି ବୋଲି ଆମର ସନ୍ଦେହ ହେଉଛି। ପୁରାତନ ଲେଖା ଗୁଡିକର ସୌନ୍ଦର୍ଯ୍ୟ କି ମାଧୁର୍ଯ୍ୟ ନଥିବା ମନେ କରୁଛନ୍ତି ପାଠକ। ଆଜିର ଆଧୁନିକ ଲେଖା ପ୍ରତି ସମସ୍ତଙ୍କ ଯଥେଷ୍ଟ ଆକୃଷ୍ଟ ଭାବ। କି ବିକୃତ ତା'ର ଶରୀର ?! ସେଗୁଡିକୁ କୁହାଯାଉ ଅଛି ଆଧୁନିକ ସାହିତ୍ୟ, ଯାହା ଆମ ବିଦ୍ୟାର୍ଥୀଙ୍କୁ ମଧ୍ୟ ପଢ଼ାଯାଉଛି ଶିକ୍ଷା କ୍ଷେତ୍ରରେ ! ଆଧୁନିକ ସାହିତ୍ୟର ପାଠ ଗୁଡିକୁ ପଢ଼ିବା ବେଳକୁ ଲଜ୍ଜା ଅନୁଭବ କରୁଥିବେ ପ୍ରାକ୍ତନ ଲେଖକ, କବି ସମୂହ ! ତଥାପି ଦେଶ ମୋର ପ୍ରଗତିର ପଥେ ! ସମୟ କହିବ ତାର ଅସ୍ମିତା ଓ ମାଧୁର୍ଯ୍ୟର ପରିଭାଷା ଯାହା ଜାତିକୁ ଅଗ୍ରଗାମୀ କରିବ କି ପଶ୍ଚାତ୍‌ପଦ।

ଆଧୁନିକ ସାହିତ୍ୟ କହିଲେ କ'ଣ ତାର ଅର୍ଥ ହିଁ ଆମକୁ ବୁଝା ପଡୁନାହିଁ ଯାହାର ଲେଖକ, ସମ୍ପାଦକ, ପ୍ରକାଶକଙ୍କ ଡିଗ୍ରୀ ଖାଲି ଡକ୍ଟରେଟରେ ରହିଛି ! ଆମକୁ ପଢ଼ାଯାଇଥିବା କବି ସମ୍ରାଟ, ପଲ୍ଲୀ କବି, ଭକ୍ତ କବି, ବ୍ୟାସ କବିଙ୍କ ଭଳି ଅନେକ ପୁରୁଣା ସାହିତ୍ୟ କମାରଙ୍କ ଲେଖା ଗୁଡିକ ଆଜି ମୂଲ୍ୟହୀନ ହୋଇଯାଇଛି ବୋଧେ। ତେଣୁ ବାରଭାଷା ମିଶା ସାହିତ୍ୟକୁ ନେଇ ଆଧୁନିକ ସାହିତ୍ୟ ଗଠନ କରି ପିଲାଙ୍କୁ ପଢ଼ାଯାଉଛି। ସେହି କ୍ରମରେ ଆଜି କାଲିର ଲେଖକଙ୍କ ଲେଖା ମଧ୍ୟ ଅନୁରୂପ ହେଉଥିବା ଦେଖିବାକୁ ମିଳୁଛି। ଆଜିର ଆଧୁନିକ ସାହିତ୍ୟରେ ଅକୃତକାର୍ଯ୍ୟ ଆମେ-ଆମର ସେହି ପୁରାତନ ସାହିତ୍ୟ ଶିକ୍ଷାକୁ ନେଇ ଲଜ୍ଜିତ ହୋଇ ରହିବା ବ୍ୟତୀତ ଆଉ କିଛି ନୁହେଁ।

ଆଜିର ଆଧୁନିକ ସାହିତ୍ୟିକ, ଲେଖକ ଓ ପାଠକଙ୍କ ସାମାଜିକ ମୂଲ୍ୟବୋଧତା ରାଷ୍ଟ୍ରୀୟ ପ୍ରଗତିରେ କେତେ ସହାୟକ ହେଉଛି ଦେଖିବାକୁ ଚାହିଁ ବସିବା କଥା। ସାର୍ବଜନୀନ କ୍ଷେତ୍ରରେ ପ୍ରକାଶ କରାଯାଉଥିବା ସାଙ୍ଘାତିକ ଅତାର୍କିକ, ଅଯୌକ୍ତିକ, ମୂଲ୍ୟହୀନ ବିଷୟ ଗୁଡିକ ସମାଜକୁ ଦିନକୁ ଦିନ କେଉଁ ସ୍ତରକୁ ନେଇଯାଉ ଅଛି ତାହା ବୁଝିବାକୁ ନାହାନ୍ତି କେହି। କେବଳ ନିଜ ଆତ୍ମସନ୍ତୁଷ୍ଟି ପାଇଁ କିଏ ବହି ଲେଖୁଛନ୍ତି, କିଏ ଆଲେଖ୍ୟ ତ କିଏ ଗଳ୍ପ ହେଉ କି ନାଟକ ଅବା କବିତା। ସେଗୁଡିକର ସାମାଜିକ ମୂଲ୍ୟବୋଧ କ'ଣ?! ସେଗୁଡିକ ସମାଜରେ କୌଣସି ପରିବର୍ତ୍ତନ ଆଣିବ ନା କେବଳ ଲେଖକଙ୍କ ନାମକୁ ସ୍ମରଣ କରାଯିବ? କ'ଣ ଲେଖୁଛନ୍ତି ମହାଶୟ ଆପଣ ନିଜକୁ ନିଜେ ହିଁ ପଚାରି ଦେଖିବା ଆବଶ୍ୟକ ! ଏକଥା ସମସ୍ତଙ୍କୁ ବୁଝିବାକୁ ହେବ...

**ୟୁ-ଟ୍ୟୁବ- ସାମାଜିକ ଜନମଞ୍ଚ (ଭାରତ)**
**ଛତ୍ରପୁର, ଗଂଜାମ, ମୋବାଇଲ୍:୯୪୩୭୩୨୪୯୧୭**

# ପିଲାଦିନ: ସରଳ ଖୁସିର ସେହି ଅଭୁଲା ଦିନ

**ଡ. ସତ୍ୟଜିତ ନାୟକ, ଆଇପିଏସ୍**



ଜୀବନରେ କିଛି ମୁହୂର୍ତ୍ତ ଏମିତି ଥାଏ, ଯାହାକୁ ସମୟ କେବେ ମିଟାଇପାରେ ନାହିଁ। ବର୍ଷ ପରେ ବର୍ଷ ବିତିଯାଏ, ସ୍ଥାନ ବଦଳିଯାଏ, ଦାୟିତ୍ୱବଢ଼ିଯାଏ, ଜୀବନର ଗତି ଦ୍ରୁତ ହୋଇଯାଏ, ତଥାପି ପିଲାଦିନର ସ୍ମୃତିମନ ଭିତରେ ନିରବରେ ବଞ୍ଚି ରହିଥାଏ। ପିଲାଦିନ ଥିଲା ଜୀବନର ସେହିସମୟ, ଯେଉଁଠି ଛୋଟ ଛୋଟ ଜିନିଷରେ ବଡ଼ ଖୁସି ମିଳୁଥିଲା— ସ୍କୁଲ୍‌କୁଯିବା ରାସ୍ତା, ସାଙ୍ଗମାନଙ୍କ ସହ ସନ୍ଧ୍ୟାବେଳର ଖେଳ, ପରିବାର ସହଏକାଠି ଖାଇବା, ପଡ଼ୋଶର ପର୍ବପର୍ବାଣୀ କିମ୍ବାଜେଜେବାପା-ଜେଜେମା'ଙ୍କ ମୁହଁରୁ କାହାଣୀ ଶୁଣିବା। ସେତେବେଳେଦୁନିଆ ବହୁତ ବଡ଼ ଲାଗୁଥିଲା, କିନ୍ତୁ ଜୀବନ ଥିଲା ବହୁତ ସରଳ। ଗାଁରଏକ ଛୋଟ ରାସ୍ତା ଆମ ପାଇଁ ଦୁଃସାହସିକ ଯାତ୍ରା ପାଲଟିଯାଉଥିଲା, ଘରଅଗଣା ଖେଳପଡ଼ିଆ ହୋଇଯାଉଥିଲା ଏବଂ କିଛି ସାଙ୍ଗଙ୍କ ସହ କାଟିଥିବାଏକ ବିକାଳ ସାରା ଦିନର ଖୁସି ଦେଇଦେଉଥିଲା। ଦାମୀ ଖେଳନା କିମ୍ବାଆଧୁନିକ ଯନ୍ତ୍ରପାତିର ଆବଶ୍ୟକତା ନଥିଲା; ଏକ ବଲ୍, ସାଇକେଲ୍, ବହିକିମ୍ବା ଗଛ ତଳେ ଏକାଠି ହୋଇଥିବା କିଛି ପିଲା ହିଁ ଘଣ୍ଟା ଘଣ୍ଟା ଧରିଖୁସିର କାରଣ ହୋଇଯାଉଥିଲେ। ସ୍କୁଲ୍ ଯିବାର ରାସ୍ତା, ସହପାଠୀଙ୍କ ସହକଥାବାର୍ତ୍ତା, ଶିକ୍ଷକଙ୍କ ଉପଦେଶ ଏବଂ ଘରର ପରିଚିତ ସ୍ୱର ଆଜିଅମୂଲ୍ୟ ସ୍ମୃତି ହୋଇ ରହିଛି। ଜେଜେବାପା-ଜେଜେମା'ଙ୍କ ମୁହଁରୁରାମାୟଣ, ପୁରାଣ, ଲୋକକଥା ଓ ନିଜ ଜୀବନର ଅନୁଭୂତି ଶୁଣି ଆମେଅଜାଣତରେ ସତ୍ୟନିଷ୍ଠା, ସାହସ, ଦୟା, ସମ୍ମାନ ଓ ଦାୟିତ୍ୱବୋଧ ଭଳିମୂଲ୍ୟବୋଧ ଶିଖୁଥିଲୁ। ପିଲାଦିନ ଆମକୁ ଆଉ ଏକ ବଡ଼ ଶିକ୍ଷାଦେଇଥିଲା— ବିଫଳତା ପରେ ପୁଣି ଆରମ୍ଭ କରିବା। କ୍ରିକେଟ୍ ମ୍ୟାଚ୍‌ହାରିବା, ପରୀକ୍ଷାରେ କମ୍ ନମ୍ବର ପାଇବା, ଶିକ୍ଷକଙ୍କଠାରୁ ଗାଳି ଖାଇବାକିମ୍ବା ସାଙ୍ଗ ସହ ଝଗଡ଼ା ହେବା ସେତେବେଳେ ବଡ଼ ସମସ୍ୟା ଲାଗୁଥିଲା, କିନ୍ତୁ କିଛି ସମୟ ପରେ ସବୁ ଭୁଲି ପୁଣି ଖେଳ, ପୁଣି ପଢ଼ା ଓ ପୁଣି ବନ୍ଧୁତ୍ୱଆରମ୍ଭ ହୋଇଯାଉଥିଲା। ଏକ କାଠି କ୍ରିକେଟ୍ ବ୍ୟାଟ୍ ହୋଇଯାଉଥିଲା, ଏକ କାର୍ଡବୋର୍ଡ଼ ଗାଡ଼ି ପାଲଟିଯାଉଥିଲା ଏବଂ ଏକ ଖାଲି ପଡ଼ିଆ ଆମକଳ୍ପନାରେ ଏକ ସମ୍ପୂର୍ଣ୍ଣ ରାଜ୍ୟ ହୋଇଯାଉଥିଲା। ସେହି କଳ୍ପନା ପାଇଁସ୍କ୍ରିନ୍‌ର ଆବଶ୍ୟକତା ନଥିଲା; ଥିଲା ଉତ୍ସୁକତା, ସାଙ୍ଗତ୍ୟ ଓ ଚାରିପାଖରପ୍ରକୃତି ସହ ନିଜର ସମ୍ପର୍କ। ଆଜି ପଛକୁ ଚାହିଁଲେ ବୁଝାଯାଏ, ପିଲାଦିନର ସମୃଦ୍ଧି ଆମ ପାଖରେ ଥିବା ଜିନିଷରେ ନଥିଲା; ଥିଲା ସମ୍ପର୍କ, ଅନୁଭୂତି, ସ୍ୱପ୍ନ ଓ ମିଳିଥିବା ଜୀବନ ଶିକ୍ଷାରେ। ଆଜିର ଦ୍ରୁତ ଗତିର ଜୀବନରେ ପିଲାଦିନର ସେହି ସରଳତା ଓନିରୀହତାକୁ ମନେ ପକାଇବାର ଆବଶ୍ୟକତା ଆହୁରି ବଢ଼ିଛି। ଆଜିରପିଲାମାନେ ପ୍ରଯୁକ୍ତିର ଅସୀମ ସୁଯୋଗ ପାଉଛନ୍ତି, କିନ୍ତୁ ସେମାନଙ୍କୁମୋବାଇଲ୍ ଓ ସ୍କ୍ରିନ୍‌ର ବାହାରେ ମଧ୍ୟ ଏକ ସୁନ୍ଦର ଦୁନିଆ ଦେଖିବାରସୁଯୋଗ ଦରକାର। ବାହାରେ ଖେଳିବା, ବହି ପଢ଼ିବା, ସାଙ୍ଗମାନଙ୍କ ସହସମୟ କାଟିବା, ପ୍ରକୃତିକୁ ଦେଖିବା, ପରିବାର ସହ କଥାହେବା ଓ ନିଜଭାବନାକୁ ମୁକ୍ତ ଭାବେ ପ୍ରକାଶ କରିବା ପାଇଁ ସେମାନଙ୍କୁ ସମୟ ମିଳିବାଉଚିତ। ମୋବାଇଲ୍ ବିନା ପରିବାର ସହ ଏକାଠି ଖାଇବା, ସନ୍ଧ୍ୟାରେଚାଲିବା, ନିଜ ଗାଁକୁ ଯିବା, ଏକାଠି ବହି ପଢ଼ିବା କିମ୍ବା ପିଲାର କଥାକୁଧୈର୍ଯ୍ୟର ସହ ଶୁଣିବା ଭଳି ସାଧାରଣ ମୁହୂର୍ତ୍ତ ଆଗାମୀ ଦିନରେସେମାନଙ୍କ ପାଇଁ ଅମୂଲ୍ୟ ସ୍ମୃତି ହୋଇପାରେ। ପିଲାମାନେ ସବୁବେଳେଉପହାରର ଦାମ ମନେ ରଖନ୍ତି ନାହିଁ; ସେମାନେ ମନେ ରଖନ୍ତିମା'ବାପାଙ୍କ ସହ କାଟିଥିବା ସମୟ, ଶିକ୍ଷକଙ୍କ ଉତ୍ସାହ, ସାଙ୍ଗର ବନ୍ଧୁତ୍ୱ ଓପରିବାରର ସ୍ନେହ। ଯେଉଁମାନେ ନିଜ ପିଲାଦିନର ଘର ଓ ଗାଁଠାରୁ ଦୂରେଚାଲିଯାଇଛନ୍ତି, ସେମାନଙ୍କ ପାଇଁ ଏହି ସ୍ମୃତି ଅତୀତ ସହ ଏକ ସେତୁ ଭଳିକାମ କରେ। ପୁରୁଣା ଫଟୋ, ପରିଚିତ ଗନ୍ଧ, ବର୍ଷାର ଶବ୍ଦ, ଘରରପାରମ୍ପରିକ ଖାଦ୍ୟ କିମ୍ବା ସ୍କୁଲ୍‌କୁ ଯିବା ପୁରୁଣା ରାସ୍ତା ହଠାତ୍ ଆମକୁଅନେକ ବର୍ଷ ପଛକୁ ନେଇଯାଏ। ଏହି ସ୍ମୃତି ଆମକୁ ମନେ ପକାଇଦିଏଯେ ଆମେ କେଉଁଠାରୁ ଆସିଛୁ ଏବଂ ଆଜିର ଆମ ବ୍ୟକ୍ତିତ୍ୱ ଗଢ଼ିବାରେସେହି ଦିନଗୁଡ଼ିକର କେତେ ବଡ଼ ଭୂମିକା ରହିଛି। ପିଲାଦିନକୁ ଫେରାଇଆଣିହେବ ନାହିଁ, କିନ୍ତୁ ତା'ର ମୂଲ୍ୟବୋଧକୁ ଜୀବନରେ ଆଗକୁନେଇହେବ— ପରିବାରଠାରୁ ଶିଖିଥିବା ସ୍ନେହ, ବନ୍ଧୁତ୍ୱଠାରୁ ଶିଖିଥିବାବିଶ୍ୱସ୍ତତା, ଶିକ୍ଷକଙ୍କଠାରୁ ମିଳିଥିବା ଶୃଙ୍ଖଳା ଏବଂ ସରଳ ଜୀବନରୁମିଳିଥିବା କୃତଜ୍ଞତା। ଆମେ ଯେତେ ବ୍ୟସ୍ତ ହେଲେ ମଧ୍ୟ ଆଗାମୀ ପିଢ଼ିକୁଏହି ସରଳ ଅନୁଭୂତିଗୁଡ଼ିକ ଦେବା ଆମର ଦାୟିତ୍ୱ। କାରଣ ପିଲାଦିନକେବଳ ଜୀବନର ଏକ ଅତୀତ ଅଧ୍ୟାୟ ନୁହେଁ; ଏହା ଆମ ଚରିତ୍ର, ଚିନ୍ତାଓ ମାନବିକତାର ଭିତ୍ତି। ଆମର ଦାୟିତ୍ୱ, ଆକାଂକ୍ଷା ଓ ଜୀବନର ଗତିବଦଳିପାରେ, କିନ୍ତୁ ସେହି ଦିନଗୁଡ଼ିକର ସ୍ମୃତି ମନରେ ମୂଳ ଭଳିରହିଥାଏ। ଆମେ ବଡ଼ ହୋଇଯାଉ, କିନ୍ତୁ ପିଲାଦିନ କେବେ ସମ୍ପୂର୍ଣ୍ଣଭାବେ ଆମକୁ ଛାଡ଼ି ଯାଏ ନାହିଁ; ଏହା ଜୀବନର ଶେଷ ପର୍ଯ୍ୟନ୍ତ ଆମସହ ଚାଲୁଥିବା ଏକ ନିରବ ସାଥୀ ହୋଇ ରହିଯାଏ।

### ଦଳବଦଳ ବିରୋଧୀ ଆଇନର ଖୋଲା ଉଲ୍ଲଂଘନ

# ୪ ବର୍ଷରେ ଦଳ ବଦଳାଇଛନ୍ତି ୧୧୧ ସାଂସଦ ଓ ବିଧାୟକ

ନୂଆଦିଲ୍ଲୀ,୨୫।୯ः ଦଳ ବଦଳ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ନେଇ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ପକ୍ଷରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ୨୦୨୨ରୁ ୨୦୨୬ ମଧ୍ୟରେ ଦେଶର ଲୋକସଭା, ରାଜ୍ୟସଭା ଓ ବିଭିନ୍ନ ରାଜ୍ୟର ବିଧାନସଭାକୁ ନିର୍ବାଚିତ ହୋଇଥିବା ମୋଟ ୧୧୧ ଜଣ ସାଂସଦ ଓ ବିଧାୟକ ନିର୍ବାଚନ ପରେ ନିଜର ଦଳ ପରିବର୍ତ୍ତନ କରିଛନ୍ତି। ଏହି ତାଲିକାରେ ୨୬ ଜଣ ଲୋକସଭା ସାଂସଦ, ୭ ଜଣ ରାଜ୍ୟସଭା ସାଂସଦ ଓ ୭୮ ଜଣ ବିଧାୟକ ସାମିଲ ଅଛନ୍ତି ବୋଲି ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି।

ଏଡିଆର ରିପୋର୍ଟ ଅନୁଯାୟୀ,



ଦେଶର ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଦଳବଦଳ ମାମଲା ସାମ୍ନାକୁ ଆସିଛି। ଏଥିରେ ନାଗାଲାଣ୍ଡ ସର୍ବାଗ୍ରେ ରହିଥିବାବେଳେ ସେଠାରେ ସର୍ବାଧିକ ୩୨ ଜଣ ପ୍ରତିନିଧି ଦଳ ବଦଳାଇଛନ୍ତି। ସେହିପରି ପଶ୍ଚିମବଙ୍ଗରେ ୨୦,

**ଦଳଡିଆଁଙ୍କ ମଧ୍ୟରେ ପଶ୍ଚିମବଙ୍ଗରୁ ୪୭ ପ୍ରତିଶତ**

ତେଲେଙ୍ଗାନାରେ ୯, ଗୋଆ ଓ ପଞ୍ଜାବରେ ୮ ଜଣ ଲେଖାଏଁ, ମହାରାଷ୍ଟ୍ର ଓ ମେଘାଳୟରେ ୬ ଜଣ ଲେଖାଏଁ ଏବଂ ମଣିପୁରରେ ୫ ଜଣ ନେତା ଦଳ ବଦଳ କରିଛନ୍ତି। କେବଳ ନାଗାଲାଣ୍ଡ ଓ ପଶ୍ଚିମବଙ୍ଗରୁ ହିଁ ମୋଟ ଦଳବଦଳ ମାମଲାର ପ୍ରାୟ ୪୭ ପ୍ରତିଶତ ନେତା ରହିଛନ୍ତି।

ଦଳବଦଳ କାରଣରୁ ନ୍ୟାସନାଲ୍ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନଡିପିପି) ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହାର ୨୫ ଜଣ ନେତା (ମୋଟ ଦଳବଦଳର ୨୩%) ଦଳ ଛାଡ଼ିଛନ୍ତି। ସେହିପରି ଏଆଇଟିସିରୁ ୨୦, ଆଇଏନସିରୁ ୧୯, ବିଆରଏସରୁ ୯, ଆପ୍ ଓ ଏନସିପିରୁ ୭ ଜଣ ଲେଖାଏଁ, ଶିବସେନା (ୟୁବିଟି)ରୁ ୬, ଜେଡି(ୟୁ)ରୁ ୫ ଓ ଏନପିପିରୁ ୪ ଜଣ ନେତା ଅନ୍ୟ ଦଳକୁ ଯାଇଛନ୍ତି। ଏହି ତିନୋଟି ଦଳ (ଏନଡିପିପି, ଏଆଇଟିସି ଓ କଂଗ୍ରେସ)ରୁ ସର୍ବାଧିକ ୬୪ ଜଣ ଅର୍ଥାତ୍ ୫୮ ପ୍ରତିଶତ ନେତା ଦଳ ଛାଡ଼ିଛନ୍ତି। ଦଳ ବଦଳାଇଥିବା ନେତାମାନଙ୍କ ମଧ୍ୟରୁ ସର୍ବାଧିକ ୩୨ ଜଣ ଏନପିଏଫ୍‌ରେ ଯୋଗଦେଇଛନ୍ତି। ବିଗତ କିଛି ବର୍ଷ ଭିତରେ ବିଧାୟକମାନଙ୍କ ଏହିପରି ଦଳବଦଳ କେତେକ ରାଜ୍ୟରେ ସରକାର ପରିବର୍ତ୍ତନ କିମ୍ବା ସରକାର ଭୁଶୁଡ଼ିବାର ଏକ ପ୍ରମୁଖ କାରଣ ପାଲଟିଛି ବୋଲି ରିପୋର୍ଟରେ କୁହାଯାଇଛି।

### ବିହାରରେ ପୁଣି ଲଜ୍ଜାଜନକ କାଣ୍ଡ

## ପର୍ଯ୍ୟଟନ କ୍ଷେତ୍ରରେ ମହିଳାଙ୍କୁ ଚପଲରେ ମାଡ଼

ବାଙ୍କା,୨୫।୯ः ବିହାରର ବାଙ୍କା ଜିଲ୍ଲାରୁ ଏକ ଅତ୍ୟନ୍ତ ଲଜ୍ଜାଜନକ ଓ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳାଙ୍କୁ ୬ ଜଣ ଯୁବକ ଦୁର୍ବ୍ୟବହାର କରିବା ସହ ନିର୍ମମ ଭାବେ ଚପଲ (ସ୍ଲିପର)ରେ ମାଡ଼



ମାରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ଘଟଣାଟି ବାଙ୍କା ଜିଲ୍ଲାର ଏକ ପ୍ରସିଦ୍ଧ ପର୍ଯ୍ୟଟନ ତଥା ତୀର୍ଥକ୍ଷେତ୍ର ମନ୍ଦାର ପର୍ବତ ଅଞ୍ଚଳରେ ଘଟିଛି। ଭିଡିଓରେ ଥିବା ଟାଇମଷ୍ଟାମ୍ପ ଅନୁଯାୟୀ ଏହା ଗତ ସେପ୍ଟେମ୍ବର ୩ ତାରିଖରେ ରେକର୍ଡ କରାଯାଇଥିଲା।

ଭିଡିଓରେ ଅଭିଯୁକ୍ତମାନେ ମହିଳାଙ୍କ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ କରିବା ସହ ଚପଲରେ ପିଟୁଥିବାର ନଜର ଆସିଛନ୍ତି। ପୁଲିସର ସୋସିଆଲ ମିଡିଆ ସେଲ୍ ଜରିଆରେ ଗତ ସେପ୍ଟେମ୍ବର ୨୨ ତାରିଖରେ ଏହି ଭିଡିଓ ପାଇବା ପରେ

**ଭିଡିଓ ଆଧାରରେ ୬ ଜଣଙ୍କ ନାମରେ ମାମଲା ରୁଜୁ**

ତନାଘନା ଆରମ୍ଭ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକ ଓ ଦୋକାନୀଙ୍କୁ ପଚରାଉଚରା କରିବା ସହ ଏହାକୁ ପ୍ରମାଣ ଭାବେ ଗ୍ରହଣ କରିଛି। ଭାରତୀୟ ନ୍ୟାୟ ସଂହିତା ଓ ଆଇଟି ଆଇନର ବିଭିନ୍ନ କଠୋର ଧାରାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

### ନିର୍ବାଚନୀ ଚିହ୍ନ ବଣ୍ଟନ ପ୍ରକରଣ

## ନିର୍ବାଚନ ଆୟୋଗଙ୍କୁ କୋଲକାତା ହାଇକୋର୍ଟଙ୍କ ତୀବ୍ର ଭର୍ତ୍ସନା

କୋଲକାତା,୨୫।୯ः ପଶ୍ଚିମବଙ୍ଗର ଆଗାମୀ ଉପନିର୍ବାଚନ ପାଇଁ ଚିହ୍ନ ବଣ୍ଟନକୁ ନେଇ ନିର୍ବାଚନ ଆୟୋଗଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି କୋଲକାତା ହାଇକୋର୍ଟ। ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ ୨୦୨୬ ବିଧାନସଭା ନିର୍ବାଚନରେ ବ୍ୟବହାର କରିଥିବା 'ଏନ୍‌ଭେଲପ୍' ଚିହ୍ନକୁ ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସକୁ ଦିଆଯାଇଥିବାରୁ



ଏହି ମାମଲା ହାଇକୋର୍ଟରେ ପହଞ୍ଚିଛି। ବିଚାରପତି କୃଷ୍ଣ ରାଓ ନିର୍ବାଚନ କମିଶନଙ୍କୁ କହିଛନ୍ତି, କର୍ତ୍ତୃପକ୍ଷ ନିରପେକ୍ଷ ଓ ନ୍ୟାୟସଙ୍ଗତ ଭାବେ କାମ କରିବା ଉଚିତ। ଅଦାଲତ ଉପରେ ଅତିରିକ୍ତ ଚାପ ସୃଷ୍ଟି କରୁଛି। ଆଇଏସ୍‌ଏଫ୍ ଆବେଦନ କରି 'ଏନ୍‌ଭେଲପ୍' ଚିହ୍ନକୁ କୌଣସି ଦଳକୁ ନ ଦେବାକୁ ଅନୁରୋଧ କରିଛି। ବିଧାନସଭା ନିର୍ବାଚନରେ ଯେଉଁ ଚିହ୍ନରେ ପ୍ରାର୍ଥୀମାନେ ଲଢ଼ିଥିଲେ, ସେହି ଚିହ୍ନ ଉପନିର୍ବାଚନରେ ଅନ୍ୟ କାହାକୁ ପ୍ରଦାନ କରାଗଲେ ଭୋଟରମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହୋଇପାରେ। ଏହାପରେ ଆୟୋଗ ଆଇଏସ୍‌ଏଫ୍‌କୁ 'ଆଲମିରା' ଚିହ୍ନ ଦେଇଛନ୍ତି।

### ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ପାଇଁ ବଢୁଛି ଅଡୁଆ

# ଅଦାଲତଠୁ ଆନ୍ଦୋଳନ ମୈଦାନ, ସବୁଠି ପ୍ରତିବାଦର ନିଆଁ

*"ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ, ଭୋଟର ତାଲିକା ସଂଶୋଧନ (ଏସଆଇଆର) ଓ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କୁ ନେଇ ଦେଶବ୍ୟାପୀ ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ଗୋଟିଏ ପଟେ ସୁପ୍ରିମକୋର୍ଟରେ ସିଇସିଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ପିଆଇଏଲ୍ ଦାୟର ହୋଇଥିବାବେଳେ, ଅନ୍ୟପଟେ ରାଜନୈତିକ ଦଳଗୁଡ଼ିକ ବୟାନବାଜି ଆରମ୍ଭ କରିଦେଇଛନ୍ତି। ସେହିପରି ସିଜେପି ପକ୍ଷରୁ ଅକ୍ଟୋବର ୨ରୁ ଦେଶବ୍ୟାପୀ ଆନ୍ଦୋଳନର ଘୋଷଣା ଏହି ପ୍ରସଙ୍ଗକୁ ଆହୁରି ସରଗରମ କରିଛି..."*

## ପକ୍ଷ ରଖିବାକୁ ସିଇସିଙ୍କୁ ପାସୱାନଙ୍କ ପରାମର୍ଶ

ନୂଆଦିଲ୍ଲୀ,୨୫।୯ः ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାର ଓ ଦୁଇ ନିର୍ବାଚନ ଆୟୁକ୍ତଙ୍କ ମତଭେଦ ରିପୋର୍ଟ ଉପରେ ଦେଖାଦେଇଥିବା ବିବାଦରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ମୁଖ୍ୟ ଚିରାଗ ପାସୱାନ। ପାସୱାନ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯଦି ନିର୍ବାଚନ କମିଶନ ଭଳି ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା ଉପରେ ପ୍ରଶ୍ନ ଉଠାଯାଉଛି, ତେବେ



ସିଇସିଙ୍କ ଦାୟିତ୍ୱ ହେଉଛି ତାଙ୍କ ମତକୁ ଦୃଢ଼ ଭାବରେ ଉପସ୍ଥାପନ କରିବା। ସେ କହିଛନ୍ତି, ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ସର୍ବୋପରି। ଜନସାଧାରଣଙ୍କ ମନରେ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଯେକୌଣସି ସନ୍ଦେହ ଥାଏ ତାହା ଭୁଲ ହେବ। ତେଣୁ ନିର୍ବାଚନ କମିଶନ ଜନସାଧାରଣଙ୍କ ନିକଟରେ ନିଜର ମତ ସ୍ପଷ୍ଟ କରିବା ଉଚିତ ଯାହା ଦ୍ୱାରା କୌଣସି ଦ୍ୱନ୍ଦ୍ୱ ନହୁଏ।

## ଜ୍ଞାନେଶ କୁମାରଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା

**● ସିଇସିଙ୍କ ସମସ୍ତ ନିଷ୍ପତ୍ତି ରଦ୍ଦ କରିବାକୁ ଦାବି**



ନୂଆଦିଲ୍ଲୀ, ୨୫।୯ः ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ମତଭେଦ ପ୍ରସଙ୍ଗ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଜ୍ଞାନେଶ କୁମାରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାୟର ହୋଇଛି। ଆଡଭୋକେଟ୍ ଶୈଳେନ୍ଦ୍ର ମଣି ତ୍ରିପାଠୀ ଆଡଭୋକେଟ୍ ଚାନ୍ଦ କୁରେଶୀଙ୍କ ମାଧ୍ୟମରେ ଦୁଇ ନିର୍ବାଚନ ଆୟୁକ୍ତଙ୍କ ସମ୍ମତି ବିନା ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ରଦ୍ଦ କରିବାକୁ ଆବେଦନ କରିଛନ୍ତି। ଆବେଦନରେ ମୂଳ ଫର୍ମ-୬ର ପୁନଃସ୍ଥାପନ କରିବାକୁ ଦାବି ହୋଇଛି। ଏହାସହିତ ତଦନ୍ତ ପାଇଁ ଏକ ଏସ୍‌ଆଇଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଦାବି ହୋଇଛି।



## ଅକ୍ଟୋବର ୨ରୁ ଦେଶବ୍ୟାପୀ ବିକ୍ଷୋଭ

**ଆନ୍ଦୋଳନ ତାରିଖ ଘୋଷଣା କଲା ସିଜେପି**

ନୂଆଦିଲ୍ଲୀ,୨୫।୯ः ନିର୍ବାଚନ କମିଶନ ଓ ଭୋଟର ତାଲିକାର ଏସଆଇଆରକୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ କକ୍ରୋଚ ଜନତା ପାର୍ଟି (ସିଜେପି) ଶୁକ୍ରବାର ଏକ ବଡ଼ ଘୋଷଣା କରିଛି। ଗତକାଲି ଏହା ଦେଶ ବ୍ୟାପୀ ବିକ୍ଷୋଭ କରିବ ବୋଲି ଘୋଷଣା କରିଥିବା ବେଳେ ଜ୍ଞାନେଶ କୁମାର ଯଦି ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ନ ଦିଅନ୍ତି ତା'ହେଲେ ଅକ୍ଟୋବର ୨ ତାରିଖରୁ ମୁମ୍ବାଇରୁ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ ଆରମ୍ଭ କରାଯିବ। ପରେ ଏହାକୁ ଦେଶର ବିଭିନ୍ନ ସହରକୁ ନିଆଯିବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଗୁରୁବାର (୨୪ ସେପ୍ଟେମ୍ବର) ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରାଙ୍କା ଏକ ଖବରଦାତା ସମ୍ମିଳନୀ କରି ନିର୍ବାଚନ କମିଶନ ସମ୍ପର୍କରେ ନିଜ ଦାବି ରଖିଥିଲେ। ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏହା ସହ ଏଆଇଆର ପ୍ରକ୍ରିୟାକୁ ରୋକିବା, ଜାନୁଆରୀ ୨୦୨୫ର ଭୋଟର ତାଲିକାକୁ ପୁନଃସ୍ଥାପନ କରିବା ଏବଂ ନିର୍ବାଚନ କମିଶନର ନିଯୁକ୍ତି ସମ୍ପର୍କିତ ୨୦୨୩ ଆଇନକୁ ପୁନର୍ବିଚାର କରି ନିର୍ବାଚନ କମିଶନରେ ସଂସ୍କାର ଆଣିବାକୁ ମଧ୍ୟ ଦାବି କରିଛି।

**● ସିଇସିଙ୍କ ଇସ୍ତଫା ଓ ଗିରଫ ଦାବିରେ ଆନ୍ଦୋଳନ**

## ଯୋଗେନ୍ଦ୍ର ଯାଦବ ଓ ମନୋଜ ଝା ଅଟକ



ନୂଆଦିଲ୍ଲୀ,୨୫।୯ः ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବି କରି ଦିଲ୍ଲୀର ଜନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୁଲିସ ଅନେକ ପ୍ରତିବାଦୀଙ୍କୁ ଅଟକ ରଖିଛି। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଆସୋସିଏସନ୍ ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଏହି ପ୍ରତିବାଦ ସମାବେଶର ଆୟୋଜନ କରାଯାଇଥିଲା। ପୁଲିସ କହିବାନୁଯାୟୀ, ଏହି ପ୍ରଦର୍ଶନ ପାଇଁ ଆୟୋଜକମାନଙ୍କ ପକ୍ଷରୁ କୌଣସି ପ୍ରକାର ଅନୁମତି ନିଆଯାଇ ନଥିଲା। ସୁରକ୍ଷା ଦୃଷ୍ଟିରୁ ଜନ୍ତରମନ୍ତର ଅଞ୍ଚଳରେ ବ୍ୟାରିକେଡ୍ କରାଯିବା ସହ ବସ୍ ମାଧ୍ୟମରେ ପ୍ରବେଶପଥଗୁଡ଼ିକୁ ଅବରୋଧ କରାଯାଇଥିଲା। ଏହି ପ୍ରତିବାଦରେ ସିପିଆଇ (ଏମଏଲ) ଜେନେରାଲ୍ ସେକ୍ରେଟାରୀ ଦୀପଙ୍କର ଭଟ୍ଟାଚାର୍ଯ୍ୟ, କାର୍ଯ୍ୟକର୍ତ୍ତା ଯୋଗେନ୍ଦ୍ର ଯାଦବ, ରାଜ୍ୟସଭା ସାଂସଦ ମନୋଜ ଝା ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ପ୍ରମୁଖ ସାମିଲ ହୋଇଥିଲେ।

## ଯଶପାଲ ଶର୍ମାଙ୍କ ଭାଇ ଲାଞ୍ଚ ନେଇ ଗିରଫ

ମୁମ୍ବାଇ,୨୫।୯ः ହରିୟାଣା ଏଣ୍ଟି- କରପଶନ ବ୍ୟୁରୋ ବୁଧବାର ଅଭିନେତା ଓ ଫିଲ୍ମ ମେକର ଯଶପାଲ ଶର୍ମାଙ୍କ ଭାଇ ରାଜେଶ କୁମାରଙ୍କୁ ୩ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ



କରିଛି। ରାଜେଶ କୁମାର 'ଜଳ ସେବା ମଣ୍ଡଳ'ରେ ଆସିଷ୍ଟାଣ୍ଟ ରେଭିନ୍ୟୁ କ୍ଲର୍କ ଅଛନ୍ତି। ଏସିବି ଅନୁସାରେ ରାଜେଶ କୁମାର ରାଜଗଢ଼- ଚଣ୍ଡିଗଡ ହାଇୱେ ନିକଟରେ ଥିବା କୃଷି ଜମିର ଏକ କଲୋନୀ ପାଇଁ କେନାଲ ପାଣି ବ୍ୟବହାର କରି ଜଳସେଚନ ବ୍ୟବସ୍ଥା ସହିତ ଜଡ଼ିତ ଏକ ସିଓଓ ପ୍ରସ୍ତୁତ କରିବା ପାଇଁ ଜଣେ ଅଭିଯୋଗକାରୀଙ୍କୁ ଟଙ୍କା ଦେବାକୁ ଦାବି କରିଥିଲେ। ଅଭିଯୋଗ କରିବା ପରେ ଏସିବିର ହିସାର ଟିମ୍ ସ୍ୱତନ୍ତ୍ର ସାକ୍ଷୀଙ୍କ ଉପସ୍ଥିତିରେ ଏକ ଜାଲ ବିଛାଇଥିଲେ। ପରେ ରାଜେଶ କୁମାର ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରାପଡ଼ିଥିଲେ।

## ଟିଏମସି ବିଧାୟକଙ୍କୁ ଉଠାଇନେଲା ପୁଲିସ



କୋଲକାତା,୨୫।୯ः ତୃଣମୂଳ କଂଗ୍ରେସର ପୂର୍ବତନ ବିଧାୟକ ଅଜିତ ମାଇତିଙ୍କୁ ଠକେଇ ମାମଲାରେ ପୁଲିସ ଗିରଫ କରିଛି। ଶୁକ୍ରବାର ସକାଳେ ପିଙ୍ଗଲା ପୁଲିସ ଖଡ଼ଗପୁରସ୍ଥିତ ତାଙ୍କ ଘରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଡେବ୍ରା ପୋଲିସ ଷ୍ଟେସନକୁ ନିଆଯାଇଥିବା ଜଣାପଡ଼ିଛି। ଅଜିତ ମାଇତି ପୂର୍ବରୁ ପଶ୍ଚିମ ମେଦିନୀପୁରରେ ଟିଏମ୍‌ସିର ଜିଲା ସଭାପତି ମଧ୍ୟ ରହିଥିଲେ। ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିକଟତମ ନେତାଙ୍କ ମଧ୍ୟରୁ ଜଣେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ରହିଛି।

### ଡ୍ରଗ୍ସ ଟେଷ୍ଟରେ ବିଫଳ

## ଏୟାର ଇଣ୍ଡିଆ ସହ-ପାଇଲଟ୍ ନିଲମ୍ବିତ




ନୂଆଦିଲ୍ଲୀ,୨୫।୯ः ଏୟାର ଇଣ୍ଡିଆର ଜଣେ ସହ-ପାଇଲଟ୍ ଜୁରିକ୍ ବିମାନବନ୍ଦରରେ ଉଡ଼ାଣ ପୂର୍ବରୁ ମଦ ପିଇଥିବା ପ୍ରମାଣିତ ହେବା ପରେ ତାଙ୍କୁ ନିଲମ୍ବିତ କରାଯାଇଛି। ଗତ ସେପ୍ଟେମ୍ବର ୬ ତାରିଖରେ ଜୁରିକ୍‌ରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ବିମାନ ଉଡ଼ାଣ ଭରିବା ପୂର୍ବରୁ କର୍ତ୍ତୃପକ୍ଷ ତାଙ୍କର ଆଲକୋହଲ ଟେଷ୍ଟ କରିଥିଲେ, ଯେଉଁଥିରେ ସେ ଅକୃତକାର୍ଯ୍ୟ ହୋଇଥିଲେ। ପ୍ରାଥମିକ ପରୀକ୍ଷାରେ ଧରାପଡ଼ିବା ପରେ ତାଙ୍କୁ ବିମାନରୁ ହଟାଇ ଦିଆଯାଇଥିଲା ଓ ପରବର୍ତ୍ତୀ ସମୟରେ ତାଙ୍କୁ ଜଣେ ଯାତ୍ରୀ ଭାବେ ଭାରତକୁ ଫେରାଇ ଅଣାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୪ ତାରିଖରେ ଫୁକେଟ୍‌ରୁ ଦିଲ୍ଲୀ ଆସୁଥିବା ଏକ ଏୟାର ଇଣ୍ଡିଆ ବିମାନ ଓଡ଼ିଶା ଆକାଶରେ ଉଡୁଥିବାବେଳେ ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିଯାଇଥିଲା, ଯେଉଁଥିରେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ସେହି ବିମାନର ମୁଖ୍ୟ ପାଇଲଟ୍ ସୁଦୀପ ବଶିଷ୍ଠ ଡ୍ରଗ୍ସ (ମାରିଜୁଆନା) ପରୀକ୍ଷାରେ ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ ବାହାର କରାଯାଇଥିଲା।

## ହିମାଳୟ ସୁରକ୍ଷା ପାଇଁ ଭାରତ ଓ ଚୀନ୍ ହାତ ମିଳାଇବାକୁ ଆହ୍ୱାନ



କାଠମାଣ୍ଡୁ,୨୫।୯ः ହିମାଳୟ ଅଞ୍ଚଳରେ ବଢ଼ୁଥିବା ଜଳବାୟୁ ବିପର୍ଯ୍ୟୟର ମୁକାବିଲା ପାଇଁ ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହା ଭାରତ ଓ ଚୀନ୍ ସହ ମିଳିତ ହେବାକୁ ଆହ୍ୱାନ କରିଛନ୍ତି। ମିଳିତ ଜାତିସଂଘ ସାଧାରଣ ପରିଷଦ ମଞ୍ଚରୁ ବାର୍ତ୍ତା ଦେଇ ସେ ଏକ 'ଯୁଗ୍ମ ହିମାଳୟ ଜଳବାୟୁ କୌଶଳ' ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଜଳବାୟୁ ବିପର୍ଯ୍ୟୟ କୌଣସି ଭୌଗଳିକ ସୀମା ଦେଖେ ନାହିଁ ଓ ଗ୍ଲେସିୟର ତରଳିବା କିମ୍ବା ବରଫ ଖସିବା ଭଳି ଘଟଣାର ପ୍ରଭାବ ସୀମାପାର୍ ଅଞ୍ଚଳରେ ମଧ୍ୟ ପଡ଼ିଥାଏ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭୋଟେକୋସି ନଦୀର ବନ୍ୟାକୁ ସେ ହିମାଳୟର ବଢ଼ୁଥିବା ବିପଦର ଚେତାବନୀ ବୋଲି ଦର୍ଶାଇଛନ୍ତି।

### ହାଉସ୍‌ୱାଇଫ୍' ଭଳି ହାଉସ୍-ହଜ୍‌ବ୍ୟାଣ୍ଡ ମଧ୍ୟ ସମ୍ଭବ

## ନୂଆ ନିୟମ ଗ୍ରହଣ କରିବାକୁ ମାଡ୍ରାସ ହାଇକୋର୍ଟଙ୍କ ରାୟ

ଚେନ୍ନାଇ, ୨୫।୯ः ଦାମ୍ପତ୍ୟ ଜୀବନ ଓ ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ପାରସ୍ପରିକ ଦାୟିତ୍ୱକୁ ନେଇ ମାଡ୍ରାସ ହାଇକୋର୍ଟ ଏକ ବେଶ୍ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯେପରି ଘର ସମ୍ଭାଳୁଥିବା ମହିଳାଙ୍କୁ ହାଉସ୍‌ୱାଇଫ୍ ବା ଗୃହିଣୀ କୁହାଯାଏ, ସେହିପରି ଘରର ଦାୟିତ୍ୱ ନେଉଥିବା ପୁରୁଷଙ୍କୁ



ମଧ୍ୟ 'ହାଉସ୍-ହଜ୍‌ବ୍ୟାଣ୍ଡ' କୁହାଯାଇପାରିବ। ଆଜିର ଆଧୁନିକ ସମାଜରେ ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥାକୁ ଏକ 'ନ୍ୟୁ ନର୍ମାଲ୍' ଭାବେ ଗ୍ରହଣ କରାଯିବା ଉଚିତ ବୋଲି କୋର୍ଟ ମତ ଦେଇଛନ୍ତି। ଜଷ୍ଟିସ୍ ଜି.ଆର୍. ସ୍ୱାମୀନାଥନ ଏବଂ ଜଷ୍ଟିସ୍ ଏମ୍. ଡି. ସୁମତିଙ୍କୁ ନେଇ ଗଠିତ ଡିଭିଜନ୍ ବେଞ୍ଚ ଏହି ମାମଲାର ଶୁଣାଣି କରିଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ଜଣେ ସ୍ୱାମୀ ଘରର ଦାୟିତ୍ୱ ସମ୍ଭାଳୁଛନ୍ତି ଓ ପତ୍ନୀ ନିଜ ବୃତ୍ତିଗତ କ୍ୟାରିୟରରେ ଧ୍ୟାନ ଦେଉଛନ୍ତି, ତେବେ ଏହା ବୈବାହିକ ସମ୍ପର୍କରେ ତିକ୍ତତା କମାଇବାରେ ଓ ପରିବାରକୁ ଭାଙ୍ଗିବାରୁ ରକ୍ଷା କରିବାରେ ବଡ଼ ଭୂମିକା ଗ୍ରହଣ କରିପାରିବ। ପୂର୍ବକାଳରେ ସ୍ୱାମୀମାନେ ବାହାରେ କାମ କରି ଆର୍ଥିକ ଦାୟିତ୍ୱ ବହୁଥିବାବେଳେ ପତ୍ନୀମାନେ ଘର ଦେଖାଶୁଣା କରୁଥିଲେ। କିନ୍ତୁ ଗତ କିଛି ଦଶନ୍ଧି ଭିତରେ ମହିଳାମାନେ ଶିକ୍ଷା ଏବଂ କ୍ୟାରିୟର କ୍ଷେତ୍ରରେ ଅନେକ ଆଗକୁ ବଢ଼ିଛନ୍ତି। ଏଭଳି ସ୍ଥଳେ ପରିବାରର ସନ୍ତୁଳନ ରକ୍ଷା କରିବା ପାଇଁ ପୁରୁଷ ଓ ମହିଳାଙ୍କ ପାରମ୍ପରିକ ଭୂମିକାରେ ପରିବର୍ତ୍ତନ ଆସିବା ସମୟର ଏକ ବଡ଼ ଆବଶ୍ୟକତା ବୋଲି ହାଇକୋର୍ଟ ଏହି ରାୟ ଜରିଆରେ ବାର୍ତ୍ତା ଦେଇଛନ୍ତି। ପାର୍ଶ୍ୱଗତ ସହମତି ଆଧାରରେ କୋର୍ଟ ପରିବାର କୋର୍ଟର ପୁରୁଣା ରାୟକୁ ଖାରଜ କରି ବିବାହ ବିଚ୍ଛେଦକୁ ମଞ୍ଜୁରୀ ମଧ୍ୟ ପ୍ରଦାନ କରିଛନ୍ତି।

**● ବ୍ୟାଙ୍କ ଧର୍ମଘଟ ପୂର୍ବରୁ ସରକାରଙ୍କ ବଡ଼ ବୟାନ**

## ୫ଦିନିଆ ବ୍ୟାଙ୍କିଙ୍ଗ୍ ସପ୍ତାହ ଦାବି ଗ୍ରହଣୀୟ ନୁହେଁ

ନୂଆଦିଲ୍ଲୀ,୨୫।୯ः ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ସପ୍ତାହରେ ୫ ଦିନ କାର୍ଯ୍ୟ ଦିବସ ଦାବିକୁ ନେଇ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବ୍ୟାଙ୍କ ୟୁନିୟନଗୁଡ଼ିକ ଏହି ମୁଖ୍ୟ ଦାବିକୁ ନେଇ ଆସନ୍ତା ସେପ୍ଟେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ଦେଶବ୍ୟାପୀ ଧର୍ମଘଟ ଡାକିଥିବାବେଳେ ସରକାରୀ ସୂତ୍ରରୁ କୁହାଯାଇଛି ଯେ, ୫ ଦିନିଆ ବ୍ୟାଙ୍କିଙ୍ଗ୍ ସପ୍ତାହ ପ୍ରସଙ୍ଗ କେବେ ବି ଆଲୋଚନା ଧାରାରେ ନଥିଲା। ବରିଷ୍ଠ ସରକାରୀ ସୂତ୍ରରୁ ପ୍ରକାଶ ଯେ, ପୂର୍ବରୁ ବେତନ ଆଲୋଚନା ସମୟରେ ମଧ୍ୟ ୫ ଦିନିଆ କାର୍ଯ୍ୟ ସପ୍ତାହ ପ୍ରସଙ୍ଗରେ କୌଣସି ସହମତି ହୋଇ ନଥିଲା ଓ ଏହା କେବେ ମଧ୍ୟ ଆଲୋଚନାର ବିଷୟବସ୍ତୁ ନଥିଲା। ଅନ୍ୟପକ୍ଷରେ, ବ୍ୟାଙ୍କ କର୍ମଚାରୀଙ୍କ କାର୍ଯ୍ୟ ସମୟ ଅଧିକ ରହୁଥିବା ଦର୍ଶାଇ ୟୁନିୟନଗୁଡ଼ିକ ସୋମବାରଠାରୁ




ଶୁକ୍ରବାର ପର୍ଯ୍ୟନ୍ତ ୫ ଦିନିଆ କାମ ଏବଂ ଶନିବାର, ରବିବାର ଛୁଟି ଦାବି କରୁଛନ୍ତି। ରିଜର୍ଭ ବ୍ୟାଙ୍କ ଏବଂ ଆର୍ଥିକ ସେବା ବିଭାଗରେ ପୂର୍ବରୁ ୫ ଦିନିଆ କାର୍ଯ୍ୟ ସପ୍ତାହ ନିୟମ ଥିବା କଥା ୟୁନିୟନଗୁଡ଼ିକ ଯୁକ୍ତି ଦର୍ଶାଉଛନ୍ତି।

## ହର୍ମୁଜ୍ ଖୋଲିବାକୁ ଇରାନର '୭ ଦିନିଆ' ପ୍ରସ୍ତାବ

ନ୍ୟୁୟର୍କ,୨୫।୯ः ଆମେରିକା ଓ ଇସ୍ରାଏଲ୍ ସହ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଓ ଶାନ୍ତି ଆଲୋଚନା ପାଇଁ ଆମେରିକା ଆଗରେ ଏକ ନୂଆ ୭-ଦିନିଆ ପ୍ରସ୍ତାବ ରଖିଛି ଇରାନ୍। ଗୁରୁବାର ନ୍ୟୁୟର୍କରେ ଅନୁଷ୍ଠିତ ମିଳିତ ଜାତିସଂଘ ସାଧାରଣ ସଭା ଅବସରରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏହି ସୂଚନା ଦେଇଛନ୍ତି। ମଧ୍ୟସ୍ଥଙ୍କ ଜରିଆରେ ହ୍ୱାଇଟ୍ ହାଉସକୁ ପଠାଯାଇଥିବା ଏହି ଯୋଜନାରେ କିଛି ନିର୍ଦ୍ଦିଷ୍ଟ



ସର୍ତ୍ତ ପୂରଣ ହେଲେ, ମାତ୍ର ସପ୍ତାହକ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ସ୍ୱାଭାବିକ କରାଯିବ ଏବଂ ଦୁଇ ଦେଶ ମଧ୍ୟରେ ଅନ୍ତିମ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ ହେବ ବୋଲି ସେ କହିଛନ୍ତି। ଇରାନର ଏହି ପ୍ରସ୍ତାବ ପରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟ ବ୍ୟାରେଲ୍ ପିଛା ୧୦୮ ଡଲାରରୁ ହ୍ରାସ ପାଇ ୧୦୫.୬୯ ଡଲାରରେ ପହଞ୍ଚିଛି।

**ମୌସୁମୀ ବିଦାୟର ଅଭିନବ ଚିତ୍ର**

# ଇସ୍ରୋ ଲେନ୍ସରେ ମେଘର ଦେଶ ବିଭାଜନ

ନୂଆଦିଲ୍ଲୀ,୨୫।୯ः ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଓସ୍ରୋ) ର 'ଇନସାଟ୍-୩ଡିଏସ୍' ଉପଗ୍ରହ ଦ୍ୱାରା ଉତ୍ତୋଳନ କରାଯାଇଥିବା ଏକ ନୂତନ ଉପଗ୍ରହ ଚିତ୍ରରେ ଦେଶର ମେଘୁଆ ଆକାଶରେ ଏକ ବଡ଼ ବିଭାଜନ ଦେଖିବାକୁ ମିଳିଛି। ଏହି ଚିତ୍ର ଅନୁଯାୟୀ, ଭାରତ ଏକପ୍ରକାର ଦୁଇ ଭାଗରେ ବିଭକ୍ତ ହୋଇଯାଇଥିବା ଭଳି ପ୍ରତୀୟମାନ ହେଉଛି; ଯେଉଁଥିରେ ପୂର୍ବ ଓ ଦକ୍ଷିଣ ଭାରତରେ ମୋଟା ମେଘ ଆଚ୍ଛାଦିତ ହୋଇଥିବାବେଳେ ପଶ୍ଚିମ ଓ ପଶ୍ଚିମ-ଉତ୍ତର ଭାରତର ଆକାଶ ସମ୍ପୂର୍ଣ୍ଣ ସଫା ରହିଛି।



ଶୁକ୍ରବାର ଉତ୍ତୋଳନ କରାଯାଇଥିବା ଏହି ଚିତ୍ରଟିକୁ ୧୦.୮୩ ମାଇକ୍ରୋମିଟର ତରଙ୍ଗ ଦୈର୍ଘ୍ୟର ଥର୍ମାଲ୍ ଇନଫ୍ରାରେଡ୍ ଚ୍ୟାନେଲ୍ ଜରିଆରେ କ୍ୟାପଚର୍ କରାଯାଇଛି। ଏହି ଚିତ୍ରରେ ସବୁଠାରୁ ବଡ଼ ବିଶେଷତା ହେଲା, ବଙ୍ଗୋପସାଗରରୁ ଆରମ୍ଭ କରି ପୂର୍ବ ଓ ପୂର୍ବୋତ୍ତର ଭାରତ ପର୍ଯ୍ୟନ୍ତ ଏକ ବିଶାଳ ଓ ଉଜ୍ଜ୍ୱଳ ମେଘର ପୁଞ୍ଜ ଦେଖିବାକୁ ମିଳିଛି। ଏହାଛଡ଼ା ଦକ୍ଷିଣ ଉପଦ୍ୱୀପ ଓ ଏହାର ଆଖପାଖ ସମୁଦ୍ର ଅଞ୍ଚଳରେ ମଧ୍ୟ ମେଘର ବ୍ୟାଣ୍ଡଗୁଡ଼ିକ ସ୍ପଷ୍ଟ ଭାବେ ନଜର ଆସୁଛି। ଏହାର ବିପରୀତରେ, ପଶ୍ଚିମ ଓ ପଶ୍ଚିମ-ଉତ୍ତର ଭାରତରେ ଆକାଶ ଏକାବେଳେ ମେଘମୁକ୍ତ ଏବଂ ସଫା ରହିଛି, ଯାହା ଦୁଇ କ୍ଷେତ୍ର ମଧ୍ୟରେ ଏକ ସ୍ପଷ୍ଟ ଦୃଶ୍ୟମାନ ପାର୍ଥକ୍ୟ ସୃଷ୍ଟି କରିଛି।

ପାଗ ବିଶେଷଜ୍ଞଙ୍କ ମତରେ, ବର୍ତ୍ତମାନ ଭାରତରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ବା ଫେରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମୟରେ ବିଭିନ୍ନ ଅଞ୍ଚଳରେ ବାୟୁମଣ୍ଡଳୀୟ ପରିସ୍ଥିତି ପାଗକୁ ପ୍ରଭାବିତ କରିଥାଏ। ପୂର୍ବ ଭାରତ ଓ ବଙ୍ଗୋପସାଗରରେ ଦୃଶ୍ୟମାନ ହେଉଥିବା ଏହି ମେଘପୁଞ୍ଜ ଆର୍ଦ୍ରତାପୂର୍ଣ୍ଣ ପବନ, ସ୍ୱଳ୍ପ ଚାପ ଓ ଅନ୍ୟାନ୍ୟ ବାୟୁମଣ୍ଡଳୀୟ ଅସ୍ଥିରତା ସହ ଜଡ଼ିତ ବୋଲି ଅନୁମାନ କରାଯାଉଛି।

ଭାରତୀୟ ପାଗ ବିଜ୍ଞାନ କ୍ଷେତ୍ରରେ 'ଇନସାଟ୍-୩ଡିଏସ୍' ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପଗ୍ରହ। ଭାରତୀୟ ପାଗ ବିଭାଗ (ଆଏମଡି) ଏହି ଉପଗ୍ରହର ତଥ୍ୟକୁ ବ୍ୟବହାର କରି ପାଗ ପୂର୍ବାନୁମାନ, ଘୂର୍ଣ୍ଣିବାତ୍ୟା କିମ୍ବା ଭୟଙ୍କର ପାଗକୁ ଠିକ୍ ସମୟରେ ଟ୍ରାକ୍ କରିଥାଏ।

ଭାରତ ଭଳି ବିଶାଳ ଦେଶରେ କିପରି ଏକା ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ପାଗ ଏବଂ ମେଘ ଆଚ୍ଛାଦନରେ ବଡ଼ ଧରଣର ପାର୍ଥକ୍ୟ ଦେଖିବାକୁ ମିଳିଥାଏ ତାହା ଏହି ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି।

**● ଜାତିସଂଘରେ ସ୍ଥାୟୀ ସଦସ୍ୟତା**

## ଭାରତକୁ ସମର୍ଥନ କଲା ପର୍ତ୍ତୁଗାଲ

ନୂଆଦିଲ୍ଲୀ,୨୫।୯ः ଜାତିସଂଘ ନିରାପତ୍ତା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ଆଉ ଏକ ବଡ଼ ଦେଶରୁ ଦୃଢ଼ ସମର୍ଥନ ମିଳିଛି। ଜାତିସଂଘ ସାଧାରଣ ପରିଷଦର ବୈଠକରେ ପର୍ତ୍ତୁଗାଲର ପ୍ରଧାନମନ୍ତ୍ରୀ ଲୁଇସ୍ ମୋଣ୍ଟେନେଗ୍ରୋ ଭାରତକୁ ସ୍ଥାୟୀ ସଦସ୍ୟତା ପ୍ରଦାନ କରିବାକୁ ଦୃଢ଼ ଓକିଲାତି କରିଛନ୍ତି। ସେ କହିଛନ୍ତି ଯେ, ସମୟ ବଦଳିବା ସହିତ ବିଶ୍ୱରେ ମଧ୍ୟ ବଡ଼ ପରିବର୍ତ୍ତନ ଆସିଛି, ତେଣୁ ନିରାପତ୍ତା ପରିଷଦକୁ ଅଧିକ ପ୍ରତିନିଧିମୂଳକ ଏବଂ ଶକ୍ତିଶାଳୀ କରିବା ଜରୁରୀ। ଆଫ୍ରିକା ଏବଂ ବ୍ରାଜିଲ୍ ସହିତ ଭାରତକୁ ମଧ୍ୟ ନିରାପତ୍ତା ପରିଷଦରେ ସ୍ଥାୟୀ ଆସନ ଦିଆଗଲେ ଏହା ଆଜିର ପରିବର୍ତ୍ତିତ ଦୁନିଆରେ ଅଧିକ ପ୍ରଭାବଶାଳୀ ଭାବେ କାମ କରିପାରିବ ବୋଲି ସେ ମତ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଭାରତ ଦୀର୍ଘ ଦିନ ହେବ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇଁ ଦାବି କରିଆସୁଛି। ଏହାପୂର୍ବରୁ ମଧ୍ୟ ପୁର୍ତଗାଲ ପକ୍ଷରୁ ଭାରତର ଏହି ଦାବିକୁ ସମର୍ଥନ କରାଯାଇଥିଲା।

# ପ୍ରଧାନମନ୍ତ୍ରୀଙ୍କ ସ୍ମୃତିଚିହ୍ନର ଇ-ନିଲାମୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ

- ଶ୍ରୀଜଗନ୍ନାଥଙ୍କ କଳାକୃତି ପଟ୍ଟଚିତ୍ର, ତାରକସି ଓ ସମ୍ବଲପୁରୀ କଳା ସ୍ଥାନିତ
- ସଂଗ୍ରହରେ ରହିଛି ଓଡ଼ିଶାର ସାଂସ୍କୃତିକ ପରିଚୟର ବିବିଧ ସ୍ୱରୂପ

ନୂଆଦିଲ୍ଲୀ,୨୫।୯(ସଂଚାର ବ୍ୟୁରୋ): ଚଳିତ ବର୍ଷର ପ୍ରଧାନମନ୍ତ୍ରୀଙ୍କ ସ୍ମୃତିଚିହ୍ନ ଇ-ନିଲାମୀରେ ଓଡ଼ିଶାର ବିବିଧ ସାଂସ୍କୃତିକ ଐତିହ୍ୟ ପ୍ରମୁଖ ଆକର୍ଷଣ ସାଜିଛି। ଏଥିରେ ରାଜ୍ୟର ଆଧ୍ୟାତ୍ମିକ ପରମ୍ପରା, କଳାତ୍ମକ କାରିଗରୀ, ଚିତ୍ରକଳା, ବୟନଶିଳ୍ପ ଓ ସାହିତ୍ୟ ପରମ୍ପରାକୁ ପ୍ରତିଫଳିତ କରୁଥିବା ବିଭିନ୍ନ ସାମଗ୍ରୀ ସାମିଲ କରାଯାଇଛି। ସଂଗୃହିତ ସାମଗ୍ରୀ ମଧ୍ୟରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଉପରେ ଆଧାରିତ ବିଭିନ୍ନ କଳାକୃତି ସହ ଓଡ଼ିଶାର ଆଞ୍ଚଳିକ ଦେବଦେବୀ ପାରମ୍ପରିକ କଳାଶୈଳୀ, ବୟନଶିଳ୍ପ, ପର୍ବପର୍ବାଣି ଓ ବିଶିଷ୍ଟ ସାଂସ୍କୃତିକ ବ୍ୟକ୍ତିତ୍ୱଙ୍କୁ ପ୍ରତିନିଧିତ୍ୱ କରୁଥିବା ସାମଗ୍ରୀ ସ୍ଥାନ ପାଇଛି ।

ବିଶେଷ ଆକର୍ଷଣୀୟ ସାମଗ୍ରୀଗୁଡ଼ିକ ମଧ୍ୟରେ ରଥ ଉପରେ ବିରାଜମାନ ମହାପ୍ରଭୁ ଶ୍ରୀଜଗନ୍ନାଥ ଦେବୀ, ସୁଭଦ୍ରା ଓ ମହାପ୍ରଭୁ ବଳଭଦ୍ର ବିରାଜମାନ ହୋଇଥିବା ଏକ କଳାକୃତି ରହିଛି । ଏଥିରେ ଅତ୍ୟନ୍ତ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ରଥ ଉପରେ ଶ୍ରୀଜୀଉମାନେ ବିରାଜମାନ କରିଥିବା ଦୃଶ୍ୟ ଚିତ୍ରଣ କରାଯାଇଛି, ଯାହା ରଥଯାତ୍ରାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ମହତ୍ତ୍ୱକୁ ପ୍ରତିପାଦିତ କରେ।

ଏହି ସଂଗ୍ରହରେ ପୁରୀ ରଥଯାତ୍ରା ଉପରେ



ଆଧାରିତ ଏକ ପଟ୍ଟଚିତ୍ର ମଧ୍ୟ ସାମିଲ ରହିଛି। ଏଥିରେ ନୃତ୍ୟ, ସଙ୍ଗୀତ ଓ ଉତ୍ସବମୁଖର ପରିବେଶ ମଧ୍ୟରେ ରଥାରୂଢ଼ ତ୍ରିମୂର୍ତ୍ତିଙ୍କ ଚିତ୍ରଣ କରାଯାଇଛି। ଏହି କଳାକୃତିରେ ଓଡ଼ିଶାର ସୂକ୍ଷ୍ମ କାରୁକାର୍ଯ୍ୟ, ଜୀବନ୍ତ ରଙ୍ଗ ଏବଂ ଆଧ୍ୟାତ୍ମିକ କଳାତ୍ମକ ପରମ୍ପରା ପ୍ରତିଫଳିତ ହୋଇଛି। ନିଲାମ ତାଲିକାରେ ରାଜ୍ୟ ସହ ଜଡ଼ିତ ଅନେକ ପାରମ୍ପରିକ ହସ୍ତଶିଳ୍ପ ମଧ୍ୟ ପ୍ରଦର୍ଶିତ ହୋଇଛି। ଏଗୁଡ଼ିକ ମଧ୍ୟରେ ରହିଛି ସୂକ୍ଷ୍ମ ରୁପା ତାର ବ୍ୟବହାର କରି କରାଯାଉଥିବା ଏକ ଜଟିଳ କାରିଗରୀ- କଟକର ରୂପା ତାରକସି କାମର କଳାକୃତି । ସମ୍ବଲପୁରୀ ବସ୍ତ୍ର ଏବଂ ଇକତ୍ ମଧ୍ୟ ନିଲାମ ସାମଗ୍ରୀ ମଧ୍ୟରେ ରହିଛି। ଅନ୍ୟ ଏକ ବିଶେଷ କାର୍ଯ୍ୟ ହେଉଛି ସମ୍ବଲପୁରୀ ଇକତ ବ୍ୟବହାର କରି ନିର୍ମିତ ମା' ସମଲେଶ୍ୱରୀଙ୍କ ଦିବ୍ୟ ପ୍ରତିମା ଯାହା ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ବାନ୍ଧ କୌଶଳରେ ହାତରେ ବୁଣାଯାଇଛି ।

ମିଳିତ ଭାବେ ଦେଖିଲେ ଏହି ୬୨ଟି ସ୍ମାରକୀ ଓଡ଼ିଶାର ଏକ ବ୍ୟାପକ ଦୃଶ୍ୟମାନ ବୃତ୍ତାନ୍ତ ଉପସ୍ଥାପନ କରେ। ଏଥିରେ ଶ୍ରୀଜଗନ୍ନାଥଙ୍କ ପୂଜା ଓ ରଥଯାତ୍ରାର ଚିରନ୍ତନ ପରମ୍ପରାଠାରୁ ଆରମ୍ଭ କରି ପଟ୍ଟଚିତ୍ର, ତାରକସି, ସମ୍ବଲପୁରୀ ଇକ୍କତ, ଆଞ୍ଚଳିକ ପର୍ବପର୍ବାଣି ଏବଂ ସାହିତ୍ୟିକ ଐତିହ୍ୟ ସାମିଲ ରହିଛି। କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କଳାତ୍ମକ ପରମ୍ପରାର ପ୍ରତିନିଧିତ୍ୱ କରିବା ପରିବର୍ତ୍ତେ ଏହି ସଂଗ୍ରହ ରାଜ୍ୟର ଜୀବନ୍ତ ସାଂସ୍କୃତିକ ଐତିହ୍ୟର ବିବିଧ ସ୍ୱରୂପକୁ ଏକତ୍ରିତ କରିଛି ।

## ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଯୁବକଯୁବତୀ ବେକାର

### ଲାଇଭ୍ ରେଜିଷ୍ଟରରେ ୧.୪୩ ଲକ୍ଷ ଡିଗ୍ରୀ ଓ ଡିପ୍ଲୋମାଧାରୀ

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ରାଜ୍ୟରେ ବୃଦ୍ଧି ପାଉଥିବା ବେକାରୀ ସମସ୍ୟାକୁ ନେଇ ବିଧାନସଭାରେ ସାମ୍ନାକୁ ଆସିଛି ଏକ ବଡ଼ ତଥ୍ୟ। ରାଜ୍ୟର ବିଭିନ୍ନ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟରେ ଲକ୍ଷ ଲକ୍ଷ ଶିକ୍ଷିତ ଯୁବକଯୁବତୀ ଚାକିରି ଆଶାରେ ନିଜ ନାମ ପଞ୍ଜୀକରଣ କରି ଅପେକ୍ଷା କରିଛନ୍ତି। ଗୃହରେ ପ୍ରଶ୍ନୋତ୍ତର କାଳରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଏହି ସମ୍ପର୍କରେ ଏକ ଉତ୍ତର ରଖି ସରକାରୀ ହିସାବ ପ୍ରଦାନ କରିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଗତ ମେ' ୩୧ ସୁଦ୍ଧା ରାଜ୍ୟର ସମସ୍ତ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟରେ 'ଲାଇଭ୍ ରେଜିଷ୍ଟର'ରେ ମୋଟ ୧୩ ଲକ୍ଷ ୨୯ ହଜାର ୪୬୬ ଜଣ ଯୁବକଯୁବତୀ ନିଜର ନାମ ପଞ୍ଜୀକରଣ କରିଛନ୍ତି। ଏହି ସଂଖ୍ୟା ରାଜ୍ୟରେ ବେକାରୀ ସମସ୍ୟାର ସାଂଘାତିକ ଚିତ୍ରକୁ ଦର୍ଶାଉଥିବା ବେଳେ ପ୍ରତିବର୍ଷ ଶିକ୍ଷା ଶେଷ କରୁଥିବା ଅନେକ ଯୁବପିଢ଼ି ନିଯୁକ୍ତି ପାଇଁ ସଂଗ୍ରାମ କରୁଥିବା ସ୍ପଷ୍ଟ ହୋଇଛି। ସବୁଠୁ ଚିନ୍ତାଜନକ ବିଷୟ ହେଉଛି ଯେ ଏହି ମୋଟ ପଞ୍ଜୀକୃତ ବେକାରଙ୍କ ମଧ୍ୟରୁ ୧ ଲକ୍ଷ ୪୩ ହଜାର ୪୩୨ ଜଣ ଯୁବକଯୁବତୀ ଉଚ୍ଚଶିକ୍ଷିତ। ଏଥିରେ ବିଭିନ୍ନ ବୈଷୟିକ ଓ ଅବୈଷୟିକ ଡିଗ୍ରୀ ଏବଂ ଡିପ୍ଲୋମା ହାସଲ କରିଥିବା ପ୍ରାର୍ଥୀମାନେ ଅନ୍ତର୍ଭୁକ୍ତ ଅଛନ୍ତି। ଉଚ୍ଚଶିକ୍ଷା ଓ କାରିଗରୀ ଶିକ୍ଷା ପରେ ମଧ୍ୟ ସେମାନଙ୍କୁ ଯୋଗ୍ୟତା ଅନୁଯାୟୀ କାମ ମିଳିପାରିନାହିଁ। ରାଜ୍ୟର ବିଭିନ୍ନ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରୁ ସଂଗ୍ରହ କରାଯାଇଥିବା ଏହି ରିପୋର୍ଟ ଦର୍ଶାଉଛି ଯେ ଦକ୍ଷ ଯୁବପିଢ଼ି ଏବେ ବି ସ୍ଥାୟୀ ନିଯୁକ୍ତି ସୁଯୋଗକୁ ଚାହିଁ ବସିଛନ୍ତି।

## ମନଦୀପ ଭଣ୍ଡାରୀ ସିବିଏସ୍‌ଇ ନୂଆ ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୫।୯: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଆଜି ଆଇଏଏସ୍ ଅଫିସର ମନଦୀପ କେ ଭଣ୍ଡାରୀଙ୍କୁ ନୂଆ ଅଧ୍ୟକ୍ଷ ନିଯୁକ୍ତ କରିଛି। ଦ୍ୱାଦଶ ଶ୍ରେଣୀ ଉତ୍ତର ଖାତା ମୂଲ୍ୟାୟନ ପାଇଁ ସିବିଏସ୍‌ଇ ଆରମ୍ଭ କରିଥିବା ନୂଆ ଓଏସ୍ଏମ୍ (ଅନ୍ ସ୍କ୍ରିନ୍ ମାର୍କିଂ ସିଷ୍ଟମ୍)କୁ ନେଇ ବିବାଦ ହେବାର ୪ ମାସ ପରେ ସିବିଏସ୍‌ଇ ଭଣ୍ଡାରୀଙ୍କୁ ଏହାର ନୂଆ ଅଧ୍ୟକ୍ଷ ନିଯୁକ୍ତ କରିଛି। କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗ ଦ୍ୱାରା ଜାରି ସରକାରୀ ଅର୍ଡର୍ ଅନୁଯାୟୀ ୨୦୦୧ ବ୍ୟାଚ୍‌ର ଏଜିଏମ୍‌ୟୁଟି କ୍ୟାଡର୍ ଆଇଏଏସ୍ ଅଫିସରଙ୍କୁ ଶିକ୍ଷା ମନ୍ତ୍ରାଳୟ ଅଧୀନରେ ସିବିଏସ୍‌ଇର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।



## ଜ୍ଞାନେଶ କୁମାର ପଦ୍ମଭୂଷଣ ପାଇବାକୁ ଯୋଗ୍ୟ

ନୂଆଦିଲ୍ଲୀ, ୨୫।୯: ମୁଖ୍ୟ ନିର୍ବାଚନ କମିସନର (ସିଇସି)ଙ୍କ ବିରୋଧରେ ଏବେ ସବୁଠି ଅସନ୍ତୋଷ ତେଜିଥିବାବେଳେ ପଶ୍ଚିମବଙ୍ଗ ବିଜେପି ସଭାପତି ସମୀକ ଭଟ୍ଟାଚାର୍ଯ୍ୟ ଆଜି ସିଇସିଙ୍କୁ ସମର୍ଥନ କରି ଏକ ଟିପ୍ପଣୀ ଦେଇଛନ୍ତି। ସମୀକ କହିଛନ୍ତି, କୁମାର ଅନ୍ତତଃ ପଦ୍ମଭୂଷଣ ପାଇବାପାଇଁ ଯୋଗ୍ୟ। ଶାନ୍ତିପୂର୍ଣ୍ଣ ନିର୍ବାଚନ ଓ ରାଜ୍ୟରେ ଭୋଟର୍ ତାଲିକାରେ ପରିବର୍ତ୍ତନ ପାଇଁ ତାଙ୍କୁ ପଦ୍ମ ଭୂଷଣ ମିଳିବା ଉଚିତ। ଭଟ୍ଟାଚାର୍ଯ୍ୟ ମଧ୍ୟ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ରାହୁଲଙ୍କ ନିଜ ଦଳର ଲୋକମାନେ ମଧ୍ୟ ତାଙ୍କୁ ଗୁରୁତ୍ୱ ଦେଉନାହାନ୍ତି ଏବଂ ତାଙ୍କ କଥା ଶୁଣୁନାହାନ୍ତି।

## ଜିଲ୍ଲାସ୍ତରୀୟ 'ସମ୍ବନ୍ଧ' ମେଗା ସଦସ୍ୟତା ଅଭିଯାନ

କଟକ, ୨୫।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଦ୍ୱାରା ରାଜ୍ୟବ୍ୟାପୀ 'ସମ୍ବନ୍ଧ' ମେଗା ସଦସ୍ୟତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନର ରାଜ୍ୟସ୍ତରୀୟ ଶୁଭାରମ୍ଭ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ କରାଯାଇଥିବା ବେଳେ ଏହାର ସିଧାପ୍ରସାରଣ ସହ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ପୂର୍ବାହ୍ନରେ ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି।

## ବାଲିଯାତ୍ରା ପାର୍କିଂ ସ୍ଥଳ ଟେଣ୍ଡର ଆହ୍ୱାନ

କଟକ, ୨୫।୯(ସଂଚାର ବ୍ୟୁରୋ): ଐତିହାସିକ ବାଲିଯାତ୍ରା କଟକ-୨୦୨୬ ଅବସରରେ ସହରର ବିଭିନ୍ନ ସ୍ଥାନରେ ଚିହ୍ନଟ ପାର୍କିଂ ସ୍ଥଳଗୁଡ଼ିକୁ ଅସ୍ଥାୟୀ ଲିଜ୍‌ରେ ପ୍ରଦାନ ଓ ନିଲାମ ନିମନ୍ତେ ଇଚ୍ଛୁକ ବ୍ୟକ୍ତି, ଫାର୍ମ ଓ ଅନୁଷ୍ଠାନମାନଙ୍କଠାରୁ ସିଲ୍ ଟେଣ୍ଡର ଆହ୍ୱାନ କରାଯାଉଛି। ପାର୍କିଂ ସ୍ଥଳଗୁଡ଼ିକ 'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ନିଲାମ କରାଯିବ। ଟେଣ୍ଡର ସମ୍ପର୍କିତ ବିଡ୍ ଡକ୍ୟୁମେଣ୍ଟ, ପାର୍କିଂ ସ୍ଥଳର ବିବରଣୀ, ସର୍ତ୍ତାବଳୀ ଓ ଅନ୍ୟାନ୍ୟ ତଥ୍ୟ କଟକ ଜିଲ୍ଲା ପ୍ରଶାସନର ଓ୍ୱେବସାଇଟରେ ଉପଲବ୍ଧ ରହିଛି। ଇଚ୍ଛୁକ ବ୍ୟକ୍ତି ୨୫ ତାରିଖଠାରୁ ବିଡ୍ ଡକ୍ୟୁମେଣ୍ଟ ଡାଉନଲୋଡ୍/ସଂଗ୍ରହ କରିପାରିବେ।

## ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

କଟକ, ୨୫।୯ (ସଂଚାର ବ୍ୟୁରୋ): ଓଡ଼ିଶା ଫାର୍ମାସି ଅଫିସର ସେବା ସଂଘ କଟକ ଶାଖା ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ଶତାବ୍ଦୀ ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି। ସଂଘର ସଭାପତି ସୁବ୍ରତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଫାର୍ମାସିଷ୍ଟମାନଙ୍କ ଭୂମିକା, ଦାୟିତ୍ୱ ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ସେମାନଙ୍କ ଅବଦାନ ଉପରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ସଂଘର ସହ-ସମ୍ପାଦକ ରିୟାଜ ଉଦ୍ଦିନ ଖାନ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ।

### ନବମ ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହ-୨୦୨୬

## ଜଳ ପରିଚାଳନାରେ ଓଡ଼ିଶାର ପ୍ରୟାସକୁ ଜାତୀୟ ସ୍ୱୀକୃତି




ନୂଆଦିଲ୍ଲୀ, ୨୫।୯: ନବମ ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହ (ଆଇଆଇଡବ୍ଲ୍ୟୁଡବ୍ଲ୍ୟୁ) ୨୦୨୬ରେ ରାଜ୍ୟ ବର୍ଗରେ ଓଡ଼ିଶା ଜଳ ସମ୍ପଦ ବିଭାଗକୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। 'ଜଳବାୟୁ ସହନଶୀଳ ଜଳ ପରିଚାଳନା' ବିଷୟବସ୍ତୁ ଉପରେ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସହଯୋଗୀ ରାଜ୍ୟ ଭାବେ ଅଂଶଗ୍ରହଣ କରିଥିଲା। ଓଡ଼ିଶା ପ୍ୟାଭିଲିୟନ୍‌ରେ ଜଳ ସଂରକ୍ଷଣ ଓ ବଣ୍ଟନ, ଜଳର ଦକ୍ଷ ବ୍ୟବହାର, କୃଷି ନବସୃଜନ ଓ ସ୍ଥାନୀୟ ସମୁଦାୟର ଅଂଶଗ୍ରହଣକୁ ଏକୀକୃତ କରି ରାଜ୍ୟର ଜଳ ପରିଚାଳନା ମଡେଲ୍ ପ୍ରଦର୍ଶିତ ହୋଇଥିଲା। ଜଳସମ୍ପଦ ଭିତ୍ତିଭୂମି, କୃଷି ନବୀନତା ଓ ସାମୁଦାୟିକ ଅଂଶଗ୍ରହଣ ମାଧ୍ୟମରେ କୃଷକ ଓ ସମୁଦାୟର ଜୀବିକାକୁ କିପରି ସୁଦୃଢ଼ କରାଯାଇପାରିବ, ତାହା ପ୍ୟାଭିଲିୟନ୍‌ରେ ପ୍ରଦର୍ଶିତ ହୋଇଥିଲା।

ଓଡ଼ିଶା ଜଳସେଚନ ପ୍ରକଳ୍ପ ନିମନ୍ତେ ଜଳବାୟୁ ସହନଶୀଳ କୃଷି (ଓଆଇଆଇପିସିଆରଏ) ଏହି ପ୍ରଦର୍ଶନୀର ଏକ ପ୍ରମୁଖ ଆକର୍ଷଣ ଥିଲା। ଏଥିରେ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାର ପୁନରୁଦ୍ଧାର ସହ ଧାନ ଚାଷ, ସବୁଜ ସାର ପ୍ରୟୋଗ, ଫସଲ ବିବିଧୀକରଣ, ସମନ୍ୱିତ ଧାନ-ମାଛ ଚାଷ ଓ କଷ୍ଟମ୍ ହାୟାରିଂ ସେଣ୍ଟର ମାଧ୍ୟମରେ କୃଷି ଯନ୍ତ୍ରପାତି ଉପଲବ୍ଧତା ଭଳି ପଦକ୍ଷେପ ପ୍ରଦର୍ଶିତ ହୋଇଥିଲା।

ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହ-୨୦୨୬ରେ ରାଜ୍ୟ ବର୍ଗରେ ମିଳିଥିବା ଶ୍ରେଷ୍ଠ ପୁରସ୍କାର ଓଡ଼ିଶାର ଜଳ ଭିତ୍ତିଭୂମିକୁ କୃଷି ଓ ସମୁଦାୟର ଆବଶ୍ୟକତା ସହ ଯୋଡ଼ିବା ଦିଗରେ ଚାଲିଥିବା ପ୍ରୟାସର ଏକ ସ୍ୱୀକୃତି। ସହଯୋଗୀ ରାଜ୍ୟ ଭାବେ ଓଡ଼ିଶା ଏହି ମଞ୍ଚରେ ନିଜ ଅଭିଜ୍ଞତା ଆଦାନପ୍ରଦାନ କରିବା ସହ ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନର ମୁକାବିଲା ପାଇଁ ଅନ୍ୟ ସ୍ଥାନରେ ଗ୍ରହଣ କରାଯାଉଥିବା ପଦକ୍ଷେପରୁ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇଥିଲା।

## ୧୬୩ କୋଟି ସିଏସଆର, ଯାଜପୁରରେ ଖର୍ଚ୍ଚ ହୋଇଛି

ଭୁବନେଶ୍ୱର,୨୫।୯: ଯାଜପୁର ଜିଲ୍ଲାରେ ବିଭିନ୍ନ କମ୍ପାନୀ ସେମାନଙ୍କ ସିଏସଆର ପାଣ୍ଠିରୁ ୧୬୩ କୋଟି ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କରିଛନ୍ତି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ବିଜେପି ବିଧାୟକ ଅମର କୁମାର ନାୟକଙ୍କର ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ କହିଛନ୍ତି ଯେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ୫ଟି ବୃହତ୍ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଛି। ଏହି ଶିଳ୍ପାନୁଷ୍ଠାନରେ ୧୨୦୯ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ୪୧୨୬ଟି ନିଯୁକ୍ତି ସୁଯୋଗ ସୃଷ୍ଟିର ଆକଳନ କରାଯାଇଛି। କମ୍ପାନୀମାନଙ୍କ ଦ୍ୱାରା ଯାଜପୁର ଜିଲ୍ଲାରେ ୨୦୨୧-୨୨ରୁ ୨୦୨୫-୨୬ ବର୍ଷ ମଧ୍ୟରେ ସିଏସଆର କାର୍ଯ୍ୟ ପାଇଁ ୧୬୩ କୋଟି ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଅର୍ଥ ସୈନ୍ୟବାହିନୀର ଯବାନ, ବିପର୍ଯ୍ୟୟ ପରିଚାଳନା, ଶିକ୍ଷା ଓ ଦକ୍ଷତା ବିକାଶ, ପରିବେଶ, ଲିଙ୍ଗଗତ ସମାନତା, ସ୍ୱାସ୍ଥ୍ୟସେବା, ଐତିହ୍ୟ ସଂରକ୍ଷଣ, ଗ୍ରାମ୍ୟ ଉନ୍ନୟନ, କ୍ରୀଡ଼ା ଓ ସ୍ୱଚ୍ଛ ଭାରତ ଆଦି କାର୍ଯ୍ୟକ୍ରମରେ ବିନିଯୋଗ ହୋଇଛି। ତେବେ ମନ୍ତ୍ରୀ ତାଙ୍କର ଉତ୍ତର ରଖୁଥିବା ବେଳେ ବିରୋଧୀଙ୍କ ହଙ୍ଗାମା ପାଇଁ ଉପବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। (ତଥ୍ୟ)

## ଛାତ୍ରଛାତ୍ରୀଙ୍କ ପୋଷାକ, ୫୪୧ କୋଟି ଟପିଲାଣି

ଭୁବନେଶ୍ୱର,୨୫।୯: ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ପୋଷାକ ବାବଦରେ ରାଜ୍ୟ ସରକାର ବର୍ଷକୁ ୫୪୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଏ ବାବଦରେ ମୋଟ ୨୫୦୧ କୋଟି ଟଙ୍କା ବ୍ୟୟ ସରିଥିବା ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଧାନସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ପୋଷାକ ସଂକ୍ରାନ୍ତରେ କଂଗ୍ରେସ ବିଧାୟକ ଡାକ୍ତର ସି ଏସ ରାଜ୍ଜନ ଏକ୍କା ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ୨୦୨୦-୨୧ ବର୍ଷରେ ଛାତ୍ରଛାତ୍ରୀଙ୍କ ପୋଷାକ ପାଇଁ ୨୭୭ କୋଟି ୬୮ଲକ୍ଷ ଟଙ୍କା ବ୍ୟୟ ହେଉଥିବା ବେଳେ ୨୦୨୫-୨୬ ବର୍ଷରେ ତାହା ୫୪୧ କୋଟି ଟଙ୍କାକୁ ଅତିକ୍ରମ କରିଯାଇଛି। ୨୦୨୦-୨୧ ବର୍ଷରୁ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଣ ବାବଦରେ ୨୫୦୧ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ସରକାରଙ୍କର ପ୍ରଚଳିତ ମାର୍ଗଦର୍ଶିକା ଓ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଗୁଣବତ୍ତା ନିଶ୍ଚିତ କରାଯାଇ ପୋଷାକ କ୍ରୟ ହେଉଛି। ଜିଲ୍ଲାସ୍ତରୀୟ ଚୟନ କମିଟି ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ବିଦ୍ୟାଳୟ ପରିଚାଳନା କମିଟି ମାଧ୍ୟମରେ ପୋଷାକ କ୍ରୟ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ ହେଉଛି। (ତଥ୍ୟ)

## ଓଡ଼ିଶା ସ୍କୁଲ ପାଠ୍ୟପୁସ୍ତକରେ ୧,୭୪୧ ତ୍ରୁଟି ଚିହ୍ନଟ

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଓଡ଼ିଶାରେ ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଚଳିତ ନୂତନ ପାଠ୍ୟପୁସ୍ତକରେ ମୋଟ ୧,୭୪୧ଟି ତ୍ରୁଟି ଚିହ୍ନଟ କରାଯାଇଛି। ଏନେଇ ଗୃହରେ ଏକ ପ୍ରଶ୍ନର ଉତ୍ତର ରଖିବା ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରକାଶିତ ସଂଶୋଧନ ତାଲିକାରେ ଉଲ୍ଲେଖ ଥିବା ୧,୭୪୧ଟି ତ୍ରୁଟି ଓ ପରାମର୍ଶ ମଧ୍ୟରୁ ୫ଟି ତଥ୍ୟଗତ ତ୍ରୁଟି ଥିଲା। ୧,୦୭୫ଟି ବ୍ୟାକରଣଗତ, ବନାନଗତ ତ୍ରୁଟି ଥିଲା ଓ ୬୬୧ଟି ଉନ୍ନତି ପାଇଁ ପରାମର୍ଶ ଥିଲା।

ମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଥିଲେ ଯେ ମୁଖ୍ୟ କମିଟି ଦ୍ୱାରା ଚୂଡ଼ାନ୍ତ ଅନୁମୋଦନ ପୂର୍ବରୁ ଏହି ପାଠ୍ୟପୁସ୍ତକଗୁଡ଼ିକ ଏକ କର୍ମଶାଳା ମାଧ୍ୟମରେ ପ୍ରସ୍ତୁତ ଓ ବିକଶିତ କରାଯାଇଥିଲା। ସେଗୁଡ଼ିକର ସମୀକ୍ଷା ଓ 'ପ୍ରୁଫ୍-ରିଡିଂ' କରାଯିବା ସହ ବିଷୟଗତ ବିଶେଷଜ୍ଞଙ୍କ ଦ୍ୱାରା ଦିନିକିଆ ଯାଞ୍ଚ ମଧ୍ୟ କରାଯାଇଥିଲା। ଓଡ଼ିଶା ବିଧାନସଭାର ଫଟୋ, ନିୟମଗିରି ପାହାଡ଼ର ଅବସ୍ଥିତି ଓ କୋଣାର୍କ ସୂର୍ଯ୍ୟ ମନ୍ଦିରର ଚିହ୍ନଟ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଅବଗତି ପାଇଁ ସଠିକ ତଥ୍ୟ ସମ୍ବଳିତ ଏକ ସଂଶୋଧନ ତାଲିକା ବିଦ୍ୟାଳୟଗୁଡ଼ିକୁ ପଠାଯାଇଛି। ମନ୍ତ୍ରୀଙ୍କ ସୂଚନାନୁଯାୟୀ, ପାଠ୍ୟପୁସ୍ତକରେ ମିଳିଥିବା ତ୍ରୁଟି ସମ୍ବନ୍ଧରେ ୧୦ ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ପୂର୍ବତନ ନିର୍ଦ୍ଦେଶକ ଏବଂ ତିନି ଜଣ ପୂର୍ବତନ ଉପନିର୍ଦ୍ଦେଶକଙ୍କୁ ଚାକିରିରୁ ମଧ୍ୟ ନିଲମ୍ବିତ କରାଯାଇଛି। ଏହି ତ୍ରୁଟିବିଚ୍ୟୁତି ନେଇ ୬ ଜଣ ଉପନିର୍ଦ୍ଦେଶକଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

## ୧.୭୩ ଲକ୍ଷ ମାମଲା, ବିଚାରପତି ପଦବୀ ଖାଲି

ଭୁବନେଶ୍ୱର,୨୫।୯: ଓଡ଼ିଶା ହାଇକୋର୍ଟରେ ପ୍ରାୟ ୧ ଲକ୍ଷ ୭୩ ହଜାର ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ଅଧାରୁ ଅଧିକ ବିଚାରପତି ପଦବୀ ଖାଲି ପଡ଼ିବା ଯୋଗୁଁ ତ୍ୱରିତ ନ୍ୟାୟ ପ୍ରଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ଓଡ଼ିଶା ହାଇକୋର୍ଟ ପାଇଁ ୩୩ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବା ବେଳେ ଏବେ ଏଠାରେ ୧୮ଟି ପଦବୀ ଖାଲି ପଡ଼ିଛି ଏବଂ ମାତ୍ର ୧୫ ଜଣ ବିଚାରପତିଙ୍କୁ ନେଇ ବିଚାର ପ୍ରକ୍ରିୟା ଚାଲିଛି। ହାଇକୋର୍ଟର ବିଚାରପତିମାନେ ମାମଲା ବିଚାର ସହ ଆଇନ ସେବା ଭଳି ବିଭିନ୍ନ ଅନୁଷ୍ଠାନ ସହିତ ମଧ୍ୟ ଜଡ଼ିତ ଥାଆନ୍ତି। ଏହାଛଡ଼ା ଜଣେ ଜଣେ ବିଚାରପତିଙ୍କୁ ଏକାଧିକ ଜିଲ୍ଲାରେ ଥିବା ଆଇନ୍ ଅଦାଲତଗୁଡ଼ିକର ପରିଦର୍ଶନ ଦାୟିତ୍ୱ ବି ଦିଆଯାଇଥାଏ। ଆହୁରି ଜୁଡିସିଆଲ ଏକାଡେମୀ ଓ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସହ ମଧ୍ୟ ହାଇକୋର୍ଟର ସମ୍ପର୍କ ରହିଛି। ମୁଖ୍ୟ ବିଚାରପତି ବିଚାର ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସଙ୍ଗେ ସଙ୍ଗେ ବିଚାରପତିମାନଙ୍କ ମଧ୍ୟରେ ମାମଲା ବଣ୍ଟନ କରିଥାନ୍ତି ଏବଂ ହାଇକୋର୍ଟର ପ୍ରଶାସନିକ କାର୍ଯ୍ୟ ବି ତାଙ୍କ ନେତୃତ୍ୱରେ ଚାଲିଥାଏ। ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର ଆଦିରେ ବି ବିଚାରପତିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ।

କମ୍‌ସଂଖ୍ୟକ ବିଚାରପତି ଥିଲେ ବି ବହୁ କଷ୍ଟରେ ଏଠାରେ ମାମଲା ଫଇସଲା କାମ ଚାଲୁଛି। ଖୁବ୍‌ଶୀଘ୍ର ଆଉ କେତେ ଜଣ ବିଚାରପତି ଅବସର ଗ୍ରହଣ କରିବାକୁ ଯାଉଥିବାରୁ ଖାଲି ଆସନ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। କିଛିଦିନ ତଳେ ସୁପ୍ରିମକୋର୍ଟ କଲେଜିୟମ ଓଡ଼ିଶା ହାଇକୋର୍ଟର ବିଚାରପତି ପଦବୀ ପାଇଁ ୪ ଜଣଙ୍କ ନାମ ସୁପାରିସ୍ କରିଥିଲେ ମଧ୍ୟ ଏଯାବତ୍ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇନାହିଁ।

ଓଡ଼ିଶା ହାଇକୋର୍ଟରେ ଖାଲି ପଡ଼ୁଥିବା ବିଚାରପତି ପଦବୀ ବର୍ଷ ବର୍ଷ ଧରି ପୂରଣ ହେଉ ନ ଥିବାରୁ ବିଚାର ବ୍ୟବସ୍ଥାରେ ଓଡ଼ିଆ ଅସ୍ମିତା ପ୍ରତି ପ୍ରଶ୍ନବାଚୀ ଉପୁଜୁଛି। ଏବେ ଓଡ଼ିଶା ହାଇକୋର୍ଟ କୋଟାରୁ କୌଣସି ବିଚାରପତି ସୁପ୍ରିମକୋର୍ଟରେ ନାହାନ୍ତି। ଅତୀତରେ ଓଡ଼ିଶା ସୁପ୍ରିମକୋର୍ଟକୁ ତିନି ଜଣ ମୁଖ୍ୟ ବିଚାରପତିଙ୍କ ସମେତ ଅନେକ ବିଚାରପତି ଦେଇଥିଲା। ଏବେ ବହୁ ବିଳମ୍ବରେ ଓଡ଼ିଶା ହାଇକୋର୍ଟର ଜଣେ ବିଚାରପତିଙ୍କୁ ଛତିଶଗଡ଼ର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି।

ବରିଷ୍ଠ ଆଇନଜ୍ଞମାନେ କହୁଛନ୍ତି ଯେ ଗତ କିଛି ବର୍ଷ ଧରି ଓଡିଶା ହାଇକୋର୍ଟରେ ମାଳ ମାଳ ବିଚାରପତି ପଦବୀ ଖାଲି ରଖାଯିବା ଏକ ଖରାପ ପରମ୍ପରାରେ ପରିଣତ ହୋଇଛି। ଗୋଟିଏ ପଟେ ହାଇକୋର୍ଟରେ ବିଚାରପତି ପଦବୀ ସଂଖ୍ୟା ବଢ଼ାଯାଉ ନ ଥିବା ବେଳେ ଖାଲି ଥିବା ପଦବୀ ପୂରଣ ହେଉନାହିଁ ଓ ଅନ୍ୟପଟେ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଭଳି ବିଚାର ବିଭାଗୀୟ ସଂସ୍ଥାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଠାଇଦେଇ ହାଇକୋର୍ଟ ଉପରେ ମାମଲାର ଚାପ ବଢ଼ାଇ ଚାଲିଛନ୍ତି।

ହାଇକୋର୍ଟରେ ଖାଲି ପଡ଼ିଥିବା ବିଚାରପତି ପଦବୀ ପୂରଣ ପ୍ରସଙ୍ଗରେ ଦୀର୍ଘ ବର୍ଷ ଧରି ଓକିଲ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ଏମିତିକି କଟକରୁ ଭୁବନେଶ୍ୱର ଓ ଦିଲ୍ଲୀ ପର୍ଯ୍ୟନ୍ତ ଧାଁଧପଡ଼ କରି ବିଚାରପତି ପଦବୀ ପୂରଣ ଲାଗି ଦାବି ଉପସ୍ଥାପନ ହେଉଛି। କେବଳ ହାଇକୋର୍ଟ ଓକିଲ ସଂଘ ନୁହେଁ, ବିଚାର ବ୍ୟବସ୍ଥା ସହ ଜଡ଼ିତ ବହୁ ଅଭିଜ୍ଞ ଓକିଲ ଓ ଓଡ଼ିଆପ୍ରେମୀ ସାଧାରଣ ଲୋକେ ଏହି ପ୍ରସଙ୍ଗରେ କ୍ଷୋଭ ପ୍ରକାଶ କରିଆସୁଛନ୍ତି। ସମ୍ବିଧାନ ସଂଶୋଧନ କରାଯାଇ ଓଡ଼ିଶାର ଇଂରାଜୀ ବନାନ ଓରିଶାକୁ ହଟାଯାଇଥିବା ବେଳେ ଏବେ ବି ଆମ ହାଇକୋର୍ଟର ନାମ ପୂର୍ବ ଭଳି ଓରିଶା ରହିଛି ଓ ସେଥିରେ ମଧ୍ୟ ସଂଶୋଧନ ଅଣା ନ ଯିବା ଘଟଣାକୁ ବିଭିନ୍ନ ମହଲରୁ ନାପସନ୍ଦ କରାଯାଉଛି। (ତଥ୍ୟ)

## ୨୮ରେ ପୁଣି ଖୋଲିବ ସିଙ୍ଗଲ୍ ଓ୍ୱିଣ୍ଡୋ ସେଲ୍

କଟକ, ୨୫।୯(ସଂଚାର ବ୍ୟୁରୋ): ଆଗାମୀ ଦୁର୍ଗାପୂଜା ଅବସରରେ ପୂଜା କମିଟିଗୁଡ଼ିକୁ ଏନ୍‌ଓସି ପ୍ରଦାନ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ କାର୍ଯ୍ୟକ୍ଷମ କରାଯାଇଥିବା ସିଙ୍ଗଲ୍ ଓ୍ୱିଣ୍ଡୋ ବ୍ୟବସ୍ଥା ପୁଣିଥରେ ଖୋଲିବ। କଟକ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ପୂଜା କମିଟିର ଅନୁରୋଧକୁ ବିଚାର କରି ୨୮ ସେପ୍ଟେମ୍ବର ୨୦୨୬ ଦିନ ସିଙ୍ଗଲ୍ ଓ୍ୱିଣ୍ଡୋ ସେଲ୍ ପୁଣିଥରେ କାର୍ଯ୍ୟ କରିବ। ସକାଳ ୧୦ରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ୍ରେ ପୂଜା କମିଟିଗୁଡ଼ିକର ଏନ୍‌ଓସି ସମ୍ପର୍କିତ ଆବଶ୍ୟକ ପ୍ରକ୍ରିୟା ସମ୍ପାଦନ ହେବ। ଆବେଦନ କରିନଥିବା ପୂଜା କମିଟିଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଯାଇଛି। ଫାଇନାଲ୍ ଏନ୍‌ଓସି ପ୍ରଦାନକୁ ସୁଗମ କରିବା ଉଦ୍ଦେଶ୍ୟରେ ପୂର୍ବରୁ ୧୮ରୁ ୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ୍ରେ ସିଙ୍ଗଲ୍ ଓ୍ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟ କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମବାୟ ସଂସ୍ଥା...

ଲାମ୍ପସଗୁଡ଼ିକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନ ରଖି ଗ୍ରାମାଞ୍ଚଳର 'ମଲ୍ଟି-ସର୍ଭିସ୍ ଓ୍ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟରରେ ପରିଣତ କରାଯାଉଛି। ଚାଷୀମାନଙ୍କ ଧାନ କ୍ରିୟାଳ ପ୍ରତି ୩୧୦୦ ଟଙ୍କା ଏମଏସପି ପ୍ରଦାନ କରାଯାଉଥିବା ବେଳେ ଗୋଟିଏ ଛାତ ତଳେ ସାର, ବିହନ, ଆଧୁନିକ କୃଷି ଯନ୍ତ୍ରପାତି, ବ୍ୟାଙ୍କିଙ୍ଗ୍, ଫସଲ ବୀମା ଓ ଦୁଗ୍ଧ ସଂଗ୍ରହ ସୁବିଧା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ୧୮୪ଟି ଗୋଦାମଘର ମଣ୍ଡି, ୫୦ଟି କଷ୍ଟମ୍ ହାୟାରିଂ ସେଣ୍ଟର, ୨୫୦ଟି ଜନସେବା କେନ୍ଦ୍ର (ସିଏସସି), ୬୦ଟି ନୂତନ ଗ୍ରାହକ ଷ୍ଟୋର, ୭୦ଟି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର, ୨୧ଟି ପ୍ୟାକ୍ସରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରିବା ସହ ୪୪ଟି ଆଦର୍ଶ ମଣ୍ଡି ଓ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ମିଳି ଶସ୍ୟ ଗୋଦାମ ଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମବାୟ ସମିତିଗୁଡ଼ିକର କାର୍ଯ୍ୟଶୈଳୀକୁ ଅଧିକ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ ଜାତୀୟ ପାକ୍ସ ସଫ୍ଟୱେୟାର (ଏନଏଲପିଏସ) ମାଧ୍ୟମରେ କୋର୍ ବ୍ୟାଙ୍କିଙ୍ଗ୍ ଓ ରିଅଲ-ଟାଇମ ସେଟଲମେଣ୍ଟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ୩୦୦୦ଟି ପ୍ୟାକ୍ସରେ ଏନଏଲପିଏସ ମାଧ୍ୟମରେ ଅନଲାଇନ୍ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରଥମ ଥର ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସର ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି ଆଜି ମୁଖ୍ୟମନ୍ତ୍ରୀ ୩୨୨ଟି ପ୍ୟାକ୍ସ ଓ ଲ୍ୟାମ୍ପସର ଚାଷୀଙ୍କୁ ଲାଭାଂଶ ପ୍ରଦାନ କରିଛନ୍ତି। ଏହି ପ୍ରକ୍ରିୟାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୫୦୦ରୁ ଅଧିକ ସମିତିର ପ୍ରାୟ ୮ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ। ରାଜ୍ୟର ଆଖୁ ଚାଷୀଙ୍କ ଆୟ ବୃଦ୍ଧି ଓ ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ 'ସମବାୟ ଚିନି ଶିଳ୍ପ ଅଞ୍ଚଳରେ ଆଖୁ ଉତ୍ପାଦନ ପ୍ରୋତ୍ସାହନ' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବଡ଼ମ୍ବା ଓ ଆସିକା ସମବାୟ ଚିନି କଳ ଅଞ୍ଚଳର ଚାଷୀଙ୍କୁ ଏକର ପ୍ରତି ୧୫ ହଜାର ଟଙ୍କାର ଇନପୁଟ୍ ସବସିଡି ପ୍ରଦାନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଖୁ ଚାଷୀମାନଙ୍କୁ ଉଚ୍ଚ ସୁଗାର କଣ୍ଟେଣ୍ଟ ଥିବା ଉନ୍ନତ ମାନର ଆଖୁ ବିହନ ଯୋଗାଇବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଜି ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୧୧ ସହକାରୀ ଅଧୀକ୍ଷକ, ୧୯ ପଣ୍ୟାଗାର ସହାୟକ ଓ ୩୬ ସମବାୟ ନିରୀକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ସମାରୋହରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସମବାୟ ମାଧ୍ୟମରେ ହିଁ ଗ୍ରାମୀଣ ଅର୍ଥନୀତିର ଦ୍ରୁତ ବିକାଶ ସମ୍ଭବ ବୋଲି ପ୍ରକାଶ କରି ପ୍ରତ୍ୟେକ ପରିବାରରୁ ଅନ୍ୟୂନ ଜଣେ ସଦସ୍ୟଙ୍କୁ ସମବାୟ ସହ ଯୋଡ଼ିବାର ମୂଳ ଲକ୍ଷ୍ୟ ରଖି ଏହି ଅଭିଯାନ ଆରମ୍ଭ କରାଯାଇଛି ବୋଲି କହିଥିଲେ।

### କନ୍ଧମାଳ-ଗଞ୍ଜାମ...

ପଥର ଖଣ୍ଡ ଆସି ରାସ୍ତାରେ ପଡ଼ି ରହିଛି। ଭୂତ ପଂଖାଳ ପୋଲ ଉପରେ ନଦୀ ଜଳ ମଧ୍ୟ ପ୍ରବାହିତ ହେଉଛି। ତେବେ ଭୂସ୍ଖଳନ ଆଶଙ୍କାରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣଙ୍କ ନିର୍ଦ୍ଦେଶ କ୍ରମେ ବାଇମାଲାଠାରେ ରାସ୍ତା ସିଲ୍ କରାଯାଇଛି। ସେପଟେ ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ଗାଜଲବାଡ଼ିଠାରେ ରାସ୍ତା ସିଲ୍ କରାଯାଇଛି। ଫଳରେ କନ୍ଧମାଳ-ଗଞ୍ଜାମ ଜିଲ୍ଲାକୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ସହ ଉପର ମୁଣ୍ଡରେ ଅତ୍ୟଧିକ ବୃଷ୍ଟିପାତ ଫଳରେ ବିଭିନ୍ନ ନଦୀରେ ଜଳସ୍ତର ବଢ଼ି ବନ୍ୟା ସୃଷ୍ଟି ହୋଇଛି। ବୁଢ଼ାବଳଙ୍ଗ ନଦୀ ସହ ଜରାଳୀ ଓ ସରାଳୀ ନାଳରେ ପାଣି ବଢ଼ି ଅନେକ ଲୋକଙ୍କ ଘରେ ବନ୍ୟା ଜଳ ପଶି ଗମ୍ଭୀର ସ୍ଥିତି ସୃଷ୍ଟି କରିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଓ୍ୱାର୍ଡରେ ଅଧିକାରୀମାନେ ବୋଟ୍ ଯୋଗେ ଭିତରକୁ ଯାଇ ସ୍ଥିତି ନିରୀକ୍ଷଣ କରୁଛନ୍ତି। ପୁଲିସ ପ୍ରଶାସନ ଲୋକଙ୍କୁ ଘରୁ ସ୍ଥାନାନ୍ତର କରିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପାୱାର ବୋଟ୍ ଯୋଗେ ଲୋକମାନଙ୍କୁ ଉଚ୍ଚସ୍ଥାନକୁ ଅଣାଯାଉଛି। ଶିମିଳିପାଳରେ ଗତ ରାତିସାରା ବର୍ଷା ହେବା ଫଳରେ ଅଧିକ ବର୍ଷା ପାଣି ହଠାତ ମାଡ଼ି ଆସୁଛି ଏବଂ ମଝିରେ ମଝିରେ ମଧ୍ୟ ବର୍ଷା ହେଉଛି। ପ୍ରଶାସନ ସମଗ୍ର ଅଞ୍ଚଳ ଉପରେ ସଜାଗ ଦୃଷ୍ଟି ରଖିଛି। ଏହି ପରିସ୍ଥିତିରେ ପ୍ରଭାବିତଙ୍କ ପାଇଁ ବଡ଼ ଆଶ୍ୱାସନା ଦେଇଛନ୍ତି ରାଜ୍ୟ ସରକାର। ବର୍ଷା ଯୋଗୁଁ ଯେଉଁମାନଙ୍କ ଘର ଭାଙ୍ଗିଛି, ସେମାନଙ୍କୁ ସରକାରୀ ଯୋଜନାରେ ତୁରନ୍ତ ନୂଆ ଘର ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

### ସମ୍ପୂର୍ଣ୍ଣ ମଣିପୁର...

ଏହି ଆଦେଶନାମା ଜାରି କରାଯାଇଛି। ସୂଚନାଯୋଗ୍ୟ, ଯେତେବେଳେ କେନ୍ଦ୍ର ସରକାର ବେସାମରିକ କର୍ତ୍ତୃପକ୍ଷଙ୍କୁ ସହାୟତା କରିବା ପାଇଁ ସଶସ୍ତ୍ର ବାହିନୀର ବ୍ୟବହାର ଆବଶ୍ୟକ ବୋଲି ବିବେଚନା କରନ୍ତି, ସେତେବେଳେ ଉକ୍ତ ଆଇନର ଧାରା-୩ କେନ୍ଦ୍ର ସରକାରଙ୍କୁ କୌଣସି ଏକ ଅଞ୍ଚଳକୁ ବିଶୃଙ୍ଖଳିତ ବା ଅଶାନ୍ତ ଘୋଷଣା କରିବାର କ୍ଷମତା ପ୍ରଦାନ କରିଥାଏ। ମଣିପୁରରେ ୫ଟି ଜିଲ୍ଲାର ୧୩ଟି ଥାନା ଅଧୀନସ୍ଥ କ୍ଷେତ୍ରକୁ ଛାଡ଼ି ସମଗ୍ର ରାଜ୍ୟକୁ ଅଶାନ୍ତ ଅଞ୍ଚଳ ଘୋଷଣା କରାଯାଇଛି। ନାଗାଲାଣ୍ଡରେ ଦିମାପୁର, ନିଉଲାଣ୍ଡ ଭଳି ୯ଟି ଜିଲ୍ଲା ଅଶାନ୍ତ ଅଞ୍ଚଳ ପରିସରରେ ରହିଛି। ସେହିପରି ଅରୁଣାଚଳ ପ୍ରଦେଶରେ ତିରାପ, ଚାଙ୍ଗଲାଙ୍ଗ ଓ ଲଙ୍ଗଡିଙ୍ଗ ଜିଲ୍ଲାକୁ ଏହି ମାନ୍ୟତା ସମ୍ପ୍ରସାରିତ କରାଯାଇଥିବା ଗୃହ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ଫୁଟପାଥ ଜବରଦଖଲ...

ପଦଯାତ୍ରୀ ଜୋନ୍' ଘୋଷଣା କରିପାରିବେ। ବେପରୁଆ ଗାଡ଼ି ଚାଳନାକୁ ନିୟନ୍ତ୍ରଣ କରିବା ପାଇଁ ସ୍କୁଲ ଓ ମେଡିକାଲ ନିକଟବର୍ତ୍ତୀ ରାସ୍ତାରେ ଗାଡ଼ିଗୁଡ଼ିକର ସର୍ବାଧିକ ସ୍ପିଡ୍ ଘଣ୍ଟା ପ୍ରତି ୨୫ କିମି ଧାର୍ଯ୍ୟ ହୋଇଛି। ଟ୍ରାଫିକ୍ ସିଗ୍ନାଲ୍ ନଥିବା ଜେବ୍ରା କ୍ରସିଂରେ ରାସ୍ତା ପାର ହେଉଥିବା ପଦଯାତ୍ରୀଙ୍କୁ ପ୍ରଥମେ ଯିବାକୁ ଛାଡ଼ିବା ପ୍ରତ୍ୟେକ ଗାଡ଼ିଚାଳକଙ୍କ ପାଇଁ ବାଧ୍ୟତାମୂଳକ ଓ ସେହି ସମୟରେ ଅନ୍ୟ ଗାଡ଼ିକୁ ଓଭରଟେକ୍ କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ରାସ୍ତାକଡ଼ରେ ଗାଡ଼ି ରଖି ଅସାବଧାନ ଭାବେ ହଠାତ୍ କବାଟ ଖୋଲିବାକୁ ମଧ୍ୟ ଏକ ଦଣ୍ଡନୀୟ ଅପରାଧ ଭାବେ ଗଣାଯିବ, ଯାହାଫଳରେ ପଛରୁ ଆସୁଥିବା ପଦଯାତ୍ରୀ ବା ସାଇକେଲ ଆରୋହୀ ଦୁର୍ଘଟଣାରୁ ବର୍ତ୍ତିପାରିବେ। ସାଇକେଲ ଚାଳକଙ୍କୁ ଅତିକ୍ରମ କରିବା ବେଳେ ମୋଟର ଯାନଗୁଡ଼ିକ ଅତି କମରେ ୧.୫ ମିଟର ପାର୍ଶ୍ୱ ଦୂରତା ବଜାୟ ରଖିବା ବାଧ୍ୟତାମୂଳକ। ସହରାଞ୍ଚଳରେ ପ୍ରତି ୧୫୦ ମିଟର ବ୍ୟବଧାନରେ ସୁରକ୍ଷିତ କ୍ରସିଂ, ଉପଯୁକ୍ତ ଆଲୋକ ଓ ସ୍ପିଡ୍ ଟେବୁଲ୍ ବ୍ୟବସ୍ଥା ନିଶ୍ଚିତ କରାଯିବ। ଅନ୍ୟପକ୍ଷରେ ରାସ୍ତା ନିର୍ମାଣ ଓ ରକ୍ଷଣାବେକ୍ଷଣ କରୁଥିବା ବିଭାଗ, ଇଞ୍ଜିନିୟର ଓ ଠିକାଦାରମାନଙ୍କୁ ସିଧାସଳଖ ଉତ୍ତରଦାୟୀ କରାଯାଇଛି। ପ୍ରତ୍ୟେକ ପ୍ରକଳ୍ପ ସମାପ୍ତ ହେବା ପରେ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ଓ ସମ୍ପୃକ୍ତ ଠିକାଦାର ମିଳିତ ଭାବେ ସମସ୍ତ ପଦଯାତ୍ରୀ ସୁରକ୍ଷା ମାନଦଣ୍ଡ ପୂରଣ ହୋଇଛି ବୋଲି ଲିଖିତ ସତ୍ୟପାଠ ଦେବେ।

### ସିଇସିଙ୍କ ଇସ୍ତଫା...

ଗାନ୍ଧି ତାଙ୍କୁ 'ଦେଶଦ୍ରୋହୀ'ର ଆଖ୍ୟା ଦେଇ ତାଙ୍କର ଇସ୍ତଫା ଦାବି କରିଛନ୍ତି। କକ୍ରୋଚ୍ ଜନତା ପାର୍ଟି (ସିଜେପି) ତାଙ୍କୁ ୨୪ ଘଣ୍ଟାର ମହଲତ ଦେଇଛି। ଏପରିକି ଜାତୀୟ ସ୍ତରରେ ବିରୋଧୀ ଦଳ ସିଇସିଙ୍କ ବିରୋଧରେ ମହାଅଭିଯୋଗ ଆଣି ତାଙ୍କୁ ବହିଷ୍କାର କରିବାକୁ ଦାବି କରୁଛନ୍ତି। ଏଭଳି ଏକ ସ୍ଥିତିରେ ନବୀନ ମଧ୍ୟ ଜାତୀୟ ରାଜନୀତିରେ ନିଜର ମତ ରଖି ଚର୍ଚ୍ଚାର ଖୋରାକ ସୃଷ୍ଟି କରିଛନ୍ତି। ସେହିଭଳି ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗରେ ଦଳର କଠୋର ଆଭିମୁଖ୍ୟ ଦୋହରାଇଛନ୍ତି ନବୀନ। ସଂସଦରେ ସଂଶୋଧନ ବିଲ୍ ପାରିତ ବେଳେ ବିଜେପିର ୨୦ ସାଂସଦ ଚୁପ୍ ରହିବାକୁ ସେ ନିନ୍ଦା କରିବା ସହ ଏହାର ପୁନଃସମୀକ୍ଷା ପାଇଁ ସରକାରଙ୍କ ଉପରେ ଚାପ ପକାଯିବ ବୋଲି କହିଛନ୍ତି। ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ରାଜ୍ୟର ରାଜସ୍ୱ ପାଇଁ ବଡ଼ କ୍ଷତି ଆଣିବ ବୋଲି ନବୀନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଥାଉ କି, ଏମଏମଡିଆର ସଂଶୋଧନ ବିଲ୍‌କୁ ନବୀନ ପ୍ରଥମରୁ ହିଁ ବିରୋଧ କରି ଆସୁଛନ୍ତି। ଏ ସମ୍ପର୍କରେ ଆଲୋଚନା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଗ ଚିଠି ଲେଖିଥିଲେ। ଏହାପରେ ବିଜେପି ସାଂସଦମାନଙ୍କୁ ଚିଠି ଲେଖି ଦଳମତ ନିର୍ବିଶେଷରେ ଓଡ଼ିଶା ମାଟିର ସ୍ୱାର୍ଥ ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ନିକଟରେ ବିଧାନସଭାରେ ଏମ୍‌ଏମ୍‌ଡିଆର୍ ଉପରେ ମୋସନ୍ ଆଣି ସ୍ୱତନ୍ତ୍ର ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପଟ୍ଟନାୟକ ଆଉ ଏକ ଚିଠି ଲେଖିଥିଲେ। ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ବିଜେଡି ପ୍ରତିବାଦ ଜାରି ରଖିଛି। ବିଧାନସଭା ଆରମ୍ଭରୁ କଂଗ୍ରେସ ଏହା ବିରୋଧରେ ସ୍ୱର ଉଠାଇଥିବା ବେଳେ ଏବେ ଉଭୟ ଦଳର ଏହା ମୁଖ୍ୟ ପ୍ରସଙ୍ଗ ହୋଇଛି। ଲଗାତର ଚତୁର୍ଥ ଦିନ ପାଇଁ ଆଜି ବିଧାନସଭା ଅଚଳ ହୋଇଛି। କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ଧରି ଗୃହରେ ପ୍ରତିବାଦ ଜାରି ରଖିଥିବା ବେଳେ ବିଜେଡି ବିଧାୟକମାନେ ପ୍ରତିବାଦ କରୁଛନ୍ତି। ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରତ୍ୟାହାର ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ଓ ଆଗକୁ ବ୍ୟାପକ ହେବ ବୋଲି ଉଭୟ ବିଜେଡି ଓ କଂଗ୍ରେସ ଚେତାବନୀ ଦେଇଛନ୍ତି।

### କିଏ ଚଳାଇଦେଉନି...

ବିଧାନସଭା ଚାଲିବାରେ ବାଧକ କିଏ ସାଜୁଛି ? ସମ୍ବିଧାନ ବିଶେଷଜ୍ଞଙ୍କ ମତରେ ବିଧାନସଭା ଚଳାଇବାର ଦାୟିତ୍ୱ ହେଉଛି ଶାସକ ଦଳର। ଶାସକ ଦଳର ନେତା ମୁଖ୍ୟମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଓ ସରକାରୀ ଦଳର ମୁଖ୍ୟ ସଚେତକ ଏ ଦିଗରେ ପଦକ୍ଷେପ ନେବା କଥା। ସେହିଭଳି ବିରୋଧୀ ଦଳ ନେତା, ମୁଖ୍ୟ ସଚେତକ ଆଦି ସହାୟତାର ହାତ ବଢ଼ାଇବା ଆବଶ୍ୟକ। କିନ୍ତୁ କୌଣସି ପଟରୁ ସକାରାତ୍ମକ ସୂଚନା ଦେଖିବାକୁ ମିଳୁନାହିଁ। ଆରମ୍ଭରୁ ବିରୋଧୀ ସଦସ୍ୟ ଗୃହ ମଧ୍ୟଭାଗକୁ ମାଡ଼ି ଆସୁଛନ୍ତି। କିଛି ସମୟର ହୋହଲ୍ଲା ପରେ ବାଚସ୍ପତି କିମ୍ବା ଉପବାଚସ୍ପତି ସିଧା ଗୃହକୁ ଅପରାହ୍ନ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରୁଛନ୍ତି। କଷ୍ଟେମଷ୍ଟେ ଯେଉଁ ଦୁଇ ତିନି ମିନିଟ୍ ପ୍ରଶ୍ନକାଳ ଚାଲୁଛି, ସେଥିରେ ମନ୍ତ୍ରୀଙ୍କ ଉତ୍ତର କିମ୍ବା ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନ କିଛି ଶୁଣାଯାଉନାହିଁ। ଚଳିତ ଅଧିବେଶନ ଆରମ୍ଭରୁ ମୁଖ୍ୟ ବିରୋଧୀ ଦଳ ବିଜେଡି ପାଠ୍ୟପୁସ୍ତକ ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଥିଲା। ଏବେ ସେହି ପ୍ରସଙ୍ଗକୁ ଛାଡ଼ି ଦଳ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ୍ ପ୍ରତ୍ୟାହାର ଦାବିରେ ପ୍ରତିବାଦ କରୁଛି। କଂଗ୍ରେସ ଦଳ ଆରମ୍ଭରୁ ହିଁ ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗକୁ ଜାବୁଡ଼ି ଧରିଛି। ଶାସକ ଦଳ ଏକପ୍ରକାର ହାଜିରା ପକାଇ ଫେରୁଛନ୍ତି। ରାଜ୍ୟରେ କେବଳ ଏହି ଦୁଇଟି ପ୍ରସଙ୍ଗ ନୁହେଁ, ଗରିବ ଲୋକଙ୍କ ଭତ୍ତା, ବାତ୍ୟା, ବନ୍ୟା, ଦରଦାମ ଭଳି ପ୍ରସଙ୍ଗ ରହିଥିଲେ ବି ତାହା ଗୃହରେ ଆଲୋଚନା ହୋଇପାରୁନାହିଁ। ଆଉ ପାଞ୍ଚଦିନ ଗୃହ କିଭଳି ଚାଲିବ, ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଚତୁର୍ଥ ଦିନରେ ଉପବାଚସ୍ପତି ଡାକିଥିବା ସର୍ବଦଳୀୟ ବୈଠକ ଫେଲ୍ ମାରିଥିବାରୁ ଗୃହ ସ୍ୱାଭାବିକ ହେବାର ଆଶା କ୍ଷୀଣ। ତେବେ ଗୃହ କାର୍ଯ୍ୟରେ କିଏ ମୁଖ୍ୟ ବାଧକ, ତାହା ଏବେ ବି ଟିକସ ଗଣୁଥିବା ସାଧାରଣ ଲୋକେ ଜାଣିପାରୁନାହାନ୍ତି।

## ଡ୍ରେନ୍ ପାଣିରେ ବୁଡ଼ିଲା ରାସ୍ତା, ନାହିଁ ନ ଥିବା ଅସୁବିଧାରେ ଲୋକେ



ଯାଜପୁର ରୋଡ୍,୨୫।୯ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ପୌର ପରିଷଦର ଠିକ ସଂସ୍କାର ଅବହେଳା ଯୋଗୁଁ ସହରର ପ୍ରମୁଖ ରାସ୍ତା ଏବେ ନାଳ ନର୍ଦ୍ଦମାରେ ପରିଣତ। ୱାର୍ଡ ନଂ-୧୬ ରମାପଦା ଗ୍ରାମର ମୁଖ୍ୟ ରାସ୍ତା ଠାରୁ ଷ୍ଟେସନ ବଜାର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ସବୁଠି ଡ୍ରେନ୍ ପାଣି ଲହଡ଼ି ମାରୁଛି। ରମାପଦାରେ ଲୋକଙ୍କ ଘର ଦୁଆର ମୁହଁରେ ନର୍ଦ୍ଦମା ପାଣି ବାଡ଼େଇ ହେଉଥିବା ବେଳେ ଷ୍ଟେସନ ବଜାରରେ ଦୋକାନ ଭିତରେ ପାଣି ପଶି ବ୍ୟବସାୟ ବାଧାପ୍ରାପ୍ତ ହେଉଛି। ରାସ୍ତାରେ ଯିବା ଆସିବା ମୁସ୍କିଲ ହୋଇପଡ଼ିଛି। ସହରବାସୀଙ୍କ ଅଭିଯୋଗ, ବାରମ୍ବାର କହିଲେ ମଧ୍ୟ ପୌର ପ୍ରଶାସନ ଶୁଣୁନାହିଁ। ତେଣୁ ନଗରପାଳ ଓ ପୌର ନିର୍ବାହୀ ଅଧିକାରୀ ତୁରନ୍ତ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଓ ଜଳ ନିଷ୍କାସନ ସ୍ଥାୟୀ ସମାଧାନ କରନ୍ତୁ ବୋଲି ସାଧାରଣରେ ଜୋରଦାର ଦାବି ହେଉଛି।

## ଚାଷଜମି ଜଳାର୍ଣ୍ଣବ, ଗ୍ରାଉଣ୍ଡ ଜିରୋରେ ବିଡ଼ିଓ ଓ ତହସିଲଦାର



ହିଞ୍ଜିଳିକାଟୁ,୨୫।୯ (ସଂଚାର ବ୍ୟୁରୋ): ତିନି ଦିନ ହେଲା ଲଗାଣ ବର୍ଷା ଫଳରେ ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ଅଞ୍ଚଳରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି। ଚାଷଜମିରେ ଲହଡ଼ି ମାରୁଛି ବନ୍ୟାପାଣି। ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ବର୍ଷାପାଣି ମାଡ଼ି ଆସିବାରୁ ଧାନ ସମେତ ବିଭିନ୍ନ ଫସଲ ପାଣିରେ ବୁଡ଼ି ରହିଛି। ଚାଷଜମିରେ ଦୀର୍ଘ ସମୟ ଧରି ପାଣି ଜମି ରହିଲେ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ବର୍ଷା ଓ ବନ୍ୟାକୁ ନେଇ ଚାଷୀ ଯେଉଁ ଆଶାରେ ଚାଷ କରିଥିଲେ, ଏବେ ସେହି ଫସଲ ଆଖି ଆଗରେ ବୁଡ଼ିଯାଉଥିବା ଦେଖି ଚିନ୍ତାରେ ପଡ଼ିଛନ୍ତି । ଏନେଇ ଆଜି ହିଞ୍ଜିଳିକାଟୁ ବିଡ଼ିଓ ସୁଶ୍ରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ ଓ ତହସିଲଦାର ତପନ କୁମାର ମହାପାତ୍ର ବ୍ଲକର ବିଭିନ୍ନ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଯଥାଶୀଘ୍ର ଆମେ କ୍ଷୟକ୍ଷତିର ଆସେସମେଣ୍ଟ କରିକି ଜିଲ୍ଲା ପ୍ରଶାସନ ସହ ସିଧାସଳଖ ଆଲୋଚନା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଓ କ୍ଷତିପୂରଣ କିପରି ଚାଷୀଙ୍କୁ ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ।

## ସାଇଲୁରୁ ଘାଟିରେ ଭୂସ୍ଖଳନ, ଯାତାୟାତ ବାଧାପ୍ରାପ୍ତ



ମାଲକାନଗିରି,୨୫।୯ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଯୋଗୁଁ ସାଇଲୁରୁ ଘାଟିରେ ଭୂସ୍ଖଳନ ହୋଇ ବଡ଼ବଡ଼ ପଥର ଓ ଗଛ ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ମାନ୍ୟମ୍‌କୋଣ୍ଡା ପଞ୍ଚାୟତରେ ଗ୍ରାମ ପରିଦର୍ଶନ ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୋଲାନାଥ ବିଶ୍ୱାସ ଓ ସରପଞ୍ଚ କମଳା ଗୋଲରୀଙ୍କ ନେତୃତ୍ୱାଧୀନ ଟିମ୍ ଏହି ଅବସ୍ଥା ଦେଖିଥିଲେ।

ଘଟଣା ଜଣାପଡ଼ିବା ପରେ ପଞ୍ଚାୟତ ପକ୍ଷରୁ ତୁରନ୍ତ ସମ୍ପୃକ୍ତ ବିଭାଗକୁ ସୂଚନା ଦିଆଯାଇଥିଲା। ଗ୍ରାମ୍ୟ ସଡ଼କ ନିର୍ମାଣ ଓ ଉନ୍ନୟନ ବିଭାଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଙ୍ଗଲ ବିଭାଗ ଓ ଅଗ୍ନିଶମ ବିଭାଗକୁ ମଧ୍ୟ ଏନେଇ ଅବଗତ କରାଯାଇଛି। ଭୂସ୍ଖଳନ ଯୋଗୁଁ ସାଇଲୁରୁ, ଗୁଣ୍ଡାବେଡ଼ା ଓ ରାମଚନ୍ଦ୍ରପୁର ଅଞ୍ଚଳକୁ ସିଧାସଳଖ ଯୋଗାଯୋଗ ସାମୟିକ ଭାବେ ବିଚ୍ଛିନ୍ନ ହୋଇଛି। ତେବେ ଏହି ଅଞ୍ଚଳର ଲୋକେ ବିକଳ୍ପ ରାସ୍ତା ଦେଇ ଏମ୍‌ଭି-୧୨୬ ନିକଟରେ ମୁଖ୍ୟ ରାସ୍ତାକୁ ଆସିପାରିବେ ବୋଲି ଜଣାପଡ଼ିଛି।

## ପୁଣି ଭାଙ୍ଗିଲା ସଫେଇ ବନ୍ଧ, ୪୦୦ ହେକ୍ଟର ଚାଷଜମି ଜଳମଗ୍ନ



ସତ୍ୟବାଦୀ,୨୫।୯ (ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ ମହୁରା ପଞ୍ଚାୟତ ଅନ୍ତର୍ଗତ ବଳଙ୍ଗା ନୂଆଗାଁର ସଫେଇ ବନ୍ଧ ଭାଙ୍ଗିଯିବା ଫଳରେ ପ୍ରାୟ ୪୦୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଡାଙ୍ଗୁରା ଗହୀର ଅଞ୍ଚଳରେ ଧାନକ୍ଷେତରେ ଅଣ୍ଟାଏ ଉଚ୍ଚର ପାଣି ଜମି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ଗୁରୁବାର ସନ୍ଧ୍ୟାରୁ ବଳଙ୍ଗା ନୂଆଗାଁ ସଫେଇ ବନ୍ଧ ଭାଙ୍ଗିଯିବା ପରେ ବନ୍ୟାଜଳ ଚାଷଜମିକୁ ମାଡ଼ିଯାଇଥିଲା। ଫଳରେ ଶହ ଶହ ହେକ୍ଟର ଧାନଜମି ଜଳମଗ୍ନ ହୋଇଛି। ଚାଷୀମାନେ ଧାର କରଜ କରି ପୂଜା, ମାଳି-୪, କଳାଚମ୍ପା ଓ ଯମୁନା ଭଳି ଧାନ କିସମ ଚାଷ କରିଥିବା ବେଳେ ଘାଇ ଭାଙ୍ଗିବା ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ଘଟଣା ପରେ ଡ୍ରେନେଜ୍ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳରେ ନ ପହଞ୍ଚିବା ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘାଇ ମରାମତି କରି ଚାଷଜମିରୁ ଜଳ ନିଷ୍କାସନ ସହ ଫସଲ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

# ଡିଜିଟାଲ ଇଣ୍ଡିଆରେ ଅଚଳ ଅସ୍ତରଙ୍ଗ ବିଏସଏନଏଲ

### ଭଡା ଘରେ ଅଫିସ, ଝୁଲୁଛି ତାଲା, ଜେନେରେଟରରେ ପଡୁନି ତେଲ

କାକଟପୁର/ଅସ୍ତରଙ୍ଗ,୨୫।୯ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଡିଜିଟାଲ ଇଣ୍ଡିଆ ନାରା ଦେଉଛନ୍ତି, ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ସରକାରୀ ଟେଲିକମ ସଂସ୍ଥା ବିଏସଏନଏଲର ଅବସ୍ଥା ଅତି ଶୋଚନୀୟ। ଯେଉଁ ବିଏସଏନଏଲ ଥିଲା ଗରିବର ଭରସା, ଆଜି ତାହା ନିଜେ ଭରସା ହରାଇଛି।

ଅସ୍ତରଙ୍ଗ ହାଇସ୍କୁଲ ଠାରୁ କିଛି ଦୂରରେ ଗୋଟିଏ ଭଡା ଘରେ ଚାଲିଛି ଅସ୍ତରଙ୍ଗ ବିଏସଏନଏଲ କାର୍ଯ୍ୟାଳୟ। ନା ଅଛି ନିଜ କୋଠା, ନା ଅଛି ସୁବିଧା। ପୁରୁଣା ଜରାଜୀର୍ଣ୍ଣ କାନ୍ଥରେ କାଇ ଧରିଲାଣି, ଭିତରେ ଯନ୍ତ୍ରପାତି ଧୂଳି ଖାଉଛି। ଦେଖିଲେ ଲାଗିବ ଏହା ଅଫିସ ନୁହେଁ, ପରିତ୍ୟକ୍ତ ଗୋଦାମ। ସବୁଠୁ ବଡ ଅଭିଯୋଗ ହେଲା, ଏଠି ସ୍ଥାୟୀ କର୍ମଚାରୀ କେହି ନାହାନ୍ତି। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ଯାଏ କାର୍ଯ୍ୟାଳୟରେ ତାଲା ଝୁଲୁଛି। କେହି ଜଣେ ଅଧିକାରୀ କେବେ କେମିତି ଆସନ୍ତି, ପୁଣି ଚାଲିଯାଆନ୍ତି। ଲୋକେ ବିଲ୍ ଦେବାକୁ, ସିମ୍ ନେବାକୁ, ନେଟୱର୍କ ଅଭିଯୋଗ କରିବାକୁ ଗଲେ ଫେରି ଆସୁଛନ୍ତି। ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି।

ଆଉ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ବିଦ୍ୟୁତ୍ ଗଲେ ଟାୱାର ବନ୍ଦ ହୋଇଯାଉଛି। କାରଣ ଜେନେରେଟର ଚଲାଇବାକୁ ତେଲ ନାହିଁ। ବ୍ୟାଟେରୀ ନଷ୍ଟ ହୋଇ ପଡ଼ିଛି। ଅଧିକାରୀ ତେଲ ପାଇଁ ଟଙ୍କା ଦେଉନାହାନ୍ତି କି ଯନ୍ତ୍ର ସଜାଡୁ ନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ସାଧାରଣ ଦିନରେ ବି ଘଣ୍ଟା ଘଣ୍ଟା ନେଟୱର୍କ ଗାୟବ ହେଉଛି।

ଅସ୍ତରଙ୍ଗ ହେଉଛି ଉପକୂଳ ଅଞ୍ଚଳ। ବାତ୍ୟା, ବନ୍ୟା ଏଠି ପ୍ରତି ବର୍ଷ ହୁଏ। ଏଭଳି ସମୟରେ ଘରୋଇ କମ୍ପାନୀର ଟାୱାର ପ୍ରଥମେ ବନ୍ଦ ହୁଏ, ଏକମାତ୍ର ଭରସା ବିଏସଏନଏଲ। ହେଲେ ବାତ୍ୟା ପୂର୍ବରୁ କୌଣସି ପ୍ରସ୍ତୁତି ନାହିଁ। ଗତ ଫେଣି, ୟାସ୍ ବାତ୍ୟା ବେଳେ ଏବେର ଲଘୁଚାପ ସମୟରେ ଅସ୍ତରଙ୍ଗ ୩ଦିନ ଯାଏ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏହାର ସିଧା ପ୍ରଭାବ ସାଧାରଣ ଜନତା ଓ ସରକାରୀ କାମ ଉପରେ ପଡୁଛି। ବିଏସଏନଏଲ ନେଟୱର୍କ ବନ୍ଦ ହେଲେ ଅସ୍ତରଙ୍ଗ କୋର୍ଟ, ତହସିଲ, ବ୍ଲକ, ଥାନା, ହସ୍ପିଟାଲ, ବ୍ୟାଙ୍କ ସବୁର ଅନଲାଇନ କାମ ଅଚଳ ହୋଇପଡୁଛି। ଲୋକେ ବାଧ୍ୟ ହୋଇ ଅଲଗା ନେଟୱାର୍କକୁ ପଳାଇଲେଣି।

ତେଣୁ ତୁରନ୍ତ ସ୍ଥାୟୀ କର୍ମଚାରୀ ନିଯୁକ୍ତି, ଜେନେରେଟରରେ ତେଲ ଓ ୪ଜି ଟାୱାର ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।



## ଲଗାଣ ବର୍ଷାରେ ଗଛ ପଡ଼ି ରାସ୍ତା ଅବରୋଧ



ନୀଳଗିରି,୨୫।୯ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକରେ ପ୍ରବଳ ବାତ୍ୟା ଜନିତ ବର୍ଷା ଫଳରେ ସାଧାରଣ ଜନତା ନାହିନଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି। ବିଲରେ ପାଣି ବୁଡିଯିବା ଯୋଗୁ ଧାନ ଫସଲ ବହୁ ପାରିମାଣରେ ଧୋଇ ଯାଇଥିବା ବେଳେ ରାସ୍ତାଘାଟ ଧୋଇଯାଇ ଖାଲ ଗର୍ତ୍ତ ମାନ ହୋଇଯାଇଛି। ଫଳରେ ଦୁଇଚକିଆ ଯାନରେ ଯାଉଥିବା ଲୋକମାନେ ରାସ୍ତାରେ ପଡି ଛୋଟା ହୋଇଯାଉଥିବାର ଦେଖିବାକୁ ମିଳିଛି। ବର୍ଷାର ପ୍ରଭାବରେ ଚାଳ ଛପର ମାଟି, ଝାଟି କାନ୍ଥ ଗଡି ଯାଇଥିବାରୁ ଘରେ ରହିବା ବିପଦ ସଂକୁଳ ହୋଇଯାଇଛି।

ଲଗାଣ ବର୍ଷା ଯୋଗୁଁ ସାଧାରଣ ଜନଜୀବନ ବିପନ୍ନ ହୋଇପଡ଼ିଛି। ମହିଷାପଙ୍ଗା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା, ଜାମବାଣୀରୁ ପୋଡାଶୂଳ ରାସ୍ତା ଉପରେ ବଡ଼ ବଡ଼ ଆକାଶିଆ ଗଛ ଜାମବଣୀ ଗ୍ରାମ ମୁଣ୍ଡ ପୋଲ ଠାରେ ପଡି ମୁଖ୍ୟ ରାସ୍ତା ବିଚ୍ଛିନ୍ନ ହୋଇଯାଇଛି।

ଖବର ପାଇ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡା ରେମୁଣା ଦମକଳ ବାହିନୀକୁ ଖବର ଦେବାପରେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ଉପରୁ ଗଛ କାଟି ଥିଲେ। ପରେ ପଥଚାରି ଯିବା ଆସିବା କରିରେ ସହଜ ହୋଇଥିଲା। ତେବେ ବାତ୍ୟାଜନିତ କ୍ଷୟକ୍ଷତିରେ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତଙ୍କ ପାଇଁ ତୁରନ୍ତ ପଲିଥିନ, ଖାଇବା ସାମଗ୍ରୀ ଅନ୍ୟାନ୍ୟ ରିଲିଫ ସାମଗ୍ରୀ ଯୋଗାଇଦେବାକୁ ସାଧାରଣରେ ଦାବୀ ହୋଇଛି

## ଖୋଲିଲା ଇନ୍ଦ୍ରାବତୀ ଡ୍ୟାମର ୩ ଓ ମୁରାନ ଡ୍ୟାମର ୨ ଗେଟ୍

### ୭୯୩.୭୩ କ୍ୟୁମେକ୍ସ ଜଳ ନିଷ୍କାସନ

### ତେନ୍ତୁଳିଖୁଣ୍ଟିରେ ୩୯୫ ମିମି ବର୍ଷା, ଅନେକ ଗାଁ ଜଳମଗ୍ନ



ନବରଙ୍ଗପୁର,ତେନ୍ତୁଳିଖୁଣ୍ଟି,୨୫।୯ (ସଂଚାର ବ୍ୟୁରୋ): ଲଘୁଚାପଜନିତ ଲଗାଣ ବର୍ଷା ଓ ଉପର ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳ ନିଷ୍କାସନ ଯୋଗୁଁ ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଛି। ଇନ୍ଦ୍ରାବତୀ ଡ୍ୟାମର ୩ଟି ଏବଂ ମୁରାନ ଡ୍ୟାମର ୨ଟି ଗେଟ୍ ଖୋଲାଯାଇଥିବା ବେଳେ, ଏହି ୫ଟି ଗେଟ୍ ଦେଇ ମୋଟ ୭୯୩.୭୩ କ୍ୟୁମେକ୍ସ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ଘଣ୍ଟା ପ୍ରତି ପ୍ରାୟ ୨୩୦୦ କ୍ୟୁମେକ୍ସ ଜଳ ଡ୍ୟାମ ମଧ୍ୟକୁ ପ୍ରବେଶ କରୁଥିବା ଜଣାପଡ଼ିଛି।

ପୋଡ଼ାଗଡ଼ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ପଟ୍ଟନାୟକ ଙ୍କ ସୂଚନା ଅନୁସାରେ, ଇନ୍ଦ୍ରାବତୀ ଡ୍ୟାମରେ ବର୍ତ୍ତମାନ ଜଳସ୍ତର ୬୪୧.୫୦ ମିଟର ରହିଛି। ଡ୍ୟାମରୁ ଜଳ ନିଷ୍କାସନ ପରେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକର ନଦୀକୂଳିଆ ଅଞ୍ଚଳର ଅନେକ ଗାଁ ପ୍ରଭାବିତ ହୋଇଛି। ଫୁପୁଗାଁ, କଷ୍ଟିଗୁଡ଼ା, ମୁର୍ଲାବାଇ, ଆଉଁଳିଗୁମ୍ମା, ଫଟାଗୁଡ଼ା, ମଞ୍ଜଗାଁ ସମେତ ବିଭିନ୍ନ ନଦୀକୂଳିଆ ଗାଁରେ ବନ୍ୟାଜଳ ପ୍ରବେଶ କରିଛି। ସେହିଭଳି ମଙ୍ଗରଦରା ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ପୋଲ ଉପର ଦେଇ ବନ୍ୟାଜଳ ପ୍ରବାହିତ ହେଉଥିବା ଜଣାପଡ଼ିଛି।

ତେନ୍ତୁଳିଖୁଣ୍ଟି ବ୍ଲକରେ ସର୍ବାଧିକ ୩୯୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ଜଣାପଡ଼ିଛି। ପ୍ରବଳ ବର୍ଷା ଯୋଗୁଁ ବ୍ଲକର ବିଭିନ୍ନ ଗାଁରେ ଘର ଭୁଶୁଡ଼ି ପଡ଼ିବା ସହ ଅନେକ ପରିବାର ବାସହରା ହୋଇ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ବିଭିନ୍ନ ସ୍ଥାନରେ ଚାଷଜମିରେ ପାଣି ଜମି ରହିବାରୁ ମକା ଓ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି।

ଏପଟେ ଆଉଁଳିଗୁମ୍ମା ଓ ବଡ଼ାକୁପୁଲି ବ୍ରିଜ ଉପର ଦେଇ ବନ୍ୟାଜଳ ପ୍ରବାହିତ ହେବା ଫଳରେ ନବରଙ୍ଗପୁର-ଇନ୍ଦ୍ରାବତୀ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି। ଫଳରେ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

ବର୍ଷା ସାଙ୍ଗକୁ ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ବିଦ୍ୟୁତ ତାର ଉପରେ ପଡ଼ିବାରୁ ବିଦ୍ୟୁତ ସେବା ମଧ୍ୟ ପ୍ରଭାବିତ ହୋଇଛି। ଲଗାଣ ବର୍ଷା, ବନ୍ୟାଜଳ ଓ ପ୍ରକଳ୍ପରୁ ଜଳ ନିଷ୍କାସନ ଯୋଗୁଁ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ସ୍ଥିତିରେ ପ୍ରଭାବିତ ଲୋକଙ୍କୁ ତୁରନ୍ତ ଉଦ୍ଧାର, ରିଲିଫ ଓ ଆବଶ୍ୟକ ସହାୟତା ଯୋଗାଇବାକୁ ଦାବି ହେଉଛି।

### ସଇଁତଲାକୁ ଏନ୍‌ଏସି ମାନ୍ୟତା ଦାବି

## ୨୫ ଦିନରେ ପହଞ୍ଚିଲା ଧାରଣା, ସାମ୍ବାଦିକ ସଂଘର ସମର୍ଥନ




ସଇଁତଲା,୨୫।୯ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାର ସଇଁତଲାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି ଦିନକୁ ଦିନ ଜୋର ଧରିବାରେ ଲାଗିଛି। ଦୀର୍ଘ ପ୍ରାୟ ତିନି ଦଶନ୍ଧି ଧରି ସଇଁତଲାବାସୀ ଏହି ଦାବି କରିଆସୁଥିବା ବେଳେ ଏବେ ଏହାକୁ ନେଇ ଆନ୍ଦୋଳନ ତୀବ୍ର ହୋଇଛି। ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଚାଲିଥିବା ଧାରଣା ଶୁକ୍ରବାର ୨୫ ଦିନରେ ପହଞ୍ଚିଛି। ଏହି ଧାରଣାକୁ ସଇଁତଲା ସାମ୍ବାଦିକ ସଂଘ ସମର୍ଥନ ଜଣାଇବା ସହ ଦାବି ପ୍ରତି ସମର୍ଥନ ପ୍ରକାଶ କରିଛି।

ସଇଁତଲା ଏକ ପୁରାତନ ଓ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବା ସତ୍ତ୍ୱେ ଏଯାଏ ଏନ୍‌ଏସି ମାନ୍ୟତା ନ ପାଇବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହି ଅଞ୍ଚଳର ଜନସଂଖ୍ୟା ବୃଦ୍ଧି, ବ୍ୟବସାୟିକ କାରବାରର ବିସ୍ତାର, ଯାତାୟାତ ବ୍ୟବସ୍ଥାର ବିକାଶ ଓ ନୂତନ ଆବାସିକ ଅଞ୍ଚଳର ସମ୍ପ୍ରସାରଣ ଯୋଗୁଁ ସହରାଞ୍ଚଳ ଭିତ୍ତିଭୂମିର ଆବଶ୍ୟକତା ବଢ଼ିଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ଧାରଣାସ୍ଥଳରେ ସଇଁତଲା ସାମ୍ବାଦିକ ସଂଘର ସଦସ୍ୟମାନେ ଯୋଗଦେଇ ଆନ୍ଦୋଳନକାରୀଙ୍କ ଦାବି ପ୍ରତି ସମର୍ଥନ ଜଣାଇଥିଲେ। ସାମ୍ବାଦିକ ନାରାୟଣ ସାହୁ, ବିଶ୍ୱାଳ ଅଗ୍ରୱାଲ, ପ୍ରମୋଦ ସେଲମା, ପ୍ରଦୀପ ବାଗ, ସୁଶାନ୍ତ ମେହେର, ରଞ୍ଜନ ବାଗ, ଅମିତ ସାହୁ, ରଞ୍ଜନ କୁମାର ବାଗ ପ୍ରମୁଖ ଧାରଣାସ୍ଥଳରେ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ବକ୍ତାମାନେ ସଇଁତଲାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବିର ଦୀର୍ଘ ଇତିହାସ ଏବଂ ଏହାର ଆବଶ୍ୟକତା ନେଇ ମତ ରଖିଥିଲେ।

ଆନ୍ଦୋଳନର ନେତୃତ୍ୱ ନେଉଥିବା ସରପଞ୍ଚ ସୁବ୍ରତ ନାଗ କହିଛନ୍ତି ଯେ, ସଇଁତଲାକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ବହୁ ବର୍ଷ ଧରି ଦାବି ହୋଇଆସୁଛି। ବିଭିନ୍ନ ସମୟରେ ଜନପ୍ରତିନିଧି, ସାମାଜିକ ସଂଗଠନ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଏନେଇ ଦାବି ଉଠିଥିଲେ ମଧ୍ୟ ଏଯାଏ ଏହାର ସ୍ଥାୟୀ ସମାଧାନ ହୋଇନାହିଁ। ତେଣୁ ଏବେ ଗଣତାନ୍ତ୍ରିକ ପଦ୍ଧତିରେ ଧାରଣା ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

## ସାଇବର ସୁରକ୍ଷା, ସଡ଼କ ସୁରକ୍ଷା ଓ ନିଶାମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ




ସୁନ୍ଦରଗଡ଼,୨୫।୯ (ସଂଚାର ବ୍ୟୁରୋ): ବଡ଼ଗାଁ ପୁଲିସ ସୁନ୍ଦରଗଡ଼ ଜିଲ୍ଲା ପକ୍ଷରୁ ଗୁରୁବାର ଦିନ ୧୨ଟା ସମୟରେ ବଡ଼ଗାଁ ନର୍ସିଂ କଲେଜରେ ସାଇବର ସଚେତନତା, ସଡ଼କ ସୁରକ୍ଷା ସଚେତନତା ଓ ନଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଇବର ଅପରାଧ ଓ ଅନଲାଇନ୍ ଠକେଇ ପ୍ରତିରୋଧ, ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ, ଦାୟିତ୍ୱଶୀଳ ସଡ଼କ ବ୍ୟବହାର ଏବଂ ନଶାମୁକ୍ତ ସମାଜ ଗଠନରେ ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ନାଥ ମୁର୍ମୁ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇ, ବଡ଼ଗାଁ ବ୍ଲକ୍ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ସହଯୋଗୀ ପ୍ରାଧ୍ୟାପକ ଡ଼.ସମ୍ବିତ କୁମାର ମିଶ୍ର, ବଡ଼ଗାଁ ନର୍ସିଂ କଲେଜ ନିର୍ଦ୍ଦେଶକ ଡ଼. ଅରୁଣ କୁମାର ନାଏକ, ପି.ଏସ୍. ଡିଗ୍ରୀ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା, ପି.ଏସ୍. କଲେଜ ଅଧ୍ୟକ୍ଷା ଶ୍ରୀମତୀ ସୁପ୍ରିୟା ପାଲ, ଏବଂ ବଡ଼ଗାଁ ଥାନା ଇନ୍ସପେକ୍ଟର ମୁକେଶ ସାହାଣୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଅଂଶଗ୍ରହଣକାରୀ ମାନଙ୍କୁ ବ୍ୟକ୍ତିଗତ, ବ୍ୟାଙ୍କିଂ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସୂଚନା ସୁରକ୍ଷିତ ରଖିବାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଅନଲାଇନ୍ ଆର୍ଥିକ ଠକେଇ, ଫିସିଂ, ଓଟିପି ଠକେଇ ଓ ଜାଲିଆତି ଲିଙ୍କ୍ ସମେତ ସାଧାରଣ ସାଇବର ଅପରାଧର ବିଭିନ୍ନ ରୂପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଇବର ଅପରାଧ ଘଟିଲେ ତୁରନ୍ତ ଜାତୀୟ ହେଲ୍ପଲାଇନ୍ ୧୯୩୦ ଏବଂ ଅଧିକୃତ ପୋର୍ଟାଲ୍ www.cybercrime.gov.in ମାଧ୍ୟମରେ ଅଭିଯୋଗ କରିବାକୁ ଅଂଶଗ୍ରହଣକାରୀ ମାନଙ୍କୁ ପରାମର୍ଶ ଦିଆଯାଇ ଥିଲା।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନଙ୍କୁ ଯାତାୟାତ ନିୟମ ପାଳନ, ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର, ଅତ୍ୟଧିକ ବେଗ ଓ ବିପଜ୍ଜନକ ଭାବେ ଗାଡ଼ି ଚଳାଇବାରୁ ବିରତ ରହିବା,ମଦ୍ୟ କିମ୍ବା ନିଶାଦ୍ରବ୍ୟ ପ୍ରଭାବରେ ଗାଡ଼ି ନ ଚଳାଇବା ଏବଂ ସଡ଼କ ବ୍ୟବହାର ସମୟରେ ସତର୍କ ରହିବାକୁ ଆହ୍ୱାନ କରାଯାଇଥିଲା। ନଶାମୁକ୍ତ ଭାରତ ଅଭିଯାନର ଅଂଶ ଭାବେ ନିଶାଦ୍ରବ୍ୟ ସେବନର କ୍ଷତିକାରକ ଶାରୀରିକ, ମାନସିକ ଓ ସାମାଜିକ ପ୍ରଭାବ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରାଯାଇଥିଲା।

## ଲଗାଣ ବର୍ଷାରେ କାଠରଗଡା ପଞ୍ଚାୟତରେ ଭାଙ୍ଗିଲା ୧୫ରୁ ଊର୍ଦ୍ଧ୍ୱ ଘର

### ବନ୍ୟା ଜଳରେ ଭାସିଯାଇ ଅଳ୍ପକେ ବର୍ତ୍ତିଲେ ଦୁଇ ଯୁବକ



ବୋରିଗୁମ୍ମା,୨୫।୯ (ସଂଚାର ବ୍ୟୁରୋ): ଗତ ଚାରିଦିନର ଲଗାଣ ବର୍ଷା ବୋରିଗୁମ୍ମା ବ୍ଲକ ସହ କୋରାପୁଟ ଜିଲ୍ଲାକୁ ଛୀନଭିନ କରିଥିବା ଜଣାପଡ଼ିଛି। ବୋରିଗୁମ୍ମା ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳ କେବଳ ପାଣି। କେଉଁଠି ରାସ୍ତା ଉପରେ ଚାରି ଫୁଟ ପାଣି ଚାଲିଛି କେଉଁଠି ଲୋକଙ୍କୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି। ରଖେ ହରି ମାରେ କିଏ। ଏହିଭଳି ଦେଖିବାକୁ ମିଳିଛି ବୋରିଗୁମ୍ମା ବ୍ଲକରେ। ଯେଉଁଠି ଦୁଇ ଜଣ ଯୁବକ ନିଜ ଗାଁକୁ ଯାଉଥିବା ବେଳେ ବନ୍ୟା ଜଳରେ ଭାସିଯାଇ, ପରେ ଉଦ୍ଧାର ହୋଇଥିଲେ।

ଘଟଣା ଏହିଭଳି ଯେ ଗୁମୁଡା ଗ୍ରାମର ଦୁଇ ସରକାରୀ ଚାକିରିଆ ପ୍ରଦୀପ କୁମାର ରଥ ଓ ଲିଙ୍ଗରାଜ ନାଗ ଦୁହେଁ ଦୁଇ ବାଇକ ଯୋଗେ ଗୁରୁବାର ସନ୍ଧ୍ୟା ୮ ଟାରେ ବୋରିଗୁମ୍ମାରୁ ଗୁମୁଡା ଗ୍ରାମକୁ ଫେରୁଥିବା ବେଳେ ରେଙ୍ଗାଲଗୁଡା ଛକ ଓ ଫଟାହାଣ୍ଡି ମଧ୍ୟରେ ଏକ ଛୋଟ ବ୍ରିଜ ପାର ହେଉଥିବା ବେଳେ ହଠାତ ପ୍ରବଳ ପାଣି ସ୍ରୋତରେ ଭାସିଯାଇଥିଲେ। ବନ୍ୟା ଜଳ ସ୍ରୋତ ଏତେ ଅଧିକ ଥିଲା ଯେ ଦୁହେଁ କୌଣସି ଉପାୟ ନ ପାଇ ଦୁଇ ଜଣ ଦୁଇଟି ଗଛକୁ ଜାବୁଡି ଧରି ରାତିସାରା ରହିଥିଲେ। ପ୍ରଦୀପ କୁମାର ରଥ ପାହାନ୍ତା ୪ଟାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର ହୋଇଥିବା ବେଳେ ଲିଙ୍ଗରାଜ ନାଗ ଆଜି ସକାଳେ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିଲେ।

କାଠରଗଡା ପଞ୍ଚାୟତ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଘର ଭାଙ୍ଗିଥିବା ଦେଖାଯାଇଛି। କେବଳ କାଠରଗଡା ପଞ୍ଚାୟତର କାଠରଗଡା, ରଜାପୁଟ, ପ୍ରଧାନୀଗୁଡାରେ ୧୫ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବା ଦେଖାଦେଇଛି। କାଠରଗଡା ଗ୍ରାମର ମାଳତୀ ଗୌଡ଼, ଶ୍ୟାମସୁନ୍ଦର ନାୟକ,ଶୁକ୍ରୀ ଯାନୀ, କୁରଙ୍ଗ ଯାନୀ,ପାର୍ବତୀ ପାଇକ,ଗୁପ୍ତ ମୁଦୁଲି କମଳ ବାଗ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖଙ୍କ ଘର ଭାଙ୍ଗିଥିବା ଦେଖାଦେଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସିଡିଏଓ ବେଣୁଧର ଶବର, ବ୍ଲକ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବୋରିଗୁମ୍ମା ବ୍ଲକ ର ବନ୍ୟାପ୍ଲାବିତ ଅଞ୍ଚଳ ବୁଲି ଦେଖିଥିଲେ। ପ୍ରଶାସନ ପକ୍ଷରୁ କିଛି ଲୋକଙ୍କୁ ସ୍ଥାନାନ୍ତର କରିଥିବା ବେଳେ କିଛି ସ୍ଥାନରେ ଲୋକଙ୍କୁ ରାନ୍ଧଖାଦ୍ୟ ପ୍ରଦାନ କରାଯାଇଛି। ତେବେ ବୋରିଗୁମ୍ମା ବ୍ଲକ ରେ କୌଣସି ଜୀବନହାନୀ ହୋଇ ନ ଥିବା ସୂଚନା ମିଳିଛି।

## ଫାର୍ମାସିଷ୍ଟଙ୍କ ସଶକ୍ତୀକରଣ ନିମନ୍ତେ ଉନ୍ନତମାନର ଶିକ୍ଷା, ଗବେଷଣା ଓ ନବସୃଜନର ଆବଶ୍ୟକତା ରହିଛି



ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ): ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବାର ପ୍ରମୁଖ ଅଙ୍ଗ। ତେଣୁ ସେମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଉନ୍ନତ ମାନର ଶିକ୍ଷା, ଗବେଷଣା ଓ ନବସୃଜନର ସୁଯୋଗ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି ମତ ରଖିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ -୧ପକ୍ଷରୁ ଶୁକ୍ରବାର ଆୟୋଜିତ ବିଶ୍ୱ ଫାର୍ମାସିଷ୍ଟସ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋଆ ଉପସଭାପତି କହିଥିଲେ ଯେ ବହୁ ବିଭାଗୀୟ ରୋଗୀ ସେବାରେ ଅଧିକ ଅଂଶ ଗ୍ରହଣ ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଫାର୍ମାସିଷ୍ଟ ମାନଙ୍କର ଅବଦାନର ଯଥୋଚିତ ସ୍ୱୀକୃତିର ଆବଶ୍ୟକତା ରହିଛି।

ଚଳିତ ବର୍ଷ ବିଶ୍ୱ ଫାର୍ମାସିଷ୍ଟ ଦିବସର ବିଷୟବସ୍ତୁ "ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟମାନଙ୍କୁ ସଶକ୍ତ କରିବା" ପ୍ରସଙ୍ଗରେ ମତ ରଖି ଶ୍ରୀମତି ଦାସ କହିଥିଲେ ଏହା ସମସ୍ତଙ୍କ ପାଇଁ ବିଶେଷ ମହତ୍ୱ ରଖେ। ଗୋଟିଏ ବିଶ୍ୱବିଦ୍ୟାଳୟ ଭାବେ କେବଳ ଯୋଗ୍ୟ ପେସାଦାର ଫାର୍ମାସିଷ୍ଟ ସୃଷ୍ଟି କରିବାରେ ସୀମିତ ନ ରହି ସେମାନଙ୍କୁ ଦକ୍ଷ, ନୈତିକ ଓ ପ୍ରମାଣ ଭିତିକ ଜ୍ଞାନରେ ସମୃଦ୍ଧ ଓ ପରିବର୍ତ୍ତନଶୀଳ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତି ଦାସ କହିଥିଲେ।

ଏହି ଅବସରରେ ଓଡ଼ିଶା ରାଜ୍ୟ ଔଷଧ ନିୟନ୍ତ୍ରକ ଶ୍ରୀମତି ମାମିନା ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଫାର୍ମାସିଷ୍ଟ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଭବିଷ୍ୟତ ନିମନ୍ତେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯାଉଥିବା ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଆଡିସ୍‌ନାଲ ଡିନ୍ ପ୍ରଫେସର (ଡାକ୍ତର) ଅଜୟ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚିକିତ୍ସା କ୍ଷେତ୍ରରେ ଜଣେ ଡାକ୍ତରଙ୍କ ସହିତ ଫାର୍ମାସିଷ୍ଟ ମାନଙ୍କର ଭୂମିକା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

## ସର୍ଟ ସର୍କିଟରୁ ଜଳିଗଲା ୨ ବଖରା



ବାଲିଅନ୍ତା, ୨୫।୯ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା କାକରୁଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପଞ୍ଚଳ ଗ୍ରାମରେ ଆଜି ଭୋର ସମୟରେ ବିଦ୍ୟୁତ ସର୍ଟ ସର୍କିଟ ଘଟି ନିରଞ୍ଜନ ଦାସ ନାମକ ଜଣେ ବ୍ୟକ୍ତିଙ୍କର ୨ ବଖରା ଛଣ ଛପର ଘର ଜଳିଯାଇଛି। ଏହା ସହିତ ଘରେ ସାଇତା ହୋଇ ଥିବା ତାଙ୍କର ଧାନ, ଚାଉଳ, ମୁଗ, ବିରି, ବସ୍ତ୍ର ଏବଂ ଅନ୍ୟାନ୍ୟ ଆସଭାବପତ୍ର ସବୁ ପୋଡି ଯାଇଛି । କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି।

ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ପାଖ ପଡୋଶୀ ଧାଇଁ ଆସି ଛଣ ଓଲାରି ପକେଇବାରୁ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । ପରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ମଲ୍ଲିକ ଏବଂ ଜଗନ୍ନାଥପୁର ରାଜସ୍ୱ ନିରୀକ୍ଷକ ପବିତ୍ର ବେହେରା ପ୍ରମୁଖ ପହଞ୍ଚି ବିପନ୍ନ ପରିବାରଙ୍କ ସହିତ ଆଲୋଚନା କରି ପଲିଥିନ ଯୋଗାଇ ଦେଇଛନ୍ତି। ଏହା ସହ ନିରଞ୍ଜନଙ୍କୁ ସରକାରୀ ସହାୟତା ଏବଂ ପକ୍କା ଘର ଯୋଗାଇ ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକ ପ୍ରତିଶୃତି ଦେଇଛନ୍ତି ।

## ବର୍ଷା ପବନରେ କୁଜଙ୍ଗ ଅଞ୍ଚଳ ବେହାଲ

### ବିଭିନ୍ନ ପଞ୍ଚାୟତ ଜଳମଗ୍ନ, ଗଛ ଭାଙ୍ଗି ରାସ୍ତା ଅବରୋଧ

ପାରାଦ୍ୱୀପ, ୨୫।୯ (ସଂଚାର ବ୍ୟୁରୋ): ଗତକାଲି ରାତିରେ ପ୍ରବଳ ପବନ ସହ ହୋଇଥିବା ବର୍ଷା ପରେ କୁଜଙ୍ଗ ବ୍ଲକରେ ସ୍ଥିତି ବେହାଲ ହୋଇପଡ଼ିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ଷାଜଳ ଜମିବା ସହ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ରାସ୍ତାଘାଟରେ ପାଣି ଜମିବା ଯୋଗୁଁ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଛି।

ପ୍ରବଳ ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଥିଲା। ଫଳରେ କିଛି ସ୍ଥାନରେ ରାସ୍ତା ଅବରୋଧ ହୋଇଥିଲା। ଖବର ପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛ କାଟି ହଟାଇବା ସହ ଯାତାୟାତ ସ୍ୱାଭାବିକ କରିବାକୁ ଲାଗିପଡ଼ିଛି।

ଗୋପିଆକୁଦା, ପାରାଦୀପ- କଟକ ରାସ୍ତା , ବାଲିକଣି, ପୋଟଣାଇ, କାଳିଆପାଟ ଓ ଭୂତମୁଣ୍ଡାଇ ଭଳି ଅଞ୍ଚଳରେ ଅଗ୍ନିଶମ ବାହିନୀର ଟିମ୍ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ସହ ଆବଶ୍ୟକ ସ୍ଥାନରେ ଲୋକଙ୍କୁ ସହାୟତା ଯୋଗାଇ ଚାଲିଛି।

ଚାରିଆଡ଼େ ପାଣି, ରାସ୍ତାରେ ଗଛ— ବିପଦ ଭିତରେ ମଧ୍ୟ ଥମିନି ଅଗ୍ନିଶମ ବାହିନୀର ଅଭିଯାନ। ରାତିର ପବନ ବର୍ଷା ପରେ ସୃଷ୍ଟି ହୋଇଥିବା ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ମଇଦାନରେ ଲାଗିରହିଛି କୁଜଙ୍ଗ ଅଗ୍ନିଶମ ବାହିନୀ।



ଭୂ-ସ୍ଥାନିକ ବିଶ୍ଳେଷଣ ସଂକ୍ରାନ୍ତ ଉପଭୋକ୍ତା ପରାମର୍ଶ କର୍ମଶାଳା ଉଦ୍‌ଯାପିତ

# ସୁଦୃଢ଼ ହେବ ଅଧିକାରୀଙ୍କ ବୈଷୟିକ ଦକ୍ଷତା

### ୩୮ ଅଂଶଗ୍ରହଣକାରୀ ଓ ସାଧନ କର୍ମୀ ସାମିଲ୍




ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଗତ ୨୩ରୁ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ପ୍ରତିଷ୍ଠାନଠାରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ଆରମ୍ଭ ହୋଇଥିବା 'ଆର୍କଜିଆଇଏସ୍ ମାଧ୍ୟମରେ ଭୂ-ସ୍ଥାନିକ ବିଶ୍ଳେଷଣ' ବିଷୟକ ତିନିଦିନିଆ ଉପଭୋକ୍ତା ପରାମର୍ଶ କର୍ମଶାଳା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ଶାସନ ସଚିବ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ଼ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମାନସ ରଞ୍ଜନ ସାମଲ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ କର୍ମଶାଳାରେ ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା କରିବା ସହ ବୈଷୟିକ ଦକ୍ଷତାକୁ ସୁଦୃଢ଼ କରିବା ଓ ପରିସଂଖ୍ୟାନ ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଭୂ-ସ୍ଥାନିକ ପ୍ରଯୁକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଗତ ୨୩ରେ ଓଡ଼ିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ସାମଲ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ଅଧିକାରୀଙ୍କ ବୈଷୟିକ ଦକ୍ଷତାକୁ ସୁଦୃଢ଼ କରିବା ସହ ପରିସଂଖ୍ୟାନ ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଆଧୁନିକ ଭୂ-ସ୍ଥାନିକ ଉପକରଣ ଓ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ବିଶ୍ୱ ବ୍ୟାଙ୍କ ସହାୟତାପ୍ରାପ୍ତ 'ଓଡ଼ିଶା ଷ୍ଟେଟ୍ କାପାବିଲିଟି ଆଣ୍ଡ୍ ରେଜିଲିଏନ୍ସ ଗ୍ରୋଥ୍ ପ୍ରୋଗ୍ରାମ' (ଓଏସସିଆରଜିପି) ଅଧୀନରେ ରାଜ୍ୟର ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଡିଜିଟାଇଜେସନ୍ ପରିବର୍ତ୍ତନ ପଦକ୍ଷେପର ଏକ ଅଂଶ ଭାବେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିସଂଖ୍ୟାନ, ଯୋଜନା ପ୍ରସ୍ତୁତି ଓ ବିକାଶମୂଳକ କାର୍ଯ୍ୟକଳାପରେ ଭୂ-ପ୍ରୟୋଗ, ଭୂ-ସ୍ଥାନିକ ବିଶ୍ଳେଷଣ ଏବଂ ଆର୍କଜିଆଇଏସ୍‌ର ପ୍ରୟୋଗ ସମ୍ପର୍କରେ ଅଧିକାରୀଙ୍କର ବୈଷୟିକ ଦକ୍ଷତାକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କର୍ମଶାଳାରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଆଞ୍ଚଳିକ ଯୋଜନା, ଆଞ୍ଚଳିକ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲାନିଂ, ପ୍ରୟୋଗାତ୍ମକ ଅର୍ଥନୀତି ଓ ପରିସଂଖ୍ୟାନ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍, ଓଡ଼ିଶାର ପ୍ରକଳ୍ପ ପରିଚାଳନା ପରାମର୍ଶଦାତା, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର ଓ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ସ ସେଣ୍ଟରର ଅଧିକାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୩୮ ଜଣ ଅଂଶଗ୍ରହଣକାରୀ ଓ ସାଧନ କର୍ମୀ ସାମିଲ ହୋଇଥିଲେ।

## ଜୁଆ ଖେଳ ବନ୍ଦ କରନ୍ତୁ, ପୁଲିସକୁ ଖବର ଦିଅନ୍ତୁ



କଟକ,୨୫।୯(ସଂଚାର ବ୍ୟୁରୋ): ଜୁଆ ଭଳି ବେଆଇନ କାର୍ଯ୍ୟକଳାପଠାରୁ ଦୂରେଇ ରହି ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନରେ ସହଯୋଗ କରିବାକୁ ସେଣ୍ଟ୍ରାଲ ରେଞ୍ଜ ଆଇଜିପି ଡ. ସତ୍ୟଜିତ୍ ନାୟକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଜୁଆ କେବଳ ଆର୍ଥିକ କ୍ଷତିର କାରଣ ନୁହେଁ, ଏହା ପରିବାରିକ ଅଶାନ୍ତି ଓ ସାମାଜିକ ସମସ୍ୟାକୁ ମଧ୍ୟ ବଢ଼ାଇପାରେ। ତେଣୁ ନିଜେ ଜୁଆ ଖେଳିବାରୁ ବିରତ ରହିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଥିରୁ ଦୂରେଇ ରହିବାକୁ ସଚେତନ କରିବା ଆବଶ୍ୟକ। କୌଣସି ସ୍ଥାନରେ ଜୁଆ ଖେଳ କିମ୍ବା ଜୁଆ ଆଡ଼ା ଚାଲୁଥିବା ନେଇ ସୂଚନା ମିଳିଲେ ସ୍ଥାନୀୟ ଲୋକେ ନିରବ ନ ରହି ଏ ସମ୍ପର୍କରେ ପୁଲିସକୁ ଖବର ଦେବା ଉଚିତ। ନାଗରିକଙ୍କ ସଚେତନତା ଓ ପୁଲିସ-ଜନସାଧାରଣଙ୍କ ସହଯୋଗ ମାଧ୍ୟମରେ ବେଆଇନ ଜୁଆ କାରବାର ଉପରେ ନିୟନ୍ତ୍ରଣ ଆଣିବା ସମ୍ଭବ ହୋଇପାରିବ। ଯୁବପିଢ଼ିକୁ ଜୁଆଠାରୁ ଦୂରେଇ ରଖି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟରେ ଯୋଡ଼ିବାକୁ ଡ. ନାୟକ ଆହ୍ୱାନ ଦେଇଛନ୍ତି। ଜୁଆ ଛାଡ଼ନ୍ତୁ, ଜୀବନକୁ ସୁରକ୍ଷିତ ରଖନ୍ତୁ ଓ ଜୁଆ ଖେଳ ବିଷୟରେ ପୁଲିସକୁ ଖବର ଦିଅନ୍ତୁ ବୋଲି ଡ. ନାୟକ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବେଦାନ୍ତ ଅଧ୍ୟକ୍ଷ



ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ବେଦାନ୍ତ ଶିଳ୍ପଗୋଷ୍ଠିର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଶନିବାର ଦିନ ରାଜ୍ୟ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି। ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପରେ ଶ୍ରୀ ଅଗ୍ରୱାଲ ଗଣମାଧ୍ୟମକୁ ମଧ୍ୟ ସମ୍ବୋଧିତ କରିବେ। ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ବେଦାନ୍ତକୁ ମିଳିଥିବା ସିଜିମାଳି ଖଣି ତିନି ବର୍ଷ ଧରି ଖନନ ହୋଇ ନ ପାରିବା ପ୍ରମୁଖ ପ୍ରସଙ୍ଗ ରହିବ। କାରଣ ବେଦାନ୍ତକୁ ଏହି ଖଣି ମିଳିବାର ଇତି ମଧ୍ୟରେ ତିନି ବର୍ଷ ବିତିଥିବା ବେଳେ କମ୍ପାନୀ ସେଠାରୁ ବକ୍ସାଇଟ୍ ଉତ୍ତୋଳନ କରିପାରୁନାହିଁ। ଖନନ ତ ଦୂରର କଥା, ଏହି କାର୍ଯ୍ୟ ନେଇଥିବା ସଂସ୍ଥା ଖଣି ନିକଟକୁ ରାସ୍ତାଟିଏ ନିର୍ମାଣ କରିବାରେ ସକ୍ଷମ ହେଉନାହିଁ। ଫଳରେ ବେଦାନ୍ତ ତାହାର ଆଲୁମିନିୟମ କାରଖାନା ପାଇଁ ବକ୍ସାଇଟ୍ ଆମଦାନୀ କରିବାକୁ ବାଧ୍ୟ ହେଉଛି।

## ବର୍ଷାରେ କାନ୍ଥ ପଡ଼ି ଶିଶୁକନ୍ୟା ମୃତ



ପାଟଣା,୨୫।୯(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଅନ୍ତର୍ଗତ ସ୍ୱାମ ମୁଣ୍ଡାସାହିରେ ଶୁକ୍ରବାର ଲଗାଣ ବର୍ଷାରେ ଇଟା କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ଏକ ୩ ବର୍ଷର ଶିଶୁକନ୍ୟାଙ୍କର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣଙ୍କ ହେଲେ ସ୍ୱାମ ଗ୍ରାମର ବଣ୍ଟି ମୁଣ୍ଡାଙ୍କ ଝିଅ ପ୍ରମିଳା। ମିଳିଥିବା ସୂଚନାନୁସାରେ, ଶୁକ୍ରବାର ଅପରାହ୍ନରେ ପ୍ରବଳ ବର୍ଷା ହେଉଥିବା ବେଳେ ପ୍ରମିଳାଙ୍କ ମା' ତାଙ୍କୁ ଏକ ପରିତ୍ୟକ୍ତ ଘର ନିକଟରେ ଛାଡ଼ି ଶୌଚ ହେବା ସକାଶେ ଯାଇଥିଲେ। ଏହି ସମୟରେ ହଠାତ୍ ଘରର ଇଟା କାନ୍ଥ ଭୁଶୁଡ଼ି ପଡ଼ିବାରୁ ଶିଶୁଟି ଏହା ତଳେ ଚାପି ହୋଇଯାଇଥିଲା। ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ତୁରନ୍ତ ଶିଶୁଟିକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରମିଳାଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁକନ୍ୟାଙ୍କ ଅକାଳ ମୃତ୍ୟୁରେ ସ୍ୱାମ ମୁଣ୍ଡାସାହିରେ ଶୋକର ଛାୟା ଖେଳିଯାଇଛି।

## ଘରେ ପଶିଥିବା ବାଘ ଛୁଆକୁ ଉଦ୍ଧାର କଲା ବନ ବିଭାଗ



ମୟୂରଭଞ୍ଜ, ୨୫।୯ (ସଂଚାର ବ୍ୟୁରୋ): ଘରେ ପଶିଥିବା ବାଘକୁ ଉଦ୍ଧାର କଲା ବନ ବିଭାଗ। ଉଦ୍ଧାର ବାଘର ବୟସ ୭-୮ ମାସ ହେବ ବୋଲି ଜଣାପଡ଼ିଛି। ମୟୂରଭଞ୍ଜ ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଠାକୁରମୁଣ୍ଡା ରେଞ୍ଜର୍ ଖାପରଖାଇ ଗାଁରୁ ଉଦ୍ଧାର ହୋଇଛି ଏହି ବାଘ ଛୁଆ। ଗତକାଲି ରାତିରେ ଏହି ବାଘ ଛୁଆଟି ପ୍ରଥମେ ଗାଁର ଏକ ଗୁହାଳ ଘରେ ପ୍ରବେଶ କରିଥିଲା। ପରେ ଏହା ଏକ ଅବ୍ୟବହୃତ ଘର ଭିତରେ ପଶି ସେଠାରେ ରାତିସାରା ରହିଥିଲା। ସକାଳେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବାଘ ଛୁଆଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ବର୍ତ୍ତମାନ ବାଘ ଛୁଆଟିକୁ ପଶୁ ଚିକିତ୍ସକଙ୍କ ନିରୀକ୍ଷଣରେ ରଖାଯାଇଛି। ସୁସ୍ଥ ହେବା ପରେ ଏହାକୁ ଶିମିଳିପାଳର କୋର୍ ଅଞ୍ଚଳ ଭିତରେ ଥିବା ଏକ ବଡ଼ ଏନକ୍ଲୋଜର୍‌କୁ ନିଆଯିବ। ସେଠାରେ ବନ୍ୟ ପରିବେଶରେ ଶିକାର କରିବାକୁ ସକ୍ଷମ ହେବା ପରେ ବାଘ ଛୁଆଟିକୁ ପୁଣି ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ମହାନଦୀକୁ ଡେଇଁ ଯୁବକ ନିଖୋଜ

ନୟାଗଡ଼,୨୫।୯(ସଂଚାର ବ୍ୟୁରୋ): ସିଧାମୂଳା ବ୍ରିଜରୁ ମହାନଦୀକୁ ଡେଇଁ ଜନୈକ ଯୁବକ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ନିଖୋଜ ଯୁବକ ଜଣଙ୍କ ଦଶପଲ୍ଲା ଢିପିସାହି ଗ୍ରାମର ସରୋଜ ନାୟକ ବୋଲି ଜଣାପଡ଼ିଛି। ସରୋଜ ନରସିଂହପୁରରୁ ଏକ ଦଶାହ କାମରେ ଯୋଗଦେଇ ଘରକୁ ଫେରୁଥିଲେ। ତେବେ ବ୍ରିଜ୍ ଉପରେ ପରିବାର ଲୋକେ ଅଟୋ ରଖିଥିବା ସମୟରେ ସରୋଜ ଅଟୋରୁ ଓହ୍ଲାଇ ଅଚାନକ ନଦୀକୁ ଡେଇଁ ପଡ଼ିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ଗଣିଆ ଓ ଖଣ୍ଡପଡ଼ା ଅଗ୍ନିଶମ ବାହିନୀର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ସରୋଜଙ୍କୁ ଖୋଜାଖୋଜି କରୁଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେମାନେ ସରୋଜଙ୍କର କୌଣସି ପତ୍ତା ପାଇପାରିନାହାନ୍ତି।

## ଡାବୁଗାଁ ଡଙ୍ଗରୀଗୁଡ଼ାରେ ଭାଲୁ ଆତଙ୍କ

ନବରଙ୍ଗପୁର,୨୫।୯(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଡାବୁଗାଁରେ ଗତ ଦୁଇ ଦିନ ଧରି ବର୍ଷାର ତାଣ୍ଡବ ଜାରି ରହିଥିବା ବେଳେ ଏବେ ବନ୍ୟଜନ୍ତୁଙ୍କ ଆତଙ୍କ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି। ଏହି ବର୍ଷା ବିପତ୍ତି ମଧ୍ୟରେ ଡାବୁଗାଁର ଡଙ୍ଗରୀଗୁଡ଼ା ବସ୍ତିରେ ଏକ ଭାଲୁ ପଶି ଆସିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଲଗାଣ ବର୍ଷା ଯୋଗୁଁ ଜଙ୍ଗଲରେ ଖାଦ୍ୟର ଅଭାବ ଦେଖାଦେବାରୁ ଭାଲୁଟି ଖାଦ୍ୟ ସନ୍ଧାନରେ ଗାଁମୁହାଁ ହୋଇଥିଲା। ସକାଳ ପ୍ରାୟ ୬ଟା ସମୟରେ ଭାଲୁଟି ଡଙ୍ଗରୀଗୁଡ଼ା ବସ୍ତିରେ ପଶି ଏକ ଘର ଭିତରକୁ ପଶିଯାଇଥିଲା। ତେବେ ସୌଭାଗ୍ୟବଶତଃ ଭାଲୁଟି କାହାର କିଛି ବି କ୍ଷତି କରିନାହିଁ। ଗ୍ରାମବାସୀ ଏକାଠି ହୋଇ ସାହସର ସହ ପାଟିତୁଣ୍ଡ କରି ଭାଲୁଟିକୁ ଗାଁରୁ ସୁରକ୍ଷିତ ଭାବେ ଘଉଡ଼ାଇବାରେ ସଫଳ ହୋଇଛନ୍ତି। ଲଗାଣ ବର୍ଷା ଯୋଗୁଁ ଜଙ୍ଗଲୀ ଜନ୍ତୁମାନେ ବାରମ୍ବାର ଖାଦ୍ୟ ଆଶାରେ ଜନବସତିମୁହାଁ ହେଉଥିବାରୁ ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ତୁରନ୍ତ ଜଙ୍ଗଲ ବିଭାଗ ଏହା ଉପରେ ଦୃଷ୍ଟି ଦେଇ ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ଓ ଇ-ପୋର୍ଟାଲର ଉପଯୋଗ ନେଇ ସମୀକ୍ଷା

## ତ୍ୱରିତ କାର୍ଯ୍ୟକାରିତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ



### ପୋର୍ଟାଲରେ ରହିବ ସବୁ ଜମି ଦଖଲକାରୀଙ୍କ ତଥ୍ୟ

ଭୁବନେଶ୍ୱର, ୨୫।୯ (ସଂଚାର ବ୍ୟୁରୋ): ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ କରିବା ଓ ଆଗକୁ ନେବା ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଶ୍ରୀଜଗନ୍ନାଥଙ୍କ ଜମିରେ ବସବାସ କରୁଥିବା ସେବାୟତ ଓ ଅଣସେବାୟତଙ୍କୁ ଜମି ଅଧିକାର ପ୍ରଦାନ ନେଇ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ଆଜି ଏହି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରୁ ଜଣାପଡ଼ିଛି ଯେ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ପାଇଁ ଏକ ଇ-ପୋର୍ଟାଲର ବିକାଶ କରାଯିବ। ଏଥିରେ ଶ୍ରୀଜଗନ୍ନାଥଙ୍କ ଜମି ଭୋଗ ଦଖଲ କରୁଥିବା ସେବାୟତ ଓ ଅଣସେବାୟତମାନେ ନିଜ ନିଜର ତଥ୍ୟ ସହଜ ଓ ସରଳ ଉପାୟରେ ପ୍ରଦାନ କରିପାରିବେ। ଏହାଦ୍ୱାରା ଜମି ଦଖଲରେ ଥିବା ସମସ୍ତଙ୍କ ଏକ ସମ୍ପୂର୍ଣ୍ଣ ଡାଟାବେସ୍ ପ୍ରସ୍ତୁତ ହେବା ସହ ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ବ୍ୟବସ୍ଥା ଅଧିକ ସହଜ ଓ ଶୃଙ୍ଖଳିତ ହୋଇପାରିବ। ଏହି ବ୍ୟବସ୍ଥାକୁ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହ ଇ-ପୋର୍ଟାଲକୁ ଅଧିକ ଉପଯୋଗୀ କରିବା ନେଇ ଆଇନ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପରିଚାଳକ ତଥା ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ, ଓକାକ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା 'ଲହରୀ' ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଓ ପ୍ରଯୋଜିକା ଝିଲିକ୍ ଭଟ୍ଟାଚାର୍ଜିଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

## ଦାୟିତ୍ୱ ନେଲେ ଭୁବନେଶ୍ୱରର ନୂଆ ଡିସିପି



ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଭୁବନେଶ୍ୱର ଡିସିପି ଭାବେ ଶୁକ୍ରବାର ଦାୟିତ୍ୱ ନେଇଛନ୍ତି ଡ. ସର୍ବଣା ବିବେକ ଏମ୍। ଏହା ପୂର୍ବରୁ ସେ ବ୍ରହ୍ମପୁର ଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। ତିନି ଦିନ ତଳେ ରାଜ୍ୟ ସରକାର ଆଇପିଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଥିବା ବେଳେ ସେଥିରେ ଡ. ସର୍ବଣା ବିବେକଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଥିଲା। ଜଗମୋହନ ମୀନା ଚାକିରି ଛାଡ଼ି ଦେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଗତକାଲି ୨୦୧୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅଭିନବ ସୋନକର ବ୍ରହ୍ମପୁର ଏସ୍‌ପି ଭାବେ ଡ. ସର୍ବଣା ବିବେକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଅଭିନବ ଏହା ପୂର୍ବରୁ ଢେଙ୍କାନାଳ ଏସ୍‌ପି ଦାୟିତ୍ୱରେ ଥିଲେ। ୨୦୧୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡ. ସର୍ବଣା ବିବେକଙ୍କୁ ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ନେବା ପରେ କହିଛନ୍ତି ଯେ ସମସ୍ତଙ୍କୁ ନେଇ ଗୋଟିଏ ଟିମ୍ ହୋଇ କାମ କରିବାକୁ ପଡ଼ିବ। ସାମ୍ପ୍ରତିକ ସମୟରେ ସାଇବର ଅପରାଧ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଲୋକେ ବହୁତ ଟଙ୍କା ହରାଉଛନ୍ତି। ସାଇବର ଅପରାଧ ରୋକିବାକୁ ଆହୁରି ସଶକ୍ତ ହେବାକୁ ପଡ଼ିବ। ସେହିପରି ବ୍ରହ୍ମପୁରର ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡର ତଦନ୍ତକୁ ନେଇ ଚର୍ଚ୍ଚାରେ ରହିଆସିଛନ୍ତି ଆଇପିଏସ୍ ସର୍ବଣା ବିବେକ। କାରଣ ଏହି ମାମଲାରେ ହାଇପ୍ରୋଫାଇଲ ବିଜେଡି ନେତା ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ଅଭିଯୁକ୍ତ କରାଯାଇଛି ଓ ସେ ଗିରଫ ହୋଇ ଜେଲ୍‌ରେ ପ୍ରାୟ ୧୦ ମାସ ରହିବା ପରେ କିଛି ଦିନ ତଳେ ଜାମିନ୍‌ରେ ଆସିଛନ୍ତି।

## ଅକ୍ଟୋବର ୨୬ରୁ ଯୁକ୍ତ ପରୀକ୍ଷା ଫର୍ମ ପୂରଣ

### ନଭେମ୍ବର ୧୧ ଯାଏ ମିଳିବ ସୁଯୋଗ

ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ୨୦୨୭ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ଆସନ୍ତା ଅକ୍ଟୋବର ୨୬ ତାରିଖରୁ ରେଗୁଲାର ଶିକ୍ଷାର୍ଥୀମାନେ ପରୀକ୍ଷା ପାଇଁ ଫର୍ମ ପୂରଣ କରିବେ। ଏହା ଆସନ୍ତା ନଭେମ୍ବର ୧୧ ତାରିଖ ଯାଏ ଭରିବାର ସୁଯୋଗ ମିଳିବ। ସେହିପରି ଏକ୍ସରେଗୁଲାର ଛାତ୍ରଛାତ୍ରୀମାନେ ଆସନ୍ତା ୧ରୁ ୯ ତାରିଖ ମଧ୍ୟରେ ଫର୍ମ ପୂରଣ କରିବେ। ଫର୍ମ ପୂରଣ ପାଇଁ ୬୦୦ ଟଙ୍କା ସହ ମାଇଗ୍ରେସନ୍ ସାର୍ଟିଫିକେଟ୍ ପାଇଁ ୧୦୦ ଟଙ୍କା ଓ ପାସ୍ ସାର୍ଟିଫିକେଟ୍ ପାଇଁ ୧୦୦ ଟଙ୍କାକୁ ମିଶାଇ ମୋଟ ୮୦୦ ଟଙ୍କା ଅନ୍‌ଲାଇନ୍ ମାଧ୍ୟମରେ ପଇଠ କରିବାକୁ ପଡ଼ିବ। ସେହିପରି ପ୍ରୋଜେକ୍ଟ ୱାର୍କ ଫି' ପାଇଁ ବାଣିଜ୍ୟ ବିଭାଗରେ ପଢୁଥିବା ଛାତ୍ରଛାତ୍ରୀମାନେ ୪୦ ଟଙ୍କା ଅତିରିକ୍ତ ପ୍ରଦାନ କରିବେ। ଯଦି କୌଣସି ଛାତ୍ରଛାତ୍ରୀଙ୍କର ପ୍ରାକ୍ଟିକାଲ ବିଷୟ ରହିଥାଏ, ତେବେ ପ୍ରତି ପ୍ରାକ୍ଟିକାଲ ବିଷୟ ପିଛା ୪୦ ଟଙ୍କା ଲେଖାଏଁ ପ୍ରଦାନ କରିବେ। ଏନେଇ ଆଜି ସିଏଚ୍‌ଏସ୍‌ଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସିଏଚ୍‌ଏସ୍‌ଇର ଚିଠି ଅନୁଯାୟୀ, କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ପଢୁଥିବା ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ଆସନ୍ତା ବାର୍ଷିକ ପରୀକ୍ଷା ପାଇଁ ଏହି ସମୟ ସୀମା ମଧ୍ୟରେ ନିଜର ଫର୍ମ ପୂରଣ କରିପାରିବେ। ରେଗୁଲାର ଛାତ୍ରଛାତ୍ରୀମାନେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଫର୍ମ ପୂରଣ ନ କରନ୍ତି, ତା'ହେଲେ ସେମାନେ ୨୦୦ ଟଙ୍କା ଫାଇନ୍ ସହ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ଫର୍ମ ପୂରଣ କରିପାରିବେ।

## ଲଗାଣ ବର୍ଷାରେ ଭୂସ୍ଖଳନ: ରେଳଯାତ୍ରା ପ୍ରଭାବିତ

କୋରାପୁଟ,୨୫।୯(ସଂଚାର ବ୍ୟୁରୋ): ରାୟଗଡ଼ା ଡିଭିଜନ ଅଧୀନସ୍ଥ ମୁନିଗୁଡ଼ା-ଚାଟିକୋଣା ଷ୍ଟେସନ ଓ କୋରାପୁଟ ଜୟପୁର ମଧ୍ୟରେ ଥିବା ମାଲିଗୁଡ଼ାଠାରେ ଭୂସ୍ଖଳନ ଯୋଗୁଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏଥିପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୬ଟି ଟ୍ରେନ୍‌କୁ ବାତିଲ କରାଯାଇଥିବା ବେଳେ ୪ଟି ଟ୍ରେନ୍‌ର ଚଳାଚଳକୁ ଆଂଶିକ ଭାବେ ବନ୍ଦ କରାଯାଇଛି। ରେଳପଥର ବୁଲେଟିନ ଅନୁଯାୟୀ, ଆସନ୍ତାକାଲି ୫୮୫୦୨ କେଆରଡିଏଲ-ଭିଏସ୍‌କେପି ପାସେଞ୍ଜର, ୫୮୫୦୧ ଭିଏସ୍‌କେପି-କେଆରଡିଏଲ ପାସେଞ୍ଜର, ୧୮୫୧୬ କେଆରଡିଏଲ-ଭିଏସ୍‌କେପି ଏକ୍ସପ୍ରେସ ଓ ୧୮୫୧୫ ଭିଏସ୍‌କେପି -କେଆରଡିଏଲ ଏକ୍ସପ୍ରେସକୁ ବାତିଲ କରାଯାଇଛି। ଏହାଛଡ଼ା ୧୮୧୦୭ ରାଉରକେଲା-ଜଗଦଲପୁର ଏକ୍ସପ୍ରେସ ଓ ୧୮୧୦୮ ଜଗଦଲପୁର-ରାଉରକେଲା ଏକ୍ସପ୍ରେସ ମଧ୍ୟ ଆସନ୍ତାକାଲି ପାଇଁ ବାତିଲ କରାଯାଇଛି। ଅନ୍ୟପକ୍ଷରେ ୧୮୦୦୫ ହାୱଡ଼ା-ଜଗଦଲପୁର ଏକ୍ସପ୍ରେସ କୋରାପୁଟରେ ସ୍ୱଳ୍ପ ଯାତ୍ରା ଶେଷ କରାଯିବ। ୧୮୦୦୬ ଜଗଦଲପୁର-ହାୱଡ଼ା ଏକ୍ସପ୍ରେସ କୋରାପୁଟରୁ ଯାତ୍ରା ଆରମ୍ଭ କରିବ। ଏଥିସହ ୧୮୪୪୭ ଭୁବନେଶ୍ୱର-ଜଗଦଲପୁର ଓ ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ଏକ୍ସପ୍ରେସ୍ ଚଳାଚଳ ମଧ୍ୟ କୋରାପୁଟରୁ ସ୍ୱଳ୍ପ ଯାତ୍ରାରେ ସୀମିତ ରହିବ। ଏହି ଟ୍ରେନ୍‌ଗୁଡ଼ିକ ପାଇଁ କୋରାପୁଟ-ଜଗଦଲପୁର-କୋରାପୁଟ ମଧ୍ୟରେ ରେଳ ସେବା ବାତିଲ ରହିବ ବୋଲି ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

● ଯୁବତୀଙ୍କ ସହ ପୁରୁଷ ବନ୍ଧୁଙ୍କୁ ଅଶାଳୀନ ବ୍ୟବହାର ଘଟଣା

## ଗିରଫ ହେଲେ ବାପ-ପୁଅ



ଢେଙ୍କାନାଳ,୨୫।୯(ସଂଚାର ବ୍ୟୁରୋ): ଢେଙ୍କାନାଳର ଦେଓଗାଁ-ଟାଙ୍ଗୀ ରାସ୍ତାରେ ଜଣେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଅଟକାଇ ଅଶାଳୀନ ବ୍ୟବହାର ସହ ମାଡ଼ ମାରିବା ଘଟଣାରେ ଆଉ ୨ ଜଣଙ୍କୁ ଗିରଫ କରିଛି ଗଁଦିଆ ଥାନା ପୁଲିସ। ଗିରଫ ଦୁଇ ଜଣ ବଣିଆ ଗାଁର ଦିଜବର ନାୟକ ଓ ତାଙ୍କ ପୁଅ ସଞ୍ଜୟ ନାୟକ। ଏଥିସହ ଏହି ମାମଲାରେ ଏଯାବତ୍ ୫ ଜଣଙ୍କୁ ଗିରଫ କରାଯାଇସାରିଛି। ପୂର୍ବରୁ ଏହି ଘଟଣାରେ ବଣିଆ ଗାଁର ସରୋଜ ନାୟକ, ସମୀର ନାୟକ ଓ ସଂଗ୍ରାମ ରଥ ନାମକ ତିନି ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଏନେଇ ଅଧିକ ତଦନ୍ତ ଜାରି ରଖିଛି ଗଁଦିଆ ପୁଲିସ୍। କପିଳାସରୁ ଦର୍ଶନ ସାରି ଫେରିବା ସମୟରେ ଦେଓଗାଁ-ଟାଙ୍ଗି ରାସ୍ତାର ଭଁଅରଗଡ଼ାଠାରେ ଜଣେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଅଶାଳୀନ ବ୍ୟବହାର ସହ ମାଡ଼ ମାରି ସେହି ଭିଡିଓକୁ ଭାଇରାଲ କରି ଦିଆଯାଇଥିଲା। ଏହି ଘଟଣାକୁ ନେଇ ଜାତୀୟ ସ୍ତରରେ ମଧ୍ୟ ଚର୍ଚ୍ଚା ହୋଇଥିଲା। କାରଣ ତା' ପୂର୍ବରୁ ବିହାରର ଜାମୁଇ ସହରରେ ଏମିତି ଏକ ଘଟଣା ଘଟିଥିଲା ଓ ତାହା ପୂରା ଦେଶରେ ବେଶ୍ ଚର୍ଚ୍ଚାରେ ରହିଥିଲେ।

## ଭିଜିଲାନ୍ସ ଜାଲରେ ଯାଜପୁର ଜେଆର୍‌ଏ



କଟକ,୨୫।୯(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଯାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ (ଜେଆର୍‌ଏ) ପ୍ରସନ୍ନ ସାହାଣୀ। ଜଣେ ଅନୁସୂଚିତ ଜାତିର ଜମି ମାଲିକଙ୍କଠାରୁ ଜମି କିଣିବା ନିମନ୍ତେ ଅନୁମତି ଦେବା ସକାଶେ ଫାଇଲ୍ ଆଗକୁ ବଢ଼ାଇବାକୁ ଶ୍ରୀ ସାହାଣୀ ୪୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୋଗକାରୀ ନିଜ ମା'ଙ୍କ ନାଁରେ ୧୬ ଡିସିମିଲ ଜମି କିଣିବା ପାଇଁ ଗତ ୨୦୨୫ ନଭେମ୍ବର ୨୯ରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଜମି ମାଲିକ ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ ଏହି ଜମି କିଣାବିକା ପାଇଁ ସରକାରୀ ଅନୁମତି ଆବଶ୍ୟକ ଥିଲା। ତେବେ ଫାଇଲ୍ ଆଗକୁ ବଢ଼ାଇବାରେ ବିଳମ୍ବ କରିବା ସହ ଶ୍ରୀ ସାହାଣୀ ଅଭିଯୋଗକାରୀଙ୍କୁ ଲାଞ୍ଚ ମାଗୁଥିବା ଅଭିଯୋଗ ହୋଇଥିଲା। ଶ୍ରୀ ସାହାଣୀ ଲାଞ୍ଚ ବାବଦରେ ୪୦ ହଜାର ଦାବି କରିଥିଲେ। ଅଭିଯୋଗକାରୀ ଏନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଜଣାଇବା ପରେ ଶ୍ରୀ ସାହାଣୀ ଗିରଫ ହୋଇଛନ୍ତି।

## ଥାଲାସେମିଆ ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ




ଭୁବନେଶ୍ୱର,୨୫।୯(ସଂଚାର ବ୍ୟୁରୋ): ଥାଲାସେମିଆ ରୋଗ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ସହ ଅଜଣା ରହିଯାଉଥିବା ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ନିରନ୍ତର ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାକୁ ଆହ୍ୱାନ ଦେଇଛନ୍ତି। ଲୋକ ଭବନସ୍ଥିତ ନ୍ୟୁ ଅଭିଷେକ ହଲ୍‌ର ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଆଇଆର୍‌ସିଏସ୍-ଓଏସ୍‌ବିର କାର୍ଯ୍ୟକାରୀ କମିଟି ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଥାଲାସେମିଆ ସମ୍ପର୍କରେ ଦୀର୍ଘମିଆଦୀ ସଚେତନତା ଅଭିଯାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ବଢୁଥିବା ପରିପ୍ରେକ୍ଷୀରେ ଓ ଅନେକ ମାମଲା ଚିହ୍ନଟ ନ ହୋଇ ରହିଯାଇଥିବା ସମ୍ଭାବନା ଥିବାରୁ ନିରନ୍ତର ସଚେତନତା ଅଭିଯାନ ଚଳାଇବାକୁ ସେ ପରାମର୍ଶ ଦେଇଥିଲେ। ରେଡ୍‌କ୍ରସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କର୍ପୋରେଟ୍ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗ କରି କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍‌ସିବିଲିଟି (ସିଏସ୍‌ଆର୍) ମାଧ୍ୟମରେ ସହଯୋଗ ହାସଲ କରିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟକଳାପର ନିୟମିତ ସମୀକ୍ଷା ଓ ଅନୁସରଣ ପାଇଁ କାର୍ଯ୍ୟକାରୀ କମିଟି ବର୍ଷକୁ ଅତି କମ୍‌ରେ ତିନି ଥର ବୈଠକ କରିବା ଉଚିତ ବୋଲି ସେ କହିଥିଲେ। ଓଡ଼ିଶାରେ ରେଡ୍‌କ୍ରସ୍‌ର କାର୍ଯ୍ୟକଳାପରେ ସନ୍ତୋଷ ପ୍ରକାଶ କରି ରାଜ୍ୟପାଳ ବୃଦ୍ଧଜନ ସେବାରେ ନିୟୋଜିତ ସ୍ୱେଚ୍ଛାସେବୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଆୟୋଜନର ପରାମର୍ଶ ଦେଇଥିଲେ। ଏଥିପାଇଁ ଆବଶ୍ୟକ ସରକାରୀ ଅନୁମୋଦନ ନେବା ସହ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ସହଯୋଗ ନେବାକୁ ସେ କହିଥିଲେ।

ରାଜ୍ୟପାଳ କହିଥିଲେ ଯେ ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟି ମାନବତା ପ୍ରତି ନିଃସ୍ୱାର୍ଥ ସେବାର ପ୍ରତୀକ। ଲୋକଙ୍କ ଦୁଃଖ ଦୂର କରିବା, ଜୀବନର ସୁରକ୍ଷା ଓ ଆବଶ୍ୟକ ସମୟରେ ଲୋକଙ୍କୁ ସହାୟତା କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶା ରାଜ୍ୟ ଶାଖାର ମାନବିକ, ସ୍ୱାସ୍ଥ୍ୟସେବା ଓ ସାମାଜିକ କଲ୍ୟାଣମୂଳକ ପଦକ୍ଷେପକୁ ସେ ପ୍ରଶଂସା କରିବା ସହ ରାଜ୍ୟରେ ରେଡ୍‌କ୍ରସ୍ ଆନ୍ଦୋଳନକୁ ଆହୁରି ସୁଦୃଢ଼ କରିବା ଉପରେ ଜୋର୍ ଦେଇଥିଲେ। ଏଥିସହ ଯୁବବର୍ଗ ଓ ସ୍ୱେଚ୍ଛାସେବୀଙ୍କ ଅଧିକ ଅଂଶଗ୍ରହଣ ନିଶ୍ଚିତ କରିବା ସହ ରେଡ୍‌କ୍ରସ୍‌ର ସେବା ଆବଶ୍ୟକତା ଥିବା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଉଚ୍ଚ ଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଆଇଆର୍‌ସିଏସ୍-ଓଏସ୍‌ବିର କାର୍ଯ୍ୟକାରୀ କମିଟି ସଦସ୍ୟ ଏବଂ ବିଭିନ୍ନ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଆଇଆର୍‌ସିଏସ୍-ଓଏସ୍‌ବିର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ବିବରଣୀ ଉପସ୍ଥାପନା କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# କଟିଲେ ୬୨ ଲକ୍ଷ ଏଲ୍‌ପିଜି ଗ୍ରାହକ




ନୂଆଦିଲ୍ଲୀ,୨୫।୯: ଦୀର୍ଘ ଏକ ଦଶନ୍ଧି ପରେ ପ୍ରଥମ ଥର ଦେଶରେ ତରଳୀକୃତ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଗ୍ରାହକ ସଂଖ୍ୟା ହ୍ରାସ ପାଇଛି। ଚଳିତ ବର୍ଷ ଏପ୍ରିଲ୍‌ରୁ ଅଗଷ୍ଟ ମଧ୍ୟରେ ୬୨ ଲକ୍ଷ ଗ୍ରାହକ ଏଲ୍‌ପିଜି ପରିତ୍ୟାଗ କରିଛନ୍ତି। ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧପାଇଁ ଏଲ୍‌ପିଜି ଯୋଗାଣ ପ୍ରଭାବିତ ହୋଇଛି। ତେଣୁ ତୈଳ କମ୍ପାନିଗୁଡ଼ିକ ନୂଆ ସଂଯୋଗ ଦେବା ଏକ ପ୍ରକାର ବନ୍ଦ କରିଦେଇଛନ୍ତି ଓ ପୁରୁଣା ଗ୍ରାହକଙ୍କ ଉପରେ ନଜର ବଢ଼ାଇଛନ୍ତି। ଭାରତ ନିଜ ଆବଶ୍ୟକତାର ୯୦ ପ୍ରତିଶତ ଏଲ୍‌ପିଜି ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଆମଦାନି କରୁଛି।ତୈଳ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ଗତ ଏପ୍ରିଲ୍‌ରେ ସକ୍ରିୟ ଏଲ୍‌ପିଜି ଗ୍ରାହକ ସଂଖ୍ୟା ୩୩.୩୯ କୋଟି ଥିଲା। ଅଗଷ୍ଟ ଶେଷ ସୁଦ୍ଧା ତାହା ୩୨.୭୭ କୋଟିକୁ ହ୍ରାସ ପାଇଛି। ଗରିବ ଲୋକମାନଙ୍କ ପାଇଁ ଅଣାଯାଇଥିବା ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀ ସଂଖ୍ୟା ମଧ୍ୟ ୧୦.୫୭ କୋଟିରୁ ହ୍ରାସ ପାଇ ୬୦ ଲକ୍ଷ ରହିଯାଇଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଦାୟିତ୍ୱ ଗ୍ରହଣ କରିବାର ବର୍ଷକ ପରେ ୨୦୧୫-୧୬ରୁ ଏଲ୍‌ପିଜି ସଂଯୋଗକୁ ବ୍ୟାପକ କରାଯାଇଥିଲା। ସେହି ସମୟରେ ଏଲ୍‌ପିଜି ଗ୍ରାହକ ସଂଖ୍ୟା ୧୪.୮୬ କୋଟି ଥିଲା। ପରବର୍ତ୍ତୀ ୧୦ ବର୍ଷରେ ଗ୍ରାହକ ସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହୋଇ ୩୩.୩୯ କୋଟିରେ ପହଞ୍ଚିଥିଲା। ୨୦୧୫-୧୬ରୁ ୨୦୧୮-୧୯ ପର୍ଯ୍ୟନ୍ତ ଏଲ୍‌ପିଜି ସଂଯୋଗରେ ବାର୍ଷିକ ୧୧.୯ ପ୍ରତିଶତରୁ ୧୯.୬ ପ୍ରତିଶତ ଭଳି ବଡ଼ ଧରଣର ବାର୍ଷିକ ବୃଦ୍ଧି ହୋଇଥିଲା। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ପୂର୍ବ ଭାରତରେ ୩.୪ ଲକ୍ଷ, ଦକ୍ଷିଣ ଭାରତରେ ୨୬.୩ ଲକ୍ଷ, ଉତ୍ତର ଭାରତରେ ୧୫ ଲକ୍ଷ ଓ ପଶ୍ଚିମ ଭାରତରେ ୧୬.୨ ଲକ୍ଷ ଏଲ୍‌ପିଜି ଗ୍ରାହକ ହ୍ରାସ ପାଇଛି। ଏଭଳି ହ୍ରାସ ସତ୍ତ୍ୱେ ଉତ୍ତର ଭାରତରେ ସର୍ବାଧିକ ୯.୯୩ କୋଟି, ଦିଣ ଭାରତରେ ୭.୯୮ କୋଟି, ପଶ୍ଚିମ ଭାରତରେ ୬.୮୩ କୋଟି ଓ ପୂର୍ବ ଭାରତରେ ୬.୭୫ କୋଟି ଏଲ୍‌ପିଜିଗ୍ରାହକ ରହିଛନ୍ତି।

ଯୁଦ୍ଧ ପ୍ରଭାବକୁ ନଜରରେ ରଖି ପାଇପ୍‌ଡ ନାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ବଢ଼ାଇବା ଉପରେ ସରକାର ଧ୍ୟାନ ଦେଉଛନ୍ତି। ଏଥି ସହିତ ଏଲ୍‌ପିଜି ସଂଯୋଗ ଉପରେ ନିରୀକ୍ଷଣ ବଢ଼ାଇଦେଇଛନ୍ତି। ସକ୍ରିୟ ଥିବା ସଂଯୋଗଗୁଡ଼ିକୁ ବାୟୋମେଟ୍ରିକ୍ ପ୍ରମାଣୀକରଣ ଜରିଆରେ ଯାଞ୍ଚ କରାଯାଉଛି। ଆଧାର ମାଧ୍ୟମରେ ନିଷ୍କ୍ରିୟ ଓ ଗୋଟିଏ ପରିବାର ଥିବା ଏକାଧିକ ସଂଯୋଗକୁ ମଧ୍ୟ ଚିହ୍ନଟ କରାଯାଉଛି। ଉଭୟ ଏଲ୍‌ପିଜି ଓ ପିଏନ୍‌ଜି ସଂଯୋଗ ଥିବା ଘରଗୁଡ଼ିକୁ ଚିହ୍ନଟ କରି ସେମାନଙ୍କୁ ଏଲ୍‌ପିଜି ସଂଯୋଗ ଫେରାଇବାକୁ କୁହାଯାଉଛି। ଏହାର ପ୍ରଭାବରେ ସହରାଞ୍ଚଳରେ ପାଇପ୍ ଜରିଆରେ ଗ୍ୟାସ୍ ସଂଯୋଗ ଦେଉଥିବା କମ୍ପାନିଗୁଡ଼ିକର ଗ୍ରାହକ କେବଳ ଚଳିତ ଆର୍ଥିକ ବର୍ଷରେ ୬୦ ଲକ୍ଷ ବୃଦ୍ଧି ପାଇଛି। ବିଲ୍ ହେଉଥିବା ପିଏନ୍‌ଜି ଗ୍ରାହକଙ୍କ ସଂଖ୍ୟା ୧.୦୭ କୋଟିରେ ପହଞ୍ଚିଛି। ଏଲ୍‌ପିଜି ସଂଯୋଗ ପରିହାର କରିଥିବା ପ୍ରାୟ ୧୦ ଲକ୍ଷ ଗ୍ରାହକ ପିଏନ୍‌ଜିକୁ ପରିବର୍ତ୍ତନ ହୋଇଛନ୍ତି।

# ଆର୍ଥିକ ସାକ୍ଷରତା ଏବଂ ସାଇବର ଠକେଇ ସଚେତନତା

ଭୁବନେଶ୍ୱର, ୨୫।୯: ଭାରତର ସର୍ବବୃହତ ଘରୋଇ କ୍ଷେତ୍ରର ଅଣ-ବ୍ୟାଙ୍କିଙ୍ଗ୍ ଆର୍ଥିକ ସମ୍ପର୍କିତ କମ୍ପାନୀ (ଏନବିଏଫସି) ଏବଂ ବଜାଜ୍ ଫିନସର୍ଭର ଏକ ଅଂଶ ବଜାଜ୍ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ 'ଅର୍ଥସୂତ୍ର ସମ୍ବାଦ' ଶୀର୍ଷକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦେଶବ୍ୟାପୀ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ବଜାଜ୍ ଫାଇନାନ୍ସ, ଗ୍ରାମୀଣ ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆଗେଇ ନେବା ପାଇଁ ଏହି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆର୍ଥିକ ସାକ୍ଷରତା ପଦକ୍ଷେପ ସହିତ ସାମଞ୍ଜସ୍ୟ ରଖି, ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ଦୂରଦୃଷ୍ଟିସମ୍ପନ୍ନ ଆର୍ଥିକ ବିନିଯୋଗ ଅଭ୍ୟାସ, ପ୍ରଭାବଶାଳୀ ଅର୍ଥ ପରିଚାଳନା, ଡିଜିଟାଲ୍ ସୁରକ୍ଷା ଏବଂ ଆର୍ଥିକ ଠକେଇରୁ ନିଜକୁ କିପରି ସୁରକ୍ଷିତ ରଖିବେ ସେ ବିଷୟରେ ଶିକ୍ଷା ଦିଆଯାଇଥିଲା। ଏହି ଅଭିଯାନ ସମୟରେ ବଜାଜ୍ ଫାଇନାନ୍ସ ପ୍ରତିନିଧିମାନେ ସ୍ଥାନୀୟ ବାସିନ୍ଦାଙ୍କୁ ସଞ୍ଚୟ, ବଜେଟ୍ ପ୍ରସ୍ତୁତି, ଦାୟିତ୍ୱବାନ ଋଣ, ଠିକ୍ ସମୟରେ ଋଣ ପରିଶୋଧ ଏବଂ ସୁରକ୍ଷିତ ଡିଜିଟାଲ୍ ଆର୍ଥିକ ଅଭ୍ୟାସର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ସାଇବର ଠକେଇ, ନକଲି ନିବେଶ ଯୋଜନା, ସନ୍ଦେହଜନକ ଲିଙ୍କ୍, କ୍ଷତିକାରକ ଆପ୍ (ଏପିକେ) ଫାଇଲ୍, ହ୍ୱାଟ୍ସଆପ୍ ସ୍କାମ୍ ଏବଂ ଡିଜିଟାଲ୍ ଆରେଷ୍ଟ ଠକେଇରୁ ସତର୍କ ରହିବାକୁ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଯେକୌଣସି ସାଇବର ଅପରାଧ ଘଟଣାକୁ ତୁରନ୍ତ ଜାତୀୟ ସାଇବର କ୍ରାଇମ୍ ହେଲ୍ପଲାଇନ୍ ୧୯୩୦ ରେ କଲ୍ କରି ଜଣାଇବାକୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ବଜାଜ୍ ଫାଇନାନ୍ସ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିମାନେ ସାଇବର ଠକେଇର ବଢୁଥିବା ବିପଦ ଉପରେ ଆଲୋକପାତ କରିଥିଲେ ଏବଂ ଡିଜିଟାଲ୍ ସତର୍କତା, ସୁରକ୍ଷିତ ଆର୍ଥିକ ଅଭ୍ୟାସ ତଥା ସଠିକ୍ ନିଷ୍ପତ୍ତି ନେବାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଆର୍ଥିକ ସଚେତନତାର ବିଷୟ ଉପରେ ଗୁରୁତ୍ୱାରୋପ କରି ପି.ପି. କଲେଜର ଅଧ୍ୟକ୍ଷା ଡକ୍ଟର ତରୁଲତା ଦେବୀ କହିଥିଲେ ଯେ ଛାତ୍ରଛାତ୍ରୀମାନେ ହେଉଛନ୍ତି ସମାଜର ମାର୍ଗଦର୍ଶକ। ସେ ଦର୍ଶାଇଥିଲେ ଯେ କମ୍ ବୟସରୁ ସଞ୍ଚୟ, ବଜେଟ୍ ଏବଂ ଅର୍ଥ ପରିଚାଳନାର ମୌଳିକ ଜ୍ଞାନ ଶିଖିବା ଦ୍ୱାରା ସେମାନେ ଉପଯୁକ୍ତ ଆର୍ଥିକ ନିଷ୍ପତ୍ତି ନେବାରେ ସକ୍ଷମ ହୋଇପାରିବେ ଏବଂ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିପାରିବେ।



# ଆକାଶ ଏୟାର ୨୦୦ ବିମାନ କିଣିବ

ନୂଆଦିଲ୍ଲୀ,୨୫।୯: ଭାରତର ବିମାନ ଯାତ୍ରା ବଜାରରେ ବିସ୍ତାର ଯୋଜନା କରୁଛି ଆକାଶ ଏୟାର। ଏଥିପାଇଁ କମ୍ପାନି ୨୦୦ରୁ ଅଧିକ ବୋଇଂ ୭୩୭ ମ୍ୟାକ୍ସ ବିମାନକିଣିବା ନେଇ ବୋଇଂ ସହ ଆଲୋଚନା କରୁଛି। ଏହି ବଡ଼ ଅର୍ଡର ନେଇ ଆସନ୍ତା ବର୍ଷ ପ୍ରାରମ୍ଭରେ ନିଷ୍ପତ୍ତି ହୋଇପାରେ। ଚୁକ୍ତିର ସର୍ତ୍ତଗୁଡ଼ିକ ୨୦୨୭ର ଦ୍ୱିତୀୟାର୍ଦ୍ଧରେ ଚୂଡ଼ାନ୍ତ ହେବା ସମ୍ଭାବନା ରହିଛି। ଏହି ବିମାନଗୁଡ଼ିକ ଆସିଲେ ୨୦୩୨ ପରେ ମଧ୍ୟ ଆକାଶର ଫ୍ଲିଟ୍ ବିସ୍ତାର ଜାରି ରହିବ। ୨୦୨୨ରେ ଉଡ଼ାଣ ଆରମ୍ଭ କରିଥିବା ଆକାଶ ଏୟାର ବର୍ତ୍ତମାନ ୪୩ଟି ବୋଇଂ ୭୩୭ ମ୍ୟାକ୍ସ ବିମାନ ଚଳାଉଛି। ଏହା ସହିତ ଆସନ୍ତା ଦଶନ୍ଧିରେ ଡେଲିଭରି ପାଇଁ କମ୍ପାନିର ପୂର୍ବରୁ ବିମାନ ଅର୍ଡର ରହିଛି। ଆକାଶ ୨୦୨୭ ମାର୍ଚ୍ଚ ସୁଦ୍ଧା ନିଜର କ୍ଷମତା ପ୍ରାୟ ୩୦% ବଢ଼ାଇବା ଲକ୍ଷ୍ୟ ରଖିଛି। ୨୦୨୪ରେ ଆକାଶ ୧୫୦ଟି ଅତିରିକ୍ତ ବୋଇଂ ୭୩୭ ମ୍ୟାକ୍ସ ପାଇଁ ବରାଦ ଦେଇଥିଲା। ଫଳରେ ବୋଇଂ ପାଖରେ ଏହାର ମୋଟ ବରାଦ ୨୨୬ ବିମାନକୁ ବୃଦ୍ଧି ପାଇଛି।



# ଗୁଜରାଟରୁ ଇଲିସି ଆମଦାନୀ ବନ୍ଦ କଲା ବାଂଲାଦେଶ

ଢାକା,୨୫।୯: ଗୁଜରାଟରୁ ଇଲିସି ମାଛ ଆମଦାନୀ ଉପରେ କଟକଣା ଲଗାଇଲେ ବାଂଲାଦେଶ ସରକାର। ଆମଦାନୀ ପାଇଁ ପୂର୍ବରୁ ଦିଆଯାଇଥିବା ନୋ ଅବଜେକ୍ସନ ସାର୍ଟିଫିକେଟକୁ ବାଂଲାଦେଶ ସରକାର ରଦ୍ଦ କରି ଦେଇଛନ୍ତି। ଇଲିସି ମାଛର ବିଶ୍ୱର ସର୍ବବୃହତ ଉତ୍ପାଦକ ଓ ରପ୍ତାନିକାରୀ ଦେଶ ହେଉଛି ବାଂଲାଦେଶ। ଏଠି ବହିଯାଇଥିବା ପଦ୍ମା ନଦୀରୁ ପ୍ରଚୁର ଇଲିସି ପ୍ରଡକ୍ସନ କରିଥାଏ ବାଂଲାଦେଶ। ହେଲେ ଗତ କିଛିଦିନ ହେବ ଗୁଜରାଟରୁ ଇଲିସି ଆମଦାନୀ କରି ବାଂଲାଦେଶରେ ବିକ୍ରି କରାଯାଉଥିଲା। ସେଠାରେ ଏହାକୁ ପଦ୍ମା ନଦୀର ଇଲିସି ବୋଲି କହି ବିକାଯାଉଥିଲା। ଏହାକୁ ବନ୍ଦ କରିବା ପାଇଁ ଢାକା ହଠାତ୍ ଭାରତରୁ ଇଲିସି ଆମଦାନୀକୁ ବନ୍ଦ କରିଦେଇଥିବା କୁହାଯାଉଛି।

ଅନ୍ୟପଟେ ଦୁର୍ଗାପୂଜା ସମୟରେ ପ୍ରତିବର୍ଷ ବାଂଲାଦେଶ ଭାରତକୁ ଇଲିସି ମାଛର ରପ୍ତାନୀ କରିଥାଏ। କାରଣ ଏହି ସମୟରେ ପଶ୍ଚିମବଙ୍ଗରେ ଇଲିସିର ଚାହିଦା ଅଧିକ ରହିଥାଏ। ହେଲେ ଚଳିତ ବର୍ଷ ଢାକା ପକ୍ଷରୁ ଗୋଟିଏ ବି ରପ୍ତାନୀ କରାଯାଇ ନାହିଁ। ପ୍ରଥମ ଥର ପାଇଁ ଭାରତରୁ ଇଲିସି ଆମଦାନୀ କରିବା ଘଟଣା ଗତ ସପ୍ତାହରେ ବାଂଲାଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଦେଶର ଖବର କାଗଜରେ ସିରୋନାମା ହୋଇଥିଲା। ଗତ ଦୁଇ ମାସରେ ଭାରତ ପ୍ରଥମ ଥର ପାଇଁ ବାଂଲାଦେଶକୁ ପ୍ରାୟ ୫୦୦ ଟନ୍ ଇଲିଶ ରପ୍ତାନି କରିଥିଲା। ପିଟିଆଇର ରିପୋର୍ଟ ଅନୁସାରେ, ଏହି ମାଛ ଗୁଡ଼ିକ ସବୁ ଭାରୁଚ ପୋର୍ଟ ଦେଇ ଗୁଜରାଟରୁ ବାଂଲାଦେଶକୁ ରପ୍ତାନୀ କରାଯାଇଥିଲା ବୋଲି ବାଂଲାଦେଶ ବ୍ୟବସାୟୀମାନେ ସୂଚନା ଦେଇଛନ୍ତି। ଅନ୍ୟାନ୍ୟ ଅଞ୍ଚଳର ଇଲିସି ମାଛ ତୁଳନାରେ 'ପଦ୍ମା ଇଲିସି' ଅଧିକ ଚର୍ବିଯୁକ୍ତ ଓ ନରମ ବୋଲି କୁହାଯାଏ। ଏହାର ତେଲ ଓ ସ୍ୱତନ୍ତ୍ର ସୁଗନ୍ଧ ଓ ମିଠା ସ୍ୱାଦ ପାଇଁ ବାଂଲାଦେଶଳ ଇଲିସିର ଗୋଟେ ସ୍ୱତନ୍ତ୍ର ପରିଚୟ ରହିଛି। ଅନ୍ୟପକ୍ଷରେ, ଗୁଜରାଟୀ ଇଲିସି କମ୍ ଚର୍ବିଯୁକ୍ତ ହୋଇଥାଏ ଏବଂ ଏଥିରେ ଅଧିକ ପରିମାଣର ଅଣ୍ଡା (ରୋ) ଥିବାରୁ ଏହାର ସ୍ୱାଦ ପୂର୍ବ ଭାରତୀୟ ଇଲିସି ତୁଳନାରେ ସେତେ ଭଲ ହୋଇ ନ ଥାଏ।



ବାଂଲାଦେଶର ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମତ୍ସ୍ୟ ବିଭାଗ ବୁଧବାର (ସେପ୍ଟେମ୍ବର ୨୩) ଦିନ ଅତିକମରେ ୧୦୩ଟି ଏନଓସି ପ୍ରତ୍ୟାହାର କରିନେଇଛି। ଏହି ପ୍ରମାଣପତ୍ରଗୁଡ଼ିକ ଆମଦାନୀକାରୀମାନଙ୍କୁ ବେନାପୋଲ ସ୍ଥଳ ବନ୍ଦର ଦେଇ ଗୁଜୁରାଟୀ ଇଲିସି ମାଛ ଆଣିବାକୁ ଅନୁମତି ଦେଇଥିଲା। ମତ୍ସ୍ୟ ବିଭାଗର କାର୍ଯ୍ୟକାରୀ ମହାନିର୍ଦ୍ଦେଶକ ମହମ୍ମଦ ଖାଲେଦ୍ କନକଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ଚିଠି ମାଧ୍ୟମରେ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯାଇଛି। ଭାରତର ଗୁଜରାଟରୁ ଆସୁଥିବା ଇଲିଶକୁ ବାଂଲାଦେଶରେ 'ପଦ୍ମା ଇଲିଶ' ନାମରେ ବିକ୍ରି କରାଯାଉଥିବା ସନ୍ଦେହ ଏହି ପଦକ୍ଷେପର ଏକ କାରଣ ହୋଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ବାଂଲାଦେଶ ସରକାର ଏପର୍ଯ୍ୟନ୍ତ ଆମଦାନୀ ବନ୍ଦ କରିବାର ନିର୍ଦ୍ଦିଷ୍ଟ କାରଣ ଘୋଷଣା କରିନାହାନ୍ତି। ଏପଟେ ବାଂଲାଦେଶରେ ଇଲିଶ ଉତ୍ପାଦନ କମିଥିବା ରିପୋର୍ଟ ଆସିଛି। ୨୦୨୨ରେ ପ୍ରାୟ ୫.୭୧ ଲକ୍ଷ ଟନ୍ ଥିବା ଉତ୍ପାଦନ ୨୦୨୫ରେ ପ୍ରାୟ ୫ ଲକ୍ଷ ଟନ୍‌କୁ ହ୍ରାସ ପାଇଥିବା ଦାବି କରାଯାଇଛି। ଏହା ଫଳରେ ସେଠାରେ ଇଲିଶର ଦାମ୍ ମଧ୍ୟ ବଢ଼ିଛି।

ଏହି ଅଭାବ ଭିତରେ ଏଥର ବାଂଲାଦେଶରୁ ଭାରତକୁ ଇଲିସି ମାଛ ଆସିବ କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ୨୦୨୫ରେ ବାଂଲାଦେଶ ସରକାର ଦୁର୍ଗାପୂଜା ପୂର୍ବରୁ ଭାରତକୁ ୧,୨୦୦ ଟନ୍ ଇଲିଶ ରପ୍ତାନିକୁ ଅନୁମତି ଦେଇଥିଲେ। କିନ୍ତୁ ୨୦୨୬ରେ ଏପର୍ଯ୍ୟନ୍ତ ଏଭଳି କୌଣସି ଅନୁମତି ମିଳିନାହିଁ। ଏହି ନୂଆ ନିଷ୍ପତ୍ତି ଯୋଗୁ ବାଂଲାଦେଶୀ ଆମଦାନୀକାରୀମାନେ ମଧ୍ୟ ଆର୍ଥିକ କ୍ଷତିର ଆଶଙ୍କା କରୁଛନ୍ତି। ଭାରତରେ କିଣାଯାଇଥିବା ମାଛ ଗୋଦାମରେ ଅଟକିଥିବାରୁ ଏହାକୁ କମ୍ ଦାମରେ ଫେରାଇବାକୁ ପଡ଼ିପାରେ ବୋଲି ଆମଦାନୀକାରୀମାନେ କହିଛନ୍ତି।

## ପୋଷ୍ଟ ଅଫିସ ନିବେଶ ଯୋଜନା
# ପ୍ରତି ମାସରେ ମିଳିପାରିବ ୯,୨୫୦ ଟଙ୍କାର ସୁଧ

ନୂଆଦିଲ୍ଲୀ,୨୫।୯: ପୋଷ୍ଟ ଅଫିସର ଅନେକ ଉତ୍ତମ ନିବେଶ ଯୋଜନା ରହିଛି । ଯେଉଁଥିରେ ନିବେଶକଙ୍କୁ ବେଶ୍ ଭଲ ରିଟର୍ଣ୍ଣ ବି ମିଳୁଛି । ଏହିଭଳି ଏକ ଯୋଜନା ହେଉଛି ପୋଷ୍ଟ ଅଫିସ୍‌ର ନ୍ୟାସନାଲ୍ ସେଭିଂସ୍ ମାସିକ ଆୟ ଯୋଜନା (MIS)। ବର୍ତ୍ତମାନ ଏହି ଯୋଜନାରେ ବାର୍ଷିକ ୭.୪% ସୁଧ ହାର ମିଳୁଥିବା ବେଳେ, ଏହି ଯୋଜନା ମାଧ୍ୟମରେ ନିବେଶକମାନେ ପ୍ରତି ମାସରେ ଏକ ନିର୍ଦ୍ଧାରିତ ଆୟ ପାଇପାରିବେ। ଯଦି ଆପଣ ପୋଷ୍ଟ ଅଫିସ୍ MIS ଯୋଜନାରେ ଏକ ଯୁଗ୍ମ ଆକାଉଣ୍ଟ ମାଧ୍ୟମରେ ୧୫ ଲକ୍ଷ ଟଙ୍କା ନିବେଶ କରନ୍ତି, ତେବେ ବାର୍ଷିକ ସୁଧ ଭାବେ ୧,୧୧,୦୦୦ ଟଙ୍କା ମିଳିବ। ଏହି ରାଶିକୁ ୧୨ ମାସ ହିସାବରେ ଦେଖିଲେ ପ୍ରତି ମାସରେ ୯,୨୫୦ ଟଙ୍କା ସୁଧ ଆୟ ହେବ। ସେହିପରି, ଏକକ ଆକାଉଣ୍ଟରେ ସର୍ବାଧିକ ୯ ଲକ୍ଷ ଟଙ୍କା ନିବେଶ କରାଯାଇପାରିବ। ଯୁଗ୍ମ ଆକାଉଣ୍ଟ ପାଇଁ ସର୍ବାଧିକ ନିବେଶ ସୀମା ୧୫ ଲକ୍ଷ ଟଙ୍କା ରହିଛି। ତେବେ ଧ୍ୟାନ ଦେବା ଆବଶ୍ୟକ ଯେ, ଛୋଟ ସଞ୍ଚୟ ଯୋଜନାଗୁଡ଼ିକର ସୁଧ ହାର ସରକାର ପ୍ରତି ତିନି ମାସରେ ସମୀକ୍ଷା କରନ୍ତି। ତେଣୁ ଭବିଷ୍ୟତରେ ନୂଆ ନିବେଶ ପାଇଁ ପ୍ରଯୁଜ୍ୟ ସୁଧ ହାରରେ ପରିବର୍ତ୍ତନ ହୋଇପାରେ।






# ନୋଏଲ୍ ଟାଟାଙ୍କ ଆପତ୍ତିକୁ ଖାରଜ କଲା ଟାଟା ସନ୍ସ





ମୁମ୍ବାଇ,୨୫।୯: ଟାଟା ଗ୍ରୁପ୍‌ରେ ଏନ୍. ଚନ୍ଦ୍ରଶେଖରନଙ୍କୁ ଟାଟା ସନ୍ସର ଅଧ୍ୟକ୍ଷ ଭାବେ ପୁଣି ୫ ବର୍ଷ ପାଇଁ ନିଯୁକ୍ତ କରାଯିବାକୁ ନେଇ ବିବାଦ ଏବେ ଆଇନଗତ ଲଢ଼େଇର ରୂପ ନେଇଛି। ଟାଟା ଟ୍ରଷ୍ଟସର ଅଧ୍ୟକ୍ଷ ନୋଏଲ୍ ଟାଟାଙ୍କ ଆପତ୍ତିର ଜବାବରେ ଟାଟା ସନ୍ସ କହିଛି ଯେ, ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତି ସମ୍ପୂର୍ଣ୍ଣ ବୈଧ ଏବଂ କମ୍ପାନୀର ନିୟମ ଓ ଆର୍ଟିକଲ୍ସ ଅଫ୍ ଆସୋସିଏସନ୍ (AoA) ଅନୁସାରେ ହୋଇଛି। ରଏଟର୍ସର ରିପୋର୍ଟ ଅନୁସାରେ, ସେପ୍ଟେମ୍ବର ୨୪ରେ ନୋଏଲ୍ ଟାଟାଙ୍କୁ ପଠାଇଥିବା ଏକ ଚିଠିରେ ଟାଟା ସନ୍ସ କହିଛି ଯେ, ଚନ୍ଦ୍ରଶେଖରନଙ୍କ ବର୍ତ୍ତମାନର କାର୍ଯ୍ୟକାଳ ଶେଷ ହେବା ପରେ ତାଙ୍କୁ ପୁଣି ଅଧ୍ୟକ୍ଷ କରିବା ପାଇଁ ବୋର୍ଡ ବୈଧ ଭାବେ ନିଷ୍ପତ୍ତି ନେଇଛି। ବୋର୍ଡ ସଦସ୍ୟମାନେ ଟାଟା ସନ୍ସ ପ୍ରତି ନିଜର ଦାୟିତ୍ୱ ଅନୁସାରେ ନିଷ୍ପତ୍ତି ନେଇଥିବା କମ୍ପାନୀ କହିଛି। ନିଜ ପକ୍ଷକୁ ମଜବୁତ କରିବା ପାଇଁ ଟାଟା ସନ୍ସ ତିନୋଟି ଆଇନଗତ ମତାମତର ମଧ୍ୟ ଉଲ୍ଲେଖ କରିଛି। ଏଥିରେ ଆଇନଜୀବୀଙ୍କ ସହିତ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତିମାନଙ୍କ ମତାମତ ମଧ୍ୟ ସାମିଲ ଥିବା ରଏଟର୍ସକୁ ସୂଚନା ଦେଇଥିବା ଘଟଣା ସହ ଜଡ଼ିତ ଦୁଇ ଜଣ ବ୍ୟକ୍ତି କହିଛନ୍ତି। ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତିକୁ ନେଇ ଟାଟା ସନ୍ସ ବୋର୍ଡରେ ମତଭେଦ ପ୍ରକାଶ ପାଇଛି। ଟାଟା ଟ୍ରଷ୍ଟସ୍ ପକ୍ଷରୁ ନୋଏଲ୍ ଟାଟା ଏହି ନିଷ୍ପତ୍ତିକୁ ବିରୋଧ କରିଥିବା ବେଳେ, ଟ୍ରଷ୍ଟସର ଅନ୍ୟ ନୋମିନି ନିର୍ଦ୍ଦେଶକ ଭେଣୁ ଶ୍ରୀନିବାସନ ଏହାକୁ ସମର୍ଥନ କରିଥିବା ରଏଟର୍ସ ରିପୋର୍ଟ କରିଛି। ଟାଟା ସନ୍ସର ପ୍ରାୟ ୬୬ ପ୍ରତିଶତ ଅଂଶଧନ ଟାଟା ଟ୍ରଷ୍ଟସ୍‌ର ନିୟନ୍ତ୍ରଣରେ ରହିଛି। ନୋଏଲ୍ ଟାଟାଙ୍କ ମତ ହେଉଛି, ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତି ପାଇଁ ଟାଟା ଟ୍ରଷ୍ଟସର ନୋମିନି ନିର୍ଦ୍ଦେଶକଙ୍କ ଆବଶ୍ୟକ ସମର୍ଥନ ଦରକାର ଥିଲା। ଟାଟା ଟ୍ରଷ୍ଟସ୍ ମଧ୍ୟ ଟାଟା ସନ୍ସର ଆର୍ଟିକିଲ ଅଫ ଆସୋସିଏସନରେ ଥିବା ବିଶେଷ ଭୋଟିଂ ବ୍ୟବସ୍ଥା ବୋର୍ଡ ପାଳନ କରିଥିଲା କି ନାହିଁ, ତାହା ଯାଞ୍ଚ କରୁଛି।

ଅନ୍ୟପଟେ ଟାଟା ସନ୍ସ ଏହି ଯୁକ୍ତିକୁ ଖାରଜ କରିଛି। କମ୍ପାନୀର କହିବା ଅନୁସାରେ, ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତି ପାଇଁ ବୋର୍ଡର ନିଷ୍ପତ୍ତି କମ୍ପାନୀର ନିୟମ ଏବଂ ପ୍ରଚଳିତ ଆଇନ ଅନୁସାରେ ହୋଇଛି। ଏହି ବିବାଦ ଏବେ କେବଳ ଚନ୍ଦ୍ରଶେଖରନଙ୍କ ଭବିଷ୍ୟତକୁ ନେଇ ସୀମିତ ରହିନାହିଁ। ଟାଟା ସନ୍ସର ଶାସନ ବ୍ୟବସ୍ଥା ଏବଂ କମ୍ପାନୀର ପ୍ରସ୍ତାବିତ ଷ୍ଟକ୍ ମାର୍କେଟ୍ ଲିଷ୍ଟିଂକୁ ନେଇ ମଧ୍ୟ ମତଭେଦ ତୀବ୍ର ହୋଇଛି। ଟାଟା ସନ୍ସ ପବ୍ଲିକ୍ ଲିଷ୍ଟିଂ ଦିଗରେ ଆଗକୁ ବଢୁଥିବା ବେଳେ ଟାଟା ଟ୍ରଷ୍ଟସ୍ ଏହାକୁ ବିରୋଧ କରୁଛି। ଏହା ସହିତ ଟାଟା ସନ୍ସ ନିଜର ନନ୍-ବ୍ୟାଙ୍କିଂ ଫାଇନାନ୍ସିଆଲ୍ କମ୍ପାନୀ (NBFC) ପଞ୍ଜୀକରଣ ସମର୍ପଣ କରିବା ପାଇଁ କରିଥିବା ଆବେଦନକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଖାରଜ କରିଛି। ଫଳରେ ଟାଟା ଗ୍ରୁପର ଆଭ୍ୟନ୍ତରୀଣ ଶାସନ ବିବାଦ ସହିତ ନିୟାମକୀୟ ଚାପ ମଧ୍ୟ ବଢ଼ିଛି।

# ସରକାରୀ ଜମିରେ ବେଆଇନ ଘର ନିର୍ମାଣ



## ଅଭିଯୋଗ ପରେ ବି ନିଦାବିଷ୍ଟ ସାଜିଛନ୍ତି ଅଧିକାରୀ

ବାଲିଆପାଳ,୨୫।୯ (ସଂଚାର ବ୍ୟୁରୋ): ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କ ତହସିଲଦାର ମାନଙ୍କୁ କଡ଼ା ନିର୍ଦ୍ଦେଶ ଥିଲେବି, ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାଁନ୍ତି ଅଧିକାରୀ ଓ ରାଜସ୍ୱ କର୍ମଚାରୀ। ତେବେ ପୁରୁଣା ଜବରଦଖଲ ଉଚ୍ଛେଦ ଦୂରର କଥା, ରାଜସ୍ୱ ଅଧିକାରୀଙ୍କ ସଫାସୁତୁରା ରେ,ଏବେ ଏକର ଏକର ସରକାରୀ ଜମି ଜବରଦଖଲ କରି ସ୍ଥାଇ ପକ୍କାଘର ନିର୍ମାଣ କରୁଥିବା ନଜରକୁ ଆସୁଛି। ଏମିତି କି ଅଧିକାରୀ ଙ୍କ ଠାରେ ସରକାରୀ ଜାଗାରେ ବେଆଇନ୍ ନିର୍ମାଣ ବାବଦରେ ଲିଖିତ ଅଭିଯୋଗ ପରେବି,ଜବରଦଖଲ କାରୀ ବେଧଡ଼କ ସ୍ଥାଇ ପକ୍କାଘର ନିର୍ମାଣ କରୁଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ପ୍ରଶାସନ ଚୁପ କାହିଁକି ?

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମାଧାତା ବଜାରରେ ସରକାରୀ ଜାଗାରେ ଘର ନିର୍ମାଣ ହେଉଥିବା ନେଇ ଅଭିଯୋଗ ହୋଇଥିବା ବେଳେ ମଧ୍ୟ ନିର୍ମାଣ କାମ ଜାରି ରହିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଯଦି ତଦନ୍ତ କିମ୍ବା ଯାଞ୍ଚ କରାଯାଇଥାଏ, ତେବେ ସେହି ସ୍ଥାନରେ ନିର୍ମାଣ କାମ କିପରି ଚାଲିଛି ? ଏନେଇ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି। ତେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶକୁ ଫୁ କରି ଉଚ୍ଛେଦ ଦେବାର କାରଣ କଣ ହେଇପାରେ। ଏଠି ସରକାରଙ୍କ କବ୍ଜାରେ ଅଧିକାରୀ ବା ପ୍ରଶାସନ ନଥିବାର ଅନୁମାନ। ତେବେ ଦେଖିବାକୁ ବାକି ରହିଲା ସରକାରୀ ଜମି ଜବରଦଖଲ ଉଚ୍ଛେଦ କେବେ ହେଉଛି ନା ଜବରଦଖଲ କାରୀଙ୍କ କଳାଟଙ୍କାର ମୋହରେ ଅଧିକାରୀ ସୁରକ୍ଷା ଦେଉଛନ୍ତି, ଦେଖିବାକୁ ବାକି ରହିଲା।

# ଲଗାଣ ବର୍ଷାରେ ଭୁଶୁଡ଼ିଲା କଚାଘର

## ପକ୍କାଘର ପାଇଁ ପ୍ରଶାସନ ନିକଟରେ ଗୁହାରି



କେସିଙ୍ଗା,୨୫।୯ (ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡ଼ି ଗ୍ରାମ ପଞ୍ଚାୟତ ଅଧୀନ ବୁଡ଼ିପଡ଼ା ଗ୍ରାମର ସଞ୍ଜୟ ମାଝୀଙ୍କ ଏକ ମାଟି ଘର ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ଘର ଭୁଶୁଡ଼ି ପଡ଼ିବା ପରେ ସଞ୍ଜୟଙ୍କ ପରିବାର ରହିବା ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ତୁରନ୍ତ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ସୂଚନା ଅନୁସାରେ, ବୁଡ଼ିପଡ଼ା ଗ୍ରାମର ସଞ୍ଜୟ ମାଝୀ ଦୀର୍ଘଦିନ ଧରି ନିଜ ପରିବାର ସହିତ ଏକ କଚା ମାଟି ଘରେ ରହି ଆସୁଥିଲେ। ତାଙ୍କ ପରିବାରରେ ମୋଟ ୫ ଜଣ ସଦସ୍ୟ ରହୁଥିବା କୁହାଯାଇଛି। ଲଗାଣ ବର୍ଷା ଯୋଗୁଁ ଘରର ମାଟି କାନ୍ଥ ଦୁର୍ବଳ ହୋଇ ଶେଷରେ ଘରଟି ଭୁଶୁଡ଼ି ପଡ଼ିଥିବା ପରିବାର ପକ୍ଷରୁ କୁହାଯାଇଛି। ଫଳରେ ଘରର ଛାତ ଓ କାନ୍ଥ ନଷ୍ଟ ହେବା ସହ ପରିବାରର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଛି।

ସରକାରଙ୍କ ବିଭିନ୍ନ ଆବାସ ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଆଯାଉଥିବା ବେଳେ ସଞ୍ଜୟ ମାଝୀଙ୍କ ପରିବାରକୁ ମଧ୍ୟ ନିୟମ ଅନୁଯାୟୀ ଯାଞ୍ଚ କରି ଆବାସ ଯୋଜନାରେ ସାମିଲ କରିବାକୁ ଦାବି ଉଠିଛି। ଘର ଭୁଶୁଡ଼ି ପଡ଼ିବା ପରେ ସଞ୍ଜୟ ମାଝୀଙ୍କ ପରିବାର ପକ୍ଷରୁ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ନିକଟରେ ସହାୟତା ପାଇଁ ଗୁହାରି କରାଯାଇଛି। ପ୍ରଥମେ ଘର ଭୁଶୁଡ଼ିବା ଘଟଣାର ତଦନ୍ତ କରି

# ଉମାପଦା ଗ୍ରାମରେ ଭକ୍ତି ଉଲ୍ଲାସରେ ଅନନ୍ତ ବ୍ରତ ପୂଜା ପାଳିତ



ଯାଜପୁର ରୋଡ଼,୨୫।୯ (ସଂଚାର ବ୍ୟୁରୋ) ବ୍ୟାସନଗର ପୌରାଞ୍ଚଳ ୱାର୍ଡ ନଂ-୧୬ ଉମାପଦା ଗ୍ରାମରେ ପାରମ୍ପରିକ ଅନନ୍ତ ବ୍ରତ ପୂଜା ମହା ଆଡମ୍ବରରେ ପାଳିତ ହୋଇଯାଇଛି।

ଏହି ପୂଜାରେ ବିଷ୍ଣୁଙ୍କ ଅନନ୍ତ ରୂପକୁ ପୂଜା କରାଯାଏ। ଅନନ୍ତ ଅର୍ଥ ଅନ୍ତହୀନ, ଯେ ସଂସାରକୁ ଧାରଣ କରିଛନ୍ତି। ୧୪ ଗଣ୍ଠି ଅନନ୍ତ ସୂତ୍ର ଧାରଣରେ ପାପ ନାଶ ଓ ସୁଖ ସମୃଦ୍ଧି ମିଳେ ବୋଲି ବିଶ୍ୱାସ ରହିଛି। ଏହି ପୂଜା ଋଷୀ ବ୍ରାହ୍ମଣଙ୍କ ମନ୍ତ୍ରପାଠ ସହ କର୍ତ୍ତା ଜିତେନ୍ଦ୍ର କୁମାର ରାଉତ, ପତ୍ନୀ ମମତା ରାଉତ ପୂଜାର୍ଚ୍ଚନା କରିଥିଲେ। ଶେଷରେ ଶ୍ରୀରାଉତଙ୍କ ପରିବାର ବର୍ଗଙ୍କ ପକ୍ଷରୁ ଆୟୋଜିତ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ପ୍ରଦାନ କରାଯାଇଥିଲା।

# ପାଣି ନିଷ୍କାସନ ଦାବିରେ କଂଗ୍ରେସର ଧାରଣା ଓ ରାସ୍ତାରୋକ

## ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଲା

## ବିଧାୟିକାଙ୍କ ନିରବତାକୁ ନେଇ ଉଠିଲା ପ୍ରଶ୍ନ



ବାଲିଆପାଳ,୨୫।୯ (ସଂଚାର ବ୍ୟୁରୋ): ପାଣି ନିଷ୍କାସନ ଦାବିରେ କଂଗ୍ରେସ ଦଳ ପକ୍ଷରୁ ଲଙ୍ଗଳେଶ୍ୱର ଡାକ୍ତରଖାନା ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ଓ ରାସ୍ତା ରୋକ ।

ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକରେ ଦ୍ୱିତୀୟ ମୁଖଶାଳା କୁହାଯାଉଥିବା ଲଙ୍ଗଳେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ପାଣି ନିଷ୍କାସନ ଓ ମୁଖ୍ୟ ରାସ୍ତାରୁ ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରି ପାଣି ନିଷ୍କାସନ ଦାବିରେ ବଣିଆଡିହା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ ଧାରଣା ଏବଂ ରାସ୍ତା ରୋକ କରାଯାଇଥିଲା। ଫଳରେ ରାସ୍ତାରେ ଶହ ଶହ ଗାଡି ଅଟକି ରହିଥିଲା।

ସୂଚନାରୁ ପ୍ରକାଶ ପ୍ରବଳ ବର୍ଷା ପାଇଁ ଲଙ୍ଗଳେଶ୍ୱର ଡାକ୍ତରଖାନା ପରିସରରେ ପାଣି ଜମି ରହିଥିବାରୁ ଯୋଗୁଁ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ମୁଖ୍ୟ ରାସ୍ତାରେ ପାଣି ଜମା ହୋଇ ରହୁଥିବାରୁ ଛାତ୍ରଛାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରୁ ଯିବା ପାଇଁ ହେଲେ ଆଣ୍ଠୁଏ ପାଣିରେ ଯିବା ପାଇଁ ପଡୁଛି। ସ୍ୱାସ୍ଥ୍ୟ ସେବା ବାଧ୍ୟା ପ୍ରାପ୍ତ ହେଉଛି। ଏନେଇ ସ୍ଥାନୀୟ ବାସିନ୍ଦା ଏବଂ କଂଗ୍ରେସ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଏବଂ ସରକାର ନୀରବ ଦ୍ରଷ୍ଟା ସାଜିଛି। ତେବେ ଉଭୟ ସ୍ଥାନରୁ ପାଣି ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ଦାବିରେ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଅନୁଷ୍ଠିତ ହୋଇଥିବା ଧାରଣା ଦାବିରେ ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ,ତୀର୍ଥ କୁମାର ନାଗ ଉପସ୍ଥିତ ଥିଲେ।

# ବନ୍ୟାରୁ ରକ୍ଷା ପାଇଁ ଆଶ୍ରୟସ୍ଥଳୀରେ ଗ୍ରାମବାସୀ

କଳାହାଣ୍ଡି,୨୫।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ରସ ଡୁମେର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭେଜିପଦରଗ୍ରାମ ସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳ ଭେଜିଗୁଡାରେ ଅର୍ଣ୍ଣବ ଲଘୁଚାପର ତାଣ୍ଡବ ରଚିଛି। ଦୀର୍ଘ ସମୟର ଲଗାଣ ବର୍ଷା ଯୋଗୁ ଉପରମୁଣ୍ଡରୁ ଜଳ ପ୍ଲାବିତ ହୋଇ ହାତୀନଦୀର ଫୁଲା ଜଳରେ ଗ୍ରାମଟି ଜଳମଗ୍ନ ହୋଇଛି। ଫଳରେ ଜନସାଧରଣଙ୍କ ଅସୁବିଧା ସୃଷ୍ଟି ହୋଇଛି। କମଳ ନଦୀର ଜାଲସ୍ତର ବୃଦ୍ଧିକୁ ନଜରେ ରଖି ସ୍ଥାନୀୟ ସରପଞ୍ଚ ଯଦୁମଣି ସାହୁ, କର୍ତ୍ତବ୍ୟ ସଂସ୍ଥା, ଓ ବନ୍ୟା ଆଶ୍ରୟ ସ୍ଥଳର ସମ୍ପାଦକ ଉମାକାନ୍ତ ମାଝୀ ତତ୍ପରତା ଦେଖାଇ ୩୦୦ରୁ ଉର୍ଦ୍ଧ ଲୋକଙ୍କୁ ଆଶ୍ରୟ ସ୍ଥଳରେ ସୁରକ୍ଷିତ ଭାବରେ ରଖାଯାଇଛି।

ଗ୍ରାମର ଅଙ୍ଗନବାଡି କର୍ମୀ ଦୀପାଞ୍ଜଳି ମହାଲିକ, ଆଶା କର୍ମୀ ନନ୍ଦିନୀ ନାଏକ, ସିଏସଓ ଚନ୍ଦନ ନାଗ ଓ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ- ଜଗନ୍ନାଥ ସିଂ ପୂର୍ବତନ ବନ୍ୟା ଆଶ୍ରୟ ସ୍ଥଳ ସମ୍ପାଦକ ଜାମିନୀକାନ୍ତ ଲେଞ୍ଜିଆ ପ୍ରମୁଖ ସମସ୍ତ ପରିସ୍ଥିତିକୁ ଅନୁଧ୍ୟାନ କରି ଆବଶ୍ୟକ ଔଷଧର ବ୍ୟବସ୍ଥା, ସ୍ୱଚ୍ଛ ପାନୀୟ ଜଳ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପାଇଁ ସମସ୍ତ ସାମଗ୍ରୀ ମହଜୁଦ ରଖାଯାଇଛି। ଗ୍ରାମର ସ୍ୱେଚ୍ଛାସେବୀ ପ୍ରମୁଖ କାର୍ଯ୍ୟରେ ସହଯୋଗ କରି ଗ୍ରାମବାସୀଙ୍କୁ ନିରାପଦ ରହିବାକୁ ସାନ୍ତ୍ୱନା ଦେଉ ଥିବାର ପରିଲକ୍ଷିତ ହୋଇଛି ।

# ଖାଲଖମାରେ ପରିପୂର୍ଣ୍ଣ ୮ନଂ କେନାଲ ବନ୍ଧ



ନିଶ୍ଚିନ୍ତକୋଇଲି,୨୫।୯ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ନିଶ୍ଚିନ୍ତକୋଇଲି-ଡ଼ିହିଗୋପ ୮ନଂ କେନାଲ ବନ୍ଧ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୁହାଲୋ ଢଳେଇ ପୋଲ ଠାରୁ ନିଶ୍ଚିନ୍ତକୋଇଲି ବଜାର ପର୍ଯ୍ୟନ୍ତ ଏହି କେନାଲ ବନ୍ଧ ରାସ୍ତାସାରା ବଡ଼ ବଡ଼ ଖାଲଖମାମାନ ସୃଷ୍ଟି ହୋଇଥିବାରୁ ଏହି ରାସ୍ତା ସମ୍ପୂର୍ଣ୍ଣ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି।

ଏହି କେନାଲ ବନ୍ଧ ରାସ୍ତାରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ, କଟକ ସଦର ନିର୍ବାଚନ ମଣ୍ଡଳୀ ଓ ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବହୁ ପଞ୍ଚାୟତର ଲୋକେ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟକୁ ଯିବା ଆସିବା କରିଥାନ୍ତି। ଏହାଛଡ଼ା ଏହି ରାସ୍ତାରେ ଦୈନନ୍ଦିନ ମହାବିଦ୍ୟାଳୟ ଓ ବିଦ୍ୟାଳୟକୁ ବହୁ ଛାତ୍ର ଛାତ୍ରୀମାନେ ମଧ୍ୟ ଯାଆସ କରିଥାନ୍ତି। ସବୁଠାରୁ ବଡ଼କଥା ହେଲା ଜରୁରୀକାଳୀନ ପରିସ୍ଥିତିରେ ଆପାତକାଳୀନ ଯାନ ଓ ଅଗ୍ନିଶମ ବାହିନୀର ଯାନ ମଧ୍ୟ ସଠିକ୍ ସମୟରେ ଦୁର୍ଘଟଣା ସ୍ଥଳରେ ପହଞ୍ଚିବାରେ ବ୍ୟାଘାତ ହୋଇଥାଏ। ରାସ୍ତା ସାରା ଖାଲଖମା ପରିପୂର୍ଣ୍ଣ ହୋଇଥିବାରୁ ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବାର ଦେଖିବାକୁ ମିଳୁଛି।

ଠିକାଦାର ଦୀର୍ଘ ଦିନ ହେବ ଏହି ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ପୁରୁଣା ପିଚୁ ରାସ୍ତାକୁ ଖୋଳି ତାଡ଼ି ଦେଇ ଅଳ୍ପ କିଛି କ୍ରସର ଗୁଣ୍ଡ ପକାଇ କାର୍ଯ୍ୟ ବନ୍ଦ କରି ଚୁପଚାପ୍ ବସିରହିଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ବର୍ଷାଦିନର ଆଳ ଦେଖାଇ ପିଚୁ କାମ ହୋଇପାରୁନାହିଁ ବୋଲି ଠିକାସଂସ୍ଥା ପକ୍ଷରୁ କୁହାଯାଉଥିବା ଶୁଣିବାକୁ ମିଳୁଛି। ଉକ୍ତ ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରିବା ପର୍ଯ୍ୟନ୍ତ ବର୍ତ୍ତମାନ ହୋଇଥିବା ଖାଲଖମାକୁ କ୍ରସର ଗୁଣ୍ଡ ପକାଇ ସମତୁଲ କରି ଗମନାଗମନ ଉପଯୋଗୀ କରିବାକୁ ସାଧାରଣରେ ଦାବି ହେଉଛି।

# ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି ଗୁଡ଼ିଆ ସାହି ରାସ୍ତା



ନିଶ୍ଚିନ୍ତକୋଇଲି,୨୫।୯ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନ ସରପଡ଼ା ପଞ୍ଚାୟତ ୧୦ନଂ ୱାର୍ଡ଼ ଗୁଡ଼ିଆ ସାହି ରାସ୍ତା ସମ୍ପୂର୍ଣ୍ଣ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି। ସରକାରୀ ଅନୁଦାନରେ ପୂର୍ବରୁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ କିଛି କିଛି ଅଂଶ ଢଳେଇ ରାସ୍ତାରେ ପରିଣତ କରାଯାଇଥିଲା ବେଳେ ରାସ୍ତାର ମଝି ଅଂଶ ଢଳେଇ କରାଯାଇନଥିବାରୁ ଏବେ ସେଠାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ଏଥି ପୂର୍ବରୁ ସ୍ଥାନୀୟ ବାସିନ୍ଦା ରମେଶ ଚନ୍ଦ୍ର ସାହୁ ନିଜ ଅର୍ଥରେ କ୍ରସର ଗୁଣ୍ଡ ଆଣି ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ରାସ୍ତାରେ ଖେଳାଇ ଥିଲେ। ଫଳରେ ଉକ୍ତ ରାସ୍ତାରେ ଯାଆସ କରି ହେଉଥିଲା। ଏବେ ବର୍ଷା ଦିନରେ ଏହି ରାସ୍ତାରେ ପାଣି ଜମି ରହିଛି। ଫଳରେ ଗୁଡ଼ିଆ ସାହିରେ ବସବାସ କରୁଥିବା ୧୦ଗୋଟି ପରିବାରର ଲୋକମାନେ ଯିବାଆସିବାରେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଏପରିକି ଛୋଟ ଛୋଟ ପିଲାମାନେ ମଧ୍ୟ ବିଦ୍ୟାଳୟ, ଘରୋଇ ପ୍ରଶିକ୍ଷଣ କେନ୍ଦ୍ରକୁ ଶିକ୍ଷା ଗ୍ରହଣ କରିବାକୁ ଏହି ପାଣି ଭିତରେ ଯାଆସ କରୁଥିବା ଦେଖିବାକୁ ମିଳୁଛି। ତୁରନ୍ତ ଉକ୍ତ ଗୁଡ଼ିଆ ସାହି ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରି ଗମନାଗମନ ଉପଯୋଗୀ କରିବା ପାଇଁ ସ୍ଥାନୀୟ ବାସିନ୍ଦା ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି ରଖିଛନ୍ତି।

# ଫେରାର ଅଭିଯୁକ୍ତ ଗିରଫ



ସତ୍ୟବାଦୀ,୨୫।୯ (ସଂଚାର ବ୍ୟୁରୋ): ଏନ୍‌ଡିପିଏସ୍ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତ ମନୋଜ ଦାସ (୩୯)ଙ୍କୁ ସତ୍ୟବାଦୀ ପୁଲିସ ଗିରଫ କରିଛି। ମନୋଜ ମହାମାୟାସାହିର ବାସିନ୍ଦା।ପୁଲିସ ସୂଚନା ଅନୁଯାୟୀ, ୨୬ ନଭେମ୍ବର ୨୦୨୫ରେ ଅହମ୍ମଦପୁର-ବାସୁକେରା ରାସ୍ତାର ୟୁଜିଏସ୍ କଲେଜ ଛକ ନିକଟରୁ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଏସ୍‌କେ ସାଜିଦ୍‌ଙ୍କ ସହ ମନୋଜଙ୍କ ବିରୋଧରେ ସତ୍ୟବାଦୀ ଥାନାରେ କେସ୍ ନଂ ୪୧୬/୨୦୨୫, ଧାରା ୨୧(ବି)/୨୯ NDPS ଆଇନରେ ମାମଲା ରୁଜୁ ହୋଇଥିଲା। ସାଜିଦ୍ ପୂର୍ବରୁ ଗିରଫ ହୋଇଥିବା ବେଳେ ମନୋଜ ଫେରାର ଥିଲେ।ଆଇଆଇସି ସୌମ୍ୟ ରଞ୍ଜନ ମହାଲିକଙ୍କ ତତ୍ତ୍ୱାବଧାନରେ ପୁଲିସ ମନୋଜଙ୍କୁ ଗିରଫ କରି ପୁରୀ ସ୍ୱତନ୍ତ୍ର ଅଦାଲତକୁ ଚାଲାଣ କରିଛି। ପୁଲିସ ରେକର୍ଡ ଅନୁଯାୟୀ, ତାଙ୍କ ନାମରେ ୨୦୨୦ରେ ମଧ୍ୟ ସତ୍ୟବାଦୀ ଥାନାରେ ଏକ ମାମଲା ରହିଛି। ଏହାଛଡା ସତ୍ୟବାଦୀରେ ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ କାରବାର ଦିନକୁ ଦିନ ବଢୁଥିବା ନେଇ ଅଭିଯୋଗ ହେଉଛି। ସାକ୍ଷୀଗୋପାଳ ବଜାରରୁ ଆରମ୍ଭ କରି ପଶ୍ଚିମ ଓ ପୂର୍ବ ସତ୍ୟବାଦୀର ବିଭିନ୍ନ ଅଞ୍ଚଳରେ ଏଭଳି କାରବାର ବଢ଼ିଥିବା ଅଭିଯୋଗ ହେଉଥିବା ବେଳେ ଯୁବପିଢ଼ି ଏହାର ଶିକାର ହେଉଥିବା ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି। ନିଶା କାରବାର ଉପରେ ଅଧିକ କଡ଼ା ନଜର ଓ ନିୟମିତ ଚଢ଼ଉ ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ପଲ୍ଲିଶ୍ରୀ ମେଳା-୨୦୨୬ ଆୟୋଜନ ନେଇ ପ୍ରସ୍ତୁତି ବୈଠକ




ଢେଙ୍କାନାଳ,୨୫।୯ (ସଂଚାର ବ୍ୟୁରୋ): ଆଗାମୀ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ଢେଙ୍କାନାଳ ମହିଷାପାଟ ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ପଲ୍ଲିଶ୍ରୀ ମେଳା-୨୦୨୬ର ସୁଚାରୁ ଆୟୋଜନ ନେଇ ଆଜି ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ୍ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦୀପ୍ତି ରଞ୍ଜନ ସେଠୀ, ଉପଜିଲ୍ଲାପାଳ ଶ୍ରୀ ପଦ୍ମଚରଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଓରମାସର ଉପମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସୁବଳ କୁମାର ଜେନାମଣି ବୈଠକ ପରିଚାଳନା କରିଥିଲେ। ବୈଠକରେ ମେଳାରେ ଷ୍ଟଲ୍ ନିର୍ମାଣ, ଖାଦ୍ୟ ଷ୍ଟଲ୍ ଓ ଫୁଡ୍ ପ୍ଲାଜା, ଅଂଶଗ୍ରହଣକାରୀଙ୍କ ରହଣି, ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ପୋଲିସ୍ ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ, ଅଗ୍ନିଶମ ବ୍ୟବସ୍ଥା, ପରିମଳ ଓ ପରିଚ୍ଛନ୍ନତା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା, ବୀମା, ଅସ୍ଥାୟୀ ଶୌଚାଳୟ, ପାର୍କିଂ, ପ୍ରଚାରପ୍ରସାର, ବ୍ୟାଙ୍କିଂ ସୁବିଧା ଓ ହ୍ୱିଲ୍‌ଚେୟାର ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ମେଳା ସମୟରେ ପ୍ରତିଦିନ ବହୁ ସଂଖ୍ୟକ ଦର୍ଶକ ଓ ଅଂଶଗ୍ରହଣକାରୀଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା ସମୟ ପୂର୍ବରୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଶ୍ରୀ ପାଟିଲ୍ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ସ୍ୱଚ୍ଛତା, ପରିମଳ ଓ ପରିଚ୍ଛନ୍ନତା ପ୍ରତି ଅଧିକ ଧ୍ୟାନ ଦେବା ସହ ମେଳା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜମିଦାର ଦେବାଶିଷ ସିଂହଦେଓଙ୍କ ସ୍ମୃତିରେ ବୃକ୍ଷରୋପଣ



ସୁନ୍ଦରଗଡ,୨୫।୯ (ସଂଚାର ବ୍ୟୁରୋ): ପ୍ରିୟଜନଙ୍କ ସ୍ମୃତିକୁ ବୃକ୍ଷରେ ଜୀବନ୍ତ ରଖିବାର ଏକ ଅଭିନବ ପ୍ରୟାସ 'ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍' ପକ୍ଷରୁ ଝାଡେଶ୍ୱର ମନ୍ଦିର ପରିସରରେ ହୋଇଥିଲା । ଗତବର୍ଷ ମାତ୍ର ୩୬ ବର୍ଷ ବୟସ ରେ ପରଲୋକଗମନ କରିଥିବା ସ୍ୱର୍ଗତ ଦେବାଶିଷ ସିଂହଦେଓ ଜମିଦାରଙ୍କ ସ୍ମୃତିରେ ତାଙ୍କ ଜୀବନର ୩୬ ବର୍ଷକୁ ପ୍ରତୀକାତ୍ମକ ଭାବେ ସ୍ମରଣ କରି ୩୬ଟି ଚାରାରୋପଣ କରାଯାଇ ଥିଲା। ଏହା ଏକ ଭାବପୂର୍ଣ୍ଣ ଓ ପରିବେଶବନ୍ଧବ ଶ୍ରଦ୍ଧାଞ୍ଜଳିର ରୂପ ନେଇଛି। ଏହି ଅବସରରେ ଧୀରେନ୍ଦ୍ର ସିଂହଦେଓ, ସଂଯୁକ୍ତା ସିଂହଦେଓ, ପ୍ରବୀର ସିଂହଦେଓ, ଗୌତମ ସିଂହଦେଓ ଓ ଅସୀମ ସିଂହଦେଓଙ୍କ ସମେତ ପରିବାର ର ଅନ୍ୟାନ୍ୟ ସଦସ୍ୟ, ବନ୍ଧୁବର୍ଗ ଏବଂ ଝାଡେଶ୍ୱର ମନ୍ଦିର ବିକାଶ ପରିଷଦର ସଦସ୍ୟମାନେ ଉପସ୍ଥିତ ରହି ବୃକ୍ଷରୋପଣରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସଞ୍ଜୁଲତା ନାଏକ ଏବଂ ୱାର୍ଡ ନମ୍ବର ୧୫ର କାଉନସିଲର ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସମର୍ଥନ ଓ ସହଯୋଗ କରିଥିଲେ।

ସେବକ୍ ଓ ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍ ପକ୍ଷରୁ ବେଦବ୍ୟାସ ଧୁରୁଆ, ଠଣସୁନ୍ଦର ଗନ୍ଧା ଓ ଲିପସନ୍ ପଟେଲ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଚାରାଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। "ସ୍ମୃତି ହେଉ ବୃକ୍ଷ, ବୃକ୍ଷ ହେଉ ଜୀବନ"— ଏହି ଚିନ୍ତାଧାରାକୁ ଆଧାର କରି ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍ ର ଏହି ପଦକ୍ଷେପ ସ୍ୱର୍ଗତ ଦେବାଶିଷ ସିଂହଦେଓଙ୍କ ସ୍ମୃତିକୁ ଚିରସ୍ଥାୟୀ କରିବା ସହ ପରିବେଶ ସୁରକ୍ଷାର ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଛି।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ଅଭିମୁଖୀକରଣ କାର୍ଯ୍ୟକ୍ରମ




ଫୁଲବାଣୀ,୨୫।୯ (ସଂଚାର ବ୍ୟୁରୋ): ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫୁଲବାଣୀରେ ନୂତନ ଭାବେ ନାମ ଲେଖାଇଥିବା ସ୍ନାତକ ପ୍ରଥମ ବର୍ଷ ଓ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ ଦୁଇଦିନିଆ ଛାତ୍ର ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁରଲୀଧର ସେଠୀ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଏହି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଶିକ୍ଷାଜୀବନର ଶୁଭକାମନା ଜଣାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧ୍ୟାପକ-ଅଧ୍ୟାପିକା ଉପସ୍ଥିତ ରହି ନବାଗତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ନିୟମାବଳୀ ଓ ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ 'ଜ୍ଞାନୋଦୟ' ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଏଥିସହିତ ମହାବିଦ୍ୟାଳୟରେ ନିୟମିତ ଶିକ୍ଷାଗ୍ରହଣର ଗୁରୁତ୍ୱ ଏବଂ ପରୀକ୍ଷା ପାଇଁ ନ୍ୟୂନତମ ୭୫ ପ୍ରତିଶତ ଶ୍ରେଣୀ ଉପସ୍ଥାନର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚିତ କରାଯାଇଥିଲା।ନବାଗତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଆଣ୍ଟି-ରାଗିଂ ସେଲ୍, ଇଣ୍ଟରନାଲ କମିଟି କରାଯାଇଥିଲା।

# ଆଇଟିଆଇ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର




ରାଇଘର,୨୫।୯ (ସଂଚାର ବ୍ୟୁରୋ): ଆଇଟିଆଇ ଛାତ୍ର ରୋହନ ସାହୁ (୧୭) ଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହି ଘଟଣାରେ ଅନୁଷ୍ଠାନର କର୍ମଚାରୀ ଓ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ରୋହନଙ୍କ ପିତା ନରେନ୍ଦ୍ର ସାହୁ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି।

ସୂଚନା ଅନୁସାରେ, ନରେନ୍ଦ୍ର ସାହୁଙ୍କ ପୁଅ ରୋହନ ସାହୁ (୧୭) ଗତ ୨୦୨୫ ମସିହାରୁ ଏକ ଜୁନିୟର ଆଇଟିଆଇ କଲେଜରେ ପଢୁଥିଲେ। ସେ ସେହି ଅନୁଷ୍ଠାନର ହଷ୍ଟେଲରେ ରହି ପାଠପଢ଼ା ଜାରି ରଖିଥିଲେ। ଅଭିଯୋଗ ଅନୁଯାୟୀ, ଗତ କିଛି ମାସ ହେବ ହଷ୍ଟେଲର କର୍ମଚାରୀ ଓ କର୍ତ୍ତୃପକ୍ଷ ରୋହନଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ପ୍ରତ୍ୟେକ ରୁମରେ ୪ରୁ ୫ ଜଣ ଛାତ୍ର ରହୁଥିବା ବେଳେ, ରୋହନଙ୍କୁ ସେମାନଙ୍କ ସହ କଥାବାର୍ତ୍ତା କରିବାକୁ ବାରଣ କରାଯାଉଥିଲା। ଗତ ତିନି ମାସ ଧରି ରୋହନ ନିଜ ପରିବାର ଲୋକଙ୍କ ସହ ଫୋନରେ କଥା ହେବା ବେଳେ କଲେଜ ଓ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କୁ କିପରି ନିର୍ଯାତିତ କରୁଛନ୍ତି, ସେ ନେଇ କାନ୍ଦି କାନ୍ଦି ଜଣାଉଥିଲେ। ଗତ ୨୫ ତାରିଖ ପ୍ରାୟ ୩:୩୦ ମିନିଟ୍‌ରେ ବିଦ୍ୟାଳୟର କର୍ମଚାରୀମାନେ ହଠାତ୍ ରୋହନଙ୍କ ଘରକୁ ଆସି ପରିବାର ଲୋକଙ୍କୁ ହଷ୍ଟେଲକୁ ଡାକି ନେଇଥିଲେ। ସେଠାରେ ପହଞ୍ଚି ପରିବାର ଲୋକେ ଦେଖିବାକୁ ପାଇଥିଲେ ଯେ ରୋହନଙ୍କ ମୃତଦେହ ଗୋଟିଏ ଧଳା ଗାମୁଛାରେ ଫ୍ୟାନରେ ଝୁଲୁଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଏହା କୌଣସି ଆତ୍ମହତ୍ୟା ନୁହେଁ। ହଷ୍ଟେଲ କର୍ମଚାରୀ ମାନେ ଅତ୍ୟାଚାର ଓ ମାନସିକ ନିର୍ଯାତନା ଦେଇ ରୋହନଙ୍କୁ ବିଷ ପିଆଇ କିମ୍ବା ମାପପିଟ୍ କରି ମାରିଦେବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଫ୍ୟାନରେ ଟାଙ୍ଗି ଦେଇଛନ୍ତି। ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ପରିବାର ଲୋକେ ପୋଲିସ ନିକଟରେ ଦୃଢ଼ ନ୍ୟାୟ ଦାବି କରିଛନ୍ତି।

# ଓଡିଶା ବିଧାନସଭା ପରିଭ୍ରମଣ କଲେ ଡିଗ୍ରୀ କଲେଜ ଛାତ୍ରଛାତ୍ରୀ



ନୀଳଗିରି,୨୫।୯ (ସଂଚାର ବ୍ୟୁରୋ): ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ସଂସଦୀୟ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଯୁବପିଢ଼ିଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରାଇବା ପାଇଁ ଏକ ଅନନ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି।ଏହି ପରିପ୍ରେକ୍ଷୀରେ ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ କୁମାର ଖଟୁଆଙ୍କ ତରଫରୁ ନୀଳଗିରି ଡିଗ୍ରୀ କଲେଜର ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ବିଧାନସଭା ପରିଭ୍ରମଣ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

ଆଜି ସକାଳେ ନୀଳଗିରି କଲେଜ ପାଖିରୁ ଛାତ୍ରଛାତ୍ରୀମାନଙ୍କୁ ବସ ଯୋଗେ ବିଧାନସଭା ଅଭିମୁଖେ ପଠାଯାଇଥିଲା। ରାଜ୍ୟର ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ଅନୁଷ୍ଠାନକୁ ପରିଦର୍ଶନ କରିବା ସହ ବିଧାନସଭାର କାର୍ଯ୍ୟଧାରା, ଗୃହର ପରିବେଶ ଏବଂ ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀମାନେ ପ୍ରତ୍ୟକ୍ଷ ଅନୁଭୂତି ସାଉଁଟିଥିଲେ । ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାଗତ ବିକାଶ, ନେତୃତ୍ୱ ଗଠନ ଏବଂ ରାଜନୈତିକ ସଚେତନତା ବୃଦ୍ଧି ଦିଗରେ ବିଧାୟକଙ୍କ ଏଭଳି ପ୍ରୟାସକୁ କଲେଜର ଅଧ୍ୟାପକ, ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବି ମାନେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ପରିଭ୍ରମଣ କାର୍ଯ୍ୟକ୍ରମ ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଇଛି।

# ସମବାୟ ସଦସ୍ୟତା ମହା ଅଭିଯାନ 'ସମ୍ବନ୍ଧ' ଯୋଜନାର ଶୁଭାରମ୍ଭ



ଖୋର୍ଦ୍ଧା,୨୫।୯ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଓ ଜିଲ୍ଲା ପ୍ରଶାସନ ଖୋରଧା ତଥା ଜିଲ୍ଲା ସମବାୟ ବିଭାଗ ମିଳିତ ଆନୁକୁଲ୍ୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ସମବାୟ ସଦସ୍ୟତା ମହା ଅଭିଯାନ "ସମ୍ବନ୍ଧ" ଯୋଜନାର ଜିଲ୍ଲାରେ ଶୁଭାରମ୍ଭ ହୋଇଯାଇଅଛି ।

ରାଜ୍ୟ ସ୍ତରରେ ଓଡ଼ିଶାର ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ରାଜ୍ୟ ସମବାୟ ବିଭାଗ ଆନୁକୁଲ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ, ମାନ୍ୟବର ସମବାୟ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ବିଭାଗୀୟ ଶାସନ ସଚିବ ଏବଂ ଅନ୍ୟ ଶାସନ ସଚିବ ଙ୍କ ଗହଣରେ ରିମୋଟ ବଟମ ଦବାଇ ସମଗ୍ର ରାଜ୍ୟ ପାଇଁ ଯୋଜନାର ଲୋକାର୍ପଣ କରିଥିଲେ । ଖୋରଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ,ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ ସମବାୟ ସମିତିର ସହେ ବର୍ଷର ଇତିହାସ ରହିଅଛି । ବର୍ତ୍ତମାନ ସମବାୟ ଆମ ସମାଜର ଜୀବନରେଖା ପାଲଟି ଯାଇଛି, ତୃଣମୂଳ ସ୍ତରରେ ପ୍ରତ୍ୟେକ ପରିବାରରୁ"ସମ୍ବନ୍ଧ"ରେ ଜଣକୁ ସାମିଲ କରି ସମବାୟ ସେବା ଯୋଗାଇଦେବା ରାଜ୍ୟ ସରକାରଙ୍କ ଏକ ମହତକାଙ୍କ୍ଷୀ ଯୋଜନା ଯାହା ବିକଶିତ ଓଡ଼ିଶା @2036 ଏବଂ ବିକଶିତ ଭାରତ@୨୦୪୭ ସଫଳ ହେବାରେ ମେରୁଦଣ୍ଡ ସାଜିବ । ସେ ଆହୁରି କହିଥିଲେ "ସମ୍ବନ୍ଧ ' କୃଷକ ମାନଙ୍କୁ ସ୍ୱାବଲମ୍ବୀ କରିବା ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

ଜିଲ୍ଲା ପରିଷଦ ଉପସଭାପତି ଶ୍ରୀ ଗୋପୀନାଥ ମହାରଣା ଯୋଗଦେଇ କହିଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଯେଉଁ ଯୋଜନା"ସମ୍ବନ୍ଧ" ଲୋକାର୍ପଣ ହେଲା ତାହା ଖୁବ୍ ଉଚ୍ଚକୋଟୀର ଅଟେ । ଛାତ୍ର/ ଗୁରୁ ଙ୍କ ସମ୍ପର୍କ, ଅଧିକାରୀ ଓ କର୍ମଚାରୀ ମାନଙ୍କ ସମ୍ପର୍କ, ଶାସକ ଓ ପ୍ରଶାସକଙ୍କ ମଧ୍ୟରେ ସମ୍ପର୍କ ସମାଜ ଓ ରାଷ୍ଟ୍ର ପାଇଁ ଉନ୍ନତିର ପଥ ଦେଖାଇଥାଏ, ସେହିପରି"ସମ୍ବନ୍ଧ " ଯୋଜନା ସମବାୟ ସମିତି, ବ୍ୟାଙ୍କ୍ ଏବଂ ସଦସ୍ୟ/ସଦସ୍ୟା ମାନଙ୍କ ସହ ସମନ୍ୱୟ ରଖି ତୃଣ ମୂଳ ସ୍ତରରେ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ସମବାୟ ସଦସ୍ୟ ଅଭିଯାନ"ସମ୍ବନ୍ଧ " ପ୍ରତ୍ୟେକ ପରିବାରରୁ ଏକ ଜଣ ସଦସ୍ୟ ରହି ସରକାରୀ ଯୋଜନାରେ ସାମିଲ ହୋଇ ଆର୍ଥିକ ସ୍ଥିତି ମଜବୁତ୍ କରିବାକୁ କହିଥିଲେ ।







# ଶରୀର ପାଇଁ ଫାଇଦା ଖଜୁରୀ

ଯଦି ଆପଣ ଡ଼ାଏଟରେ ମିଠା ଅନ୍ତର୍ଭୂକ୍ତ କରିବାକୁ ଚାହୁଁଛନ୍ତି ତେବେ ଏଥିରେ କିଛି ଭୁଲ ନାହିଁ। ଏହା ପରିବର୍ତ୍ତେ, ଆପଣ ଶକ୍ତି ପାଇବେ ଏବଂ ଫିଟ ଅନୁଭବ କରିବେ। ଯଦି ଆପଣ ଖଜୁର ଖାଇବାକୁ ପସନ୍ଦ କରନ୍ତି। ତେବେ ଏହା ଆପଣଙ୍କ ପାଇଁ ଅଧିକ ଖୁସି ଖବର। ଖଜୁର ଉଭୟ ଶରୀର ଏବଂ ମନ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ। ଆପଣ ଜାଣନ୍ତି କି, ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ତିନିଟି ଖଜୁର ଖାଇ ଆପଣ ଅନେକ ରୋଗ ଦୂର କରିପାରିବେ। ଆସନ୍ତୁ ଜାଣିବା ପ୍ରତିଦିନ ଖଜୁର ଖାଇବାର ଉପକାର। ଖଜୁରରେ କୋଲନ କର୍କଟ ହେବାର ଆଶଙ୍କା କମଥାଏ। ହଜମ ପାଇଁ ଖଜୁର ଭଲ ବୋଲି ବିବେଚନା କରାଯାଏ। ପ୍ରତିଦିନ ଖଜୁରୀ ଖାଇବା ପେଟକୁ ଠିକ ରଖେ ଏବଂ କ୍ଷତିକାରକ ଜୀବାଣୁ ମଧରେ ଦୂରରେ ରୁହନ୍ତି। ହଜମ ପ୍ରକିୟା ଠିକ ଭାବରେ ପରିଚାଳିତ ହେଲେ କୋଲନ କର୍କଟ ହେବାର ଆଶଙ୍କା କମିଯାଏ। ଖଜୁରୀ ସବୁବେଳେ ଶକ୍ତି ଦେଇଥାଏ। ଖଜୁରୀ ଗୁଡ଼ିକରେ ପ୍ରାକୃତିକଚିନି, ଗ୍ଲୁକୋଜ, ଫ୍ରୁକଟୋଜ ଏବଂ ସୁକ୍ରୋଜ ଥାଏ। ଯାହାକି ଆପଣ ଯେତେବେଳେ ଆବଶ୍ୟକ କରନ୍ତି ଯେତେବେଳେ ଆବଶ୍ୟକ କରନ୍ତି ତୁରନ୍ତ ଶକ୍ତି ପ୍ରଦାନ କରନ୍ତି। ଖଜୁରୀ ଗୁଡ଼ିକରେ ଫାଇବର, ପୋଟାସିୟମ, ମାଗ୍ନେସିୟମ, ଭିଟାମିନ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ଥାଏ ଯାହା ଶକ୍ତି ସ୍ତର ବଜାୟ ରଖେ। ଡ଼ାଇଜେସନରେ ଉନ୍ନତି ଆଣିଥାଏ। ଯଦି ତୁମେ ତୁମର ହଜମ ପ୍ରକିୟାକୁ ଭଲ ରଖିବାକୁ ଚାହଁଛ, ତେବେ ଖଜୁରୀ ଖାଇବା ତୁମ ପାଇଁ ଏକ ଉତ୍ତମ ବିକଳ୍ପ। ଆପଣ କେବଳ ଗୋଟିଏ କପ ଖଜୁରୀରେ ୧୨ଗ୍ରାମ ଫାଇବର ପାଇବେ, ଯାହା ଆପଣଙ୍କର ନିୟମିତ ଖାଦ୍ୟରେ ୪୮ପ୍ରତିଶତ ଅଟେ। ଖଜୁରୀ ଗୁଡ଼ିକରେ ଭିଟାମିନ ବି୬ଥାଏ। ଯାହା ଶରୀରକୁ ସେରୋଟୋନିନ ଏବଂ ନୋରପାଇଫ୍ରିନ ତିଆରି କରିବାରେ ସାହାର୍ଯ୍ୟ କରି ଥାଏ। ସେରୋଟୋନିନ ମନୋବଳକୁ ନିୟନ୍ତ୍ରଣ କରିଥାଏ ଏବଂ ନୋରପାଇଫ୍ରିନ ଶରୀରକୁ ଚାପକୁ ସାମ୍ନା କରିବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭିଟାମିନ ବି ୬ର ଅନବତି ମଧ ଅବସାଦର କାରଣ ହୋଇପାରେ।





# ପୁରୁଷଙ୍କ ତ୍ୱଚା ପାଇଁ କମଳା ଚୋପା ଫେସପ୍ୟାକ୍

ଯୁବତୀମାନେ ନିଜକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଯୁବକମାନେ ଏହି କ୍ଷେତ୍ରରେ ନିଜର ସମୟ କମ୍ ଦେଇଥାନ୍ତି। କିନ୍ତୁ ଆଜିକାଲିର ଯୁବକ ନିଜକୁ ଷ୍ଟାଇଲିଶ ଏବଂ ସୁନ୍ଦର କରିବା ପାଇଁ କିଛି ମାତ୍ରାରେ ଏଥିପତି ସମୟ ଦେବାକୁ ଆରମ୍ଭ କଲେଣି। ଯୁବତୀମାନଙ୍କ ତ୍ୱଚା ତୁଳନାରେ ଯୁବକଙ୍କ ସ୍କିନ ଟାଇପ ଅଲଗା ଅଲଗା ହୋଇଥାଏ। ଯଦି ଯୁବକମାନେ ନିଜର ତ୍ୱଚାକୁ ସୁନ୍ଦର କରିବାକୁ ଚାହୁଁଛନ୍ତି, ତେବେ କମଳା ଚୋପାର ଫେସପ୍ୟାକ ସର୍ବୋତ୍ତମ ରହିଥାଏ। କମଳା ଚୋପାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଯୋଗୁଁ ସ୍କିନ ପୋରର୍ସ ଖୋଲିଯାଇଥାଏ। ଏହାକୁ ପୁରୁଷମାନେ ବ୍ୟବହାର କରିବା ଯୋଗୁଁ ତ୍ୱଚା ଉଜ୍ଜ୍ୱଳ ହୋଇଥାଏ। ତେବେ ଆସନ୍ତୁ ଜାଣିବା କିପରି କରିବା ବ୍ୟବହାର କିଛି କମଳା ଚୋପା, ଦହି ଏକ ବଡ ଚାମଚ ଆଣିବେ। ସର୍ବପ୍ରଥମେ କମଳା ଚୋପାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ। ଏବେ ଏଥିରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରିଦିଅନ୍ତୁ। ଏହାକୁ ମୁହଁରେ ୧୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡିଦିଅନ୍ତୁ। ଏହା ହାଲକା ଭାବେ ଶୁଖିଗଲା ପରେ ମୁହଁକୁ ପାଣିରେ ଧୋଇଦିଅନ୍ତୁ। ଧୋଇବା ସାରିବା ପରେ ଆପଣ ନିଶ୍ଚିତ ଫରକ ଅନୁଭବ କରିପାରିବେ।

# ସୁସ୍ଥ ରୁହନ୍ତୁ



ଯେ କୌଣସି ସଂକ୍ରାମକ ରୋଗରୁ ବର୍ତ୍ତିବା ପାଇଁ ଶରୀରର ରୋଗପ୍ରତିରୋଧକ ଶକ୍ତି ଭଲ ଥିବା ଜରୁରୀ। କେତୋଟି ସହଜ ତଥା ସରଳ ଉପାୟରେ ପ୍ରତ୍ୟେକ ବୟସର ଲୋକ ନିଜ ସ୍ୱାସ୍ଥ୍ୟକୁ ନିରୋଗ ରଖିପାରିବେ।

- ସକାଳୁ ୫-୭ ମିନିଟ ଧ୍ୟାନ କରିବା ସହ ଯୋଗାଭ୍ୟାସ କରିବା ସ୍ୱାସ୍ଥ୍ୟ ପାଇଁ ହିତକାରୀ। ଛାତ ଉପରେ କିମ୍ବା ବାଲକୋନିରେ ୨୦-୨୫ ମିନିଟ୍ ଚଲାବୁଲା କରନ୍ତୁ, ଯେଉଁଠାରେ ସୂର୍ଯ୍ୟକିରଣ ବିଚ୍ଛୁରିତ ହୋଇପଡୁଥିବ।
- ରାତିରୁ ପାଣିରେ ୪-୫ଟି କିସ୍‌ମିସ ବତୁରାଇ ରଖନ୍ତୁ। ସକାଳୁ ଉଠି ପ୍ରଥମେ ଖାଲିପେଟରେ ସେହି ବତୁରା କିସ୍ମିଶ୍ ଖାଇ ପରେ ଅନ୍ୟ କାମ କରିବା ଉଚିତ। ଏଥିରେ ଥିବା ପଲିଫେନୋଲିକ୍ ଫାଇଟୋନ୍ୟୁଟ୍ରିଏଣ୍ଟସ୍ ଶରୀରକୁ ଥଣ୍ଡା, ସର୍ଦ୍ଦି ରୋଗ ସହ ଅନ୍ୟାନ୍ୟ ସଂକ୍ରମିତ ରୋଗରୁ ରକ୍ଷା କରେ।
- ସକାଳବେଳା ଚା' ପିଇବା ଅଭ୍ୟାସ ଥିଲେ, ସେଥିରେ ଅଦା ରସ ନିଶ୍ଚିତ ଭାବେ ମିଶାଇ ପିଅନ୍ତୁ। ଅଦା ରସ ଚା'ର ସ୍ୱାଦ ବଢ଼ାଇବା ସହ ଆମ ଶରୀରକୁ ଶକ୍ତି ଯୋଗାଇଥାଏ। ଭିଟାମିନ୍ ସି, ମ୍ୟାଗ୍ନେସିୟମ୍ ଭରପୂର ଅଦା ଚା' ନିୟମିତ ପିଇ ଏକ ସୁସ୍ଥ ଜୀବନଶୈଳୀ ଅତିବାହିତ କରନ୍ତୁ।
- ବଜାରର ବିଭିନ୍ନ ପ୍ରକାର ରିଫାଇନ୍ ତେଲ ବ୍ୟବହାର ବନ୍ଦ କରି ଶୁଦ୍ଧ ଦେଶୀ ଘିଅ, ସୋରିଷ ତେଲ ଓ ନଡ଼ିଆ ତେଲ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡାକ୍ତରୀଦଳଙ୍କ ମତରେ ଭାରତୀୟ ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ଉତ୍ତମ ହେବା ପଛର ଅନ୍ୟତମ ମୁଖ୍ୟ କାରଣ ହେଲା, ସେମାନେ ରିଫାଇନ ତେଲର କମ ବ୍ୟବହାର କରନ୍ତି।
- ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ବଟା ବ୍ୟବହାର କରନ୍ତୁ, ଯୁବପିଢ଼ି ଓ ବୟସ୍କଙ୍କର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ରସୁଣ ମହୌଷଧି ପରି କାମ କରେ।
- ଥଣ୍ଡା ପାଣି ପିଇବାର ଅଭ୍ୟାସ ବନ୍ଦ କରନ୍ତୁ। ନିୟମିତ ଉଷୁମ ପାଣି ପିଅନ୍ତୁ। ଏହା ଦ୍ୱାରା ହଜମ ସଠିକ ରୂପେ ହେବା ସହ ଛାଡା ସଫା ହେବ ଓ ନିରୋଗୀ ରହିବେ।



# ଓଜନ ହ୍ରାସ ପାଇଁ କେଶର ଖାଆନ୍ତୁ

ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍। ଏହା ମହଙ୍ଗା ହୋଇଥିଲେ ମଧ୍ୟ ଅନେକ ଔଷଧୀୟ ଗୁଣରେ ଭରପୂର। ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ। କେଶର କେବଳ ଖାଦ୍ୟର ସ୍ୱାଦକୁ ବଢ଼ାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତା'ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।

- ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ। ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା'ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ।
- କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ। ଯେଉଁ ମହିଳାଙ୍କର ଋତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ। କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ। କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ।
- ଜ୍ୱର, ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ୍ୟ କେଶରକୁ ବ୍ୟବହାର କରାଯାଇଥାଏ।
- ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ। ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ।
- କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢ଼ାଇଥାଏ।



# ଉଚ୍ଚ ରକ୍ତଚାପ ପାଇଁ ଅଳସୀ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରାୟତଃ ସମସ୍ତଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଦେଖିବାକୁ ମିଳିଥାଏ। ଏପରି ସମସ୍ୟା ହେଲେ ଧମନୀରେ ରକ୍ତର ଚାପ ବଢ଼ିଯାଏ। ଯଦି ଆପଣ ଏହି ସମସ୍ୟାର ଚିକିତ୍ସା ନକରାନ୍ତି, ତେବେ ହାର୍ଟ ଆଟାକ, ଷ୍ଟ୍ରୋକ ଏବଂ କିଡନୀ ଫେଲ ହେବାର ଆଶଙ୍କର ରହିଥାଏ। ଯଦି ଆପଣଙ୍କ ରକ୍ତଚାପ ଲଗାତାର ଭାବେ ୧୨୦/୮୦ରୁ ଅଧିକ ରହିଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଉଚ୍ଚ ରକ୍ତଚାପକୁ କମ୍ କରିବାକୁ ହେଲେ ଆପଣ ଅନେକ କଥାକୁ ଧ୍ୟାନ ଦେବାକୁ ହେବ। ଯଦି ଆପଣ ଜଙ୍କ ଫୁଡ୍, ମଦ୍ୟପାନ, ସ୍ମୋକିଂ କରୁଛନ୍ତି, ତେବେ ତୁରନ୍ତ ଏହି ଜିନିଷରୁ ଦୂରେଇ ରୁହନ୍ତୁ। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଅଳସୀ ଅର୍ଥାତ ଖାଇବା ଆରମ୍ଭ କରନ୍ତୁ। ଏହା ସ୍ୱାସ୍ଥ୍ୟ ପାଇଁ ବେଶ ଫାଇଦାଯୁକ୍ତ। ଏହା ଅନେକ ରୋଗ ପାଇଁ ରାମବାଣ ହୋଇଥାଏ।

ଏହାକୁ ଖାଇବା ସମୟରେ ଚୋବାଇ ଖାଇବା ଉଚିତ୍। ଅନେକ ଲୋକ ଏହାକୁ ଭିଜାଇ ଖାଇବାକୁ ପସନ୍ଦ କରିଥାଏ। ଆପଣ ଯଦି ଚାହିଁବେ ଏହାକୁ ଗୁଣ୍ଡ କରି ପାଉଡର କରି ଖାଇପାରିବେ। ଏହା ବ୍ଲଡପ୍ରେସରକୁ କଣ୍ଟ୍ରୋଲ କରି ହାର୍ଟକୁ ସୁସ୍ଥ ରଖିଥାଏ। ଛଅମାସ ପର୍ଯ୍ୟନ୍ତ ପ୍ରତିଦିନ ଅଳସୀ ଖାଇବା ଉଚିତ୍। ଫଳରେ ହାର୍ଟଆଟାକ ହେବାର ୧୦ ପ୍ରତିଶତ ଆଶଙ୍କା କମ୍ ହୋଇଯାଇଥାଏ।

ଅଳସୀ ପୋଟାସିୟମ, ଓମେଗା ୩, ଫାଇବର ଭରପୂର ମାତ୍ରାରେ ରହିଥାଏ। ପୋଟାସିୟମ ୟୁରିନରେ ଥିବା ଅତିରିକ୍ତ ସୋଡିୟମକୁ ବାହାର କରିବାରେ କିଡନୀର ସାହାଯ୍ୟ କରିଥାଏ। ୧୦୦ ଗ୍ରାମ ଅଳସୀରେ ୮୧୩ ମିଲିଗ୍ରାମ ପୋଟାସିୟମ ରହିଥାଏ। ରକ୍ତ ଧମନୀ କୋଷିକାକୁ ମଜବୁତ କରିଥାଏ ଫାଇବର। ଯାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ। ଏଥିରେ ଥିବା ଆଲଫା ଲିନୋଲେନିକା ଏସିଡ ଏବଂ ଲିଗନାନ ଉଚ୍ଚ ରକ୍ତଚାପକୁ କଣ୍ଟ୍ରୋଲରେ ରଖିଥାଏ। ଯାହ।। ପାଚନ ତନ୍ତ୍ର ଏବଂ ଡାଇବେଟିଜ ଜନିତ ରୋଗ ଆଶଙ୍କା କମ୍ କରିଥାଏ।

# ତିଆରି କରନ୍ତୁ କଞ୍ଚାଲଙ୍କା ଆଚାର



ଆବଶ୍ୟକୀୟ ସାମଗ୍ରୀ : କଞ୍ଚାଲଙ୍କା -୨୫୦ ଗ୍ରାମ, ଧନିଆ- ୧ଚାମଚ, ମଧୁରୀ-୧ଚାମଚ, ସୋରିଷ- ୧ଚାମଚ, ମେଥି-୧ଚାମଚ, ହଳଦୀ ଅଧା ଚାମଚ, ହେଙ୍ଗୁ ଅଳ୍ପ, ଆମଚୁର ପାଉଡର-୨ଚାମଚ, ଭିନେଗାର- ୧ଚାମଚ, ସୋରିଷ ତେଲ-୨ଚାମଚ, ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତ ପ୍ରଣାଳୀ : ଏହି ସ୍ୱାଦିଷ୍ଟ ଆଚାର ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ କଞ୍ଚାଲଙ୍କାକୁ ଧୋଇ ମଝିରୁ ଅଧା କାଟି ଶୁଖାଇ ଦିଅନ୍ତୁ। ତାପରେ ଏକ କଡେଇରେ ମଧୁରୀ, ମେଥୀ, ସୋରିଷ ଏବଂ ଧନିଆ ମିଶାଇ ଭାଜି ତାକୁ ଅଳ୍ପ ପେଶୀ ଦିଅନ୍ତୁ। ବର୍ତ୍ତମାନ ସମସ୍ତ ମସଲାକୁ ଉକ୍ତ ଲଙ୍କାରେ ମିଶାଇ ଦିଅନ୍ତୁ। ଏହିସବୁ ମସଲା ସହିତ ସେଥିରେ ହଳଦୀ, ଆମଚୁର ପାଉଡର ଏବଂ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରି ସେଥିରେ ହେଙ୍ଗୁ ଏବଂ ସମସ୍ତ ଲଙ୍କା ମସଲା ପକାଇ ଘୋଡାଇ ଦିଅନ୍ତୁ। ବର୍ତ୍ତମାନ ଗ୍ୟାସ ବନ୍ଦ କରି ତିନିରୁ ଚାରି ମିନିଟ ପର୍ଯ୍ୟନ୍ତ ଘୋଡାଇ ଛାଡି ଦିଅନ୍ତୁ। ଏବେ ଏହାକୁ ଓହ୍ଲାଇ ଥଣ୍ଡା କରି ଏଥିରେ କିଛି ଭିନେଗାର ମିଶାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଲଙ୍କା ଆଚାର।

### ବଜାର ବ୍ୟବସ୍ଥା ଓ ସରକାରୀ ପ୍ରୋତ୍ସାହନ ଅଭାବ

# କପା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**ବଲାଙ୍ଗୀର,୨୫।୯ (ସଂଚାର ବ୍ୟୁରୋ):** ଧୀରେଧୀରେ କପା ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ଚଳିତ ବର୍ଷ ପରିବର୍ତ୍ତିତ ଜଳବାୟୁ ଯୋଗୁଁ ୧୭୦୧ ହେକ୍ଟର କମ୍ ଜମିରେ କପା ଚାଷ ହୋଇଛି ବୋଲି ବିଭାଗ କହୁଛି। ଅନିଶ୍ଚିତ ବଜାର ଓ ପ୍ରୋତ୍ସାହନର ଅଭାବ ଯୋଗୁଁ ଏଭଳି ଏକ ବ୍ୟୟବହୁଳ ଚାଷରୁ କୂଳ କିଭଳି ଦୂରେଇ ଯାଉଛି, ବଲାଙ୍ଗୀରର କୃଷ୍ଣ କାର୍ପାସ ମୃତ୍ତିକା କପା ଚାଷ ପାଇଁ ବେଶ୍ ଉପଯୋଗୀ। ଜିଲ୍ଲାର ଖପ୍ରାଖୋଲ, ବେଲପଡ଼ା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ଅଞ୍ଚଳରେ ଅଧିକ କପା ଚାଷ ହୋଇଥାଏ। ହେଲେ ଚଳିତ ବର୍ଷ ଜୁନ୍ ଶେଷ ସପ୍ତାହରୁ



ଅଗଷ୍ଟ ଯାଏଁ ଲାଗିରହିଥିବା ଲଗାଣ ବର୍ଷା ଚାଷକୁ ପ୍ରଭାବିତ କରିଛି। ପ୍ରଥମେ ମାଟିରୁ ପାଣି ନିଗିଡ଼ି ନପାରିବାରୁ କପା ବିହନ ବୁଣିବାରେ ବାଧା ସୃଷ୍ଟି ହୋଇଥିଲା। ପରେ ଆବଶ୍ୟକୀୟ ସାର ଓ କୀଟନାଶକ କିଣିବାକୁ ଛୋଟ ଚାଷୀ ଅସମର୍ଥ। ପୁଣି ଚାଷୀଙ୍କ ଅଭିଯୋଗ, ଆନ୍ଧ୍ରପ୍ରଦେଶର କିଛି ବ୍ୟକ୍ତି କଣ୍ଟ୍ରାକ୍ଟ ଫାର୍ମିଂ ମାଧ୍ୟମରେ ଉନ୍ନତମାନର ବିହନ ଓ ସାର ଆଣି ଅଧିକ କପା ଅମଳ କରୁଛନ୍ତି। ହେଲେ ନିଜ ମାଟିରେ ଚାଷୀକୁ ମିଳୁନି ସରକାରୀ ପ୍ରୋତ୍ସାହନ। ଯେଉଁଥିପାଇଁ କପା ଚାଷରୁ ମୁହଁ ଫେରାଇ ପାରମ୍ପରିକ ଧାନ ଚାଷ ଆଡ଼କୁ ମନ ବଳାଇଛନ୍ତି ଚାଷୀ। ଗତ ବର୍ଷ ବଲାଙ୍ଗୀରରେ ୭୪,୭୫୩ ହେକ୍ଟର ଚାଷ ଜମିରେ କପା ଚାଷ ହୋଇଥିଲା। ଚଳିତ ବର୍ଷ ଏହା ହ୍ରାସ ପାଇ ୭୩,୩୫୬ ହେକ୍ଟରରେ ପହଞ୍ଚିଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କହୁଛନ୍ତି, ବିଭାଗ ପକ୍ଷରୁ ପ୍ରାୟ ୧୦ ଲକ୍ଷ କ୍ୱିଣ୍ଟାଲ କପା ଅମଳ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଟାର୍ଗେଟ୍ ପ୍ରଭାବିତ ହେବ ନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ବଲାଙ୍ଗୀର ତଥା ଆଖପାଖ ଜିଲ୍ଲାର କପା ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଟେକ୍ସଟାଇଲ୍ ମିଲ୍ ଖୋଲିବାକୁ ଏମ୍‌ଓୟୁ ସାଇନ୍ କରିସାରିଛନ୍ତି। ଏଥିପାଇଁ ଆବଶ୍ୟକ କଞ୍ଚାମାଲର ବୃଦ୍ଧି ଦିଗରେ ଆଖି ବୁଜି ଦେଇଛନ୍ତି। ସରକାର ଅଧିକ ଅମଳକ୍ଷମ ବିହନ, ସାର ଓ କୀଟନାଶକ ଔଷଧ ଠିକଣା ସମୟରେ ଯୋଗାଇଦେଲେ ଚାଷୀ ପୁଣି କପା ଚାଷ ପ୍ରତି ଆଗ୍ରହୀ ହୋଇପାରିବ।

## ପାଣି ନିଷ୍କାସନ ଦାବିରେ କଂଗ୍ରେସର ଧାରଣା ଓ ରାସ୍ତା ରୋକ



**ବାଲିଆପାଳ,୨୫।୯ (ସଂଚାର ବ୍ୟୁରୋ):** ପାଣି ନିଷ୍କାସନ ଦାବିରେ କଂଗ୍ରେସ ଦଳ ପକ୍ଷରୁ ଲଙ୍ଗଳେଶ୍ୱର ଡାକ୍ତରଖାନା ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ଓ ରାସ୍ତା ରୋକ।ସୁଚନାରୁ ପ୍ରକାଶ ବାଲିଆପାଳ ବ୍ଲକରେ ଦ୍ୱିତୀୟ ମୁଖଶାଳା କୁହାଯାଉଥିବା ଲଙ୍ଗଳେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ପାଣି ନିଷ୍କାସନ ଓ ମୁଖ୍ୟ ରାସ୍ତାରୁ ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରି ପାଣି ନିଷ୍କାସନ ଦାବିରେ ବଣିଆଡିହା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ ଧାରଣା ଏବଂ ରାସ୍ତା ରୋକ କରାଯାଇଥିଲା। ଫଳରେ ରାସ୍ତାରେ ଶହ ଶହ ଗାଡି ଅଟକି ରହିଥିଲା। ସୁଚନାରୁ ପ୍ରକାଶ ପ୍ରବଳ ବର୍ଷା ପାଇଁ ଲଙ୍ଗଳେଶ୍ୱର ଡାକ୍ତର ଖାନା ପରିସରରେ ପାଣି ଜମି ରହିଥିବାରୁ ଯୋଗୁଁ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ମୁଖ୍ୟ ରାସ୍ତାରେ ପାଣି ଜମା ହୋଇ ରହୁଥିବାରୁ ଛାତ୍ର ଛାତ୍ରୀ ମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରୁ ଯିବା ପାଇଁ ହେଲେ ଆଣ୍ଠୁଏ ପାଣିରେ ଯିବା ପାଇଁ ପଡୁଛି। ସ୍ୱାସ୍ଥ୍ୟ ସେବା ବାଧ୍ୟା ପ୍ରାପ୍ତ ହେଉଛି। ଡବଲ ଇଞ୍ଜିନ ସରକାର ଲୋକଙ୍କ ସରକାର ଡିମଡିମ୍ବ ପିଟୁଥିବା ବେଳେ ଏଠାରେ ସ୍ୱାସ୍ଥ୍ୟ ସେବାରେ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ବାସିନ୍ଦା ଏବଂ କଂଗ୍ରେସ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଏବଂ ସରକାର ନୀରବ ଦ୍ରଷ୍ଟା ସାଜିଛି। ତେବେ ଉଭୟ ସ୍ଥାନରୁ ପାଣି ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ଦାବିରେ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଅନୁଷ୍ଠିତ ହୋଇଥିବା ଧାରଣା ଦାବିରେ ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ ତୀର୍ଥ କୁମାର ନାଗ ଉପସ୍ଥିତ ଥିଲେ।

## ସହରରେ ପଶିଲା ବନ୍ୟାପାଣି: ସ୍ଥିତି ପରଖିଲେ ଉପଜିଲ୍ଲାପାଳ

**ପୁରୁଷୋତ୍ତମପୁର, ୨୫।୯ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳରେ ଚାରିଦିନ ହେଲା ଲଗାଣ ବର୍ଷା ଲାଗିରହିଛି। ଏହି ବର୍ଷା ଯୋଗୁ



ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଋଷିକୂଲ୍ୟା ନଦୀର ଜଳପତ୍ତନ ବଢ଼ିବା ସହ ନଦୀ ଫୁଲିଉଠିଛି। ଫଳରେ ପ୍ରଥମ ଥର ପାଇଁ ବନ୍ୟାପାଣି ପୁରୁଷୋତ୍ତମପୁର ସହରରେ ପଶିଛି। ଏନ୍‌ଏସିର ୧ ନମ୍ବର ୱାର୍ଡର କନକା ବସ୍ତିରେ ଥିବା ସାଇଫନ ଦେଇ ବନ୍ୟାପାଣି ପଶିବାରେ ଲାଗିଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ଖବର ପାଇ ଛତ୍ରପୁର ଉପଜିଲ୍ଲାପାଳ ଡ. ଶିବାଶିଷ ବରାଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଉପଜିଲ୍ଲାପାଳ ତହସିଲଦାର ବିନୋଦ କୁମାର ବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର, ଆଇଆଇସି କୁଳମଣି ସେଠୀ ଓ ଏନ୍‌ଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ପରେ ସାଇଫନ ନିକଟରେ ବାଲିବସ୍ତା ପକାଇ ପାଣିକୁ ଅଟକାଯାଇଛି। ଏଥିସହ ସହରରେ ଥିବା ବିଭିନ୍ନ ସାଇଫନରେ ମଧ୍ୟ ବାଲିବସ୍ତା ପକାଇ ଅବରୋଧ କରାଯାଇଛି। ଯେପରି ବନ୍ୟାପାଣି ସହର ମଧ୍ୟକୁ ପ୍ରବେଶ କରିପାରିବ ନାହିଁ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

## ପ୍ରକାଶ ପାଇଲା ବ୍ଲକର ଚୂଡ଼ାନ୍ତ ଭୋଟର ତାଲିକା

**ବୈଶିଙ୍ଗା,୨୫।୯ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକରେ ଭାରତୀୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇଆର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ସୋମବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ବେଳେ ୭୮୯୬ ଜଣ ଭୋଟରଙ୍କ ନାମ ବିଭିନ୍ନ କାରଣ ଯୋଗୁଁ ତାଲିକାରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ଏହି ବ୍ଲକରେ ପୂର୍ବରୁ ମୋଟ୍ ୧ ଲକ୍ଷ ୧୩ ହଜାର ୮୫୪ ଜଣ ଭୋଟର ଥିଲେ। ଭୋଟର ତାଲିକା ସଂଶୋଧନ ସମୟରେ ମୃତ୍ୟୁବରଣ କରିଥିବା, ସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇଥିବା, ସର୍ଭେ ସମୟରେ ଅନୁପସ୍ଥିତ ରହୁଥିବା ଏବଂ ନକଲି ପ୍ରମାଣପତ୍ର ମାଧ୍ୟମରେ ପଞ୍ଜିକରଣ କରିଥିବା କାରଣରୁ ଅଯୋଗ୍ୟ ଘୋଷିତ ନାମ ଗୁଡିକ ଯାଞ୍ଚ ପରେ ବାଦ୍ ଦିଆଯାଇଛି। ଏଭଳି ୭୮୯୬ ଜଣଙ୍କ ନାଁ ତାଲିକାରୁ ବାଦ୍ ପଡ଼ିଛି। ଅନ୍ୟପକ୍ଷରେ ୧୨୦୦ ନୂଆ ଭୋଟରଙ୍କ ନାମ ତାଲିକାଭୁକ୍ତ କରାଯାଇଛି। ତାଲିକାରୁ ନାମ ବାଦ୍ ପଡ଼ିଥିଲେ କିମ୍ବା ନାଁ ଓ ଠିକଣାରେ କୌଣସି ତ୍ରୁଟି ଥିଲେ ଏହାର ସଂଶୋଧନ ପାଇଁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଅଭିଯୋଗ ଓ ଆବେଦନ କରିବା ପାଇଁ ସୁଯୋଗ ଦିଆଯାଇଥିଲା। ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ବିରୁଦ୍ଧରେ ଅପିଲ କରିବା ପାଇଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାର ବ୍ୟବସ୍ଥା ଥିଲା।

## ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ



**ସୁବର୍ଣ୍ଣପୁର,୨୫।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ନୂଆ ଟାଉନ ହଲଠାରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ ମାନନୀୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲାର ଟାଉନ ହଲଠାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ, ସୋନପୁର ଡ. ସୋମ୍ୟରୂପା ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦିଗଶିରା, ଡୁଙ୍ଗୁରିପାଲିଠାରେ ଏକ ଆଦର୍ଶ ମଣ୍ଡି ସ୍ଥାପନ ପାଇଁ ଶିଳାନ୍ୟାସ କରାଯାଇଥିଲା। ଜାତୀୟ କମ୍ପ୍ୟୁଟର ସେବାରେ ଓଡ଼ିଶାରେ ସୁବର୍ଣ୍ଣପୁର ଜିଲ୍ଲା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଛଅଟି ସୋସାଇଟିର ୬୮୪ ଜଣ ଚାଷୀ ଲାଭାଂଶ ପାଇଥିବା ବେଳେ ଏଥିପାଇଁ ସୁବର୍ଣ୍ଣପୁର ଜିଲ୍ଲାରୁ ୨୪ ଜଣ ଚାଷୀ ଚୟନ ହୋଇ ଭୁବନେଶ୍ୱର ଯାଇଥିଲେ। ଜିଲ୍ଲାରେ ୭୫ଟି ପେକ୍ସ ମଧ୍ୟରୁ ୬୫ଟି ପେକ୍ସରେ ଜନସେବା କେନ୍ଦ୍ର କାର୍ଯ୍ୟକାରୀ ହୋଇସାରିଛି। ଜିଲ୍ଲାରେ ୯୧ଟି ମଣ୍ଡି ରହିଛି। ଏହି କାର୍ଯ୍ୟକ୍ରମକୁ ଡିଆରସିଏସ୍ ଭବାନୀ ଶଙ୍କର ଦାସ ଆୟୋଜନ କରିଥିବା ବେଳେ ଏଆରସିଏସ୍ ନାରାୟଣ ସେଠୀ ସହଯୋଗ କରିଥିଲେ।

## ବର୍ଷା ଜଳରେ ବେହାଲ ଏବେ ମୁନିଗୁଡା

**ମୁନିଗୁଡା,୨୫।୯ (ସଂଚାର ବ୍ୟୁରୋ):** 'ବର୍ଷା ବିହୁନେ ସର୍ବନାସ ବର୍ଷାବହୁଳେ ସର୍ବନାସ'ଏପରି ଘଟଣା ଏହି ଲଘୁଚାପ ଜନିତ ଲଗାଣ ବର୍ଷାରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ସଦର ମହକୁମାରେ ବର୍ଷାଜଳ ଉବୁଟୁବୁ ହୋଇ ଘରଭିତରେ ନିଷ୍କାସନ ହେଉଥିବା ଦେଖିବାକୁ ମିଳିଛି, ଯାହାଫଳରେ ଜନସାଧାରଣ ବେହାଲ ହୋଇପଡ଼ିଲେଣି। ବିଡିଓ, ସରପଞ୍ଚ ଓ ଅନ୍ୟାନ୍ୟ ଜନ ପ୍ରତିନିଧି ତଥା ରାଜନେତା ମାନେ ଏପରି ଅଭାବନୀୟ ପରିସ୍ଥିତି ଦେଖି ନ ଦେଖିଲା ଭଳି ନିରବ ରହିଛନ୍ତି। ମୁନିଗୁଡା ବଜାରର ମୁଖ୍ୟ ରାସ୍ତା କଡରେ ଥିବା ଦୋକାନ ଓ ବାସଗୃହ ମାନଙ୍କରେ



ରାସ୍ତାର ଅବର୍ଜନା ବର୍ଷା ଜଳ ଘର ଭିତର ଦେଇ ଅଳ୍ପକେ ନିଷ୍କାସନ ହେଉଛି। ଜେଇ ମାନଙ୍କର ଠିକା ରୋଜଗାର କରିବା ଲକ୍ଷରେ ଦୂର ଦୃଷ୍ଟି ରଖି ଡ୍ରେନେଜ ନ କରି ମନ ଇଛା ଯେମିତି ସେମିତି କରି ଅର୍ଥ ହଡପ କରିବା ନିତିରେ ଲୋକମାନେ ଏପରି ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ଶୁଣ୍ଢିସାହି ବାସିନ୍ଦା ଆଜି ସେମାନଙ୍କ ଦୋକାନ ଓ ବାସଗୃହରୁ ଦିନତମାମ ପାଣି ବୋହି ନିଷ୍କାସନ କରୁଥିବା ଦେଖିବାକୁ ମିଳିଛି। କିଏ ଘରରୁ ନାଳ କରି ବାହାରକୁ ପାଣି ନିଷ୍କାସନ କରୁଛିତ ଆଉ କିଏ ବାଲଟିରେ ଫିଙ୍ଗୁଛି। ଶତାଧିକ ଲୋକ ଏପରି କାର୍ଯ୍ୟରେ ରୁଣ୍ଡ ହୋଇ ରାସ୍ତା ମଝିରେ ନିଷ୍କାସନ କରୁଥିଲେ ମଧ୍ୟ ୫ଶହମିଟର ବ୍ଲକ ଅଫିସ ବିଡିଓଙ୍କ ନାକ ତଳେ ଏହି କାର୍ଯ୍ୟ ହେଉଥିଲେ ମଧ୍ୟ ତାଙ୍କର ପାଦ ପଡୁନି କି ସରପଞ୍ଚ ତଥା ଯାତାୟତ କରୁଥିବା ନେତାଙ୍କ ଦୃଷ୍ଟି ପଡୁନି। ଏଠାରେ ପ୍ରଶ୍ନ ଉଠୁଛି ସମସ୍ତ ସାହି ଓ ବଜାରର ମୁଖ୍ୟ ଡ୍ରେନକୁ ବର୍ଷା ପୂର୍ବରୁ ପ୍ରଶାସନ ସଫା କରିବାକୁ ସରକାରୀ ନିୟମ ଜାରି ହେଇଥିବା ବେଳେ ମୁନିଗୁଡା ପ୍ରଶାସନ' କିଂ କର୍ତ୍ତବ୍ୟ ମୁଢ'ରେ ରହିଯାଇ ଡ୍ରେନ ସଫା କରିନାହିଁ। ତେଣୁ ଲଗାଣ ବର୍ଷାଜଳ ଡ୍ରେନ ବୋଝ ହୋଇ ନିଷ୍କାସନର। ବାଟ ନ ପାଇ ଘର ଭିତରେ ପଶିଛି। ଏହା ପାଇକସାହି, ଗୌଡସାହି, ଏବଂ ଶୁଣ୍ଢିସାହି ସମେତ ଅନ୍ୟାନ୍ୟ ସାହିରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସାହିବାସୀନ୍ଦା ଦାବୀ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ଉପଲକ୍ଷେ ସୁଦର୍ଶନ ଦାରୁ ପୀଠ ନିକଟରେ ବୃକ୍ଷ ରୋପଣ

**ବାଲିଅନ୍ତା,୨୫।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧୀନସ୍ଥ ସୁଦର୍ଶନ ଦାରୁ ପୀଠରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀ ଯେଉଁ 'ଏକ୍ ପେଡ୍ ମା କେ ନାମ୍' ବା 'ମା ପାଇଁ ଗଛଟିଏ' ଅଭିଯାନ ଆରମ୍ଭ କରିଛନ୍ତି, ତାହା ଦ୍ୱାରା ଜନ୍ମଦାତ୍ରୀ ମାତା ଓ ଧରିତ୍ରୀ ମାତା ପ୍ରତି ଆମେ ଆମର ମୌଳିକ ଦାୟିତ୍ୱ ପ୍ରତି ସଚେତନ ହୋଇପାରିଛୁ ଏବଂ ଆଜି ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ମୋଦୀଜୀଙ୍କ ୭୬ତମ ଜନ୍ମଦିନରେ ଓଡ଼ିଶାବାସୀ ଲକ୍ଷ ଲକ୍ଷ ଗଛ ଲଗାଇ ତାଙ୍କୁ ଏକ ଜନ୍ମ ଦିନର ଶୁଭେଚ୍ଛା ସଶ୍ରଦ୍ଧ ଉପହାର ଦେବା ପାଇଁ ନିଷ୍ପତ୍ତି ପରିପ୍ରେକ୍ଷୀରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ସୁଦର୍ଶନ ଦାରୁ ପୀଠ ଠାରେ 'ଏକ୍ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଅନ୍ତା



ବ୍ଲକ ବିଡ଼ିଓ ରଶ୍ମିତା ନାଥ, ସରପଞ୍ଚ ରମଲତା ନାୟକ, ୱାର୍ଡ ସଭ୍ୟ ଅଭିମନ୍ୟୁ ଭୋଇ, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ପଞ୍ଚାୟତ ଆକାଉଣ୍ଟାଣ୍ଟ ନିରଞ୍ଜନ ଦଳେଇ, ଙ୍କ ସହିତ ଅଞ୍ଚଳବାସୀ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ।

## ବୟସ୍କ ବ୍ୟକ୍ତି ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**ବାରିପଦା,୨୫।୯ (ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତି ଦିବସ, ୨୦୨୬ ପାଳନ ନିମନ୍ତେ ଆଜି ବାମନଘାଟୀ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ଉଗ୍ରେସନ ଓରାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଟଳ ବୟୋ ଅଭ୍ୟୁଦୟ ଯୋଜନା ଅଧୀନରେ ଅନ୍ତର୍ଜାତୀୟ ବୟସ୍କ ବ୍ୟକ୍ତି ଦିବସ ପାଳନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ବୈଠକରେ ବୟୋଜ୍ୟେଷ୍ଠ ନାଗରିକଙ୍କ କଲ୍ୟାଣ, ମର୍ଯ୍ୟାଦା, ସ୍ୱାସ୍ଥ୍ୟ, ସାମାଜିକ ସମାବେଶ ଓ ସୁରକ୍ଷା ସହିତ ସମାଜରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସମନ୍ୱୟରେ ଦିବସଟିକୁ ସଫଳତାର ସହ ପାଳନ କରିବା, ବୟୋଜ୍ୟେଷ୍ଠ ନାଗରିକଙ୍କ ପାଇଁ ଆବଶ୍ୟକ ସେବା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ଏବଂ ସେମାନଙ୍କର ଅଧିକାର ଓ କଲ୍ୟାଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ନେଇ ଆଲୋଚନା ହୋଇଥିଲା। ବୈଠକରେ ବନ ବିଭାଗ, ପୁଲିସ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଉଦ୍ୟାନ କୃଷି ବିଭାଗ, ରାଇରଙ୍ଗପୁର ପୌରପାଳିକା, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ଓ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ସମେତ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନଙ୍କୁ ଦିବସ ପାଳନରେ ସକ୍ରିୟ ସହଯୋଗ ଓ ସମନ୍ୱୟ ରକ୍ଷା କରିବାକୁ ଆହ୍ୱାନ କରାଯାଇଥିଲା। ଅନୁଷ୍ଠିତ ବୈଠକରେ ରାଇରଙ୍ଗପୁର ଅତିରିକ୍ତ ଉପ ଜିଲ୍ଲାପାଳ ବାସନ୍ତୀ ଲାକ୍ରା, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ରାଇରଙ୍ଗପୁର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶକୁନ୍ତଳା ହାଁସଦା, ହସ୍ପିଟାଲ ପରିଚାଳକ ଆଲୋକ କୁମାର ଗୋଛାୟତ, ଏସିଏଫ ପ୍ରଭାକର ମଲିକ, କନିଷ୍ଠ ରାଜସ୍ୱ ସହାୟକ ସୁରଜ ବେହେରାଙ୍କ ସମେତ ରାଇରଙ୍ଗପୁର ବରିଷ୍ଠ ନାଗରିକ ସଙ୍ଘର ସଭାପତି ଦୁଷ୍ମନ୍ତ କୁମାର ବସା, ସମ୍ପାଦକ ନିରୋଜ କୁମାର ପଣ୍ଡା, ସହ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି, ସଦସ୍ୟ ପ୍ରଦୀପ୍ତ କବି, ସନ୍ତୋଷ କୁମାର ସିଂ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଦୁଇ ଦିନ ଧରି ବିଜୁଳି ଫେଲ, ରାସ୍ତା ରୋକ୍



**ବେତନଟୀ,୨୫।୯ (ସଂଚାର ବ୍ୟୁରୋ):** ଗୁରୁବାର ରାତି ଦଶରୁ ବିଜୁଳି ଫେଲ। ଦିର୍ଘ ଘଣ୍ଟା ହେଲାଣି ଗାଁ ରେ ନାହିଁ ବିଜୁଳି, ନାହିଁ ନ ଥିବା ହଇରାଣ ହରକତ ଯୋଗୁଁ ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ କରିଥିବାର ଦେଖିବାକୁ ମିଳିଛି। ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ମାଣତ୍ରି ଠାରେ ଆଜି ଶତାଧିକ ଲୋକ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ହୋହାଲ୍ଲା କରିଛନ୍ତି। ଏପରିକି ବଡ଼ସାହି -ବୈଶିଙ୍ଗା ରାସ୍ତା ର ମାଣତ୍ରି ଠାରେ ରାସ୍ତା ଉପରେ ବାଉଁଶ ପକାଇ ରାସ୍ତା ଅବରୋଧ କରିଛନ୍ତି। ଲୋକଙ୍କ କହିବା ମୁତାବକ ମାଣତ୍ରି ଷ୍ଟୋକଚର ରୁ ଗୁରୁବାର ରାତି ଦଶ ଟା ରୁ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି, ଫଳରେ ଆଖପାଖର ଅନେକ ଗାଁ ରେ ଲୋକେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ବିଦ୍ୟୁତ ଫେଲ ହେବାରୁ ପିଇବା ପାଣି ପାଇଁ ଲୋକେ ବେଶି ହଇରାଣ ହରକତ ହେଉଛନ୍ତି।

## ଟ୍ରକ୍ ଧକ୍କାରେ ମହିଳା ଶ୍ରମିକ ମୃତ, ୭ ଆହତ

**ସମ୍ବଲପୁର,୨୫।୯ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ଅନ୍ତର୍ଗତ କଂସର ଗ୍ରାମ ନିକଟ ଜିଓ ପେଟ୍ରୋଲ ପମ୍ପ ସମ୍ମୁଖ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରକ୍ ଏକ ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେବାରୁ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ଶ୍ରମିକ ହେଲେ ଭୀମଖୋଜ ମୁଣ୍ଡାପଡ଼ାର ପାର୍ବତୀ ମୁଣ୍ଡା। ମିଳିଥିବା ସୂଚନା ଅନୁଯାୟୀ, ଏକ ଟ୍ରାକ୍ଟର ବୃକ୍ଷଚାରା ନେଇ ରେଢ଼ାଖୋଲରୁ ଭୀମଖୋଜ ଅଭିମୁଖେ ଯାଉଥିଲା। ଉକ୍ତ ଟ୍ରାକ୍ଟରରେ ଚାଳକଙ୍କ ସମେତ ମୋଟ ୮ ଜଣ ଶ୍ରମିକ ଥିଲେ। କଂସର ଜିଓ ପେଟ୍ରୋଲ ପମ୍ପ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ (ଡବ୍ଲ୍ୟୁବି-୨୯-ଏଚ୍-୬୨୮୩) ଟ୍ରାକ୍ଟରଟିକୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା।

## ସାଇବର ଆଇନ ବିଷୟ ଉପରେ ସଚେତନତା ଶିବିର



**ସୁବର୍ଣ୍ଣପୁର,୨୫।୯ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ଗିରିଜା ପ୍ରସାଦ ମହାପାତ୍ର ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ କୁଳପଡା ଆଙ୍ଗନବାଡୀ କେନ୍ଦ୍ର, ପଟାଭାଡି, ସୋନପୁର ଠାରେ 'ସୋସିଆଲ ମିଡ଼ିଆ କ୍ଷେତ୍ରରେ ନିରାପତ୍ତା ଏବଂ ସାଇବର ଆଇନ' ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାଶ ମୁଖ୍ୟ ଅତିଥି ରୂପରେ ଯୋଗ ଦେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ତଥା ସାଇବର ଆଇନ, ସୋସିଆଲ ମିଡ଼ିଆ ର ସଠିକ ବ୍ୟବହାର, ସୋସିଆଲ ମିଡ଼ିଆ କ୍ଷେତ୍ରରେ ନିରାପତ୍ତା ଉପରେ ଆଲୋକପାତ କରିଥିଲେ ।

### ଯୌତୁକ ପ୍ରଥା ନିଷେଧ ଆଇନ ଉପରେ କର୍ମଶାଳା

## ଝିଅଙ୍କୁ ନିଜ ଅଧିକାର ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ

**ସୁବର୍ଣ୍ଣପୁର,୨୫।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୌତୁକ ପ୍ରଥା ନିଷେଧ ଆଇନ, ୧୯୬୧ ଉପରେ ଏକ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା କୋର୍ଟର ସରକାରୀ ଓକିଲ ଶ୍ରୀମତୀ ମଧୁମିତା ଅମାତ୍ୟ ଏବଂ ଶିଶୁ କଲ୍ୟାଣ କମିଟିର ସଦସ୍ୟ ଶ୍ରୀମତୀ ରଂଜିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀମାନଙ୍କୁ ଯୌତୁକ ପ୍ରଥା ନିଷେଧ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ସମ୍ବିଧାନ, ଗଣତନ୍ତ୍ର, ଝିଅମାନଙ୍କ ଅଧିକାର ଏବଂ ଆଇନ ସମ୍ପର୍କରେ ଅବଗତ



ହୋଇ ସେମାନେ କିପରି ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ଅତ୍ୟାଚାରକୁ ପ୍ରତିରୋଧ କରିପାରିବେ, ସେ ବିଷୟରେ କର୍ମଶାଳାରେ ସୂଚନା ଦିଆଯାଇଥିଲା। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ କହିଥିଲେ ଯେ, ଯୌତୁକ ପ୍ରଥା ଏବେ ମଧ୍ୟ ସମାଜରେ ପ୍ରଚଳିତ ରହିଛି। ଝିଅମାନେ ଶିକ୍ଷିତ ହେବା ପରେ ମଧ୍ୟ ଯୌତୁକ ପ୍ରଥାର ଶିକାର ହେଉଛନ୍ତି। ତେଣୁ ଏହି ପ୍ରଥା ବିରୋଧରେ ସମସ୍ତଙ୍କୁ ନିଜର ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଯୌତୁକର ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଝିଅମାନଙ୍କୁ ଆଗକୁ ଆସିବାକୁ ପଡ଼ିବ ଏବଂ ଏଥିପାଇଁ ସେମାନେ ନିଜ ଅଧିକାର ଓ ଆଇନ ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବୀଣାପାଣି ମିଶ୍ର କର୍ମଶାଳା ଆରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ କର୍ମଶାଳା ପରିଚାଳନା କରିଥିଲେ।

### ସାରର ନକଲି ଓ କଳାବଜାରୀ ପ୍ରସଙ୍ଗ

## ଚଢ଼ା ଦରରେ ସାର ବିକ୍ରିକୁ ନେଇ ଚାଷୀକୁଳ ଶୋଷଣର ଶିକାର

**ନୀଳଗିରି,୨୫।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ରେ ଚଳିତ ୨୦୨୬- ୨୭ ଖରିଫ ଋତୁରେ ନୀଳଗିରି ବ୍ଲକରେ ୧୩, ୪୨୩ ହେକ୍ଟର ଏବଂ ଔପଦା ବ୍ଲକ ରେ ୬୯୬୦ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଇଛି। ଧାନ କ୍ଷେତ ରେ ଆଶାନୁରୂପ ଅମଳ ପାଇଁ ସାର ଏବେ ସରକାରୀ ଦର ଠାରୁ କଳା ବଜାରୀ ହେଉଥିବା ଦେଖାଯାଇଛି। ଯାହା ସ୍ଥାନୀୟ ପ୍ରଶାସନ ର ନିୟନ୍ତ୍ରଣ ବାହାରେ ହୋଇପଡ଼ିଛି। ତେବେ ଗତ ମାସ ନକଲି ସାର ନୀଳଗିରି ଖବରରେ ଶିରୋନାମା ପାଲଟିଥିବା ବେଳେ ଚାଷୀ ଏହି ନକଲି ସାର କ୍ଷେତରେ ପ୍ରୟୋଗ କରିବା ପରେ ଧାନ ଗଛ ଉର୍ଦ୍ଧ୍ୱେଇବା ପରିବର୍ତ୍ତେ ମରିଯାଉଥିବା ଦେଖିବାକୁ ମିଳିଛି। ଏନେଇ କିଛି ଦିନ ପୂର୍ବରୁ ନକଲି ସାର ବିକ୍ରି ଖବର ପ୍ରସାରଣ ହେବା ପରେ



ଭୁବନେଶ୍ୱର ସ୍ଥିତ ଲ୍ୟାବ କୁ ସାର ନମୁନା ପରୀକ୍ଷା ପାଇଁ ଯାଇଥିଲା। ସାର ନକଲି ବୋଲି ଏବେ ସରକାରୀ ରିପୋର୍ଟ ଆସିଛି। ଅନ୍ୟ ଦିଗରେ ସାର ର ଚଢ଼ା ଦର ପାଇଁ ଚାଷୀକୁଳ ଏବେ ହତାଶ ହୋଇପଡ଼ିଛି। ଉପଖଣ୍ଡରେ ଥିବା ଲାଇସେନ୍ସ ପ୍ରାପ୍ତ ସାର ବିକ୍ରୟ ଭଣ୍ଡାରରେ ସରକାରଙ୍କ ନିର୍ଧାର୍ଯ୍ୟ ସାର ଦର ରେ କେଉଁ ସାର କେତେ ଦର ରେ ବିକ୍ରି କରବା ନିୟମ ଥିବା ବେଳେ ସ୍ଥାନୀୟ କୃଷି ଅଧିକାରୀ ନିର୍ଦ୍ଦେଶ ଏଠାରେ ପାଳନ କରାଯାଉନଥିବା ଦେଖିବାକୁ ମିଳିଛି। ତେବେ କୌଣସି ସାର ଦୋକାନରେ ସାରର ଦାମ ଫଳକ ମରାଯାଇ ନଥିବା ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଚଳିତ ବର୍ଷ ସରକାର ୟୁରିଆ ବସ୍ତା ପ୍ରତି ୨୬୬ଟଙ୍କା ୫୦ ପଇସା, ଏନପିକେ ୧୦: ୨୬: ୨୬ ବସ୍ତା ପ୍ରତି ୧୯୦୦ ଟଙ୍କା, ୨୦: ୨୦: ୦: ୧୩, ୧୪୫୦ ଟଙ୍କା, ଏନପିକେ ୨୮: ୨୮, ୧୭୫୦ ଟଙ୍କା, ପିପିଏଲ ଡିଏପି ବସ୍ତା ପ୍ରତି ୧୩୫୦ ଟଙ୍କା, ଟିଏସପି ବସ୍ତା ପ୍ରତି ୧୩୦୦ ଟଙ୍କା, ଏନପିକେ ୧୨: ୩୨: ୧୬, ବସ୍ତା ପ୍ରତି ୨୪୫୦ଟଙ୍କା, ପିପିଏଲ ଏମଓପି ବସ୍ତା ପ୍ରତି ୧୯୭୫ ଏବଂ ୨୨୦୦ଟଙ୍କା, ପିପିଏଲ ଆମୋନିୟମ ସଲଫେଟ ବସ୍ତା ପ୍ରତି ୧୪୦୦ ଟଙ୍କା, ଆଇପିଏଲ, ଏମଓପି ବସ୍ତା ପ୍ରତି ୧୯୭୫ଟଙ୍କା, ଡିଏପି ବସ୍ତା ପ୍ରତି ୧୩୫୦ଟଙ୍କା, କରମଣ୍ଡଳ କମ୍ପାନୀର ୨୮: ୨୮: ୦ବସ୍ତା ପ୍ରତି ୨୩୦୦ ଟଙ୍କା ସରକାର ନିର୍ଧାର୍ଯ୍ୟ କରିଥିବା ବେଳେ ସାର ଦୋକାନୀ ପ୍ରତି ବସ୍ତାରେ ୫୦୦ ରୁ ୭୦୦ ଟଙ୍କା ଅଧିକ ନେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପ୍ରଶାସନ ଚାଷୀଙ୍କ ସ୍ୱାର୍ଥ୍ୟ କୁ ଧ୍ୟାନ ଦେଇ ସାରର ନକଲି, କଳାବଜାରୀ ଉପରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି।